# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଫେବୃୟାରୀ ୨୫/୨୦୧୯ (୧୬ ପୃଷ୍ଠା) Sambalpur, Monday, February 25 / 2019 | ★★

୧୫ଶ ଭାଗ ୭୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-



DADLS-284

ଓଡ଼ିଶା ସରକାର

ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**
ନୂଆପଡ଼ା ଜିଲ୍ଲା ଗସ୍ତ ଅବସରରେ
**୨୩୭.୩୫ କୋଟି ଟଙ୍କାର ୩୯ଟି ପ୍ରକଳ୍ପ**
**ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ**

୨୫ ଫେବୃଆରୀ ୨୦୧୯ • ସୋମବାର
ଗୋତମା, ନୂଆପଡ଼ା
ପୂର୍ବାହ୍ନ ୧୧.୩୦

**୧୩୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଶୁଭ ଉଦ୍‌ଘାଟନ**

- ଖରିଆର - ବୋଡ଼େନ୍ - ସିନାପାଲି ରାସ୍ତା, ଗଣ୍ଡାବାହାଲି - ଫର୍‌ସରା - ବୋଡ଼େନ୍ ରାସ୍ତା ଏବଂ କୋମନା - କାଣ୍ଡେତରା ରାସ୍ତାର ନୂଆଗାଁ ନାଳ ଉପରେ ନିର୍ମିତ ୩ଟି ହାଇଲେଭଲ ସେତୁ
- ନବନିର୍ମିତ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ
- ସାଇପଲା - ନୂଆପଡ଼ା ବିଜୁ ଏକ୍ସପ୍ରେସ୍ ୱେ ଏବଂ ରାଜ୍ୟ ରାଜପଥ ୩ - ଜୁନାନି ରାସ୍ତା
- ନୂଆପଡ଼ା ବ୍ଲକ୍‌ର ସାଇପଲା ଏବଂ ଖରିଆର ବ୍ଲକ୍‌ର ବାଦି ୩୩/୧୧ କେଭି ସବ୍‌ଷ୍ଟେସନ୍
- କୋମନା, ନୂଆପଡ଼ା, ବୋଡ଼େନ୍ ଏବଂ ସିନାପାଲି ବ୍ଲକ୍‌ର ୮ଟି ୧୦୦ ସିଟ୍ ବିଶିଷ୍ଟ ଛାତ୍ରୀନିବାସ ଏବଂ ୩ଟି ଛାତ୍ରାବାସ
- କୋମନା ଏବଂ ନୂଆପଡ଼ା ବ୍ଲକ୍‌ର ୨୦୦ ସିଟ୍ ବିଶିଷ୍ଟ ୨ଟି ଅନୁସୂଚିତ ଜନଜାତି ଛାତ୍ରାବାସ
- ନବନିର୍ମିତ ନୂଆପଡ଼ା ପର୍ଯ୍ୟଟନ କାର୍ଯ୍ୟାଳୟ
- ସିନାପାଲି ଏବଂ କୋମନା ବ୍ଲକ୍‌ର ୫ଟି ଜଳଯୋଗାଣ ପ୍ରକଳ୍ପ ଏବଂ ଅନ୍ୟାନ୍ୟ ପ୍ରକଳ୍ପ

**୧୦୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ**

- ବୋଡ଼େନ୍, ନୂଆପଡ଼ା ଏବଂ କୋମନା ବ୍ଲକ୍‌ର ୬ଟି ସଡ଼କ ନିର୍ମାଣ ପ୍ରକଳ୍ପ
- ନୂଆପଡ଼ା, ବୋଡ଼େନ ଏବଂ ଖରିଆର ବ୍ଲକ୍‌ର ୫ଟି ହାଇଲେଭଲ ସେତୁ ପ୍ରକଳ୍ପ
- ନୂଆପଡ଼ା ଜିଲ୍ଲା ଲାଇବ୍ରେରୀ ଏବଂ କୋମନା ବ୍ଲକ୍ ମେଣ୍ଟାଲ୍ ହାଇସ୍କୁଲ ନିର୍ମାଣ
- ସିନାପାଲି ବ୍ଲକ୍‌ର ତାଳକୋଟ, ମହେଶ୍ୱର ଏବଂ ଆଖପାଖ ଅଞ୍ଚଳ ପାଇଁ ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ
- ସିନାପାଲି ବ୍ଲକ୍‌ର ଲିଟିଗୁଡ଼ା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ

କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି

କାଳିଆ ଛାତ୍ରବୃତ୍ତି
ପିଲାଙ୍କ ଉନ୍ନତ ଭବିଷ୍ୟତ

ସହାୟତା ପାଇଥିବା ନୂଆପଡ଼ା ଜିଲ୍ଲାର ଚାଷୀଙ୍କ ସହ ଭାବବିନିମୟ

ମିଶନ ଶକ୍ତି

ମିଶନ ଶକ୍ତିରେ ସାମିଲ ହୋଇଥିବା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସିଡ୍ ମନି, ଡ଼ିଜିଟାଲ ସଶକ୍ତିକରଣ ସହାୟତା ଏବଂ ବ୍ଲକ୍ ସ୍ତରୀୟ ମହାସଂଘଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ

ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା

ଜିଲ୍ଲାର ନିର୍ମାଣ ଶ୍ରମିକ ମାନଙ୍କୁ ବୋର୍ଡ଼ ଦ୍ୱାରା ଦିଆଯାଉଥିବା ବିଭିନ୍ନ ସହାୟତା ପ୍ରଦାନ

ଦ୍ରୋଣ

ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରମାଣ ପତ୍ର ପ୍ରଦାନ

**ଉପସ୍ଥିତ ଜନସମାଗମକୁ ଉଦ୍‌ବୋଧନ**

15001/13/0594/1819

ସୂଚନା ଓ ଲୋକସମ୍ପର୍କ ବିଭାଗ | ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ

Skill India
କୌଶଳ ଭାରତ - କୁଶଳ ଭାରତ

कौशल विकास और उद्यमिता मंत्रालय
भारत सरकार

# ନୂଆ ଓଡ଼ିଶା
# ଧର୍ମପଦ ଡାଏଲଗ୍

## ଯୁବପିଢ଼ିଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସମର୍ପିତ

ମୁଖ୍ୟ ଆକର୍ଷଣ:

- 427ଟି ସ୍ଥାନରେ ଗୋଟିଏ ସମୟରେ ଲାଗିବ ପରାମର୍ଶ କେନ୍ଦ୍ର
- 2 ଲକ୍ଷରୁ ଅଧିକ ଯୁବପିଢ଼ିଙ୍କୁ ପରାମର୍ଶ ଦିଆଯିବା ସହ ସେମାନଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ ସହ ଯୋଡିବାକୁ ହେବ ଉଦ୍ୟମ

ଉଦ୍‌ଘାଟକ

## ଧର୍ମେନ୍ଦ୍ର ପ୍ରଧାନ

ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ତଥା ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ, ଭାରତ ସରକାର

ସ୍ଥାନ: ରେଲ ଅଡିଟୋରିୟମ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

ତାରିଖ: 25 ଫେବୃଆରୀ, 2019 | ସମୟ: ଅପରାହ୍ନ 3 ଘଟିକା

ଡିଡି ଓଡ଼ିଆରେ ସିଧା ପ୍ରସାରଣ

#SkillSaathi

PMKVY | Pradhan Mantri Kaushal Kendra | DDU-GKY | ITI Industrial Training Institute | NAPS | NSDC National Skill Development Corporation

ଅଧିକ ସୂଚନା ପାଇଁ, କଲ କରନ୍ତୁ 88000-55555

www.msde.gov.in/ www.twitter.com/MSDESkillIndia www.facebook.com/SkillIndiaOfficial



DSPL-449

ଓଡ଼ିଶା ସରକାର

# "ଜାଗା ମିଶନ"

## ଭୂମିହୀନ ବସ୍ତିବାସିନ୍ଦାଙ୍କ ପାଇଁ ଭୂମି ଅଧିକାର

ମାନ୍ୟବର ମୁଖ୍ୟମନ୍ତ୍ରୀ

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା**

ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରମାଣ ପତ୍ର ବଣ୍ଟନ

୨୫ ଫେବୃଆରୀ ୨୦୧୯ । ଦିବା ୧୧ ଘଟିକା । ନୂଆପଡ଼ା

13001/13/0075/1819

ରାଜ୍ୟର ୭ଟି ଜିଲ୍ଲା ର ୧୬ଟି ପୌରାଞ୍ଚଳରେ ଥିବା ୮୦୦୦ରୁ ଅଧିକ ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରମାଣପତ୍ର

ନୂଆପଡ଼ା, ଅନୁଗୋଳ, ଝାରସୁଗୁଡ଼ା, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ ଓ ସୁନ୍ଦରଗଡ଼

**ଆମ ସହର ଆମ ଉନ୍ନତି**

ବିଶ୍ୱର ସର୍ବବୃହତ ଯୋଜନା

ଏହି ଜାଗା ମିଶନରେ ରାଜ୍ୟର ଏନ.ଏ.ସି ଏବଂ ମ୍ୟୁନିସିପାଲିଟିରେ ବସବାସ କରୁଥିବା ୧୮ ଲକ୍ଷ ବସ୍ତିବାସିନ୍ଦା ଉପକୃତ ହେବେ

ବସ୍ତିବାସିନ୍ଦା ବାସୋପଯୋଗୀ ଜାଗା ପାଇବା ସହିତ, ଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରେ ଘର, ପାଇପ୍ ଜଳ, ରାସ୍ତା, ଏଲ୍ ଇ ଡି ଲାଇଟ୍, ପାଇଖାନା, ଜୀବିକା ଆଦି ସୁବିଧା ସୁଯୋଗ ପାଇବେ

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ
ଓଡ଼ିଶା ସରକାର

@CMO_Odisha CMO.Odisha @Naveen_Odisha

# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଫେବୃୟାରୀ ୨୫/୨୦୧୯ Sambalpur, Monday, February 25 / 2019 | ପୃଷ୍ଠା-୧

## ସୋନାକ୍ଷୀଙ୍କ ନାମରେ ଠକେଇ ମାମଲା

ଉତ୍ତରପ୍ରଦେଶର ମୋରାଦାବାଦ୍ ଥାନାରେ ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନାଙ୍କ ନାମରେ ଏକ ଠକେଇ ମାମଲା ରୁଜୁ ହୋଇଛି।

୦୭ ୦୯

## ସୌରଭଙ୍କ ବିଶ୍ୱ ରେକର୍ଡ

ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍ ୧୦ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଭାରତର ସୌରଭ ଚୌଧାରୀ ସ୍ୱର୍ଣ୍ଣପଦକ ସହ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛନ୍ତି।

■ ପିଏମ୍ କିଷାନ ଯୋଜନା ଶୁଭାରମ୍ଭ କଲେ ମୋଦି

# କୋଟିଏ କୃଷକଙ୍କୁ ପ୍ରଥମ କିସ୍ତି

ଗୋରଖପୁର,୨୪।୨(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କର ମହତ୍ତ୍ୱାକାଂକ୍ଷୀ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ) ଯୋଜନାର ଶୁଭାରମ୍ଭ କରି ପ୍ରଥମ କିସ୍ତିରେ ୧ କୋଟିରୁ ଊର୍ଦ୍ଧ୍ୱ କୃଷକଙ୍କ ବ୍ୟାଙ୍କ ଖାତାକୁ ୨୦୦୦ ଟଙ୍କା ଲେଖାଏ ପଠାଇଛନ୍ତି। ଏହି ଅବସରରେ ସେ ବିରୋଧୀ ଦଳଗୁଡ଼ିକୁ ସମାଲୋଚନା କରି ସେମାନେ ୧୦ ବର୍ଷରେ ଥରେ ନିର୍ବାଚନ ଆସିଲେ କୃଷକଙ୍କ କଥା ମନେ ପକାଇଥାନ୍ତି ବୋଲି କହିଛନ୍ତି। ଗୋରଖପୁରର ଏଫସିଆଇ ପଡିଆରେ ଯୋଜନାର ଶୁଭାରମ୍ଭ କରିବା ଅବସରରେ ମୋଦି କହିଥିଲେ, ରବିବାର ପ୍ରଥମ କିସ୍ତି ଅର୍ଥ ୧.୦୧ କୋଟି କୃଷକଙ୍କ ବ୍ୟାଙ୍କଖାତାରେ ଜମା ହୋଇଛି। ଅନ୍ୟ ଯେଉଁମାନେ ବାଦ ପଡିଛନ୍ତି ସେମାନଙ୍କ ଖାତାକୁ ଖୁବ୍‌ଶୀଘ୍ର ଏହି ଟଙ୍କା ପଠାଯିବ। ୨୧ଟି ରାଜ୍ୟ ଏବଂ ସମସ୍ତ କେନ୍ଦ୍ରଶାସିତ ଅଞ୍ଚଳର ଚାଷୀ ଏହି ଯୋଜନାରେ ସାମିଲ ହୋଇଛନ୍ତି। ଅନ୍ୟ ରାଜ୍ୟଗୁଡ଼ିକ ତୁରନ୍ତ ଚାଷୀ ତାଲିକା ଯୋଗାଇଦେବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏଥିସହିତ ମୋଦି ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବିଭିନ୍ନ ରାଜ୍ୟର କୃଷକ ସଂଗଠନଗୁଡ଼ିକ ସହ ଆଲୋଚନା କରିଥିଲେ।

ଉତ୍ତରପ୍ରଦେଶ ଗୋରଖପୁରଠାରେ ଆୟୋଜିତ ପିଏମ୍ କିଷାନ ଯୋଜନା କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

'ଜୟ ଯବାନ, ଜୟ କିଷାନ'ରୁ ପ୍ରଧାନମନ୍ତ୍ରୀ ଭାଷଣ ଆରମ୍ଭ କରି ୭୫ ହଜାର କୋଟି ଟଙ୍କାର ପିଏମ୍ କିଷାନ ଯୋଜନା ନିର୍ବାଚନ ପ୍ରତିଶ୍ରୁତି ନୁହେଁ ବୋଲି କହିଥିଲେ। କୃଷି ଋଣ ଛାଡ଼ ସରକାରଙ୍କ ପାଇଁ ମଧ୍ୟ ସହଜ ହୋଇଥାନ୍ତା। ତେବେ ରାଜନୈତିକ ଏବଂ ନିର୍ବାଚନୀ ଫାଇଦା ପାଇଁ ସରକାର ଏଭଳି ଏକ ପାପ କରିବାକୁ ଚାହାନ୍ତି ନାହିଁ। ଏହାଦ୍ୱାରା ନିର୍ଦ୍ଦିଷ୍ଟ କେତେଜଣ ଉପକୃତ ହୋଇଥାନ୍ତେ ବୋଲି ☞ପୃଷ୍ଠା-୨

# ସଡ଼କ ଦୁର୍ଘଟଣାରେ ୧୦ମୃତ

ଭବାନୀପାଟଣା,(ଡି.ଏନ.ଏ.)/ଭଦ୍ରକ ଅଫିସ/ ଆନନ୍ଦପୁର/ଠାକୁରମୁଣ୍ଡା,(ସ୍ୱ.ପ୍ର.)/ଭୁବନ/ ରାଇରଙ୍ଗପୁର, ୨୪।୨(ଡି.ଏନ୍.ଏ.)

- ଟ୍ରକକୁ ପିଟିଲା ବରଯାତ୍ରୀ ଭ୍ୟାନ
- ଟ୍ରାକ୍ଟର ତଳେ ଚାପି ହୋଇଗଲେ ଡ୍ରାଇଭର, ହେଲ୍‌ପର
- କନ୍‌ଷ୍ଟେବଳ ମୃତ, ଯୁବକଙ୍କ ଗୋଡ଼ ଛିଣ୍ଡିଲା

ଭବାନୀପାଟଣା, ଭଦ୍ରକ, କେନ୍ଦୁଝର ଜିଲା ଆନନ୍ଦପୁର, ଢେଙ୍କାନାଳ ଜିଲା ଗଁଦିଆ ଓ ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଅଞ୍ଚଳରେ ସଡ଼କ ଦୁର୍ଘଟଣାରେ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ୧୫ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୯ ଜଣଙ୍କ ଅବସ୍ଥା ଗୁରୁତର ରହିଛି। କଳାହାଣ୍ଡି ଜିଲା ନର୍ଲା ଥାନା ଅଧୀନ ନର୍ଲା-ତୁଳାପଡ଼ା ରାସ୍ତାର ଆମପଡ଼ାରେ ଶନିବାର ବିଳମ୍ବିତ ରାତିରେ ବରଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଭ୍ୟାନ୍ ରାସ୍ତାକଡ଼ରେ ଠିଆହୋଇଥିବା ଏକ ଟ୍ରକ୍‌ରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଭ୍ୟାନ୍‌ରେ ଥିବା ବରଯାତ୍ରୀଙ୍କ ମଧ୍ୟରୁ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ପିଲାଙ୍କ ସହ ଅନ୍ୟ ୧୧ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ଭବାନୀପାଟଣା ଜିଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ୬ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ଓ ୪ ଜଣଙ୍କୁ ବୁର୍ଲା ଏବଂ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିବା ଜିଲା ମୁଖ୍ୟ ଚିକିତ୍ସାଳୟ ସୂତ୍ରରୁ ଜଣାପଡ଼ିଛି। ମୃତକମାନେ ହେଲେ ଭବାନୀପାଟଣା ପୁରୁଣାପଡ଼ାର ଧନେଶ୍ୱର ପ୍ରଧାନ (୫୫) ଓ ଜେନାଖାଲ ପଡ଼ାର ଶଶୀ ଆରୁଖ (୪୫)। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ନର୍ଲା ଡାକ୍ତରଖାନାକୁ ପଠାଇବା ସହ ପୋଲିସକୁ ଖବର ଦେଇଥିଲେ। ଏ ନେଇ ନର୍ଲା ଥାନାରେ ଏକ ମାମଲା (ନଂ.୨୨/୧୯) ରୁଜୁ ହୋଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଭ୍ୟାନ୍ ଓ ଟ୍ରକ୍‌କୁ ଜବତ କରିଛି।

ଭଦ୍ରକ ଜିଲା ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ରବିବାର ପୃଥକ୍ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଆହତ ହୋଇଛନ୍ତି। ମଧ୍ୟାହ୍ନରେ ଏହି ଥାନା ଅଧୀନ ଚଣ୍ଡୀ ଗାଁରେ ବାହାଘର ଶୋଭାଯାତ୍ରା ଚାଲିଥିବା ବେଳେ ଡିଜେ ଗାଡ଼ି ଚାପାରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ବରାଙ୍ଗ ପେଟ୍ରୋଲ ପମ୍ପ୍ ନିକଟରେ ସନ୍ଧ୍ୟାରେ ୨ ବାଇକ୍ ମୁହାଁମୁହିଁ ଧକ୍କାରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବାସୁଦେବପୁର ବେତଡ଼ା ଅଞ୍ଚଳର ରବୀନ୍ଦ୍ର ସେଠୀ, ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

## ଯୁଦ୍ଧ ରାଜନୀତି

**ଆଜିର ମନ୍ତବ୍ୟ**

"ଉତ୍ତର କୋରିଆ ଆଣବିକ ଅସ୍ତ୍ରଶସ୍ତ୍ର ତ୍ୟାଗକଲେ ଏକ ଅର୍ଥନୈତିକ ମହାଶକ୍ତି ହୋଇପାରିବ।

– ଡୋନାଲ୍ଡ ଟ୍ରମ୍ପ, ଆମେରିକା ରାଷ୍ଟ୍ରପତି


NECC NATIONAL EGG CO-ORDINATION COMMITTEE 24.02.2019 Venkobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 79 | 131 | 141 |
| DKL | 79 | 131 | 141 |
| BDK | 82 | 135 | 145 |
| BLS | 82 | 135 | 145 |
| ANG | 80 | 132 | 142 |

Eggs Retail Price- 55/-Dozen
Issued in the Interest of Consumers
*Conditions Apply


# ଶସ୍ତା ହେବ ଘର କିଣା

ନୂଆଦିଲ୍ଲୀ,୨୪।୨

**ଜିଏସ୍‌ଟି କାଉନସିଲ ବୈଠକରେ ନିଷ୍ପତ୍ତି**

- ନିର୍ମାଣାଧୀନ ଘର ଉପରେ ୧୨ ପରିବର୍ତ୍ତେ ୫% ଜିଏସ୍‌ଟି
- ସୁଲଭ ଘରରେ ୮ରୁ ୧%କୁ ଜିଏସ୍‌ଟି ହ୍ରାସ କରାଯାଇଛି
- ଏପ୍ରିଲ ପହିଲାରୁ ଲାଗୁ ହେବ
- ସୁଲଭ ଘର ସଂଜ୍ଞା ବଦଳିଲା

ଘର କିଣିବାର ସ୍ୱପ୍ନ ଦେଖୁଥିବା ନାଗରିକଙ୍କୁ ଜିଏସ୍‌ଟି କାଉନ୍‌ସିଲ୍ ରବିବାର ବଡ଼ ଉପହାର ଦେଇଛନ୍ତି। ଘର ଉପରେ ଲାଗୁ ହେଉଥିବା ଜିଏସ୍‌ଟି ହ୍ରାସ କରାଯାଇଛି। ନିର୍ମାଣାଧୀନ ଘର ଉପରେ ଜିଏସ୍‌ଟି ହାରକୁ ୧୨ ପରିବର୍ତ୍ତେ ୫%(ଇନପୁଟ ଟ୍ୟାକ୍ସ କ୍ରେଡିଟ ବିନା) ଏବଂ ସୁଲଭ ଘର(ଆଫୋର୍ଡେବୁଲ ହାଉସିଂ) ଉପରେ ୮% ବଦଳରେ ୧%(ଇନପୁଟ ଟ୍ୟାକ୍ସ କ୍ରେଡିଟ ବିନା)ଜିଏସ୍‌ଟି ଆଦାୟ କରାଯିବ। ନୂଆ ଜିଏସ୍‌ଟି ହାର ଚଳିତବର୍ଷ ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ ହେବ ଏବଂ ବିଲ୍ଡର ଇନପୁଟ ଟ୍ୟାକ୍ସ କ୍ରେଡିଟ ଦାବି କରିପାରିବେ ନାହିଁ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କାଉନ୍‌ସିଲ ବୈଠକ ଶେଷରେ ପ୍ରକାଶ କରିଛନ୍ତି।

ଏଠାରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କାଳରେ ସେ କହିଛନ୍ତି ଯେ, ରିୟଲିଟି ସେକ୍ଟରକୁ ପ୍ରୋତ୍ସାହିତ କରିବାକୁ ସରକାର ଚାହୁଁଛନ୍ତି। ଏହି କାରଣରୁ କାଉନ୍‌ସିଲ ଆଫୋର୍ଡେବୁଲ ହାଉସିଂର ସଂଜ୍ଞା ବଦଳାଇ ଦେଇଛନ୍ତି। ଫଳରେ ଅଧିକରୁ ଅଧିକ ଲୋକେ ଏହାର ଫାଇଦା ଉଠାଇ ପାରିବେ। କାଉନ୍‌ସିଲର ନିଷ୍ପତ୍ତି ଯୋଗୁ ନିର୍ମାଣ ସେକ୍ଟରକୁ ପ୍ରୋତ୍ସାହନ ମିଳିବ। ଜେଟ୍‌ଲୀ କହିଛନ୍ତି ଯେ, ଉକ୍ତ ନିଷ୍ପତ୍ତି ପରେ ବେଙ୍ଗାଲୁରୁ, ଚେନ୍ନାଇ, ଦିଲ୍ଲୀ-ଏନ୍‌ସିଆର(ଦିଲ୍ଲୀ, ନୋଇଡା, ଗ୍ରେଟର ନୋଇଡା, ଗାଜିଆବାଦ, ଗୁଡ଼ଗାଓଁ,ଫରିଦାବାଦ), ☞ପୃଷ୍ଠା-୨

# ଆଜି ଅଧିକାରୀ, ବୈଷୟିକ ବିଶେଷଜ୍ଞସ୍ତରୀୟ ବୈଠକ

ଭୁବନେଶ୍ୱର,୨୪।୨(ବ୍ୟୁରୋ)

**ମହାନଦୀ ପ୍ରସଙ୍ଗ**

- ଯୋଗଦେବେ ଛତିଶଗଡ଼, ଓଡ଼ିଶାର ପ୍ରତିନିଧି
- ଅଣ ମୌସୁମୀରେ ୧.୭୪ ଏମ୍‌ଏଏଫ୍ ଜଳ ପାଇଁ ରାଜ୍ୟର ଦାବି

ମହାନଦୀ ଜଳ ବିବାଦର ସମାଧାନ ପାଇଁ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଅଧିକାରୀ ଏବଂ ବୈଷୟିକ ବିଶେଷଜ୍ଞସ୍ତରୀୟ ବୈଠକ ସୋମବାର ଦିଲ୍ଲୀରେ ଅନୁଷ୍ଠିତ ହେବ। ମହାନଦୀ ଟ୍ରିବ୍ୟୁନାଲର ନିର୍ଦ୍ଦେଶକ୍ରମେ ଏହି ବୈଠକ ବସୁଛି। ଅଣମୌସୁମୀ ସମୟରେ ମହାନଦୀ ଜଳର ବଣ୍ଟନ ନେଇ ଏହି ବୈଠକରେ ଆଲୋଚନା ହେବ ବୋଲି ଜଣାପଡିଛି। ଓଡ଼ିଶା ଅଣମୌସୁମୀ ସମୟରେ ୧.୭୪ ମିଲିୟନ ଏକର ଫିଟ୍(ଏମ୍‌ଏଏଫ୍) ଜଳ ପାଇଁ ଦାବି କରୁଛି। ଟ୍ରିବ୍ୟୁନାଲ ନିଜର ପ୍ରଥମ ଶୁଣାଣି କରିବା ପୂର୍ବରୁ ୧.୭୪ ଏମ୍‌ଏଏଫ୍ ଜଳ ପାଇଁ ନିର୍ଦ୍ଦେଶ ଦେବାକୁ ବୈଠକରେ ଦାବି କରିବ। ରାଜ୍ୟର ଦାବି ସମ୍ପର୍କିତ ସମସ୍ତ ତଥ୍ୟ କମିଟି ଆଗରେ ରଖାଯିବ। ଓଡ଼ିଶାର ଦାବି ଆଉ ଛତିଶଗଡ଼ ଆଭିମୁଖ୍ୟ ଉପରେ ସମସ୍ତଙ୍କ ନଜର ରହିବ। ଅଧିକାରୀସ୍ତରୀୟ-ବୈଷୟିକ କମିଟି ବୈଠକ ନିଷ୍ପତ୍ତିକୁ ନେଇ ରାଜ୍ୟ ରାଜନୀତି ମଧ୍ୟ ସରଗରମ ହେବ ସମ୍ଭାବନା ରହିଛି।

କେହି ଧାର୍ମିକ କି ଅଧାର୍ମିକ ପରୀକ୍ଷା କରିବାକୁ ହେଲେ ପ୍ରଥମେ ଦେଖିବାକୁ ହେବ ଯେ ସେହି ବ୍ୟକ୍ତି କେତେଦୂର ସ୍ୱାର୍ଥପର।
- ସ୍ୱାମୀ ବିବେକାନନ୍ଦ



## ଜନ୍ମଦିନର ଶୁଭେଚ୍ଛା

ପିହୁ
ପରିବାରବର୍ଗ

ଏମ୍ କ୍ରିଷ୍ଣା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ନାମ: .....
ବୟସ:.....
ଜନ୍ମ ତାରିଖ: .....

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# classified

automobile

**SALE**

L&T Pc 71 Komatsu show room condition, 2009 Dec (Mo): 7978887806. D-11293

real estate

**SALE**

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

**Bhubaneswar AIIMS Hospital**ଠାରେ **yellowz-one gharabari 30'road,** ଇଲେକ୍ଟ୍ରିସିଟିଥାଇ **plot sqft. 1500/-**ରେ ବିକ୍ରିହେବ: **9937819395.** D-65362

Sthitiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

Yellowzone sthitiban plot sale at AIIMS Hospital, Bhubaneswar. 8280037688. D-65368

**Readymade Gheri (prawn farm) Gadadharipur, Jagatsinghpur 7 acres land 15,00,000/-. 7809525452.** D-65837

Bhubaneswar GITA Collegeଠାରେ 1200 sqft. 3,99,000/-ରେ demarcated plot ମିଳୁଅଛି। 9937146640. D-65369

**Yellowzone plot sale near AIIMS Hospital ready for construction. 8480745797.** D-65372

Fully developed gharabari residential Patta plot sale 3km. from KIIT Big Bazaar, Bhubaneswar, electricity 30'road available. 9556003065, 7978159231. D-65373

**Plot on lowest budget Brahmanajharilo, 9km. from BBSR 16km. from Cuttack 250/- sqft. 7809525452.** D-65838

healthcare

Newly ayurvedic fullbody massage ladies, gents: 7609923705, 7438851534. D-38549

Newly opening ayurvedic full body massage. 7077444583. D-11285

**PURCHASE**

Wanted low cost residential plots in and around Bhubaneswar. 06371090682. D-11320


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ବିଜେଡିରେ ମିଶିଲେ ବହୁ କଂଗ୍ରେସ, ଆପ୍ ଓ ଭାଜପା ନେତା

ଭୁବନେଶ୍ୱର, ୨୪।୨(ବ୍ୟୁରୋ)

ପାଟଣାଗଡ଼ ନିର୍ବାଚନମଣ୍ଡଳୀର ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ, ଉପାଧ୍ୟକ୍ଷ, କାଉନ୍‌ସିଲରଙ୍କ ସମେତ ୧୦୦ରୁ ଊର୍ଦ୍ଧ୍ୱ ଭାଜପା, କଂଗ୍ରେସ ଓ ଆମ୍ ଆଦ୍‌ମୀ ପାର୍ଟି ନେତା ଓ କର୍ମୀ ରବିବାର ନବୀନ ନିବାସ ଯାଇ ବିଜେଡିରେ ଯୋଗଦେଇଛନ୍ତି। ପାଟଣାଗଡ଼ ଏନ୍‌ଏସି ପୂର୍ବତନ ଅଧ୍ୟକ୍ଷ ତଥା ୨୦୧୪ ନିର୍ବାଚନ ସମୟରେ ଆପ୍‌ର ବିଧାୟକ ପ୍ରାର୍ଥୀ ହୋଇଥିବା ସୁନୀଲ ଗୋଏଲ୍ ଏବଂ ଶାରଦା ଗୋଏଲ୍, ଶାନ୍ତି ମେହେର, ସନ୍ନ୍ୟାସୀ ବାଗ, ଗୁନମଣୀ ମେହେର, ଖେଡୁ ମାଝୀ, ବଲାଙ୍ଗୀର ଜିଲା ଯୁବମୋର୍ଚ୍ଚା ଉପସଭାପତି ଲକ୍ଷ୍ମଣ ପୁଟେଲ୍, ଗତ ନିର୍ବାଚନରେ ବିଏସ୍‌ପି ବିଧାୟକ ପ୍ରାର୍ଥୀ ସଦାନନ୍ଦ ମହାନନ୍ଦ, ଅନୁସୂଚିତ ଜନଜାତି ନେତା ଭୋଜରାଜ ବରିହାଙ୍କ ସମେତ କେତେଜଣ କଂଗ୍ରେସ ନେତା ବିଜେଡିରେ ମିଶିଛନ୍ତି। ବିଜେଡି ପ୍ରତି ଆସ୍ଥା ପ୍ରକଟ କରି ଦଳରେ ଯୋଗଦେଇଥିବା ସମସ୍ତ ନେତା ମତ ରଖିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ନବାଗତ ନେତାଙ୍କୁ ସ୍ୱାଗତ କରିଛନ୍ତି। ପାଟଣାଗଡ଼ ନିର୍ବାଚନମଣ୍ଡଳୀର ଭାଜପା, କଂଗ୍ରେସ ଓ ଆପ୍ ନେତାମାନେ ଯୋଗ ଦେଇଥିବାରୁ ମୁଁ ବହୁତ ଖୁସି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### କିଛି ତଥ୍ୟ

୨୦୧୮-୧୯ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ୬୦,୭୨୬ କୋଟି ଟଙ୍କାର ଏନ୍‌ପିଏ ଅସୁଲ କରିଛନ୍ତି।

-ଅର୍ଥ ମନ୍ତ୍ରଣାଳୟ

## ମଙ୍ଗଳବାର ବସିପାରେ ରାଜ୍ୟ କ୍ୟାବିନେଟ୍

ଭୁବନେଶ୍ୱର, ୨୪।୨(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ଗତ ଶୁକ୍ରବାର ବସିଥିଲା। ଏଥିରେ ୨୭ଟି ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଥିଲା। ଏହାର ମାତ୍ର ୩ଦିନ ପରେ ପୁନର୍ବାର କ୍ୟାବିନେଟ୍ ବସିବ ବୋଲି ସୂତ୍ରରୁ ଜଣାପଡିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସନ୍ଧ୍ୟା ୫ଟା ୪୫ରେ ବୈଠକ ବସିବ ବୋଲି ଶୁଣିବାକୁ ମିଳିଛି। ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଖୁବ୍ କମ୍ ସମୟ ରହିଯାଇଛି। ତେଣୁ ଏହା ପୂର୍ବରୁ ସପ୍ତାହ ମଧ୍ୟରେ ଦୁଇଥର କ୍ୟାବିନେଟ୍ ବସିବା ନିଶ୍ଚିତ ଗୁରୁତ୍ୱପୂର୍ଣ୍ଣ ବୋଲି ଶୁଣିବାକୁ ମିଳୁଛି। କ୍ୟାବିନେଟ୍‌ରେ ନିହାତି କେତେଗୁଡିଏ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରୀ ମିଳିବାର ସମ୍ଭାବନା ଥିବା ଚର୍ଚ୍ଚା ହେଉଛି।

## ୧୦ ବଖରା ଜଳିଗଲା

ଧାମନଗର,୨୪।୨ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ ପଧାନୀ ପଞ୍ଚାୟତ ରାମରାକୁଳ ଗ୍ରାମରେ ରବିବାର ଅଗ୍ନିକାଣ୍ଡ ଘଟି ୪ ପରିବାରର ୧୦ ବଖରା ଘର ଜଳିଯାଇଛି। ଗ୍ରାମର ଗୌରାଙ୍ଗ ବେହେରାଙ୍କର ୪, ବାସୁଦେବ ବାରିକଙ୍କ ୨, ଭାସ୍କର ବାରିକଙ୍କ ୨ ଓ ବାବାଜୀ ବାରିକଙ୍କର ୨ ବଖରା ପୋଡ଼ିଯାଇଛି। ସେମାନଙ୍କ ଘରେ ଥିବା ସମସ୍ତ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି।

### ମନେ ପଡ଼ନ୍ତି

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**

**ସ୍ୱର୍ଗତ ଭଗବାନ ଦାସ**

ସର୍ବୋଦୟ ନଗର, ପୁରୀ
ତିରୋଧାନ: ୧୧।୦୨।୨୦୧୫
ଫାଲଗୁନ କୃଷ୍ଣପକ୍ଷ, ସପ୍ତମୀ

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି। ଶୋକସନ୍ତପ୍ତ ପୁତ୍ର-ଜଗନ୍ନାଥ, କୃଷ୍ଣ, ବିଷ୍ଣୁ, ପୁତ୍ରବଧୂ-ଗୌରୀ, ମମତା, ଗୀତା, ନାତୁଣୀ-ଶୁଭଶ୍ରୀ, କାଜଲ, ଗାୟତ୍ରୀ, ଶେଜଲ, ନାତି-ଶୁଭଙ୍କର, ବିଶ୍ୱଜିତ ଓ ଅନ୍ୟାନ୍ୟ ପରିବାରବର୍ଗ।

ଧ-୧୧୩୪୬

■ ପାର୍ଲାମେଣ୍ଟ, ବିଧାନସଭାରେ ୩୩% ମହିଳା ସଂରକ୍ଷଣ

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମକୁ ଜାତିସଂଘର ପ୍ରଶଂସା

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡିକରେ ୩୩% ସ୍ଥାନ ମହିଳାଙ୍କ ପାଇଁ ସଂରକ୍ଷିତ ହେଉ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍ୟମ ଜାରି ରଖିଥିବାରୁ ଜାତିସଂଘ(ମହିଳା) ପକ୍ଷରୁ ପ୍ରଶଂସା କରାଯାଇଛି। ଏଥିସହିତ ଜାତିସଂଘ (ୟୁଏନ୍) ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ମଧ୍ୟ ଲେଖାଯାଇଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ତରଫରୁ ରବିବାର ଏ ବିଷୟରେ ଅବଗତ କରାଯାଇଛି। ରାଜ୍ୟ ବିଧାନସଭାରେ ୩୩% ମହିଳା ସଂରକ୍ଷଣ ସମ୍ପର୍କିତ ଏକ ସଂକଳ୍ପ ପ୍ରସ୍ତାବକୁ ସର୍ବସମ୍ମତକ୍ରମେ ଗୃହୀତ କରାଯାଇଛି। ଦେଶରେ ସକ୍ରିୟ ଥିବା ସମସ୍ତ ରାଜନୈତିକ ଦଳ ଏବଂ ମୁଖ୍ୟମନ୍ତ୍ରୀମାନଙ୍କ ସହଯୋଗ କାମନା କରାଯାଇଛି। ବିଜୁ ଜନତା ଦଳର ବରିଷ୍ଠ ନେତାମାନଙ୍କର ପ୍ରତିନିଧି ବ୍ୟକ୍ତିଗତ ଭାବେ ବିଭିନ୍ନ ଦଳର ମୁଖ୍ୟଙ୍କୁ ଭେଟି ସମର୍ଥନ ଯୋଗାଡ଼ କରିଛନ୍ତି। କେତେକ ମୁଖ୍ୟମନ୍ତ୍ରୀ ମଧ୍ୟ ନବୀନଙ୍କ ଏହି ଉଦ୍ୟମକୁ ସମର୍ଥନ ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀଙ୍କୁ ୟୁଏନ୍(ମହିଳା) ପକ୍ଷରୁ ଡେପୁଟି କଣ୍ଟ୍ରି ରିପ୍ରେଜେଣ୍ଟେଟିଭ୍ ନିମ୍ମା ସତ୍ୟମ ଏହି ଚିଠି ଲେଖିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ସାରା ବିଶ୍ୱର ୫୦ ପ୍ରତିଶତ କେବଳ ମହିଳା। ସେମାନଙ୍କ ରାଜନୈତିକ ଅଧିକାର ସମାଜକୁ ଆହୁରି ପ୍ରଗତିଶୀଳ କରିବ। ଏହା ଦ୍ୱାରା ସାମାଜିକ ଏବଂ ଅର୍ଥନୈତିକ ବିକାଶ ମଧ୍ୟ ହୋଇପାରିବ। ତେଣୁ ମହିଳାଙ୍କୁ ପାର୍ଲାମେଣ୍ଟ ଏବଂ ବିଧାନସଭାରେ ସଂରକ୍ଷଣ ନେଇ ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା ସରକାରଙ୍କ ଉଦ୍ୟମ ପ୍ରଶଂସନୀୟ। ଏ ସମ୍ପର୍କିତ ବିଲ୍ ପାର୍ଲାମେଣ୍ଟରେ ଅଟକି ରହିଛି। ଏହାକୁ ଗୃହୀତ କରାଇବା ପାଇଁ ଓଡ଼ିଶା ସରକାର ଯେଉଁ ନେତୃତ୍ୱର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି, ତାହା ଉଦାହରଣ। ନିଷ୍ପତ୍ତି ନେବା କ୍ଷେତ୍ରରେ ମହିଳାଙ୍କ ଗୁରୁତ୍ୱକୁ ୟୁଏନ୍ ଅନୁଭବ କରୁଛି। ଲିଙ୍ଗଗତ ସମାନତା, ନିଷ୍ପତ୍ତି ନେବାର ଦକ୍ଷତା ବୃଦ୍ଧି କରିବା, ମହିଳାଙ୍କୁ ସଶକ୍ତୀକରଣ କରିବାରେ ୟୁଏନ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି। ଲିଙ୍ଗଗତ ସମାନତାରେ ୟୁଏନ୍ ସହଯୋଗୀ ଭାବେ ଓଡ଼ିଶା ସରକାରଙ୍କ ସହ କାର୍ଯ୍ୟ କରୁଛି। ଏଥିରେ ପଞ୍ଚାୟତିରାଜ ବିଭାଗ ସହଯୋଗ କରୁଥିବାରୁ ଧନ୍ୟବାଦ।

ଏୟାର ଇଣ୍ଡିଆ ବିମାନ ଅପହରଣ ଧମକ

# ଭୁବନେଶ୍ୱର ବିମାନବନ୍ଦରର ସୁରକ୍ଷା ବଢ଼ିଲା

ଭୁବନେଶ୍ୱର, ୨୪।୨(ବ୍ୟୁରୋ)

- ଡଗ୍ ସ୍କ୍ୱାଡ୍, ବୋମା ନିଷ୍କ୍ରିୟକାରୀ ଟିମ୍‌ର ଯାଞ୍ଚ
- କଡ଼ାକଡ଼ି ହେଲା ୮ ପ୍ରକାର ସୁରକ୍ଷା ବ୍ୟବସ୍ଥା

ପୁଲୱାମା ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ତିକ୍ତତା ବଢ଼ିଚାଲିଛି। ଏପରିସ୍ଥଳେ ଶନିବାର ଏୟାର ଇଣ୍ଡିଆର ମୁମ୍ବାଇ କଣ୍ଟ୍ରୋଲ ରୁମ୍‌କୁ ଫୋନ୍‌ରେ ଆସିଥିବା ବିମାନ ଅପହରଣ ଧମକକୁ ନେଇ ଦେଶର ସମସ୍ତ ବିମାନ ବନ୍ଦରର ସୁରକ୍ଷାକୁ କଡାକଡି କରାଯାଇଛି। ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତିକ ବିମାନ ବନ୍ଦରରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ବିମାନ ବନ୍ଦର ନିର୍ଦ୍ଦେଶକ ସୁରେଶ କୁମାର ହୋତା ସୂଚନା ଦେଇ କରିଛନ୍ତି, ବ୍ୟୁରୋ ଫର୍ ସିଭିଲ ଆଭିଏଶନ ସିକ୍ୟୁରିଟି (ବିସିଏଏସ୍) ନିର୍ଦ୍ଦେଶ ମୁତାବକ ବିମାନ ବନ୍ଦରର ଭିତର ଓ ବାହାର ସହ ରନ୍‌ୱେ ଓ ପାର୍କିଂ ପର୍ଯ୍ୟନ୍ତ ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ ଦ୍ୱିଗୁଣିତ କରାଯାଇଛି। ସମ୍ବେଦଶୀଳ ସ୍ଥାନଗୁଡିକରେ ଅଧିକ ସିସି କ୍ୟାମେରା ଖଞ୍ଜା ଯାଇଛି। ୧୩୨ ସିସି କ୍ୟାମେରା ନଜରରେ ପୂରା ବିମାନ ବନ୍ଦର ରହିଛି। ଏଥିସହ ବିମାନବନ୍ଦରରେ ନିୟୋଜିତ ସିଆଇଏସ୍‌ଏଫ୍ (ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ)କୁ ମଧ୍ୟ ଦୁଇ ଗୁଣ କରାଯାଇଛି। ସାଦା ପୋଷାକରେ ସୁରକ୍ଷାକର୍ମୀମାନେ ପଇଁନ୍ତରା ମାରିବା ସହ ସନ୍ଦିଗ୍ଧଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଉଛି। ପ୍ରବେଶ କରୁଥିବା ପ୍ରତ୍ୟେକ ଯାତ୍ରୀ ଓ ଲଗେଜକୁ ତନ୍ନତନ୍ନ କରି ଯାଞ୍ଚ କରାଯାଉଛି। ଡଗ୍ ସ୍କ୍ୱାଡ୍ ଦ୍ୱାରା ଯାଞ୍ଚ ଚାଲିଥିବାବେଳେ ବୋମା ନିଷ୍କ୍ରିୟକାରୀ ଦଳ ସେମାନଙ୍କ କାର୍ଯ୍ୟ କରୁଛନ୍ତି। ବିମାନ ବନ୍ଦର ଭିତରେ କୁଇକ ରିଆକ୍ସନ ଯାନ ଦ୍ୱାରା କଡ଼ା ପାଟ୍ରୋଲିଂ କରାଯାଉଛି। ବିସିଏଏସ୍ ସମେତ ଏୟାର ପୋର୍ଟ ସିକ୍ୟୁରିଟି ୟୁନିଟ୍ ଓ ଆଭିଏଶନ ସିକ୍ୟୁରିଟି ଗ୍ରୁପ୍ ପକ୍ଷରୁ ସତର୍କତା ଜାରି କରାଯାଇଛି। ବିଶେଷକରି ୮ପ୍ରକାର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବା ହୋତା ସୂଚନା ଦେଇଛନ୍ତି।

# ୧୧ ଚାଷୀଙ୍କୁ 'ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ'

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ନିଜସ୍ୱ ଜ୍ଞାନକୌଶଳକୁ ଉପଯୋଗ କରି ଚାଷୀମାନେ ଯେଉଁ ଛୋଟ ଛୋଟ ଅଭିନବ କୃଷି ଯନ୍ତ୍ରପାତି ଓ ଉପକରଣ ପ୍ରସ୍ତୁତ କରିଛନ୍ତି, ତାହା ରାଜ୍ୟର କୃଷି ବ୍ୟବସ୍ଥାକୁ ସୁଦୃଢ଼ କରିବ। ନିଜର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଚାଷ କାର୍ଯ୍ୟକୁ ସହଜ ତଥା ମହିଳା କୃଷି ଶ୍ରମିକଙ୍କ ଶ୍ରମକୁ ଲାଘବ କରିବା ପାଇଁ ଚାଷୀମାନେ ପ୍ରସ୍ତୁତ କରିଥିବା ଏହି ଯନ୍ତ୍ରପାତି ଅନ୍ୟ ରାଜ୍ୟର ଚାଷୀମାନଙ୍କ ନିମନ୍ତେ ଉପାଦେୟ ସାବ୍ୟସ୍ତ ହେବ। ରବିବାର କୃଷି ଭବନଠାରେ ଆୟୋଜିତ 'ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ' ପ୍ରଦାନ ଉତ୍ସବରେ ସଫଳ ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ଅର୍ଥ ଓ କୃଷିମନ୍ତ୍ରୀ ଶଶିଭୂଷଣ ବେହେରା ଏହା କହିଛନ୍ତି। ଏହି ଅବସରରେ ନିଜସ୍ୱ ସୃଜନଶୀଳତାରେ ନୂତନ ଯନ୍ତ୍ରପାତି ସୃଷ୍ଟି କରିବା ନିମନ୍ତେ ୧୧ଜଣ ଚାଷୀଙ୍କୁ ରାଜ୍ୟସ୍ତରରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାରରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ପୁରସ୍କାର ବାବଦରେ ୨ ଲକ୍ଷ ଟଙ୍କା ଲେଖାଏ ୩ଜଣଙ୍କୁ, ଦ୍ୱିତୀୟ ପୁରସ୍କାର ବାବଦରେ ୧ ଲକ୍ଷ ୫୦ ହଜାର ଟଙ୍କା ଲେଖାଏ ୩ଜଣଙ୍କୁ ଓ ତୃତୀୟ ପୁରସ୍କାର ରାଶି ୧ ଲକ୍ଷ ଟଙ୍କା ଲେଖାଏ ୫ଜଣଙ୍କୁ ପ୍ରଦାନ କରାଯାଇଥିଲା। ୩ଜଣ ଚାଷୀଙ୍କୁ ପ୍ରଶଂସାପତ୍ର ଦିଆଯାଇଥିଲା। ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ନିମନ୍ତେ ରାଜ୍ୟର ୩୦ ଜିଲାରୁ ୨୦୦୦ରୁ ଅଧିକ ଚାଷୀ ଆବେଦନ କରିଥିବା ବେଳେ ୯୦ଜଣଙ୍କୁ ଜିଲାସ୍ତରରେ ପୁରସ୍କାର ପ୍ରଦାନ କରାଯିବ।

ଓଡ଼ିଶାର କୃଷକମାନଙ୍କ ଦ୍ୱାରା ତିଆରି କରାଯାଇଥିବା ଏହି ନବପ୍ରବର୍ତ୍ତନ ଯନ୍ତ୍ରଗୁଡ଼ିକର ବ୍ୟବହାର କୃଷକର ଦକ୍ଷତା ଓ ଉତ୍ପାଦିକତା ବୃଦ୍ଧି ସହିତ ଚାଷ ଖର୍ଚ୍ଚକୁ କମ୍ ତଥା ମୂଲ୍ୟଯୁକ୍ତ କରିବାରେ ସାହାଯ୍ୟ କରିବ। ଏହାସହ ସେମାନଙ୍କ ଆୟ ବୃଦ୍ଧିରେ ସହାୟକ ହେବ। ଚାଷୀମାନଙ୍କର ଏହି ବୈଷୟିକ ସଫଳତାକୁ ବ୍ୟାପକ ପ୍ରଚାର ପ୍ରସାର ମାଧ୍ୟମରେ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାର ଆବଶ୍ୟକତା ରହିଛି। ସରକାରଙ୍କ ପକ୍ଷରୁ ପୁରସ୍କାର ବାବଦରେ ଦିଆଯାଉଥିବା ଅର୍ଥରାଶି ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବ ବୋଲି ମନ୍ତ୍ରୀ ଆଶା ପ୍ରକଟ କରିବା ସହ କୃଷିକ୍ଷେତ୍ରରେ ଏହାର ସଫଳ ଉପଯୋଗ ନିମନ୍ତେ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବେ ବୋଲି କହିଥିଲେ। ପୁରସ୍କାର ଚୟନ କମିଟି ଅଧ୍ୟକ୍ଷ ତଥା ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ ଉତ୍ସବରେ ଯୋଗଦେଇ ଓଡ଼ିଶାର ଚାଷୀମାନଙ୍କର ଏହି ଅଭିନବ ସଫଳତା ରାଜ୍ୟକୁ ନିଶ୍ଚିତ ଭାବେ ଆଗକୁ ନେଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହନି ବି ନେଟ୍‌ୱର୍କର ପ୍ରତିଷ୍ଠାତା ପ୍ରଫେସର ଅନିଲ ଗୁପ୍ତା, ନ୍ୟାଶନାଲ ଇନୋଭେଶନ ଫାଉଣ୍ଡେଶନ ନିର୍ଦ୍ଦେଶକ ତଥା ଚିଫ୍ ଇନୋଭେଟିଭ୍ ଅଫିସର ଡ. ବିପିନ କୁମାର, ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ, ମୁଖ୍ୟଯନ୍ତ୍ରୀ(କୃଷି) ମନୋଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏବଂ ଜାତୀୟ ନବପ୍ରବର୍ତ୍ତନ ପ୍ରତିଷ୍ଠାନର ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

## କୋଟିଏ...

ପ୍ରଧାନମନ୍ତ୍ରୀ କହିଛନ୍ତି। ଏହା ଆପଣମାନଙ୍କ ଟଙ୍କା ଏବଂ ଏହାକୁ ଫେରାଇ ନିଆଯିବ ନାହିଁ। କୌଣସି ଗୁଜବରେ ବିଶ୍ୱାସ ନ କରିବାକୁ କୃଷକମାନଙ୍କୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ। ୨୦୨୨ ସୁଦ୍ଧା କୃଷକମାନଙ୍କ ଆୟ ଦୁଇଗୁଣ କରିବା ଲାଗି ସରକାର ସମ୍ପୂର୍ଣ୍ଣ ସାଧୁତାର ସହ ଉଦ୍ୟମ ଚଳାଇଛନ୍ତି। ସରକାର ୧୦୦ ଟଙ୍କା ମଞ୍ଜୁର କଲେ ସେଥିରୁ ୮୫ ଟଙ୍କା ମଧ୍ୟସ୍ଥଙ୍କ ଦ୍ୱାରା ବାଟମାରଣା ହେଉଥିଲା। ଏବେ ସେ ସମୟ ଆଉ ନାହିଁ। ସରକାର ମଞ୍ଜୁର କରୁଥିବା ପ୍ରତିଟି ଟଙ୍କା ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଯାଉଛି। ପୂର୍ଣ୍ଣ ସ୍ୱଚ୍ଛତାର ସହ ଏହି ଯୋଜନା କାର୍ଯ୍ୟକାରୀ ହୋଇଛି। ୨୦୧୯-୨୦ ଅନ୍ତରୀଣ ବଜେଟରେ କେନ୍ଦ୍ର ସରକାର ପିଏମ୍-କିଷାନ ଯୋଜନା ଘୋଷଣା କରିଥିଲେ। ଏହି ଯୋଜନାରେ ଦେଶର ୧୨ କୋଟି କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଯେଉଁମାନଙ୍କର ୨ ହେକ୍ଟରରୁ କମ୍ ଚାଷଜମି ଥିବ, ସେମାନଙ୍କୁ ବର୍ଷକୁ ୬୦୦୦ ଟଙ୍କା ତିନୋଟି କିସ୍ତିରେ ଯୋଗାଇ ଦିଆଯିବ।

ଏନ୍‌ଡିଏ ସରକାରଙ୍କ ଏହି ଯୋଜନାକୁ ବିଭିନ୍ନ ଦଳ ପକ୍ଷରୁ ସମାଲୋଚନା କରାଯାଇଛି। ଏହା ଭୋଟ ପାଇଁ କୃଷକଙ୍କୁ ଲାଞ୍ଚ ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍ କହିଛନ୍ତି। ସେହିପରି ବିଏସ୍‌ପି ଅଧ୍ୟକ୍ଷା ମାୟାବତୀ ଯୋଜନାକୁ ସମାଲୋଚନା କରି କହିଛନ୍ତି, କୃଷକ ପରିବାରକୁ ମାସକୁ ୫୦୦ ଟଙ୍କା ସହାୟତା ସେମାନଙ୍କ ପ୍ରତି ଅପମାନ। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ଏକ ଐତିହାସିକ ପଦକ୍ଷେପ ଏବଂ କୃଷକଙ୍କ ଆୟ ଦୁଇଗୁଣ କରିବାରେ ଏହା ସହାୟକ ହେବ ବୋଲି କେନ୍ଦ୍ରମନ୍ତ୍ରୀ ମୁଖ୍‌ତାର ଆବାସ୍ ନକ୍‌ଭି କହିଛନ୍ତି।

## ସଡ଼କ...

ଭଦ୍ରକ ହଳଦୀଡିହ ବାଇପାସ୍ ଅଞ୍ଚଳର ସଜତ ଶାହା ଓ ବାସୁଦେବପୁର ସୁଗୋ ଅଞ୍

ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ। - **ସନ୍ତ କବୀର ଦାସ**



# ବିମାନ ଅପହରଣ ଉଦ୍ୟମ ପଣ୍ଡ

## ବନ୍ଧୁକଧାରୀ ନିହତ, ସମସ୍ତ ୧୪୮ ଯାତ୍ରୀ ସୁରକ୍ଷିତ

ଢାକା,୨୪।୨(ପି.ଟି.)

ବାଂଲାଦେଶରେ ରବିବାର ଏକ ବିମାନ ଅପହରଣ ଉଦ୍ୟମ ପଣ୍ଡ ହୋଇଛି। ସୁରକ୍ଷା ବଳର ଅପରେଶନ୍‌ରେ ଅପହର୍ତ୍ତା ନିହତ ହୋଇଥିବାବେଳେ ସମସ୍ତ ୧୪୮ ଯାତ୍ରୀଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ଅପହର୍ତ୍ତାଙ୍କ ଉଦ୍ଦେଶ୍ୟ କ'ଣ ଥିଲା ସେନେଇ ସୁରକ୍ଷା ସଂସ୍ଥାଗୁଡ଼ିକ ପକ୍ଷରୁ ତନାଘନା ଆରମ୍ଭ ହୋଇଛି।

ବିମାନ ଏୟାରଲାଇନ୍ସର ଏକ ବିମାନ ରାଜଧାନୀ ଢାକାରୁ ଦୁବାଇ ଅଭିମୁଖେ ଯାତ୍ରା କରୁଥିବାବେଳେ ଜଣେ ବନ୍ଧୁକଧାରୀ ଏହାକୁ ଅପହରଣ ପାଇଁ ଉଦ୍ୟମ କରିଥିଲେ। ଫଳରେ ଦକ୍ଷିଣ-ପୂର୍ବସ୍ଥିତ ଉପକୂଳ ଚଟ୍ଟଗ୍ରାମ ସହର ଚଟ୍ଟଗ୍ରାମର ବିମାନବନ୍ଦରରେ ବିମାନର ଜରୁରୀ ଅବତରଣ କରାଯାଇଥିଲା। ଅବତରଣ କରିବା ପରେ ସେନା, ନୌସେନା ଓ ପୋଲିସ ତାକୁ ଘେରି ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ବାହାର କରିଥିଲେ। ଉଦ୍ଧାର ବେଳେ କେହି ଜଣେ ହେଲେ ଆହତ ହୋଇନାହାନ୍ତି ବୋଲି ବାଂଲାଦେଶ ବାୟୁସେନା ଉପମୁଖ୍ୟ ଅବ୍‌ଦୁଲ ମତିନ୍ ସୂଚନା ଦେଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ବିଜି-୧୪୭ ବିମାନ ଢାକାରୁ ଚଟ୍ଟଗ୍ରାମ ଦେଇ ଦୁବାଇ ଯାଉଥିଲା। ଚଟ୍ଟଗ୍ରାମ ଶାହ ଅମାନତ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଦୁବାଇ ଯିବାପାଇଁ ଉଡ଼ାଣ ଆରମ୍ଭ କରିବାର କେଇ ମିନିଟ ପରେ ଏହାକୁ ଜଣେ ବନ୍ଧୁକଧାରୀ ଅପହରଣ କରିଥିବା ଘୋଷଣା କରିଥିଲେ। ସେ ବିସ୍ଫୋରଣରେ ବିମାନକୁ ଉଡ଼ାଇଦେବାକୁ ଧମକ ଦେଇଥିଲେ। ଅପରାହ୍ନ ୫ଟା ୪୦ରେ ଉକ୍ତ ବିମାନବନ୍ଦରରେ ବିମାନର ଜରୁରୀ ଅବତରଣ କରାଯାଇଥିଲା। ଏହାର ଜରୁରୀ ପ୍ରସ୍ଥାନ ଦ୍ୱାର ଦେଇ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇଥିଲା। ସୁରକ୍ଷା ବଳର ତାଗିଦ ସତ୍ତ୍ୱେ ୨୫ ବର୍ଷୀୟ ବାଂଲାଦେଶୀ ମହାଦି ଆତ୍ମସମର୍ପଣ କରିବାକୁ ମନାକରିଦେଇଥିଲେ। ଏହାସହ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ସହ ଆଲୋଚନା କରିବାକୁ ଚାହାନ୍ତି ବୋଲି ସେ କହିଥିଲେ। ଫଳରେ କମାଣ୍ଡୋମାନେ ୮ ମିନିଟ ମଧ୍ୟରେ ତାଙ୍କୁ ଗୁଳି କରିଥିଲେ। ଏଥିରେ ସେ ନିହତ ହୋଇଥିବା ମେଜର ଜେନେରାଲ ମତିଉର ରହମନ ସୂଚନା ଦେଇଛନ୍ତି। ଅପହର୍ତ୍ତା ବନ୍ଧୁକ ଓ ବିସ୍ଫୋରକ ନେଇ ବିମାନ ଭିତରକୁ ଯିବାକୁ କିପରି ସକ୍ଷମ ହେଲେ ସେନେଇ ତଦନ୍ତ କରାଯାଉଥିବା ବାଂଲାଦେଶର ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ (ସିଏଏଏବି) ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

## ଆଜି ମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ା ଗସ୍ତ

ନୂଆପଡା ଅଫିସ,୨୪।୨

ସୋମବାର ଦିନିକିଆ ନୂଆପଡ଼ା ଗସ୍ତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସୁଛନ୍ତି। ଏଥିପାଇଁ ବିଜେଡି କର୍ମୀ, ନେତାଙ୍କ ମଧ୍ୟରେ ତତ୍‌ପରତା ପ୍ରକାଶ ପାଇଛି । ଭୁବନେଶ୍ୱର ବିମାନ ମନ୍ଦିରରୁ ବହାରି ପୂର୍ବାହ୍ନ ସାଢେ ୧୧ଟାରେ ନୂଆପଡାରେ ପହଞ୍ଚିବେ। ୪୫ ମିନିଟର କାର୍ଯ୍ୟକ୍ରମ ସାରି ୧୨ଟା ୨୫ ମିନିଟରେ ଭୁବନେଶ୍ୱର ଫେରିଯିବେ । ନୂଆପଡା ଏବଂ ଖରିଆରରୋଡ ସହର ମଧ୍ୟରେ ଥିବା ଗୋତମା ଏୟାରଷ୍ଟ୍ରିପ ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ। ଏଠାରେ ମିଶନ ଶକ୍ତି, କାଳିଆ ଯୋଜନା ସମ୍ପର୍କରେ ସଚେତନତା କରିବା ସହ ବହୁବିଧ ପ୍ରକଳ୍ପଗୁଡିକର ଶୀଳାଲେଖଗୁଡିକୁ ଏକକାଳୀନ ଉଦ୍‌ଘାଟନ କରିବେ । ଏଥିସକାଶେ ବ୍ୟାପକ ପ୍ରସ୍ତୁତି କରାଯାଇଛି । ରବିବାର ରାତିରେ ଏସପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଲିସ ଫୋର୍ସ କାର୍ଯ୍ୟକ୍ରମସ୍ଥଳ ଜଗି ରହିଛି।

## ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ଆଉ ୨ ଗିରଫ

ନୂଆପଡା ଅଫିସ,୨୪।୨

ଗିରଫ ୨ ଅଭିଯୁକ୍ତ।

ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଚାଲିଥିବା ମାଟ୍ରିକ ପରୀକ୍ଷାର ପ୍ରଥମ ଦିନର ସାହିତ୍ୟ ପ୍ରଶ୍ନପତ୍ର ଭାଇରାଲ ଘଟଣାରେ ନୂଆପଡ଼ା ଜିଲା ବୋଡେନ ପୋଲିସ ଦୁଇ ଦିନରେ ମୋଟ ୭ ଜଣଙ୍କୁ ଗିରଫ କରିଛି। ଶନିବାର ୨ଜଣ ସୁପରିଣ୍ଟେଣ୍ଡେଣ୍ଟଙ୍କ ସମେତ ୩ଜଣ ପରୀକ୍ଷା ନିରୀକ୍ଷକଙ୍କୁ ମିଶାଇ ୫ଜଣଙ୍କୁ ଗିରଫ କରାଯାଇଥିବାବେଳେ ରବିବାର ଆଉ ୨ଜଣଙ୍କୁ ଗିରଫ କରାଯାଇଛି। ଫଳରେ ଗିରଫ ସଂଖ୍ୟା ୭କୁ ବୃଦ୍ଧି ପାଇଛି। ଗିରଫ ବ୍ୟକ୍ତିମାନେ ହେଲେ ବୋଡେନ ଥାନା କେରାପଦର ହାଇସ୍କୁଲ ସହଶିକ୍ଷକ ସର୍ବଜ୍ଞ ସୂପକାର (୪୮) ଏବଂ ତାଙ୍କ ପୁତୁରା ଜ୍ଞାନଦତ୍ତ ସୂପକାର (୩୦) । ସେମାନଙ୍କ ଘର ରାନୀମୁଣ୍ଡାରେ ବୋଲି ଜଣାପଡିଛି। ପ୍ରକାଶ ଯେ, ଗତ ଶୁକ୍ରବାର ପରୀକ୍ଷାରେ ପ୍ରଶ୍ନପତ୍ରର ଫଟୋ ଉତ୍ତୋଳନ କରି ସାମାଜିକ ଗଣମାଧ୍ୟମରେ ଭାଇରାଲ କରିବା ଅଭିଯୋଗରେ ପୋଲିସ ଛାନ ଭିନ କରି ଗୋପୀନାଥ ହାଇସ୍କୁଲ ଲିଟିସର୍ଗି ଏବଂ କରଙ୍ଗାମାଲ ପରୀକ୍ଷା କେନ୍ଦ୍ର ଉପରେ ଚଢାଉ କରିଥିଲା। ଏଥିରେ ଶନିବାର କରଙ୍ଗାମାଲ ହାଇସ୍କୁଲରୁ ୩ ଜଣ ଏବଂ ଲିଟିସର୍ଗିରୁ ୨ଜଣଙ୍କୁ ଗିରଫ କରାଯାଇଥିଲା। ଏହି ଘଟଣାର ତଦନ୍ତ ଚାଲୁ ରହିଥିଲା । ରବିବାର ପୋଲିସ ଆଉ ୨ଜଣଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟ ଯେ, ଶନିବାର ଗିରଫ କରିଥିବା ୫ଜଣଙ୍କୁ ଥାନାରେ ରଖାଯାଇଥିଲା। ରବିବାର ଗିରଫ ୭ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାର ତଦନ୍ତ ଚାଲିଛି, ଆଗକୁ ଆହୁରି ଗୁମର ଫିଟିବା ଆଶଙ୍କା ରହିଛି ବୋଲି ଥାନା ଅଧିକାରୀ ସରୋଜ କୁମାର ମଲ୍ଲିକ କହିଛନ୍ତି।

■ ସାତମାଇଲ ଚାଷୀ ସମାବେଶକୁ ସମ୍ବୋଧିତ କଲେ ମୁଖ୍ୟମନ୍ତ୍ରୀ

## 'କାଳିଆ ଯୋଜନା ଐତିହାସିକ'

■ ଏପ୍ରିଲ ପହିଲାରୁ ଦ୍ୱିତୀୟ ପର୍ଯ୍ୟାୟ କାଳିଆ ସହାୟତା

ଢେଙ୍କାନାଳ ଜିଲା ସାତମାଇଲସ୍ଥିତ ବଡ଼ବର ପଡ଼ିଆରେ ରବିବାର ଆୟୋଜିତ ଚାଷୀ ସମାବେଶ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ଢେଙ୍କାନାଳ ଅଫିସ, ୨୪।୨

ସାରା ଦେଶର ଚାଷୀଙ୍କୁ ବାଟ ଦେଖାଇଛି 'କାଳିଆ'। ଏହି ଯୋଜନାରେ ରାଜ୍ୟର ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ପରିବାର ଉପକୃତ ହେଲେଣି। ଏଥିରେ ଛୋଟଚାଷୀ, ଭାଗଚାଷୀ, କ୍ଷୁଦ୍ରଚାଷୀ, କୃଷି ଶ୍ରମିକ ସମସ୍ତେ ସହାୟତା ପାଇପାରିବେ। ଏଥିରୁ ଯେପରି କେହି ଜଣେ ବି ବାଦ୍ ନ ପଡ଼ନ୍ତି ସେ ନେଇ ନଜର ରଖାଯାଇଛି। କାଳିଆ ଛାତ୍ରବୃତ୍ତି ଦ୍ୱାରା ଚାଷୀ ପରିବାରର ମେଧାବୀ ପିଲା ଉପକୃତ ହେଉଛନ୍ତି। ସମସ୍ତେ ଏହାର ସୁଯୋଗ ନିଅନ୍ତୁ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ସାତମାଇଲସ୍ଥିତ ବଡ଼ବର ପଡ଼ିଆରେ ରବିବାର ଅପରାହ୍ନରେ ଆୟୋଜିତ ବିଶାଳ ଚାଷୀ ସମାବେଶକୁ ସମ୍ବୋଧିତ କରି ସେ ଏପରି ବକ୍ତବ୍ୟ ରଖିଥିଲେ।

ପ୍ରାରମ୍ଭରେ ଛେଣ୍ଡିପଦା ଅଞ୍ଚଳର ମହିଳା ଚାଷୀ ସୌଦାମିନୀ ମାଝି ବକ୍ତବ୍ୟ ରଖି କାଳିଆ ଯୋଜନା ସମ୍ପର୍କରେ ବ୍ୟକ୍ତିଗତ ଅନୁଭୂତି ବଖାଣିଥିଲେ। ଏଥିସହ ଏପ୍ରିଲ ୧ରେ ଦ୍ୱିତୀୟ ପର୍ଯ୍ୟାୟ କାଳିଆ ସହାୟତା ପ୍ରଦାନ କରିବାକୁ ପ୍ରସ୍ତାବ ଦେଇଥିଲେ, ଯାହାକୁ ତୁରନ୍ତ ମଞ୍ଜୁରୀ ଦେଇଥିଲେ ମୁଖ୍ୟମନ୍ତ୍ରୀ। ଏହାକୁ ସଭାସ୍ଥଳରେ ସମସ୍ତେ କରତାଳି, ହୁଳହୁଳି ଦେଇ ସ୍ୱାଗତ ଜଣାଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଢେଙ୍କାନାଳ ଜିଲାରେ ୯୫୩ କୋଟି ଟଙ୍କାର ୧୦୩ ପ୍ରକଳ୍ପ ଏବଂ ଅନୁଗୋଳ ଜିଲାରେ ୧୧୨୯ କୋଟି ଟଙ୍କାରେ ୩୬ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହ କାଳିଆ ଯୋଜନାରେ ୧ଲକ୍ଷ ୭୯ହଜାର ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ୫ ହଜାର ଟଙ୍କା ଲେଖାଏଁ ସହାୟତା ଦିଆଯାଇଛି। ସେହିପରି କାଳିଆ ଛାତ୍ରବୃତ୍ତି ଯୋଜନାରେ ମେଧାବୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧ୍ୟକ୍ଷ କୁନା ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମାବେଶରେ ମନ୍ତ୍ରୀ ପ୍ରତାପ ଜେନା, ପ୍ରଫୁଲ୍ଲ ମଲ୍ଲିକ, ଡା. ନୃସିଂହ ଚରଣ ସାହୁ, ଏମ୍‌ପି ତଥାଗତ ସତପଥୀ, ବିଧାୟିକା ସୀମାରାଣୀ ନାୟକ, ବିଧାୟକ ରଜନୀକାନ୍ତ ସିଂ, ବ୍ରଜକିଶୋର ପ୍ରଧାନ, ମହେଶ ସାହୁ, ସରୋଜ ସାମଲ, ସଞ୍ଜୀବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ମାର୍ଚ୍ଚରୁ ୩ ମେଟ୍ରୋ ସହରକୁ ଉଡ଼ାଣ

ଝାରସୁଗୁଡ଼ା ଅଫିସ,୨୪।୨

ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ (ଭିଏସ୍‌ଏସ୍) ବିମାନବନ୍ଦରରୁ ଦେଶର ୩ ମେଟ୍ରୋ ସହରକୁ ଖୁବ୍‌ଶୀଘ୍ର ବିମାନ ଚଳାଚଳ ହେବ। ଏପ୍ରିଲ ନୁହେଁ, ମାର୍ଚ୍ଚରୁ ବିମାନ ଉଡ଼ିବା ଆରମ୍ଭ କରିବ ବୋଲି ସୂଚନା ଦେଇଛନ୍ତି ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ପ୍ରଧାନ ନିଜ ଟ୍ୱିଟର ପୃଷ୍ଠାରେ ଉଲ୍ଲେଖ କରିଛନ୍ତି ଯେ ମାର୍ଚ୍ଚରେ ନୂଆଦିଲ୍ଲୀ, ହାଇଦ୍ରାବାଦ ଏବଂ କୋଲକାତାକୁ ବିମାନ ଚଳାଚଳ ହେବ। ଏହି ୩ ରୁଟ୍‌ରେ ବିମାନ ଚଳାଚଳ ପାଇଁ ସ୍ପାଇସ୍ ଜେଟ୍ ଅନୁମତି ପାଇଛି। ସ୍ପାଇସ୍ ଜେଟ୍ ଅଧିକାରୀ ଓ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇସାରିଛି। ଫେବୃୟାରୀ ୯ରେ ସ୍ପାଇସ୍ ଜେଟ୍‌ର ଏକ ୮ ଜଣିଆ ଟିମ୍ ଝାରସୁଗୁଡ଼ା ଆସି ରିପୋର୍ଟ ସଂଗ୍ରହ କରି ଫେରିଛନ୍ତି। ଫେବୃୟାରୀ ଶେଷ ବେଳକୁ ଆଉ ଏକ ଟିମ୍ ଝାରସୁଗୁଡ଼ା ଆସିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି। ସେହି ଦୃଷ୍ଟିରୁ ଖୁବ୍‌ଶୀଘ୍ର ଭିଏସ୍‌ଏସ୍ ବିମାନବନ୍ଦରରୁ ଦେଶର ରାଜଧାନୀ ସମେତ ହାଇଦ୍ରାବାଦ ଓ କୋଲକାତାକୁ ଉଡ଼ାଣ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ଗତ ଜାନୁୟାରୀ ୨୫ରେ ବହୁପ୍ରତୀକ୍ଷିତ ବିମାନ ସେବା ଉଡାନ୍-୩ ଅଧୀନ ରୁଟ୍ ଆୱାର୍ଡ କରାଯାଇଥିଲା। ଝାରସୁଗୁଡ଼ା ଭିଏସ୍‌ଏସ୍ ବିମାନବନ୍ଦରରୁ ଭୁବନେଶ୍ୱର ସମେତ ଦେଶର ୬ ସ୍ଥାନକୁ ବିମାନ ଚଳାଚଳ ପାଇଁ ରୁଟ୍ ଘୋଷଣା ହୋଇଥିଲା। ଏହି ୬ ରୁଟ୍ ମଧ୍ୟରୁ କୋଲକାତା, ହାଇଦ୍ରାବାଦ ଏବଂ ନୂଆଦିଲ୍ଲୀକୁ ବିମାନ ଚଳାଚଳ ପାଇଁ ସ୍ପାଇସ୍ ଜେଟ୍ ମନୋନୀତ ହୋଇଥିଲା। ସେହିପରି ଝାରସୁଗୁଡ଼ା-ଭୁବନେଶ୍ୱର ଓ ଝାରସୁଗୁଡ଼ା ରାୟପୁରକୁ ବିମାନ ଚଳାଚଳ ପାଇଁ ଆଲାଏନ୍ସ ଏୟାର/ଟର୍ବୋ ଆଭିଏଶନ୍ ଏବଂ ମୁମ୍ବାଇକୁ ବିମାନ ଚଳାଚଳ ପାଇଁ ଜେଟ୍ ଏୟାର ୱେଜ୍ ବିମାନ ସଂସ୍ଥା ମନୋନୀତ ହୋଇଛି। ଫେବୃୟାରୀ ୯ରେ ସ୍ପାଇସ୍ ଜେଟ୍ କମ୍ପାନୀର ବୈଷୟିକ ଏବଂ ବରିଷ୍ଠ ଅଧିକାରୀଙ୍କ ୮ ଜଣିଆ ଟିମ୍ ଝାରସୁଗୁଡ଼ା ଆସି ସ୍ଥିତି ଅନୁଧ୍ୟାନ କରିଛନ୍ତି। ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ବିମାନ ଚଳାଚଳ ଆଶା ସଞ୍ଚାର ହୋଇଛି।

## ୧୫ ଜିଲାରେ ୪୮ ଘଣ୍ଟା ବର୍ଷା

■ ଉପକୂଳ, ପଶ୍ଚିମ ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ଘଡ଼ଘଡ଼ି ସହ ବର୍ଷିବ

■ ୨୬ ଓ ୨୭ରେ ୫୦ କିମି ବେଗରେ ବହିବ ପବନ

■ ଦ୍ୱିତୀୟ ଦିନ ଧରି ଭୁବନେଶ୍ୱରର ତାପମାତ୍ରା ୩୯.୪ ଡିଗ୍ରୀ

ଭୁବନେଶ୍ୱର, ୨୪।୨ (ବ୍ୟୁରୋ)

ଶନିବାର ଭଳି ରବିବାର ମଧ୍ୟ ଭୁବନେଶ୍ୱରର ସର୍ବାଧିକ ତାପମାତ୍ରା ୩୯.୪ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା। ଅସହ୍ୟ ତାତିରେ ସହରର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିଲା। ଅନ୍ୟପକ୍ଷରେ ସୁନ୍ଦରଗଡ଼ରେ ସର୍ବନିମ୍ନ ୧୫ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରହିଥିଲା। ତେବେ ଭଦ୍ରକ ଜିଲାରେ ଘନ କୁହୁଡ଼ି ଦେଖାଯିବା ସହ ଗଜପତି ଓ ରାୟଗଡ଼ାରେ ବର୍ଷା ଆରମ୍ଭ ହୋଇଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଟ୍ରପ୍ ଲାଇନ୍ ପ୍ରଭାବରେ ଆସନ୍ତା ୪୮ ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟର ଉପକୂଳ, ପଶ୍ଚିମ ଓ ଆଭ୍ୟନ୍ତରୀଣ ଅଞ୍ଚଳର ୧୫ ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା, କଳାହାଣ୍ଡି, ବାଲେଶ୍ୱର, ସୁନ୍ଦରଗଡ଼, ଜଗତ୍‌ସିଂହପୁର, ଭଦ୍ରକ, କଟକ, ଗଞ୍ଜାମ, କନ୍ଧମାଳ ଓ ନୟାଗଡ଼ ଆଦି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ସହିତ ବଜୁଳି ଓ ଘଡ଼ଘଡି ମାରିବାର ଆଶଙ୍କା ରହିଛି। ତେବେ ସୋମବାର କେନ୍ଦୁଝର, ବାଲେଶ୍ୱର, ଯାଜପୁର, ଭଦ୍ରକ ଓ ମୟୂରଭଞ୍ଜ ଆଦି ୫ଟି ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୨୬ ଓ ୨୭ ଏହି ଦୁଇଦିନ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ସହିତ ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବ। ତେଣୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନ ଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେବେ ବର୍ଷା ହେବା ଫଳରେ ତାପମାତ୍ରା ହ୍ରାସ ପାଇବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

# ଯୁଦ୍ଧ ରାଜନୀତି

କଶ୍ମୀରର ପୁଲୱାମାଠାରେ ଆତଙ୍କବାଦୀ ଆକ୍ରମଣ ପରେ ଏବେ ଦେଶବ୍ୟାପୀ ଗୋଟିଏ କଥା ଗୁଞ୍ଜରିତ ହେଉଛି–ପାକିସ୍ତାନକୁ ପାନେ ଦିଆଯାଉ। ସାଧାରଣତଃ ପାକିସ୍ତାନ ବିପକ୍ଷରେ କ୍ରିକେଟ ଖେଳଠାରୁ ଆରମ୍ଭ କରି ଯୁଦ୍ଧ ଯାଏ ଆଲୋଚନା ହେଲେ ଅଧିକାଂଶ ଭାରତୀୟ ଉତ୍ତେଜିତ ହୋଇଯାଇଥାଆନ୍ତି। ଏବେ ମଧ୍ୟ ପାକିସ୍ତାନକୁ ଆକ୍ରମଣ କରାଯାଉ ବୋଲି ଦେଶପ୍ରେମୀଙ୍କ ସ୍ୱର ଉଠୁଛି। ଏଭଳି ବିକୃତ ଦେଶପ୍ରେମରେ ଭାସିଯାଉଥିବା ଲୋକେ ବୁଝିବା ଦରକାର ଯେ, ଯୁଦ୍ଧ ପରିସ୍ଥିତି ସୃଷ୍ଟି ହେଲେ ଆହୁରି ଅନେକ ହଜାର ସୈନ୍ୟଙ୍କ ଜୀବନ ବାଜିରେ ଲାଗିବ। ଯେଉଁ ଯବାନଙ୍କ ପ୍ରୀତିରେ 'ଘୋ' ସୃଷ୍ଟି କରାଯାଉଛି, ସେହିମାନଙ୍କ ଭଳି ଅନ୍ୟ ଯବାନଙ୍କ ପରିବାର ମଧ୍ୟ ଶୋକ ପାଳିବେ। ଭାରତୀୟମାନେ କେବେ ହେଲେ ବଡ଼ଧରଣର ଯୁଦ୍ଧର ସାମ୍ନା କରିନାହାନ୍ତି। ଯୁଦ୍ଧ ବେଳେ କେବଳ ସୈନ୍ୟ ନୁହେଁ, ସାଧାରଣ ନାଗରିକ ପିଲାଠାରୁ ଆରମ୍ଭ କରି ମହିଳାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଜୀବନ ଅସୁରକ୍ଷିତ ହୋଇଯାଏ। ଅର୍ଥନୀତି ଧୂଳିସାତ୍ ହେବା ସହ ଖାଦ୍ୟ ଓ ପାନୀୟଜଳ ସଙ୍କଟ ମଧ୍ୟ ଦେଖାଦିଏ। ଦେଶର ମଙ୍ଗଳ ଚାହୁଁଥିବା ନାଗରିକ କେବେ ହେଲେ ଯୁଦ୍ଧର ନାରା ଦେବେ ନାହିଁ। ଦୁଃଖର ବିଷୟ, ଶାନ୍ତି ରକ୍ଷା ପାଇଁ ଆହ୍ୱାନ ଦେଉଥିବା ନାଗରିକଙ୍କୁ ଏବେ ଜାତୀୟତାବାଦ ବିରୋଧୀ ଆଖ୍ୟା ଦିଆଯାଉଛି।

ଭାରତର ବାହାଦୁରି ନିକଟରେ କ୍ରୀଡ଼ା କ୍ଷେତ୍ରରେ ଜଣାପଡ଼ିଛି। ନୂଆଦିଲ୍ଲୀରେ ଚାଲିଥିବା ଶୁଟିଂ ବିଶ୍ୱକପ୍ ଲାଗି ପାକିସ୍ତାନର ଦୁଇ ଜଣ ଖେଳାଳିଙ୍କୁ ଭାରତ ପୁଲୱାମା ଆକ୍ରମଣ ପରେ ଭିଜା ଦେବାକୁ ମନା କରିଦେଇଥିଲା। ଏହା ପରେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ଭାରତରେ ଆଉ କୌଣସି ଅଲିମ୍ପିକ୍ସ ସମ୍ବନ୍ଧୀୟ କ୍ରୀଡ଼ା ଆୟୋଜନ କରାଯିବ ନାହିଁ ବୋଲି ଜଣାଇଦେଇଛି। ଏଥିସହିତ ଏହି ଉଚ୍ଚସ୍ତରୀୟ ସ୍ପୋର୍ଟ୍ସ କମିଟି ଅନ୍ୟସବୁ ଅନ୍ତର୍ଜାତୀୟ କ୍ରୀଡ଼ା ସଂଘକୁ ଭାରତକୁ ସବୁ ପ୍ରକାର କ୍ରୀଡ଼ା ଆୟୋଜନରୁ ବାଦ୍ ପକାଇବା ପାଇଁ ପରାମର୍ଶ ଦେଇଛି। ଏହା ଭାରତ ପାଇଁ ଏକ ଶକ୍ତ ଚାପୁଡ଼ା। ଏଭଳି ମନୋଭାବ ପ୍ରଦର୍ଶନ କରି ନା ଯେ କେବଳ ଭାରତ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦିତ ହୋଇଛି ତାହା ନୁହେଁ, ଏବେ ଭବିଷ୍ୟତର ସବୁ ସ୍ପୋର୍ଟିଂ ଇଭେଣ୍ଟ ଆୟୋଜନରୁ ବାଦ୍ ପଡ଼ିଲା ଭଳି ପରିସ୍ଥିତି ଉପୁଜିଛି। ଏହି ଘଟଣା ଉତ୍କଟ ଜାତୀୟତାବାଦର ଏକ ଜଘନ୍ୟ ପ୍ରତିଫଳନ ବୋଲି କୁହାଯାଇପାରେ।

ଇତିମଧ୍ୟରେ ସୀମାନ୍ତକୁ ଭାରତ ଅଧିକ ସୈନ୍ୟ ପଠାଇବା ସହିତ ବିଚ୍ଛିନ୍ନତାବାଦୀ ନେତାଙ୍କ ବିରୋଧରେ ଜୋରଦାର କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି ।ଜମାତ୍–ଇ–ଇସ୍‌ଲାମୀ ନେତା ହମିଦ ଫୟାଜଙ୍କ ସମେତ ୧୫୦ ଜଣଙ୍କୁ ଗିରଫ କରାଯାଇଛି। ଏହା ପୂର୍ବରୁ ଜେକେଏଲ୍‌ଏଫ୍ ନେତା ୟାସିନ୍ ମଲିକ୍‌ଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ଏସବୁକୁ ଦେଖି ଉପତ୍ୟକାରେ ଉତ୍ତେଜନା ଚରମସୀମାରେ ପହଞ୍ଚିଲାଣି। ପରିସ୍ଥିତି ଏମିତି ହେଲାଣି, ପୁଲୱାମା ଆକ୍ରମଣଠାରୁ ଏବକାର ବାତାବରଣ କଶ୍ମୀରବାସୀଙ୍କୁ ବେଶି ଆତଙ୍କିତ କରିଦେଇଛି।

ସାଧାରଣ ନିର୍ବାଚନ ପ୍ରାୟ ଦୁଇ ମାସ ବାକି ଥିବା ବେଳେ ଆତଙ୍କବାଦୀ ଆକ୍ରମଣ ଲାଗି କେନ୍ଦ୍ର ସରକାରଙ୍କ ବିଫଳତାକୁ ନେଇ ବିରୋଧୀ ଟାର୍ଗେଟ କରୁଛନ୍ତି। ଆକ୍ରମଣର ତରିକା ଦେଖିଲେ ଗୋଇନ୍ଦା ବ୍ୟବସ୍ଥାକୁ ସମାଲୋଚନା କରାଯିବା ସ୍ୱାଭାବିକ। ଏବେ ଯେଉଁଭଳି ଭାବେ ସୀମାନ୍ତକୁ ସୈନ୍ୟ ପ୍ରେରଣ କରାଯାଉଛି ଓ ବିଚ୍ଛିନ୍ନତାବାଦୀ ସଙ୍ଗଠନଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ନିଆଗଲାଣି, ସେଥିରୁ ପରିସ୍ଥିତି ସଙ୍କଟ ଆଡ଼କୁ ଗତି କରୁଥିବା ଦେଖାଯାଉଛି । ୨୦୧୬ ଭଳି ଆଉ ଏକ ସର୍ଜିକାଲ ଷ୍ଟ୍ରାଇକ୍‌ର କଥା ମଧ୍ୟ ଉଠିଲାଣି। ଏଠାରେ କୁହାଯାଇପାରେ ଯେ, ସେତେବେଳେ ସର୍ଜିକାଲ ଷ୍ଟ୍ରାଇକ୍ ହୋଇଥିବା ନେଇ ଦେଶବାସୀଙ୍କୁ ଏବେ ବି ଅନ୍ଧାରରେ ରଖାଯାଇଛି।

ଏବେ ଭାରତରେ ଏକ ସଙ୍ଗିନ ପରିସ୍ଥିତି ଦେଖାଦେଲାଣି। କଶ୍ମୀରୀମାନଙ୍କୁ ଟାର୍ଗେଟ କରାଯାଉ ବୋଲି ମଧ୍ୟ କିଛି ଜାଗାରେ ପରୋକ୍ଷ ବାର୍ତ୍ତା ଦିଆଯାଉଛି। ଦେଶର ବିଭିନ୍ନ ଭାଗରେ ପଢୁଥିବା କଶ୍ମୀର ଛାତ୍ରୀଛାତ୍ର ଓ କଶ୍ମୀରୀମାନଙ୍କୁ ଆକ୍ରମଣ ହେଉଥିବା ବେଳେ ସରକାର ନୀରବ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ଏଭଳି ଅପ୍ରୀତିକର ସମୟରେ କେବଳ ଶିଖ୍‌ମାନେ ଦମ୍ଭ ଧରି କଶ୍ମୀରୀମାନଙ୍କୁ ସାହାଯ୍ୟ ଓ ସହାୟତାର ହାତ ବଢ଼ାଇଥିବା ଦେଖିବାକୁ ମିଳିଛି। ପ୍ରକୃତରେ ଏକ ଅଶାନ୍ତ ଅଞ୍ଚଳରେ ଅଧିକ ଅଶାନ୍ତିଜନକ ପରିସ୍ଥିତି ସୃଷ୍ଟି କରାଗଲେ ସେଠାକାର ଅଧିବାସୀମାନେ ଅନିଶ୍ଚିତତା ଦେଇ ଗତି କରିବେ। ଏହା ଜଣାଶୁଣା ଯେ ସ୍ଥାନୀୟ ଲୋକଙ୍କ ସହାୟତା ନ ମିଳିଲେ ଆତଙ୍କବାଦୀମାନେ ବଡ଼ କାଣ୍ଡ ଭିଆଇବାକୁ ସକ୍ଷମ ହୁଅନ୍ତେ ନାହିଁ। ଦେଶର ନେତୃତ୍ୱ ପ୍ରଥମେ ଏହି ଭିତିରି କାରଣକୁ ବୁଝିବା ଦରକାର ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ଅନ୍ୟ ଉପରେ ଦୋଷ ଲଦିବା ଅପେକ୍ଷା କେଉଁଠାରେ ଭୁଲ୍ ରହୁଛି ତାହାକୁ ଚିହ୍ନଟ କରାଯିବା ଉଚିତ। ଗୋଇନ୍ଦା ବିଫଳତା ପାଇଁ ଶୀର୍ଷ ଅଧିକାରୀଙ୍କୁ ଉତ୍ତରଦାୟୀ କରାଯିବା ଦରକାର। କିନ୍ତୁ ତାହା କେବେ ଦେଖିବାକୁ ମିଳୁନାହିଁ। ପୁଲୱାମା ଆକ୍ରମଣ ପରେ ଫେବୃୟାରୀ ୨୩ରେ ଉପତ୍ୟକାରେ ଲୋକେ କ'ଣ ଗୋଟାଏ ବଡ଼ ହେବାକୁ ଯାଉଛି ଅନୁଭବ କରିବା ପରେ ପେଟ୍ରୋଲ ପମ୍ପ, ଏଟିଏମ୍ ଏବଂ ଦୋକାନ ଆଗରେ ଲମ୍ବାଧାଡ଼ିରେ ଥିବା ଦେଖିବାକୁ ମିଳିଥିଲା। ଏଥିରୁ ବୁଝିବାକୁ ହେବ ଯେ, ପରିସ୍ଥିତିକୁ ଶାନ୍ତ କରିବାକୁ ହେଲେ ପ୍ରଥମେ ସେଠାକାର ନାଗରିକଙ୍କ ସ୍ୱର ଶୁଣିବାକୁ ହେବ। ତାହା ନ କରି ଉତ୍ତେଜନା ସୃଷ୍ଟି କରାଗଲେ ମୂଳ ଲକ୍ଷ୍ୟ ଦୂରେଇଯିବ। ସଙ୍କଟ ସମୟରେ ଯୁଦ୍ଧ ରାଜନୀତି ସମାଧାନର ବାଟ ଦେଖାଇ ନ ଥାଏ।

## su | do | ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | D | 1 | | | | | | 6 | | | | | B |
| | 8 | | | 9 | 4 | | | 0 | | A | | | | 7 |
| 4 | | | 2 | | | | 3 | | D | | | 9 | | |
| 7 | | | | | 5 | | | | | 9 | | | 2 | D |
| E | | 9 | | A | 0 | | C | D | | | 7 | 1 | 4 | 6 |
| | | | | | 6 | | A | C | | E | | | | 1 |
| | | 0 | | | | | E | 5 | | | | 7 | A | |
| | 2 | | | | | | 8 | | | | | | B | |
| | | | | 1 | 9 | B | | | | 7 | 4 | | 0 | |
| 5 | | 7 | | | B | | 9 | | 1 | | D | | | C |
| A | | B | | | | | | | | 0 | 2 | 3 | 9 | |
| | | | | | | 8 | | | 3 | | | 2 | 7 | 5 |
| | | 6 | | | | 4 | | 2 | | C | | | | |
| | 3 | 4 | C | | | | | | B | 8 | | | 6 | |
| | | 5 | 8 | 0 | D | | | B | E | | | C | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | A | 5 | 6 | B | 1 | C | 2 | 3 | 0 | 7 | 4 | 8 | 9 | E |
| 2 | 3 | 1 | 8 | 4 | 0 | A | E | 5 | C | D | 9 | 6 | B | 7 |
| B | 9 | 0 | E | 2 | C | 7 | 8 | 6 | 5 | 1 | 3 | D | 4 | A |
| 7 | 6 | 4 | 3 | A | 5 | D | 9 | 0 | E | 8 | B | 1 | 2 | C |
| E | C | 8 | D | 7 | 9 | B | 1 | 4 | 6 | 2 | A | 0 | 5 | 3 |
| 6 | 8 | 2 | C | 5 | E | 0 | A | 7 | B | 4 | 1 | 9 | 3 | D |
| 1 | 0 | 9 | 7 | 3 | B | 4 | 6 | D | 2 | A | E | C | 8 | 5 |
| 4 | B | E | 9 | D | 8 | 5 | 3 | 1 | 7 | 0 | C | 2 | A | 6 |
| 3 | 7 | D | 0 | 6 | A | 2 | C | E | 8 | 9 | 5 | B | 1 | 4 |
| C | 5 | A | 2 | 1 | 4 | 8 | B | 9 | 3 | 6 | D | E | 7 | 0 |
| 8 | E | B | A | 0 | 2 | 1 | D | C | 4 | 3 | 7 | 5 | 6 | 9 |
| 5 | 4 | 6 | B | C | 7 | 3 | 0 | 8 | 9 | E | 2 | A | D | 1 |
| A | 2 | 3 | 1 | E | 6 | 9 | 7 | B | D | 5 | 0 | 4 | C | 8 |
| 9 | D | C | 5 | 8 | 3 | E | 4 | A | 1 | B | 6 | 7 | 0 | 2 |
| 0 | 1 | 7 | 4 | 9 | D | 6 | 5 | 2 | A | C | 8 | 3 | E | B |

ଗତକାଲିର ଉତ୍ତର

# ହ୍ୱାଟ୍ସଆପ୍‌ରେ କପି

ଡ. ପ୍ରଫୁଲ୍ଲ କୁମାର ସାହୁ

ରାଜ୍ୟରେ ଶୁକ୍ରବାର (୨୨।୦୨)ଠାରୁ ଆରମ୍ଭ ହୋଇଛି ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଏହି ପରୀକ୍ଷା ଆରମ୍ଭରୁ ତା'ର ସ୍ୱଚ୍ଛତାକୁ ନେଇ ରାଜ୍ୟସାରା ଉଠିଛି ଗୁଞ୍ଜରଣ। ପ୍ରଥମଦିନ ପରୀକ୍ଷା ଆରମ୍ଭ ହେବାର ଦେଢଘଣ୍ଟା ଭିତରେ ଭାଇରାଲ ହୋଇଛି ମାତୃଭାଷା ପ୍ରଶ୍ନପତ୍ର। ଗତବର୍ଷର ଅଭିଜ୍ଞତାକୁ ଭିତ୍ତିକରି ପରୀକ୍ଷା କେନ୍ଦ୍ରକୁ ମୋବାଇଲ୍ ଫୋନ୍ ନେବା ଉପରେ ଜାରି ହୋଇଥିଲା କଟକଣା, ମାତ୍ର ସବୁ ସତର୍କତା ସତ୍ତ୍ୱେ ସୋସିଆଲ ମିଡ଼ିଆରେ ଘୂରିବୁଲିଲା ଫର୍ଦ୍ଦ ଫର୍ଦ୍ଦ ପ୍ରଶ୍ନପତ୍ର। ଏଥିରେ ପ୍ରତିଫଳିତ ହେଉଛି ଆମ ଶିକ୍ଷକ ଓ ଅଭିଭାବକଙ୍କ ଭିତରେ ଲୁଚି ରହିଥିବା ବ୍ୟବସ୍ଥାବିରୋଧୀ ଲୋକଚରିତ୍ର। ମାଟ୍ରିକ୍ ପରୀକ୍ଷାରେ ସ୍ୱଚ୍ଛତା ଆଣିବା ପାଇଁ ପୂର୍ବରୁ ତ୍ରିସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା ହୋଇଥିଲେ ବି ଏହାଥିଲା କେବଳ ବାଆକୁ ବତା ପରି। ଗତବର୍ଷଠାରୁ ଯେତେବେଳେ ଗଣଶିକ୍ଷା ବିଭାଗ ପକ୍ଷରୁ ବଦଳିଲା ନିଜ ନିଜ ସ୍କୁଲରେ ପରୀକ୍ଷା ଦେବା ବ୍ୟବସ୍ଥା, ସେତେବେଳେ ଏ ପରୀକ୍ଷା ସଂସ୍କାରକୁ ନେଇ ପରିଶ୍ରମୀ ଛାତ୍ରୀଛାତ୍ର ଖୁସିହେଲେ ସତ, କିନ୍ତୁ ହତାଶ ହୋଇପଡ଼ିଲେ କପି କରି ପାସ୍ କରିବାକୁ ଚାହୁଁଥିବା ପିଲା ଓ ସେମାନଙ୍କ ଅଭିଭାବକ।

ଉପଯୁକ୍ତ ଶିକ୍ଷା ଅଭାବରୁ ଛାତ୍ରୀଛାତ୍ର ଯେଉଁଠି ଶିକ୍ଷାଗତ ଦାରିଦ୍ର୍ୟରେ ଶଢ଼ନ୍ତି, ସେଠାରେ ସେମାନଙ୍କ ଭିତରେ ବସା ବାନ୍ଧେ ଅସତ୍ ଉପାୟ ଅବଲମ୍ବନ କରି ଆଗକୁ ବଢ଼ିବାର ଦୁଃସ୍ଥ ମାନସିକତା। ଏକଥା ଆମକୁ ଭାବିବାକୁ ବାଧ୍ୟ କରୁଛି ଗତବର୍ଷ ଉତ୍ତରପ୍ରଦେଶ ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାକୁ ନେଇ ଗଣମାଧ୍ୟମରେ ପ୍ରକାଶ ପାଇଥିବା କିଛି ଉଦ୍‌ବେଗଜନକ ଖବର। ଦୀର୍ଘବର୍ଷ ଧରି ଚାଲିଥିବା ବିପର୍ଯ୍ୟସ୍ତ ପରୀକ୍ଷା ପଦ୍ଧତିକୁ ସଜାଡ଼ିବା ପାଇଁ ଗତବର୍ଷ ଉତ୍ତରପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାର ଯେଉଁ କଠୋର ଆଭିମୁଖ୍ୟ ଗ୍ରହଣ କଲେ, ତା'ର ସିଧାସଳଖ ପ୍ରଭାବ ପଡ଼ିଲା ସେଠାରେ ଅନୁଷ୍ଠିତ ହୋଇଥିବା ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ। ଶିକ୍ଷାର ଗୁଣାତ୍ମକ ବିକାଶ ଚାହୁଁଥିବା ସରକାରଙ୍କ ନିର୍ଦ୍ଦେଶରେ ସେଠାରେ କଡ଼ାକଡ଼ି କରିଦିଆଗଲା ପରୀକ୍ଷା ପ୍ରକୋଷ୍ଠରେ ନିରୀକ୍ଷକମାନଙ୍କ ପହରା ବ୍ୟବସ୍ଥା। ସ୍ଥିତି ଅନୁଧ୍ୟାନ ପାଇଁ ପରୀକ୍ଷା କେନ୍ଦ୍ର ପରିଦର୍ଶନ କଲେ ନିଜେ ଶିକ୍ଷା ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ଦିନେଶ ଶର୍ମା। ଏହାଦ୍ୱାରା ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ଖେଳିଗଲା କୋକୁଆ ଭୟ। ହତାଶ ହେଲେ କପି କରିବାକୁ ଆସିଥିବା ଅନେକ ଛାତ୍ରୀଛାତ୍ର। କ୍ରମାଗତ ଦୁଇଟି ବିଷୟରେ ବିଫଳ ହେଲାପରେ ତୃତୀୟ ଦିନ ପରୀକ୍ଷା କେନ୍ଦ୍ରରେ ଅନୁପସ୍ଥିତ ରହିଲେ ଅନେକ ପରୀକ୍ଷାର୍ଥୀ। ଗଣମାଧ୍ୟମରେ ପ୍ରକାଶ ପାଇଲା କପି କରିବାର ସୁଯୋଗ ନ ପାଇ ପରୀକ୍ଷା ଛାଡ଼ିଲେ ପାଞ୍ଚଲକ୍ଷ ଛାତ୍ରୀଛାତ୍ର। ଏଭଳି ଦୁର୍ଭାଗ୍ୟଜନକ ସ୍ଥିତି ନିଶ୍ଚୟ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବିଦ୍ୟାର୍ଥୀମାନେ ଭୋଗୁଥିବା ଶିକ୍ଷାଗତ ଦାରିଦ୍ର୍ୟ ଆଡ଼କୁ।

ବିଦ୍ୟାର୍ଥୀର ବୋଧଶକ୍ତି ଓ ଜ୍ଞାନର ଗଭୀରତା ମାପିବା ପାଇଁ ପରୀକ୍ଷା ହେଉଛି ଏକ ସର୍ବସ୍ୱୀକୃତ ମାପକାଠି। ପରୀକ୍ଷା ଜଣେଇ ଦିଏ ପରୀକ୍ଷାର୍ଥୀ କେତେ ଜାଣିଛି ଓ ଆଉ କେତେ ବାକିଅଛି ଜାଣିବାକୁ। ଏକଥାଟି ବୁଝିବାକୁ ଆଦୌ ପ୍ରସ୍ତୁତ ନୁହନ୍ତି ପାଠପଢ଼ାରେ ଅମନୋଯୋଗୀ ଛାତ୍ରୀଛାତ୍ର। ଏ ଦୋଷ କେବଳ ସେମାନଙ୍କର ନୁହେଁ, ଏଥିପାଇଁ ଆମ ପ୍ରଚଳିତ ବ୍ୟବସ୍ଥା ମଧ୍ୟ ବହୁ ପରିମାଣରେ ଦାୟୀ। ଇତିହାସ କହେ ଗୁଣାତ୍ମକ ଶିକ୍ଷାପାଇଁ ଏକଦା ବିଶ୍ୱରେ ସୁନାମ ଅର୍ଜିଥିଲା ଏ ଦେଶ। ଅଧ୍ୟୟନ ପାଇଁ ଏଠାକୁ ପୃଥିବୀର କୋଣ ଅନୁକୋଣରୁ ଛୁଟି ଆସୁଥିଲେ ଅନେକ ବିଦ୍ୟାର୍ଥୀ। ଏକ ମୂଲ୍ୟବୋଧଭିତ୍ତିକ ଶିକ୍ଷା ବ୍ୟବସ୍ଥା ପାଇଁ ସେତେବେଳେ ଭାରତୀୟମାନଙ୍କର ନୈତିକ ମାନଦଣ୍ଡ ଥିଲା ଖୁବ୍ ଉଚ୍ଚରେ। ପ୍ରାୟତଃ ସମସ୍ତଙ୍କ ଭିତରେ ଥିଲା ନୈତିକତା ପ୍ରତି ଆଦର ଓ ସମ୍ମାନ। ଏହା ସମ୍ଭବ ହୋଇଥିଲା ତତ୍କାଳୀନ ଆର୍ଯ୍ୟାବର୍ତ୍ତରେ ଗଢିଉଠିଥିବା ଅସଂଖ୍ୟ ଗୁରୁକୁଳ ଆଶ୍ରମ ପାଇଁ। ମାତ୍ର ଦେଶ ସ୍ୱାଧୀନ ହେବାପରେ କ୍ରମଶଃ ବଦଳିବାକୁ ଲାଗିଲା ସ୍ଥିତି। ଶିକ୍ଷାର ପ୍ରସାର ପାଇଁ ଗଢିଉଠିଲା ଅନେକ ବିଦ୍ୟାଳୟ ଓ ମହାବିଦ୍ୟାଳୟ। ଦେଶର ଶିକ୍ଷାକୁ ଗୁଣାତ୍ମକ କରିବା ନାଁରେ ଗଠନ ହେଲା କମିଶନ ପରେ କମିଶନ। ପ୍ରସ୍ତୁତ ହେଲା ଯୋଜନା ପରେ ଯୋଜନା ଏବଂ ତା'ର କାର୍ଯ୍ୟାନ୍ୱୟନ ପାଇଁ ଖର୍ଚ୍ଚ ହେଲା ବିପୁଳ ଅର୍ଥ। ଫଳରେ ଶିକ୍ଷାର ପ୍ରସାର ଘଟିଲା ସତ, କିନ୍ତୁ ପ୍ରତୀୟମାନ ହେଲା ମୂଲ୍ୟବୋଧର ଅବକ୍ଷୟ। କାରଣ ଭିତ୍ତିଭୂମିର ବିକାଶ ଦିଗରେ ଯେତିକି ଗୁରୁତ୍ୱ ଦିଆଗଲା ସେତିକି ଗୁରୁତ୍ୱ ଦିଆଗଲାନି ନୈତିକ ଶିକ୍ଷାର ପ୍ରସାର ଉପରେ। ଆଗେ ବିଦ୍ୟାଳୟ କହିଲେ ଗୋଟେ ଝାଟିମାଟି କାନ୍ଥ ଓ ଚାଳଛପର ଘରକୁ ବୁଝାଉଥିଲା, ମାତ୍ର ଏବେ ବଦଳିଯାଇଛି ତା'ର ଚେହେରା। ଚାଳଛପର ଘର ପରିବର୍ତ୍ତେ ଗଢି ଉଠିଛି ସୁଦୃଶ୍ୟ ପକ୍କାଘର। ପ୍ରାଥମିକ ବିଦ୍ୟାଳୟ କାନ୍ଥରେ ଲେଖାଯାଇଛି 'ସମସ୍ତେ ପଢିବା, ସମସ୍ତେ ବଢିବା'। କିନ୍ତୁ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ଏହି ବଢିବା କଥାଟି ସଂପୂର୍ଣ୍ଣ ଅନୁପସ୍ଥିତ। ଏଠି କେବଳ ମଧ୍ୟାହ୍ନଭୋଜନ, ପୋଷାକ, ସାଇକେଲ ଓ ଲାପ୍‌ଟପ୍‌ର ଲୋଭ ଦେଖାଇ ପିଲାଙ୍କୁ ଶିକ୍ଷାଳୟକୁ ଅଣାଯାଏ, ଯେଉଁଠି ତା'ର ଚେତନାର ବିକାଶ ପ୍ରତି ଦିଆଯାଏନି ଗୁରୁତ୍ୱ। ଯଦି ଜଳର ଶୁଦ୍ଧତା ପ୍ରତି ଦୃଷ୍ଟି ନ ଦେଇ କେବଳ ପାଣିଟାଙ୍କି ନିର୍ମାଣରେ ପ୍ରଚୁର ଅର୍ଥ ଖର୍ଚ୍ଚ କରାଯାଏ, ସେଠାରେ ଯାହା ହେବାକଥା ତାହା ହିଁ ଏଠି ପ୍ରତିଫଳିତ ହେଉଛି ବିଦ୍ୟାର୍ଥୀର ବ୍ୟକ୍ତିଗତ ତଥା ସାମାଜିକ ଜୀବନରେ।

ଏକଦା ରାଜ୍ୟରେ ସୁନାମ ଅର୍ଜନ କରିଥିବା ଅନେକ ମାଧ୍ୟମିକ ବିଦ୍ୟାଳୟ ଥିଲା, ଯେଉଁ ବିଦ୍ୟାଳୟରୁ ସୃଷ୍ଟି ହୋଇଛନ୍ତି ବହୁ ବୈଜ୍ଞାନିକ, ଚିକିତ୍ସକ, ପ୍ରଶାସକ, ଶିକ୍ଷାବିତ୍ ତଥା ଭଲ ମଣିଷ। ସମୟକ୍ରମେ ଆଜି ହଜିଯାଇଛି ସେ ସବୁ ବିଦ୍ୟାଳୟର ପୂର୍ବ ଗୌରବ। ଆଗେ ମାଧ୍ୟମିକ ବିଦ୍ୟାଳୟର ସହକାରୀ ଶିକ୍ଷକମାନେ ପ୍ରଧାନ ଶିକ୍ଷକ ହେଉଥିଲେ ଏବଂ ସେମାନେ ହିଁ ବରିଷ୍ଠତା ଭିତ୍ତିରେ ମଣ୍ଡନ କରୁଥିଲେ ପରିଦର୍ଶକ ପଦବୀ। ଅଭିଜ୍ଞ ଓ ବରିଷ୍ଠ ଶିକ୍ଷକମାନଙ୍କ ଉପସ୍ଥିତି ଯୋଗୁ ଶିକ୍ଷା ବିଭାଗରେ ନିଷ୍ଠା ଓ ସ୍ୱଚ୍ଛତା ଥିଲା ମୂଳକଥା। ମାତ୍ର ପରବର୍ତ୍ତୀ ସମୟରେ ବରିଷ୍ଠତାକୁ ଅଣଦେଖାକରି ସିଧାସଳଖ ପ୍ରଧାନଶିକ୍ଷକ ନିଯୁକ୍ତି ପାଇଲେ ଓ ସେମାନଙ୍କ ଅଧୀନରେ କାର୍ଯ୍ୟ କରିବାକୁ ବାଧ୍ୟହେଲେ ବରିଷ୍ଠ ଶିକ୍ଷକମାନେ। ଏହାଦ୍ୱାରା କେବଳ ପ୍ରଧାନଶିକ୍ଷକ ପଦର ମର୍ଯ୍ୟାଦା ହାନି ହେଲାନି, ପିଲାମାନଙ୍କ ମନରୁ ବି ଦୂରେଇଗଲା ସେମାନଙ୍କର ପିତୃପ୍ରତିମ ଭାବମୂର୍ତ୍ତି।

ଆଗେ ଚରିତ୍ର ଗଠନକୁ ଅଗ୍ରାଧିକାର ଦେଇ ପ୍ରସ୍ତୁତ ହେଉଥିଲା ପାଠ୍ୟକ୍ରମ। ବିଦ୍ୟାଳୟରେ ଖଞ୍ଜାଯାଇଥିଲା ଗୁରୁକୁଳ ଆଶ୍ରମର ଶୈକ୍ଷିକ ଶୃଙ୍ଖଳା। ମାତ୍ର ଯେବେଠାରୁ ଶିକ୍ଷାଳୟ ଭିତରକୁ ରାଜନୀତି ପଶିଲା, ସେବେଠାରୁ ବିପର୍ଯ୍ୟସ୍ତ ହେବାକୁ ଲାଗିଲା ଆମ ସମୃଦ୍ଧ ଶିକ୍ଷା ବ୍ୟବସ୍ଥା। ବିଶେଷ କରି ଗ୍ରାମାଞ୍ଚଳର ଶିକ୍ଷାନୁଷ୍ଠାନ ମୁଖ୍ୟମାନେ ନାଚିବାକୁ ଆରମ୍ଭକଲେ ସ୍ଥାନୀୟ ନେତାଙ୍କ ଇସାରାରେ। କେତେକ ସହକାରୀ ଶିକ୍ଷକଙ୍କୁ ବି ମିଳିଗଲା ଆର୍ଥିକ ଫାଇଦା ହାସଲ କରିବାର ସୁବିଧାଜନକ ପନ୍ଥା। ସାଧାରଣତଃ ଶିକ୍ଷକମାନେ ସମାଜର ଆଲୋକ ବର୍ତ୍ତିକା। ରାଷ୍ଟ୍ର ଗଠନର କର୍ଣ୍ଣଧାର। ଅଥଚ ସେହିମାନେ ଶିକ୍ଷାର୍ଥୀଙ୍କୁ ଭୁଲ୍ ରାସ୍ତା ଦେଖାଇବା ଫଳରେ ହଜିଗଲା ଶ୍ରେଣୀ କକ୍ଷର ମହକ। ଅସତ୍ ଉପାୟ ଅବଲମ୍ବନ କରି ଆଗକୁ ବଢିବା କେବେ ସ୍ଥାୟୀ ସଫଳତା ନୁହେଁ– ଏକଥା ଜାଣିବାର ସୁଯୋଗରୁ ବଞ୍ଚିତ ହେଲେ ପିଲା। କପି କରିବାର ସୁଯୋଗକୁ ସେମାନେ ସୌଭାଗ୍ୟ ମଣିଲେ

ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ



## ସଂକ୍ଷେପରେ

### ସାହେବୀରେ ହାତୀ ଉପଦ୍ରବ ଜାରି

**ନାକଟିଦେଉଳ,୨୪।୨(ଡି.ଏନ.ଏ.)-** ସାହେବୀ ପଞ୍ଚାୟତ ପୋଡ଼ାମାଳ ଗ୍ରାମରେ ଗତ ଦୁଇ ଦିନ ହେଲା ହାତୀ ଉପଦ୍ରବ ଲାଗି ରହିଛି । ସନ୍ଧ୍ୟା ହେବା ମାତ୍ରେ ହାତୀପଲ ଗ୍ରାମ ଭିତରକୁ ଚାଲି ଆସି ଉପଦ୍ରବ ଆରମ୍ଭ କରି ଦେଉଛନ୍ତି। ହରିହର ସାହୁ, ବସନ୍ତ ସାହୁ ଏବଂ ବୃଷଭ ସାହୁଙ୍କ ଘର ଭାଙ୍ଗି ଯାଇଥିବା ବେଳେ ଚରଣ ସାହୁଙ୍କ ପିଆଜ ଓ ଆଳୁ ଚାଷରେ କ୍ଷତି ଘଟିଛି । ଏହି ହାତୀ ପଲରେ ପ୍ରାୟ ୨୦ରୁ ଅଧିକ ହାତୀ ଥିବା ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଗ୍ରାମବାସୀ ବନ ବିଭାଗକୁ ଖବର ଦେବାପରେ ବନବିଭାଗ ହାତୀ ଘଉଡ଼ାଇବା ପାଇଁ ଉଦ୍ୟମ ଜାରୀ ରଖିଛନ୍ତି । ତେବେ ହାତୀପଲ ଗ୍ରାମ ଛାଡ଼ି ଯାଉନାହାନ୍ତି।

### ଘର ନିର୍ମାଣ ପାଇଁ ୧୭୧ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ

**ରେଢାଖୋଲ, ୨୪।୨ (ଡି.ଏନ.ଏ)-** ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସହରାଞ୍ଚଳ ଗୃହ ନିର୍ମାଣ ମିଶନ ଯୋଜନା ଅଧୀନରେ ରେଢାଖୋଲ ଏନଏସିରେ ଚତୁର୍ଥ ପର୍ଯ୍ୟାୟରେ ୧୭୧ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ଇଂ ରୋହିତ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଏହି ଅବସରରେ ଏନଏସି କାର୍ଯ୍ୟାଳୟ ପରିସରରେ ଆୟୋଜିତ ସଭାରେ କାର୍ଯ୍ୟନିର୍ବାହୀ ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଏନଏସି ଅଧକ୍ଷା ସନ୍ଧ୍ୟାରାଣୀ ଦେହୁରୀ, ଉପାଧକ୍ଷ ସୁନୀଲ କୁମାର ପ୍ରଧାନ, କାଉନସିଲର ଆଦିତ୍ୟ ନାରାୟଣ ପ୍ରଧାନ, ଲକ୍ଷଣ ପ୍ରଧାନ, ଜ୍ଞାନରଞ୍ଜନ ପ୍ରଧାନ, ଗୋପବନ୍ଧୁ ବାହୁକଙ୍କ ସମେତ ସମସ୍ତ କାଉନସିଲର ଯୋଗ ଦେଇଥିଲେ।

### ମୋତିଆବିନ୍ଦୁ ଚିକିତ୍ସା ଶିବିର

**ହୀରାକୁଦ, ୨୪।୨ (ଡି.ଏନ.ଏ)** ହୀରାକୁଦ ଲାୟନ୍ସ କ୍ଲବ ଆଲୁମିନିୟମ ସିଟି ତରଫରୁ ଲାୟନ୍ସ ଭବନରେ ଏକ ମାଗଣା ମୋତିଆବିନ୍ଦୁ ଅସ୍ତ୍ରୋପଚାର ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୪୯ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥିରୁ ୨୧ଜଣଙ୍କ ମୋତିଆବିନ୍ଦୁ ଚିହ୍ନଟ କରାଯାଇଥିଲା । ମଙ୍ଗଳବାର ବୁର୍ଲା ଭିଏସଏସ ମେଡିକାଲରେ ଚକ୍ଷୁ ବିଶେଷଜ୍ଞ ପ୍ରଫେସର ଡା. ସର୍ମିଷ୍ଠା ବେହେରାଙ୍କ ତତ୍ତ୍ୱାବଧାନରେ ଅସ୍ତ୍ରୋପଚାର କରାଯିବା ଏହି ଶିବିରକୁ ଲାୟନ୍ସ କ୍ଲବ ଆଲୁମିନିୟ ସିଟିର ସଭ୍ୟ ସୁରେନ୍ଦ୍ର କୁମାର ବିଶ୍ୱାଳ, ଦୁଲାଲ ଚନ୍ଦ୍ର ପଣ୍ଡା, ଏଏଲ ବେଗ, ସମରେନ୍ଦ୍ର ତ୍ରିପାଠୀ, ବସନ୍ତ ମେକାପ, ସୁଧୀର ମିଶ୍ର, ସୁକାନ୍ତ ମହାରଣା, ଅବନୀ ପାଣିଗ୍ରାହୀ ପ୍ରମୁଖ ପରିଚାଳନା କରିଥିଲେ।

### ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ କ୍ରୀଡା

**ସମ୍ବଲପୁର,୨୪।୨(ବ୍ୟୁରୋ)** ଯୁଯୁମୁରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇ ଯାଇଛି । ସଭାପତି ସୂର୍ଯ୍ୟ ପାଣିଗ୍ରାହୀ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଯୁଯୁମୁରା ତହସିଲଦାର ସୁକାନ୍ତ ନାଏକ, ମୁଖ୍ୟବକ୍ତା ଭାବେ ପ୍ରଫୁଲ ମିର୍ଦ୍ଧା, ସମ୍ମାନୀୟ ଅତିଥି ଭାବେ ଲିପିଣ୍ଡା ସରପଞ୍ଚ ଅରୁଣା ଭୋଇ, କୟାକୁଦ ସରପଞ୍ଚ ରାମଚନ୍ଦ୍ର ପ୍ରଧାନ, ସମିତି ସଭ୍ୟ କ୍ଷମାନିଧି ପ୍ରଧାନ, ମମତା ପ୍ରଧାନ, ଟଙ୍କଧର ମହାପାତ୍ର ଯୋଗ ଦେଇଥିଲେ। ସମ୍ପାଦକ ବେଦବ୍ୟାସ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଆଦର୍ଶ ଗଡନାୟକ, ସିମରନ କେରକେଟା, ଖୁସବୁ ବୁଡେକ, ଡିଲେଶ୍ୱରୀ ସାହୁ, ରିତେଶ ବିଶ୍ୱାଳଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଅବସରରେ ଛାତ୍ରୀଛାତ୍ର ସମ୍ବଲପୁରୀ, ଆଧୁନିକ ଗୀତ ନୃତ ପରିବେଷଣ କରିଥିଲେ । ମୋହନ ବାଙ୍କ, ଦେବରାଜ ବିଶ୍ୱାଳ, ଅଜିତ ବର୍ଗେ, ଉଦ୍ଧବ ଭୋଇ, ରମେଶ ବିଶ୍ୱାଳ, ସୁଦର୍ଶନ ମାଝି, ରମେଶ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

# ସାହିତ୍ୟ, ସଂସ୍କୃତିର ବିକୃତି ଘଟିଲେ ସମାଜ ଦିଗଭ୍ରଷ୍ଟ ହୁଏ

**ନାକଟିଦେଉଳ,୨୪।୨ (ଡି.ଏନ.ଏ.)**

ନାକଟିଦେଉଳ ମଧୁବନ ସାହିତ୍ୟ ଓ ସଂସ୍କୃତି ସଂସଦର ବାର୍ଷିକ ଉତ୍ସବ ରବିବାର ସ୍ଥାନୀୟ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଅଧ୍ୟାପିକା ଡ: ସରସୀରାଣୀ ନାୟକ ଏଥିରେ ଅଧକ୍ଷତା କରିଥିଲେ। ଏହି ସମାରୋହରେ ଲୋକକବି ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଆ ସାହିତ୍ୟ ଏବଂ ସମ୍ବଲପୁରୀ ସାହିତ୍ୟ ଉପରେ ସେ ଆଲୋଚନା କରିଥିଲେ । ଯେଉଁ ଦେଶରେ ଭାଷା, ସାହିତ୍ୟ ଯେତେ ସମଦ୍ଧ ସେହି ଦେଶର ସମାଜ ସେତେ ଉନ୍ନତ ବୋଲି ସେ କହିଥିଲେ । ଭାଷା ଓ ସାହିତ୍ୟର ଏପରି ଏକ ଆକର୍ଷଣ ଶକ୍ତି ଅଛି ଯାହାକି ନିର୍ମଳ ଆକାଶରୁ ବର୍ଷା ଝରାଇ ଦେଇପାରେ। ସମାଜରେ ସାହିତ୍ୟ ଓ ସଂସ୍କୃତିର ବିକୃତି ଘଟିଲେ ସମାଜ ଦିଗଭ୍ରଷ୍ଟ ହୋଇଯାଏ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଗୌରୀଦାସ ପ୍ରଧାନ ଯୋଗଦେଇ ଭାଷା ସାହିତ୍ୟ ଉପରେ ଆଲୋଚନା କରି ସମାଜକୁ ସାହିତ୍ୟ ଠିକ ମାର୍ଗ ଦେଖାଇଥାଏ। ସମାଜ ଓ ସାହିତ୍ୟ ଉଭୟ ପରସ୍ପରର ପରିପୂରକ ବୋଲି ପ୍ରକାଶ କରିଥିଲେ । ସମ୍ମାନୀତ ଅତିଥି ଭାବେ ଡା: ଲଲାଟେନ୍ଦୁ ନାୟକ ଏବଂ ରେଢାଖୋଲ ଡିଏଫଓ ସଂଗ୍ରାମ କେଶରୀ ବେହେରା ଯୋଗ ଦେଇ ଭାଷା, ସାହିତ୍ୟ ଓ ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ । ସଂସଦର ଉପସଭାପତି ସୁଧୀର କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂପାଦକ ସୁଶାନ୍ତ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଅତିଥିମାନେ ସଂସଦର ବାର୍ଷିକ ମୁଖପତ୍ର ମଧୁଧାରାକୁ ଉନ୍ମୋଚନ କରିଥିଲେ । କଳା ଓ ସାହିତ୍ୟ କ୍ଷେତ୍ରରେ ଉତ୍କର୍ଷତା ପାଇଁ ସୁଧୀର କୁମାର ସ୍ୱାଇଁ ଏବଂ ଲୋକନାଥ ବେହେରାଙ୍କୁ ସଂସଦ ପକ୍ଷରୁ ସମ୍ମାନୀତ କରାଯାଇଥିଲା । ଦ୍ୱିତୀୟ ଅଧିବେଶନରେ ଅଧ୍ୟାପିକା ପୁଷ୍ପାଞ୍ଜଳି ରବଣା, ଅଧ୍ୟାପକ ଶେଷଦେବ ବିଶ୍ୱାଳ ଏବଂ କନ୍ଦର୍ପ ବେହେରାଙ୍କ ସଂଯୋଜନାରେ ଏକ କବିତା ପାଠ ଉତ୍ସବ ଆୟୋଜିତ ହୋଇଥିଲା । ଏଥିରେ ୪୦ଜଣ କବି ସ୍ୱରଚିତ କବିତା ଓ ପ୍ରବନ୍ଧ ପାଠ କରିଥିଲେ । ପ୍ରାରମ୍ଭରେ ଅତିଥିମାନେ ମାଁ ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ଦ୍ୱୀପ ପ୍ରଜ୍ୱଳନ କରି ସାରିବା ପରେ ମହାବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଏହି ଅବସରରେ ଜମ୍ମୁ-କାଶ୍ମୀରର ପୁଲୱାମାରେ ଶହୀଦ ହୋଇଥିବା ସିଆରପିଏଫ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଭୁବନେଶ୍ୱର ଲାସ୍ୟକଳା ଅନୁଷ୍ଠାନର ପ୍ରକୃତି ମହାନ୍ତି, ମହାବିଦ୍ୟାଳୟର ଛାତ୍ରୀ ଏବଂ ଜଗନ୍ନାଥ ପ୍ରସାଦ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ପ୍ରଧାପକ ଡ: ଦୀପେନ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ନାକଟିଦେଉଳ ମଧୁବନ ସାହିତ୍ୟ ଓ ସଂସ୍କୃତି ସଂସଦର ବାର୍ଷିକ ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ୬ କେଜି ଗଞ୍ଜେଇ ଜବତ, ୨ ଗିରଫ

**ରେଢାଖୋଲ,୨୪।୨(ଡି.ଏନ.ଏ.)**

ରେଢାଖୋଲ ପାଲିସ ରବିବାର ସନ୍ଧ୍ୟାରେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ଅଭିଯୋଗରେ ୨ ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କନ୍ଧମାଳ ଜିଲା ଖଜୁରିପଡା ଥାନାର ଦେଡିପାଲିର ଚକାଡୋଳା ମଲ୍ଲିକ(୨୨) ଓ ଡାଡପଜୁ ଗ୍ରାମର ଜନ୍ମେଜୟ ଦିଗାଲ(୨୦) । ତାଙ୍କ ନିକଟରୁ ଏକ ଜରି ବ୍ୟାଗରେ ଥିବା ୬ କେଜି ଗଞ୍ଜେଇ ଜବତ କରିଛି। ଏ ନେଇ ଥାନା କେସ ନଂ ୩୮ରେ ଏଡିପିଏସ ଆକ୍ଟରେ ଏକ ମାମଲା ରୁଜୁ କରିଛି। ସୋମବାର କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ କହିଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ରବିବାର ସନ୍ଧ୍ୟାରେ ପୋଲିସ ରେଳ ଷ୍ଟେଶନ ଏରିଆରେ ପାଟ୍ରୋଲିଂ କରୁଥିବା ବେଳେ ଯୁବକମାନଙ୍କୁ ସନ୍ଦେହ ଜନକ ଅବସ୍ଥାରେ ଦେଖି ଯାଞ୍ଚ କରିଥିଲା। ଯାଞ୍ଚବେଳେ ସେମାନେ ଧରିଥିବା ଜରି ବ୍ୟାଗରେ ଗଞ୍ଜେଇ ଥିବା ଜଣାପଡିବା ପରେ ଗିରଫ କରିଥିଲା। ସେମାନେ ଏହି ଗଞ୍ଜେଇ ଫୁଲବାଣୀରୁ ଆଣି ବିଲାସପୁରକୁ ଚାଲାଣ କରୁଥିବା ପୋଲିସ ଆଗରେ କହିଛନ୍ତି।

## ଯୁବକଙ୍କ ମୃତ୍ୟୁ ରହସ୍ୟ ଖୋଲିବାରେ ପୋଲିସ ବିଫଳ

**ସମ୍ବଲପୁର,୨୪।୨ (ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ଥାନା ଗଡଗଡବାହାଲ ନିକଟରେ ଫେବୃୟାରୀ ୧୯ ତାରିଖ ମଙ୍ଗଳବାର ଟାଉନଥାନା ଲକ୍ଷ୍ମୀଟକିଜ ନିକଟସ୍ଥ ଦିଲୀପ ସାହୁ (ଡିଲ)ଙ୍କ ମୃତଦେହକୁ ରେଳ ଧାରଣାରୁ ପୋଲିସ ଉଦ୍ଧାର କରିଥିଲା । ଏହା ଅଧା ପୋଡି ଯାଇଥିବା ବେଳେ ଶରୀରରେ କ୍ଷତ ରହିଥିଲା । ତାଙ୍କୁ ହତ୍ୟା କରି ରେଳ ଧାରଣାରେ ଫିଙ୍ଗି ଦିଆଯାଇଥିବା ପୋଲିସ ସନ୍ଦେହ କରି ଥାନାରେ କେଶ ନଂ. ୨୨/୧୯ରେ ହତ୍ୟା ମାମଲା ରୁଜୁ କରିଥିଲା । ଘଟଣାକୁ ୫ ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ ହାତ ଖାଲି ପଡିଛି । ରହସ୍ୟ ଖୋଲିବାରେ ଯୁଯୁମୁରା ଥାନା ପୋଲିସ ବିଫଳ ହୋଇଛି। ଖାଲି ଯାହା ଅନ୍ଧାରରେ ବାଡି ବୁଲାଉଛି । ଟଙ୍କା ନେଣଦେଣକୁ କେନ୍ଦ୍ର କରି ତାଙ୍କୁ ଯୋଜନା ବଦ୍ଧଭାବେ ହତ୍ୟା କରାଯାଇଥିବା ଅଭିଯୋଗକୁ ପୋଲିସ ଗୁରୁତ୍ୱ ଦେଉଛି । ସେହିପରି ପୂର୍ବ ଶତ୍ରୁତା କିମ୍ବା ପ୍ରେମ ସମ୍ପର୍କ ଦିଗରେ ତଦନ୍ତ କରୁଥିବା ପୋଲିସ କହିଛି । ଖୁବ ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି କହିଛି। ସୂଚନାଯୋଗ୍ୟ ଯେ, ଦିଲୀପଙ୍କ ପରିବାର ଅଭିଯୋଗ କ୍ରମେ ଦିଲୀପ ସୋମବାର ରାତି ୮ଟାରେ ଅଇଁଲାପାଲି ଗ୍ରାମର ଜଣେ ଯୁବକଙ୍କ ପାଖକୁ ଧାର ଟଙ୍କା ମାଗି ଯାଇଥିଲେ । ରାତି ୧୦ଟା ପର୍ଯ୍ୟନ୍ତ ନ ଆସିବାରୁ ଘର ଲୋକେ ଫୋନ କରିଥିଲେ। ହେଲେ ସୁଇଚ୍ ଅଫ ଥିଲା । ରାତି ସାରା ପରିବାର ଲୋକେ ଓ ସାଙ୍ଗମାନେ ଖୋଜା ଖୋଜି କରିଥିଲେ ହେଁ ଦିଲୀପଙ୍କୁ ପାଇ ନ ଥିଲେ। ପରଦିନ ଗହଗଡବାହାଳ ନିକଟସ୍ଥ ରେଳଧାରଣାରୁ ଦିଲୀପଙ୍କ ମୃତଦେହ ଉଦ୍ଧାର କରିଥିଲା ।

### ମୃତକଙ୍କ ପରିଚୟ ମିଳିଲା
## ଘରୋଇ କଳହରୁ ଆତ୍ମହତ୍ୟା କରିଥିଲେ

**ବାମରା, ୨୪।୨ (ସ୍ୱ.ପ୍ର.)**

ବାମରା ନିକଟସ୍ଥ ମୁଣ୍ଡାଢ଼ିପା ରେଳ ଲାଇନଠାରୁ ରେଳବାଇ ପୋଲିସ ଶୁକ୍ରବାର ଜବତ କରିଥିବା ମୃତଦେହର ପରିଚୟ ମିଳିଛି। ସେ ବାମରା ବ୍ଲକ ରଙ୍ଗିଆଟିକ୍ରା ପଞ୍ଚାୟତ ଘୁନଘୁଟିର ସାଗିସୁସ ଖାଲକୋଙ୍କ ପୁଅ ସନ୍ଦୀପ (୨୫) ବୋଲି ଜଣାପଡିଛି । ଗୁରୁବାର ସନ୍ଧ୍ୟାରେ ସେ ଘରେ ଝଗଡା କରି ପଳେଇଥିଲେ ବୋଲି ତାଙ୍କ ସ୍ତ୍ରୀ ବାହାମନି ପୋଲିସକୁ କହିଛି । ଏଣୁ ଘରୋଇ କଳହ ଯୋଗୁ ସେ ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରୁଛି। ଶବ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ବର୍ଗଙ୍କୁ ଜିମା ଦେଇଥିଲା।

### ଗୋଟିଏ ଧାଡି ଘୋଷି ରଖିଛି ପୋଲିସ
## ଖୁବ୍ ଶୀଘ୍ର ଘଟଣାର ପର୍ଦ୍ଦାଫାସ ହେବ

**ସମ୍ବଲପୁର,୨୪।୨ (ବ୍ୟୁରୋ)**

ସମ୍ବଲପୁର ଜିଲା ଧନୁପାଲି ଥାନା ନକ୍ସାପାଲି ଗ୍ରାମ ନିକଟରେ ଗୋବିନ୍ଦତୋଲାର ରୁସ୍ତମ ଖାନ୍ ଓରଫ ଜାନ (୨୧)ଙ୍କ ମୃତ୍ୟୁ ରହସ୍ୟକୁ ମଧ୍ୟ ଧନୁପାଲି ଥାନା ପୋଲିସ ଉନ୍ମୋଚନ କରିବାରେ ବିଫଳ ହୋଇଛି। ୭୫/୧୯ରେ ଏକ ହତ୍ୟା ମାମଲା ରୁଜୁ କରି ଚୁପ୍ ବସିଛି। ପ୍ରେମ ଜନିତ କିମ୍ବା ପୂର୍ବ ଶତ୍ରୁତାକୁ ନେଇ ହତ୍ୟା କରାଯାଇଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି । ଏହି ଘଟଣାରେ ମୃତ ରୁସ୍ତମର ସାଙ୍ଗଙ୍କ ସମେତ ୮ ଜଣଙ୍କୁ ଥାନାରେ ଅଟକ ରଖିଛି । ଖୁବ୍ ଶୀଘ୍ର ଘଟଣାର ପର୍ଦ୍ଦାଫାସ ହୋଇଯିବ ବୋଲି ପୋଲିସ କହିଛି, ଯାହାକି ପୋଲିସ ଘୋଷି ରଖିଥିବା କିଛି ଶବ୍ଦ ଓ ଧାଡି ଭିତରୁ ଅନ୍ୟତମ। ତେବେ ଅଟକ ୮ ଜଣ ହତ୍ୟା କରିବାକୁ ଅସ୍ୱୀକାର କରୁଥିବା ବେଳେ ପୋଲିସ ଫୋନ କଲ୍ ଓ ଏକ ଡାଏରୀକୁ ନେଇ ତଦନ୍ତ କରୁଛି । ପୋଲିସ କହିଛି ଯେ, ଜବତ ଡାଏରୀ ଜଣେ ନାବାଳିକାଙ୍କ। ସମ୍ପୃକ୍ତ ନାବାଳିକା ରୁସ୍ତମ ସହ ପ୍ରେମ ସମ୍ପର୍କରେ ଥିବା ଲେଖିଛନ୍ତି । ହେଲେ ନାବାଳିକାଙ୍କ ପରୀକ୍ଷା ଚାଲିଥିବା ଯୋଗୁ ପଚରା ଉଚୁରା କରି ଛାଡି ଦିଆଯାଇଛି। ସୂଚନାଯୋଗ୍ୟ,ଯେ, ଶୁକ୍ରବାର ନକ୍ସାପାଲି ଗ୍ରାମ ନିକଟରୁ ପୋଲିସ ରୁସ୍ତମଙ୍କ ମୃତଦେହ ଉଦ୍ଧାର କରିଥିଲା । ରୁସ୍ତମ ଟେଣ୍ଟ ହାଉସ କାମରେ ଲାଇଟ ଡେକୋରେଟର ଭାବେ କାମ କରୁଥିଲେ। ଦୀର୍ଘ ଦିନରୁ ରୁସ୍ତମଙ୍କ ସେହି ଅଞ୍ଚଳର ଜଣେ ନାବାଳିକାଙ୍କ ସହ ପ୍ରେମ ସମ୍ପର୍କ ରହିଥିଲା । ଗୁରୁବାର ବିଳମ୍ବିତ ରାତିରେ ସେ ୨ଜଣ ସାଙ୍ଗଙ୍କ ସହିତ ନାବାଳିକାଙ୍କ ଘରକୁ ଯାଇଥିଲେ। ହେଲେ ନାବାଳିକାଙ୍କ ଦୁଇ ମାମୁଁ ରୁସ୍ତମଙ୍କୁ ନାବାଳିକାଙ୍କ ସହ ଦେଖି ନେଇଥିଲେ। ସେମାନେ ନାବାଳିକାଙ୍କୁ ଘରକୁ ଡାକି ନେବା ସହ ରୁସ୍ତମଙ୍କୁ ଚାଲିଯିବାକୁ କହିଥିଲେ। ପର ଦିନ ସକାଳେ ରୁସ୍ତମଙ୍କ ମୃତଦେହ ଉଦ୍ଧାର ହୋଇଥିଲା।

## ପୁଲୱାମା ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା

**ବାମରା, ୨୪।୨ (ସ୍ୱ.ପ୍ର.)**

ବାମରା ବ୍ଲକ କେଶାଇବାହାଲଠାରେ ପୁଲୱାମାଠାରେ ସଂଘଟିତ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ନେଇ ଅଘରିଆ ସମାଜ ପକ୍ଷରୁ ଏକ ପ୍ରତିବାଦ ସଭା ଓ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅଧ୍ୟାପକ ରଜନୀକାନ୍ତ ପଟେଲଙ୍କ ସଭାପତିତ୍ୱରେ ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ ଓ ଦେବଗଡ ଜିଲାରୁ ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇ ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ଅଖିଳ ଭାରତୀୟ ଅଘରିଆ ସମାଜର ରାଜ୍ୟ ଶାଖା ତରଫରୁ ଟଙ୍କଧର ପଟେଲ, କଲ୍ୟାଣୀ ପଟେଲ, କୁଳମଣୀ ପଟେଲ, ତାପସ କୁମାର ନାଏକ, ସଂଗଠନ ସମ୍ପାଦକ ସୁବାଷ ଚନ୍ଦ୍ର ନାୟକ, ଦିଲୀପ କୁମାର ରାଏ, ଅଧ୍ୟାପକ ସରୋଜ କୁମାର ଦାଶ, ଅଧ୍ୟାପକ ସତ୍ୟନାରାୟଣ ପଟେଲ, ସହ ନିର୍ବାଚନ ଅଧିକାରୀ ପ୍ରସନ୍ନ ପଟେଲ, ବାମଣ୍ଡା ଆଞ୍ଚଳିକ ସଭାପତି ବନମାଳୀ ନାଏକ, କେଶାଇବାହାଲ ଗୁଡି ସଭାପତି ମନୋରଞ୍ଜନ ପଟେଲ ପ୍ରମୁଖ ନିଜ ନିଜ ବକ୍ତବ୍ୟ ରଖିଥିଲେ । ଆଞ୍ଚଳିକ ସଭାପତି ସୁବୋଧ କୁମାର ପଟେଲଙ୍କ ସଂଯୋଜନାରେ ସଭାପତି ମିତ୍ରଭାନୁ ପଟେଲ, ସମ୍ପାଦକ ପ୍ରଶାନ୍ତ ପଟେଲ, ଅଶୋକ ପଟେଲ, ଜୟନ୍ତି ପଟେଶ, ଅଞ୍ଜଳୀ ପଟେଲ, ସୁବାସିନୀ ପଟେଲ, ଅମ୍ବିକା ପଟେଲ, ସୁବେଦିନୀ ପଟେଲଙ୍କ ସମେତ ଶତାଧିକ ମହିଳା ପୁରୁଷ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରିଥିଲେ। ସ୍ଥାନୀୟ ବସଷ୍ଟାଣ୍ଡରେ ବିଭିନ୍ନ ସ୍ଲୋଗାନ ପରେ ୨ମିନିଟ ନୀରବ ପ୍ରାର୍ଥନା କରିଥିଲେ।

## କୁଟାରିମାଳରେ ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ

କୁଟାରିମାଳରେ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞରେ ଶ୍ରଦ୍ଧାଞ୍ଜଳି।

**ବାମରା, ୨୪।୨ (ସ୍ୱ.ପ୍ର.)**

ସମ୍ବଲପୁର ଜିଲା ବାମରା ବ୍ଲକ କୁଟାରିମାଳସ୍ଥିତ ମୁଣ୍ଡାଢ଼ିପା ଆମ୍ବ ବଗିଚାରେ ୨ଦିନିଆ ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି । ଏକ କଳସ ଶୋଭାଯାତ୍ରା ବାଦୀମୁଣ୍ଡା ନାଳରୁ ବାହାରି ଯଜ୍ଞ ସ୍ଥଳରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ବୁବୁତା ମହାବୀର ସଂପ୍ରଦା ମଣ୍ଡଳୀ ସମେତ ଗୁର୍ଲା, ଉଜକାପାଟ ଓ ଜରଙ୍ଗଲୋଇର କୃଷ୍ଣଗୁରୁ ଦଳ, ମହିଳା ଭାଗବତ ମଣ୍ଡଳୀ, ବାରବ, ଲୋଲୋବିରା ଓ ବୁବୁତାର ସଂକୀର୍ତ୍ତନ୍ୟ ଦଳ ଆଦି ସାମିଲ ହୋଇଥିଲେ । ଗୌରାଙ୍ଗ ତ୍ରିପାଠୀ ଓ ଗୋବିନ୍ଦ ତ୍ରିପାଠୀ ଯଜ୍ଞ ସଂଚାଳନ କରିଥିଲେ। ସରୋଜ କୁମାର ନାଏକ ଓ ଉଜମତି ନାଏକ ମୁଖ୍ୟକର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ପୂର୍ଣ୍ଣାନନ୍ଦ ସାହୁ, ବିଦ୍ୟାଧର ନାଏକ, ମୀନକେତନ ପଟେଲ ସହଯୋଗୀ ରହିଥିଲେ । ଆୟୋଜିତ ଧର୍ମସଭାରେ ସୋମନାଥ କେଶରୀ ସଭାପତିତ୍ୱ କରିଥିବା ବେଳେ ଜିଲା ସଂଘ ଚାଳକ ସରୋଜ କୁମାର ଦାଶ, ପଣ୍ଡିତ ଅଲେଖ କୁମାର ପତି, ସରପଞ୍ଚ ପୁଷ୍ପଲତା ନାଏକ

# ଚାଷୀ ଟମାଟୋ ଫିଙ୍ଗିବା ସରକାରଙ୍କୁ ଉପହାସ

**ଭୁବନେଶ୍ୱର, ୨୪।୨(ବ୍ୟୁରୋ)**

ଟମାଟୋ ବିକ୍ରି କରି ନ ପାରି କେନ୍ଦୁଝର ଜିଲାର ଚାଷୀମାନେ ବ୍ଲକ ସମ୍ମୁଖରେ ଉତ୍ପାଦିତ ହେଉଥିବା ସବୁ ଟମାଟୋ ଢାଳିଦେଉଛନ୍ତି। ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରି ସାମାଜିକ ଗଣମାଧ୍ୟମ ଜରିଆରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, କାଳିଆ ପ୍ରଚାର ହୋର୍ଡିଂ ସାମ୍ନାରେ ଚାଷୀ ଟମାଟୋ ଫିଙ୍ଗିବା କୌତୂହଳର ବିଷୟ। ଏହା ସରକାରଙ୍କୁ ଉପହାସ ସଦୃଶ। ଦୀର୍ଘ ୧୯ବର୍ଷ ଶାସନରେ ଥିବା ଇଏ ଏକ ପ୍ରଚାର ସର୍ବସ୍ୱ ସରକାର ବୋଲି ସ୍ପଷ୍ଟ ହୋଇଛି। ଗତବର୍ଷ ମଧ୍ୟ ଏହି ଅଞ୍ଚଳର ଚାଷୀ ଉତ୍ପାଦିତ ମୂଲ୍ୟ ନ ପାଇ ରାସ୍ତାରେ ଟମାଟୋ ଫିଙ୍ଗି ପ୍ରତିବାଦ କରିଥିଲେ। ରାଜ୍ୟ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଲା ଭଳି ଲାଗୁଛି। ୧୯ବର୍ଷ ବହୁତ ହୋଇଗଲା, ଏବେ ସରକାର ବଦଳାଇବାର ସମୟ ଆସିଛି ବୋଲି ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି। ଧର୍ମେନ୍ଦ୍ର ଆହୁରି କହିଛନ୍ତି ଯେ, କାଳିଆ ଯୋଜନାକୁ ନେଇ ସରକାର ତୁମ୍ବିତୋଫାନ କରୁଛନ୍ତି। କେନ୍ଦୁଝର ଜିଲାର ତେଲକୋଇ ବ୍ଲକ୍ କାର୍ଯ୍ୟାଳୟ ସାମ୍ନାରେ ଚାଷୀମାନେ ପ୍ରଚୁର ମାତ୍ରାରେ ଟମାଟୋ ଢାଳୁଛନ୍ତି। ସେମାନେ ଢାଳୁଥିବା ସ୍ଥାନର ଠିକ୍ ପଛପଟେ କାଳିଆ ଯୋଜନା ପ୍ରଚାର ବ୍ୟାନର ଲାଗିଥିବା ଦେଖିବାକୁ ମିଳିଥିଲା। କେନ୍ଦ୍ର ସରକାରଙ୍କ ଅର୍ଥ ବ୍ୟବହାର କରି ଡେରାସର ଖାଦ୍ୟ ପ୍ରକ୍ରିୟାକରଣ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବାରେ ରାଜ୍ୟ ସରକାର କାହିଁକି ବାଧକ ସାଜୁଛନ୍ତି ବୋଲି ଶନିବାର ପ୍ରଶ୍ନ କରିଥିଲି। ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପର ବିକାଶ ହୋଇଥିଲେ ରାଜ୍ୟର ଚାଷୀ ନିଜର କଷ୍ଟ ଅର୍ଜିତ ଅମଳକୁ ପ୍ରତିବାଦ କରି ଫିଙ୍ଗିଦେବା ବଦଳରେ ଉଚିତ ମୂଲ୍ୟ ପାଇଥାନ୍ତେ। ୨୦୧୪ ଇସ୍ତାହାରରେ ଶାସକ ବିଜେଡି ସବୁ ବ୍ଲକରେ ଗୋଟିଏ ଲେଖା ଶୀତଳଭଣ୍ଡାର ପାଇଁ ପ୍ରତିଶ୍ରୁତି ଦେଇଥିଲା। ସେତକ କଲେନାହିଁ ବରଂ ଯେଉଁ ଉଦ୍ୟମୀମାନେ ଶୀତଳଭଣ୍ଡାର କରିଥିଲେ ଏବେ ସେଗୁଡ଼ିକ ବନ୍ଦ ହେବାକୁ ବସିଛି। ସରକାରଙ୍କ ପ୍ରତିଶ୍ରୁତି ଅନୁସାରେ ମିଳୁ ନ ଥିବା ସୁବିଧା ଦାବି ନେଇ ଶୀତଳଭଣ୍ଡାର ମାଲିକମାନେ ଆନ୍ଦୋଳନ କରିଥିଲେ। ଆଳୁ ଓ ପିଆଜ ମିଶନର ବଡ଼ ଯୋଜନାର ବଡ଼ ବିଫଳତା ପଛରେ ଶୀତଳଭଣ୍ଡାର ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପର ଅଭାବ ରାଜ୍ୟ ସରକାର ଜାଣିଛନ୍ତି। ମାତ୍ର ଗୋଟିଏ ସ୍ଥାଣୁ, ଅପାରଗ ଓ ଚାଷୀଙ୍କ ପ୍ରତି ସମ୍ବେଦନହୀନ ସରକାରଠାରୁ ଅଧିକ ଆଶା କରିବା ଅମୂଳକ ବୋଲି ଧର୍ମେନ୍ଦ୍ର କହିଛନ୍ତି।

GOVERNMENT OF ODISHA
RURAL WATER SUPPLY & SANITATION ORGANISATION
**OFFICE OF THE EXECUTIVE ENGINEER**
**RWS&S DIVISION, ANGUL, AT-TALCHER**
At: Baghuabole, PO: Hatatota, Talcher: Dist: Angul, Pin:-759100,
(Ph. No/Fax: 06760-240762, E-mail: eerwssang@gmail.com
**National Competitive Bidding through e-procurement**
**Bid Identification No. 14/EE/RWSS/ANGUL/2018-19 Dt. 22.02.2019 (Basudha)**

**No.1803-O:-** The Executive Engineer, RWS&S Division, Angul, At-Talcher on behalf of Governor of Odisha invites Item Rate/Percentage bid through e-procurement in double/single cover system according to norm of e-Procurement system in on-line mode.
Nature of Work: Rural Piped Water Supply Schemes.

| | | | |
|---|---|---|---|
| 1. | No. of Tenders | : | 14 Nos. |
| 2. | Tender Paper Cost | : | Rs. 10,000.00 to Rs. 6,000.00 |
| 3. | Value of work | : | Rs. 202.91 Laksh to Rs. 24.65 Lakhs |
| 4. | Class of Contractor | : | "C", "B" & "A" Class |
| 5. | Date & time of availability of bid document in portal | : | 25.02.2019 at 17.00 hours to 02.03.2019 upto 17.00 hours |
| 6. | Date & time of seeking tender clarification | : | 28.02.2019 upto 17.00 hours |
| 7. | Date & time of opening of tender & verification of original document | : | 06.03.2019 at 15.00 hours in the office of the Executive Engineer, RWS&S Division, Angul, At-Talcher. |
| 8. | Time of completion | : | 10 (Ten) to 2 (Two) Calendar Months |
| 9. | The biddres have to participate in online bidding only. Further details can be seen from the website https://www.tendersodisha.gov.in. | | |
| 10. | Corrigendum if any shall be publish in the above website only. | | |

**Sd./- Executive Engineer,**
**RWS&S Division, Angul, At-Talcher**
**25019/11/0048/1819**

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
**INVITATIONS FOR BIDS (IFB)**
**E-mail ID: cebuildings_orissa@yahoo.co.in, cebuildings@rediffmail.com, Tel. -(0674)- 2391523, Fax:- (0674)-2395245**
**File No-B-IV-(H&D)-04/2019 Lr. No.- 9846 / Bhubaneswar, the 22nd Feb. 2019**
**No.1316-B:- Invitation for Bids**
**Bid Identification No. CE (B) – 51 / 2018-19**

| | | | |
|---|---|---|---|
| 1. | The Chief Engineer (Buildings) Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for Construction of Building works as detailed below. | | |
| 2. | Nature of work | : | Building works |
| 3. | No. of work | : | 01 no. |
| 4. | Bid Cost. | : | Rs. 10,000/- (each) |
| 5. | Class of Contractor | : | Super Class |
| 6. | Availability of Bid Documents in the website | : | From dt. 01.03.2019 to 17.00 Hours of dt.20.03.2019. |
| 7. | Date of Opening of Bid | : | Dt. 23.03.2019 at 11:30 AM. |
| 8. | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

**Sd./-**
**Chief Engineer (Buildings), Odisha, Bhubaneswar**
**34117/11/0216/1819**

See Career Appointment on every Wednesday & Saturday

# ବିକଳ୍ପ ସମ୍ଭାବନା, ତଥାପି ରହିଛି ଆଶା

**ହର୍ଷବର୍ଦ୍ଧନ ବେହେରା**
**ଯାଜପୁର ଅଫିସ, ୨୪।୨**

ବରାହ-ବିରଜା କ୍ଷେତ୍ରର ରାଜ୍ୟ ରାଜନୈତିକ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଦଶରଥପୁର ବ୍ଲକର ୨୦ଟି ପଞ୍ଚାୟତ ଓ ଯାଜପୁର ବ୍ଲକର ୧୮ ପଞ୍ଚାୟତକୁ ନେଇ ଗଠିତ ଯାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଗତ ଦୁଇ ଦଶନ୍ଧି ହେଲା ବିଜେଡି ଲଗାତାର ଭାବେ ବିଜୟୀ ହୋଇଆସିଛି। ଗତ ବିଧାନସଭା ନିର୍ବାଚନରେ ବିଜେଡି ପ୍ରାୟ ୭୦ ପ୍ରତିଶତ ଭୋଟ ପାଇଥିଲା। ପ୍ରଣବପ୍ରକାଶ ଦାସ(ବବି) ବିପୁଳ ଭୋଟ ପାଇ ନିର୍ବାଚିତ ହୋଇଥିଲେ। କିନ୍ତୁ ଏବେ ପରିସ୍ଥିତିରେ ପରିବର୍ତ୍ତନ ଘଟିଛି। ଗତ ୧୯ ତାରିଖରେ ଯାଜପୁର ଜିଲାକୁ ମୁଖ୍ୟମନ୍ତ୍ରୀଙ୍କ ମାରାଥନ ଗସ୍ତବେଳେ ଏହି ପ୍ରଭାବଶାଳୀ ନେତାଙ୍କ ଅନୁପସ୍ଥିତି ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ସେହିପରି କଂଗ୍ରେସ ଓ ଭାଜପା ମଧ୍ୟ ଏଠାରେ ନୂଆ ମୁହଁକୁ ପ୍ରାଧାନ୍ୟ ଦେବେ ବୋଲି ଆଲୋଚନା ହେଉଛି।

ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ ବିଜେଡି ଗଡ ଭାବେ ପରିଚିତ। ୧୯୫୭ରୁ ୨୦୦୪ ପର୍ଯ୍ୟନ୍ତ ଏହି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନୁସୂଚିତ ଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ଥିଲା। ୨୦୦୯ରୁ ଏହି ନିର୍ବାଚନ ମଣ୍ଡଳୀ ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ହୋଇଛି। ସେବେଠାରୁ ବବି ୨ଥର ବିଜେଡି ଟିକେଟରୁ ନିର୍ବାଚିତ ହୋଇଛନ୍ତି। ୨୦୧୪ ନିର୍ବାଚନରେ ସେ କଂଗ୍ରେସର ସନ୍ତୋଷ କୁମାର ନନ୍ଦଙ୍କୁ ୮୪,୬୧୩ ଭୋଟ ବ୍ୟବଧାନରେ ପରାସ୍ତ କରି ବିଜୟୀ ହେବା ପରେ ଶକ୍ତିମନ୍ତ୍ରୀ ହୋଇଥିଲେ। ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସମୟରେ ୨୦୧୭ରେ ତାଙ୍କଠାରୁ ମନ୍ତ୍ରୀ ପଦ କାଢ଼ି ନିଆଯାଇଥିଲା । ଗତ ୫ ବର୍ଷ ମଧ୍ୟରେ ଯାଜପୁର ସହରର ନବ କଳେବର ହୋଇଥିବାବେଳେ ଯାଜପୁର ପୌର ପରିଷଦର ୧୫୦ବର୍ଷ ପୂର୍ତ୍ତି ପାଳନ ହୋଇଛି। ସମୟକ୍ରମେ ବବିଙ୍କୁ ରାଜ୍ୟର ଅନ୍ୟ ଜିଲାଗୁଡ଼ିକରେ ସଂଗଠନ ଦାୟିତ୍ୱ ଦିଆଯାଇଛି । ଏହି ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥୀ ପରିବର୍ତ୍ତନ କରିବାର ଅନେକ ନଜିର ରହିଛି । ୨୦୦୦ରେ ସୂର୍ଯ୍ୟମଣି ଜେନା, ୨୦୦୪ରେ ପରମେଶ୍ୱର ସେଠୀ ଓ ୨୦୦୯ ଓ ୨୦୧୪ରେ ବବିଙ୍କୁ ଟିକେଟ ମିଳିଛି । ତେଣୁ ଏଥର କାହାକୁ ଟିକେଟ ମିଳିବ ସେ ନେଇ ଚର୍ଚ୍ଚା ଜୋର ଧରିଛି । ବବିଙ୍କୁ ଯଦି ଟିକେଟ ନ ମିଳେ ତେବେ ତାଙ୍କ ଭାଇ ତଥା ପୂର୍ବତନ ଯାଜପୁର ପୌରପାଳ ଭବପ୍ରସାଦ ଦାସଙ୍କୁ ଟିକେଟ ମିଳିପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ଏପରିକି ମୁଖ୍ୟମନ୍ତ୍ରୀଙ୍କ ପୁତୁରାଙ୍କୁ ଏଠାରେ ଟିକେଟ ଦିଆଯିବ ବୋଲି ମଧ୍ୟ ଆଲୋଚନା ହେଉଛି । ଏ ସଂକ୍ରାନ୍ତରେ ଭବପ୍ରସାଦ ଦାସ କୁହନ୍ତି, ଯାହା ସବୁ ଆଲୋଚନା ହେଉଛି ତାହା କପୋଳକଳ୍ପିତ । ସେ ବିଜେଡିରେ କର୍ମୀ ଭାବେ କାର୍ଯ୍ୟ କରୁଛନ୍ତି, ତାହା ଆଗକୁ ମଧ୍ୟ ଜାରି ରହିବ ବୋଲି କହିଛନ୍ତି। ତେବେ ଯାଜପୁର ବିଧାୟକ ବବିଙ୍କ କୌଣସି ମତାମତ ମିଳିପାରି ନାହିଁ ।

ଗତ ପଞ୍ଚାୟତ ନିର୍ବାଚନରେ ଯାଜପୁର ଜିଲାରେ ଭାଜପା ଅପ୍ରତ୍ୟାଶିତ ସଫଳତା ପାଇଥିଲା। ଜିଲା ପରିଷଦ ନିର୍ବାଚନରେ ଭାଜପାର ଭୋଟହାର ୧୫ ପ୍ରତିଶତରୁ ୩୨ ପ୍ରତିଶତକୁ ବୃଦ୍ଧି ପାଇଥିଲା। କଂଗ୍ରେସ ଉପରେ ଜିଲାବାସୀ ଭରସା ନ କରି ଭାଜପାକୁ ବିକଳ୍ପ ଭାବେ ଗ୍ରହଣ କରିବାକୁ ଆଗଭର ହୋଇଥିଲେ। ଏହାପରେ ଜିଲାର କୋଣ ଅନୁକୋଣରେ ଭାଜପାର ମିଶ୍ରଣ ପର୍ବ ଆରମ୍ଭ ହୋଇଥିଲା। ଏହି ନିର୍ବାଚନ ମଣ୍ଡଳୀରୁ ଭାଜପା ଜିଲା ସଭାପତି ଗୌତମ ରାୟ ଜଣେ ମାତ୍ର ଆଶାୟୀ ପ୍ରାର୍ଥୀ ରହିଛନ୍ତି । ତେବେ ଜିଲା ଭାଜପାରେ ପୁରୁଣା-ନୂଆ ବିବାଦ ଦଳକୁ ସେତେଟା ସକ୍ରିୟ କରି ପାରି ନ ଥିବା ମନେ ହୋଇଛି । ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଓ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଏକାଧିକ ଗସ୍ତ କର୍ମୀଙ୍କୁ ଉତ୍ସାହିତ କରିଛି ସତ, ହେଲେ ଭୋଟରଙ୍କ ନିକଟତର କରିପାରି ନାହିଁ । ତଥାପି ଭାଜପା ଆସନ୍ତା ସାଧାରଣ ନିର୍ବାଚନରେ ବିଜେଡିକୁ ଟକ୍କର ଦେବାର କ୍ଷମତା ରଖିଛି ବୋଲି ଜିଲା ସଭାପତି ରାୟ ଦୃଢୋକ୍ତି ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଏଥର ନିର୍ବାଚନରେ ଜିଲାରେ ଭାଜପା ରେକର୍ଡ ସୃଷ୍ଟି କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶମୂଳକ ବିଭିନ୍ନ ଯୋଜନା ଓ ସୁଶାସନ ଜିଲାବାସୀଙ୍କୁ ଆକୃଷ୍ଟ କରିଛି। ଭାଜପାର ସେ ଜଣେ ଶୃଙ୍ଖଳିତ କର୍ମୀ । ଟିକେଟ ପାଇବା ନ ପାଇବା ବଡ କଥା ନୁହେଁ । ଭାଜପାରେ ଜଣେ କର୍ମୀ ଭାବେ କାର୍ଯ୍ୟ କରି ରାଜ୍ୟର ଦୁର୍ନୀତି ଓ ଭ୍ରଷ୍ଟାଚାର ଶାସନକୁ ବିଲୁପ୍ତ କରିବା ତାଙ୍କ ଲକ୍ଷ୍ୟ ବୋଲି ସେ କହିଛନ୍ତି।

ଯାଜପୁର ନିର୍ବାଚନ ମଣ୍ଡଳୀ ଅଣକଂଗ୍ରେସ ଗଡ଼ ଭାବେ ପରିଚିତ । ୧୯୫୧ ଓ ୧୯୫୭ରେ ରାଜ୍ୟର ପ୍ରଥମ, ଦ୍ୱିତୀୟ ନିର୍ବାଚନରେ ଯାଜପୁର ପୂର୍ବ ଓ ପଶ୍ଚିମ ନିର୍ବାଚନ ମଣ୍ଡଳୀ କଂଗ୍ରେସ ଦଖଲ କରିଥିଲା । ଏହାପରେ ୧୯୮୦ ନିର୍ବାଚନରେ କଂଗ୍ରେସରୁ ନିରଞ୍ଜନ ଜେନା ନିର୍ବାଚିତ ହୋଇଥିଲେ । ବାକି ସମୟ ଉତ୍କଳ କଂଗ୍ରେସ, ଜନ କଂଗ୍ରେସ, ଜନତା ପାର୍ଟି, ଜନତା ଦଳ ଓ ବିଜେଡି ଅକ୍ତିଆରରେ ରହିଆସିଛି । କଂଗ୍ରେସର ସାଂଗଠନିକ ସ୍ଥିତିକୁ ଦେଖିଲେ ଏବେ ବି ନିର୍ବାଚନରେ ସଫଳ ହେବା ମନେ ହେଉନାହିଁ । ଗତ ସାଧାରଣ ନିର୍ବାଚନରେ କଂଗ୍ରେସ ଏଠାରେ ମାତ୍ର ୧୩.୧୪ ପ୍ରତିଶତ ଭୋଟ ହାତେଇଥିଲା; ଯାହାକି ଅମାନତ ହରାଇବା ସହ ସମାନ। ଏପରିକି ଗତ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ଦ୍ୱିତୀୟ ସ୍ଥାନରୁ ତୃତୀୟ ସ୍ଥାନକୁ ଖସି ଯାଇଥିଲା । ସଂପ୍ରତି ଦେଶର ୩ ପ୍ରମୁଖ ରାଜ୍ୟରେ କଂଗ୍ରେସର ସଫଳତା ପରେ କର୍ମୀଙ୍କ ମଧ୍ୟରେ ବଳ ଫେରିଛି। ତେଣୁ ଆସନ୍ତା ସାଧାରଣ ନିର୍ବାଚନରେ ସେହି ଉତ୍ସାହ ପ୍ରତିଫଳିତ ହେବ ବୋଲି କର୍ମୀ ଆଶା ବାନ୍ଧିଛନ୍ତି । ଗତ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ସନ୍ତୋଷ ନନ୍ଦ ଏଥର ବି ଆଶାୟୀ ରହିଛନ୍ତି। ସେ କହିଛନ୍ତି, ୩୦ ବର୍ଷ ହେଲା ଦଳରେ ସକ୍ରିୟ କର୍ମୀ ଭାବେ କାମ କରୁଛି । ଲୋକଙ୍କ ସହିତ ରହିଛି । ଯଦି ଟିକେଟ ନ ମିଳେ କଂଗ୍ରେସରେ ରହି ଦଳକୁ ବିଜୟୀ କରିବାକୁ ଉଦ୍ୟମ କରିବି। ଏଆଇସିସିର ସଭ୍ୟ ତଥା ଯୁବନେତା ପୁଲିନ ପୁହାଣ ଟିକେଟ ପାଇବା ଦୌଡରେ ଅଛନ୍ତି । ସେ କୁହନ୍ତି ଯୁବ କଂଗ୍ରେସ କର୍ମୀମାନଙ୍କୁ ନେଇ ଏବେ ଦଳର ସାଂଗଠନିକ ସ୍ଥିତି ସୁଦୃଢ ସ୍ଥିତିରେ ପହଞ୍ଚିଛି । ଆସନ୍ତା ନିର୍ବାଚନରେ କଂଗ୍ରେସ ନିଶ୍ଚିତ ଭାବେ ସଫଳତା ପାଇବ। ଟିକେଟ ନ ମିଳିଲେ ବି ସଂଗଠନ ପାଇଁ କାମ ଜାରି ରଖିବେ। ବରିଷ୍ଠ କଂଗ୍ରେସ ନେତା ବଳଭଦ୍ର ଦାସ କୁହନ୍ତି ଅଶୋକ ଦାସଙ୍କ ପଟଶିଷ୍ୟ ଭାବେ ସେ ଦଳ ବଦଳ କରି ଶିଖି ନାହାନ୍ତି । ସ୍ୱାଭିମାନ ସହିତ କଂଗ୍ରେସରେ ରହି କାମ କରି ଆସୁଛନ୍ତି । କଂଗ୍ରେସ ସମର୍ଥନରେ ସର୍ବାଗ୍ରେ ଟିକେଟ ପାଇବା ଦୌଡରେ ସେ ରହିଛନ୍ତି । ତେଣୁ କଂଗ୍ରେସର ନୀତି ଆଦର୍ଶରେ ସେ ଲୋକଙ୍କ ସେବା କରିବାକୁ ଆଗ୍ରହୀ ଅଛନ୍ତି।

**ଭୋଟର ସଂଖ୍ୟା**

| ମସିହା | ପୁରୁଷ | ମହିଳା | ଅନ୍ୟାନ୍ୟ | ମୋଟ |
|---|---|---|---|---|
| ୨୦୧୪ | ୧୧୨୪୯୯ | ୯୬୬୯୪ | ୩ | ୨୦୯୧୯୬ |
| ୨୦୧୯ | ୧୧୯୪୯୨ | ୧୦୫୬୬୧ | ୬ | ୨୨୫୨୫୯ |

**ନିର୍ବାଚନ ଫଳାଫଳ**

| ନିର୍ବାଚନ | ପ୍ରାର୍ଥୀ | ଦଳ | ଭୋଟ |
|---|---|---|---|
| ୨୦୧୪ | ପ୍ରଣବ ପ୍ରକାଶ ଦାସ | ବିଜେଡି | ୧,୦୪,୪୫୮ |
| | ସନ୍ତୋଷ କୁମାର ନନ୍ଦ | କଂଗ୍ରେସ | ୧୯,୮୪୫ |
| | ଜଗନ୍ନାଥ ପ୍ରସାଦ ସାମଲ | ଭାଜପା | ୧୭,୧୮୦ |
| ୨୦୦୯ | ପ୍ରଣବ ପ୍ରକାଶ ଦାସ | ବିଜେଡି | ୬୧,୭୧୨ |
| | ଦେବବ୍ରତ କଣ୍ଡ | କଂଗ୍ରେସ | ୩୧,୪୬୭ |
| | ଗୌତମ ରାୟ | ଭାଜପା | ୨୭,୭୮୫ |

**Superintending Engineer, Southern Irrigation Circle-II, Paralakhemundi**
e-mail id: se_sicpkd@yahoo.com
**No.1313-A:- e-Procurement Notice No. SE, SIC -II– 05 / 2018-19**

| | | | |
|---|---|---|---|
| 1 | Type of Work | :- | Restoration work. |
| 2 | Total No of Works | :- | 01 (one) No. |
| 3 | Amount put to tender | : - | Rs.168.12 Lakhs |
| 4 | Period of completion | :- | 08 ( eight) calendar months |

| Procurement officer | Bid Identification No. | Bid Amount (Rs. in lakh) | Availability & Submission of Bid On-line |
|---|---|---|---|
| Superintending Engineer, Southern Irrigation Circle-II, Paralakhemundi, Gajapati | SE, SIC-II, (PKD)-08 / 2018-19 | 168.12 | From 25.02.2019, 10.00 A.M. to 11.03.2019, 5.00 P.M. |

Date of opening of the Technical Bid:- 12.03.2019 at 11.30 A.M.
Further detail can be seen from the Govt. website **www.tendersorissa.gov.in**
**32388/11/0007/1819** **Superintending Engineer, Southern Irr. Circle-II, Paralakhemundi**

**+PILES CLINIC+**
Near Budheswari Temple, ମଧ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

**DIRECTORATE OF SECONDARY EDUCATION, ODISHA, BHUBANESWAR**
Notice No: 4A-02-2019- 9382 Date: 23.02.2019
**Recruitment for the Post of Contractual Trained Graduate Teachers in Govt. Secondary Schools of the State of Odisha, 2019** No.85-N

A. Director Secondary Education, Odisha, Bhubaneswar invites online applications from intending candidates for recruitment against 1828 vacancies of Contractual Trained Graduate Teachers (TGT PCM, TGT CBZ & TGT Arts) in Govt. Secondary Schools of Odisha. The selection for the recruitment will be made through Online (Computer Based) Competitive Examination to be held in selected Test Centres covering all the Revenue Divisions of Odisha. Application by any other mode shall not be accepted. Schedule for important activities is as follows:

| Activity | Dateline |
|---|---|
| Commencement of Online Registration on website https://dseodisha.in | 01.03.2019 (11.00 AM onwards) |
| Last Date for Online Registration | 23.03.2019 (up to 06.00 PM) |
| Tentative date of Online Examination | Last week of April 2019/ First week of May 2019 |

B. Vacancy Position: Post wise and social category wise breakup of the vacancy position is given below.

| Sl. | Post | Regular Vacancies | | | | | Unfilled Vacancies of previous recruitments | | | | | Grand Total |
|---|---|---|---|---|---|---|---|---|---|---|---|---|
| | | UR | SC | ST | SEBC | TOTAL | UR | SC | ST | SEBC | TOTAL | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 | 13 (7+12) |
| 1 | TGT PCM | 34 | 11 | 15 | 8 | 68 | 94 | 31 | 42 | 21 | 188 | 256 |
| 2 | TGT CBZ | 33 | 10 | 15 | 7 | 65 | 105 | 34 | 47 | 24 | 210 | 275 |
| 3 | TGT Arts | 186 | 60 | 83 | 42 | 371 | 463 | 150 | 209 | 104 | 926 | 1297 |
| | Total | 253 | 81 | 113 | 57 | 504 | 662 | 215 | 298 | 149 | 1324 | 1828 |

C. Detailed advertisement shall be available in the website https://dseodisha.in from 23.02.2019.
**11024/11/0012/1819** **Sd./- Director, Secondary Education, Odisha**

**ଉଦ୍ୟାନ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, କୋରାପୁଟ**

No.: 163-L: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, କୋରାପୁଟ ଜିଲ୍ଲାରେ ଥିବା ସରକାରୀ ଫଳ ବଗିଚାର ଫଳଗୁଡ଼ିକ ୨୦୧୯ ବର୍ଷ ପାଇଁ ନିଲାମ କରାଯିବ। ନିଲାମ ସମ୍ବନ୍ଧୀୟ ସମସ୍ତ ବିବରଣୀ ସାରଣୀ – କ ରେ ଦିଆଗଲା । ଇଚ୍ଛୁକ ବ୍ୟକ୍ତି ନିଲାମ ଫର୍ମ ଏବଂ ସର୍ତ୍ତାବଳୀ ସମ୍ପୃକ୍ତ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ଜୟପୁର କିମ୍ବା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରୁ ଟ.୧୦୦/–ଙ୍କା ବିନିମୟରେ ସଂଗ୍ରହ କରିବେ ଏବଂ ଯେ କୌଣସି କାର୍ଯ୍ୟ ଦିବସରେ ଭାରପ୍ରାପ୍ତ ଅଧିକାରୀଙ୍କ ଅନୁମତି ନେଇ ବଗିଚାର ପର୍ଯ୍ୟବେକ୍ଷଣ କରିପାରିବେ। ନିଲାମରେ ଭାଗ ନେବାକୁ ଇଚ୍ଛା କରୁଥିବା ବ୍ୟକ୍ତିମାନେ ନିଲାମ ଫର୍ମ ପୂରଣ କରି ତା ସହିତ ଉପଯୁକ୍ତ ଅମାନତ ରାଶି ସଂଯୋଗ କରି ଏକ ଜଉମୁଦ ଲଫାପାରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଠିକଣାରେ ରେଜିଷ୍ଟ୍ରି ଡାକ/କୋରିୟର ସର୍ଭିସ୍ ମାଧ୍ୟମରେ ତା୧୧।୦୩।୨୦୧୯ରିଖ ଅପରାହ୍ନ ୫.୦୦ ସୁଦ୍ଧା ପଠାଇପାରିବେ। ଅମାନତ ରାଶି ଉପ–ଉଦ୍ୟାନ ନିର୍ଦ୍ଦେଶକ, କୋରାପୁଟଙ୍କ ନାମରେ ଆକାଉଣ୍ଟ ପେୟୀ ଡ୍ରାଫ୍ଟ ସ୍ଥାନୀୟ ଭାରତୀୟ ଷ୍ଟେଟ ବ୍ୟାଙ୍କ, କୋରାପୁଟରେ ଦେୟ ହେବ। ଜଉମୁଦ ଦିଆ ଲଫାପାଗୁଡ଼ିକ ଆଗ୍ରହୀ ବ୍ୟକ୍ତି ବା ସେମାନଙ୍କର ପ୍ରତିନିଧିଙ୍କ ଉପସ୍ଥିତିରେ ନିର୍ଦ୍ଧାରିତ ତାରିଖ ଏବଂ ସମୟ ମଧ୍ୟରେ ଖୋଲାଯିବ। ସର୍ବାଧିକ ନିଲାମ ଡାକି ଥିବା ବ୍ୟକ୍ତି ନିଲାମର ସମ୍ପୂର୍ଣ୍ଣ ନିଲାମ ଧନ ସେହି ଦିନ ଦାଖଲ କରି ଫଳ ସଂଗ୍ରହ କରିବାର ଅଧିକାରୀ ହେବେ।
ଯେ କୌଣସି ନିଲାମକୁ ନିମ୍ନ ସ୍ୱାକ୍ଷରକାରୀଙ୍କର କୌଣସି କାରଣ ନ ଦର୍ଶାଇ ସ୍ଥଗିତ କିମ୍ବା ରଦ୍ଦ କରିବାର କ୍ଷମତା ରହିଛି।

**ସାରଣୀ – କ**

| କ୍ରମିକ ନଂ. | ଫଳ ବଗିଚାର ନାମ ଓ ଉପସ୍ଥିତି | ଗଛର ନାମ | ସଂଖ୍ୟା | ଅମାନତ ରାଶି (ଉ.ଖ.ଉ.) ଟଙ୍କା | ଟେଣ୍ଡର ଗ୍ରହଣ ଶେଷ ତାରିଖ | ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ | ଟେଣ୍ଡର ଖୋଲାଯିବା କାର୍ଯ୍ୟାଳୟ |
|---|---|---|---|---|---|---|---|
| ୧ | ନିଶାର ଫାର୍ମ, ଲକ୍ଷ୍ମୀପୁର, କୋରାପୁଟ | ଆମ୍ବ ଲିଚୁ | ୧୯୯୦ ୧୩ |

ଜମ୍ମୁ-କଶ୍ମୀରରେ ସମ୍ବିଧାନର ଧାରା ୩୫-କ ବଳରେ ମିଳୁଥିବା ସ୍ୱତନ୍ତ୍ର ସୁବିଧାରେ ପରିବର୍ତ୍ତନ ହେବନାହିଁ। ଜନସାଧାରଣ ଗୁଜବରେ ବିଶ୍ୱାସ କରନ୍ତୁ ନାହିଁ।
-ସତ୍ୟପାଲ ମଲିକ, ଜମ୍ମୁ-କଶ୍ମୀର ରାଜ୍ୟପାଳ

## ପିଆର୍‌ସି ବିବାଦକୁ ନେଇ କର୍ଫ୍ୟୁ ଜାରି

# ଅରୁଣାଚଳରେ ଅଚଳାବସ୍ଥା

ଇଟାନଗର,୨୪।୨(ପି.ଟି.)

ଆସାମରେ ଏନ୍‌ଆର୍‌ସି ବିଭ୍ରାଟ ପରେ ଅରୁଣାଚଳରେ ପିଆର୍‌ସି ବିବାଦ। କେତେକ ନିର୍ଦ୍ଦିଷ୍ଟ ଆଦିବାସୀ ସମୁଦାୟକୁ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର (ପିଆର୍‌ସି) ଦିଆଯିବା ପ୍ରତିବାଦରେ ସ୍ଥାନୀୟ ଲୋକେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଛାତ୍ରୀଛାତ୍ରମାନେ ବିଭିନ୍ନ ସ୍ଥାନରେ ଭଙ୍ଗାରୁଜା ଓ ଜଳାପୋଡ଼ା କରି ଆଇନ ହାତକୁ ନେଇଛନ୍ତି। ଅରୁଣାଚଳ ପ୍ରଦେଶ ରାଜଧାନୀ ଇଟାନଗରରେ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଲାଗିରହିଛି। ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସେନା ଏବଂ ଆଇଟିବିପି ଯବାନଙ୍କୁ ମୁତୟନ କରାଯାଇଛି।

ଉତ୍ତର-ପୂର୍ବ ରାଜ୍ୟ ଅରୁଣାଚଳରେ ନାମସାଇ ଓ ଚାନାଙ୍ଗଲାଙ୍ଗ ସମ୍ପ୍ରଦାୟକୁ ପିଆର୍‌ସି ଦେବା ପାଇଁ ସରକାର ନିଷ୍ପତ୍ତି ନେଇଥିବାରୁ ଏହାକୁ ନେଇ ଅଚଳାବସ୍ଥା ସୃଷ୍ଟି ହୋଇଛି। ରାଜ୍ୟ ବାହାରର ୨ ତଫସିଲଭୁକ୍ତ ଉପଜାତି(ଏସ୍‌ଟି) ସମୁଦାୟର ଛାତ୍ରୀଛାତ୍ରଙ୍କୁ ସରକାର ପିଆର୍‌ସି ଦେଲେ ସ୍ଥାନୀୟ ଲୋକଙ୍କ ସ୍ୱାର୍ଥହାନି ହେବ ବୋଲି ଅଭିଯୋଗ ହେଉଛି। ଏହାର ପ୍ରତିବାଦରେ ଶୁକ୍ରବାରଠାରୁ ଛାତ୍ରୀଛାତ୍ର ରାଜରାସ୍ତାକୁ ଓହ୍ଲାଇଛନ୍ତି। ରବିବାର ଛୁଟି ଥିବାରୁ ବହୁସଂଖ୍ୟକ ଲୋକ ରାସ୍ତାରେ ଶୋଭାଯାତ୍ରା କରିଛନ୍ତି। କର୍ଫ୍ୟୁ ଜାରି ହୋଇଥିଲେ ସୁଦ୍ଧା ସେମାନେ ତାକୁ ନ ମାନି ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁଙ୍କ ବାସଭବନରେ ଭଙ୍ଗାରୁଜା କରିବା ସହ ଉପମୁଖ୍ୟମନ୍ତ୍ରୀ ଚାଓନା ମେଇନ୍‌ଙ୍କ ଘର ଜାଳି ଦେଇଛନ୍ତି। ଏଥିସହ ସେମାନେ ଇଟାନଗର ଓ ନହରଲାଗୁନ ଥାନାରେ ନିଆଁ ଲଗାଇଦେଇଛନ୍ତି। ଏହାସହ ଶତାଧିକ ଯାନବାହନ ଜାଳି ଦେଇଛନ୍ତି। ବିଭିନ୍ନ ସ୍ଥାନରେ ପୋଲିସ ଓ ସରକାରୀ ଅଧିକାରୀଙ୍କ ଉପରେ ଟେକାମାଡ଼ ହୋଇଛି। ଲୋକଙ୍କ ଆକ୍ରମଣରେ ଜଣେ ଆରକ୍ଷୀ ଅଧୀକ୍ଷକ (ଏସ୍‌ପି) ଆହତ ହୋଇଛନ୍ତି। ଉତ୍ତ୍ୟକ୍ତ ଲୋକଙ୍କୁ ଆୟତ୍ତ କରିବାକୁ ଯାଇ ସୁରକ୍ଷା ବଳ ବ୍ଲାଙ୍କଫାୟାର କରିଛି। ନହରଲାଗୁନରେ ପୋଲିସର ଗୁଳିମାଡ଼ରେ ଜଣେ ସାଧାରଣ ନାଗରିକ ନିହତ ହୋଇଛନ୍ତି। ସୋସିଆଲ୍ ମିଡିଆରେ ଗୁଜବ ଏଡାଇବା ଲାଗି ସାରା ରାଜ୍ୟରେ ଇଣ୍ଟରନେଟ୍ ସେବାକୁ ବନ୍ଦ କରାଯାଇଛି। ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବାରୁ ଏହାକୁ ଆୟତ୍ତକୁ ଆଣିବା ଲାଗି ରାଜ୍ୟ ସରକାର ସବୁ ପ୍ରକାର ପଦକ୍ଷେପ ନେଉଥିବା ଗୃହମନ୍ତ୍ରୀ କୁମାର ୱାଇ ସୂଚନା ଦେଇଛନ୍ତି। ରାଜ୍ୟପାଳ ବି.ଡି. ମିଶ୍ର ହିଂସାର ନିନ୍ଦାକରିବା ସହ ଶାନ୍ତି ବଜାୟ ରଖିବା ପାଇଁ ଲୋକଙ୍କୁ ଆହ୍ୱାନ ଦେଇଛନ୍ତି।

ପ୍ରକାଶ ଯେ, ଅରୁଣାଚଳର ପେମା ଖଣ୍ଡୁ ସରକାର ରାଜ୍ୟ ବାହାରର ଆଦିବାସୀଙ୍କୁ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ନବମ ରେବିଆଙ୍କ ନେତୃତ୍ୱାଧୀନ କମିଟି ତଥ୍ୟର ଉପଯୁକ୍ତ ଯାଞ୍ଚ ନ କରି ପିଆର୍‌ସି ସମ୍ପର୍କିତ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିଥିଲେ। ସରକାର ଉକ୍ତ ରିପୋର୍ଟକୁ ବିଧାନସଭାରେ ଉପସ୍ଥାପନ କରିବାକୁ ଯାଉଥିବାରୁ ଛାତ୍ରୀଛାତ୍ରମାନେ ଏହାର ପ୍ରତିବାଦରେ ଶୁକ୍ରବାରଠାରୁ ୪୮ ଘଣ୍ଟିଆ ବନ୍ଦ ପାଳନ କରିଥିଲେ। ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ଲଗାତର ୩ ଦିନ ଧରି ଆନ୍ଦୋଳନ ଲାଗିରହିଛି।

ଉତ୍ତ୍ୟକ୍ତ ଲୋକେ ଉପମୁଖ୍ୟମନ୍ତ୍ରୀଙ୍କ ଘରେ ନିଆଁ ଲଗାଇ ଦେଇଛନ୍ତି।

**ରାସ୍ତାକୁ ଓହ୍ଲାଇଲେ ଛାତ୍ର**

- ମୁଖ୍ୟମନ୍ତ୍ରୀଙ୍କ ଘରେ ଭଙ୍ଗାରୁଜା
- ଉପମୁଖ୍ୟମନ୍ତ୍ରୀଙ୍କ ଘର ଜାଳିଦେଲେ
- ୨ ଥାନା ପୋଡ଼ିଲେ
- ପୋଲିସ ଗୁଳିରେ ଜଣେ ନିହତ
- ସଂଘର୍ଷ ବେଳେ ଏସ୍‌ପିଙ୍କ ସମେତ ଅନେକ ଆହତ
- ସ୍ଥିତି ନିୟନ୍ତ୍ରଣ ପାଇଁ ସେନା ମୁତୟନ

ପାଲେଷ୍ଟାଇନ୍‌ର ୱେଷ୍ଟବ୍ୟାଙ୍କସ୍ଥିତ ନେବ୍ଲସ୍‌ରେ ବିକ୍ଷୋଭକାରୀଙ୍କୁ ଦମନ କରିବା ପାଇଁ ଇସ୍ରାଏଲ୍‌ର ଜଣେ ସୈନ୍ୟ ପ୍ରସ୍ତୁତ ହେଉଛନ୍ତି।

# ଜୈଶ୍‌କୁ ପୁଣି ଝଟକା

ଶ୍ରୀନଗର,୨୪।୨

ଜମ୍ମୁ-କଶ୍ମୀରର କୁଲଗାମ୍ ଜିଲାରେ ରବିବାର ଆତଙ୍କବାଦୀ ଓ ସୁରକ୍ଷା କର୍ମୀଙ୍କ ମଧ୍ୟରେ ଗୁଳି ବିନିମୟବେଳେ ଜଣେ ଡିଏସ୍‌ପି ଓ ଜଣେ ଯବାନ ଶହୀଦ ହୋଇଥିବାବେଳେ ମେଜରଙ୍କ ସମେତ ୩ ଯବାନ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ୯୨ ବେସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏନ୍‌କାଉଣ୍ଟରେ ଜୈଶ୍-ଇ-ମହମ୍ମଦ (ଜେଇଏମ୍)ର ୩ ଆତଙ୍କବାଦୀ ନିହତ ହୋଇଛନ୍ତି।

ଆତଙ୍କବାଦୀମାନେ ଗୋଟିଏ ଘରେ ଆତ୍ମଗୋପନ କରିଥିବା ଗୋଇନ୍ଦା ସୂଚନା ପାଇବା ପରେ ସେନା, ସିଆର୍‌ପିଏଫ ଏବଂ ରାଜ୍ୟ ପୋଲିସ ପକ୍ଷରୁ କୁଲଗାମ୍ ଜିଲାରେ ମିଳିତ ଅପରେଶନ୍ ଆରମ୍ଭ ହୋଇଥିଲା। ସୁରକ୍ଷା ବଳ ଜିଲାର ତୁରିଗାମ୍ ଅଞ୍ଚଳକୁ ଚାରିପଟୁ ଘେରିଯାଇ ସର୍ଚ୍ଚ ଅପରେଶନ ଚଳାଇଥିବାବେଳେ ଆତଙ୍କବାଦୀମାନେ ଗୁଳି ଚଳାଇଥିଲେ। ଫଳରେ ସୁରକ୍ଷା ବଳ ଏହାର ପାଲଟା ଜବାବ ଦେଇଥିଲା। ଶହୀଦ ହୋଇଥିବା ଡିଏସ୍‌ପି ଅମନ କୁମାର ଠାକୁର ପୋଲସ୍ ଟମ୍‌ର ନେତୃତ୍ୱ ନେଉଥିଲେ। ଜମ୍ମୁ-କଶ୍ମୀର ପୋଲିସ ସେବାର ୨୦୧୧ ବ୍ୟାଚ୍‌ର ଅଫିସର ଠାକୁର ଦୁଇବର୍ଷ ହେଲା କୁଲଗାମ୍‌ରେ ପୋଷ୍ଟିଂ ହୋଇଥିଲେ। ରାଜ୍ୟ ପୋଲିସ ଜଣେ ନିର୍ଭୀକ ଅଫିସରଙ୍କୁ ହରାଇବା ଦୁର୍ଭାଗ୍ୟଜନକ ବୋଲି ଡିଜିପି ଦିଲ୍‌ବାଗ ସିଂ କହିଛନ୍ତି। ଗୁରୁତର ଆହତ ଯବାନ ସୋମବୀରଙ୍କର ମୃତ୍ୟୁ ଘଟିଛି। ନିହତ ଆତଙ୍କବାଦୀଙ୍କ ପରିଚୟ ମିଳିପାରି ନାହିଁ। ରାଜ୍ୟରେ ବିଚ୍ଛିନ୍ନତାବାଦୀଙ୍କ ବିରୋଧରେ ସରକାର କାର୍ଯ୍ୟାନୁଷ୍ଠାନ ଚଳାଇଥିବାବେଳେ ଅତିରିକ୍ତ ୧୦ ହଜାର ଅର୍ଦ୍ଧସାମରିକ ବାହିନୀ ଯବାନଙ୍କୁ ସେଠାକୁ ପଠାଯାଇଛି। ପୁଲୱାମା ଆକ୍ରମଣ ପରେ ସୀମାନ୍ତରେ ଉତ୍ତେଜନା ସୃଷ୍ଟି ହୋଇଥିବାରୁ ଜମ୍ମୁ-କଶ୍ମୀର ଏବେ ସେନାଛାଉଣୀରେ ପରିଣତ ହୋଇଛି।

**କୁଲଗାମ୍‌ରେ ଏନ୍‌କାଉଣ୍ଟର**

- ୩ ଆତଙ୍କବାଦୀ ନିହତ
- ଗୁଳି ବିନିମୟ ବେଳେ ଡିଏସ୍‌ପି, ଯବାନ ଶହୀଦ

ଶହୀଦ ଅମନ କୁମାର ଠାକୁର

# 'ଆତଙ୍କବାଦ ବିରୋଧରେ ଏକାଠି ହୁଅ'

ନୂଆଦିଲ୍ଲୀ,୨୪।୨(ପି.ଟି.)

ପୁଲୱାମା ଆତ୍ମଘାତୀ ଆକ୍ରମଣ ପରେ ଆତଙ୍କବାଦୀଙ୍କୁ ମୂଳପୋଛ କରିବା ପାଇଁ ସେନା ସଙ୍କଳ୍ପବଦ୍ଧ ହୋଇଛି। ସିଆର୍‌ପିଏଫ୍ ଯବାନଙ୍କ ବଳିଦାନ ବ୍ୟର୍ଥ ଯିବନି। ଆତଙ୍କବାଦର ମୂଳୋତ୍ପାଟନ ହେବ। କଠୋର ପଦକ୍ଷେପ ନିଆଯିବ। ଏ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଜୋର୍‌ଦାର୍ ହୋଇଥିବା ବେଳେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆତଙ୍କବାଦ ନିରୋଧୀ ଲଢ଼ାଇରେ ଏକଜୁଟ ହେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି। ରବିବାର ୫୩ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧିତ କରି ସେ କହିଛନ୍ତି, ଆତଙ୍କବାଦର ଚେର ପଡ଼ୋଶୀ ରାଷ୍ଟ୍ର ପାକିସ୍ତାନକୁ ଲମ୍ବିଛି। ପାକିସ୍ତାନସ୍ଥିତ ଜୈଶ୍-ଇ-ମହମ୍ମଦ ଆତଙ୍କବାଦୀ ସଙ୍ଗଠନ ପକ୍ଷରୁ ସୁରକ୍ଷା ଯବାନଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାର ୧୦୦ ଘଣ୍ଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କଶ୍ମୀର ଉପତ୍ୟକାରେ ଲୁଚି ରହିଥିବା ଆତଙ୍କବାଦୀଙ୍କୁ ନିପାତ କରିବା ପାଇ ସେନା, ପୋଲିସ ଏବଂ ଅର୍ଦ୍ଧସାମରିକ ବଳଙ୍କ ଅଭିଯାନ ଜାରି ରହିଛି। ଶହୀଦ ହୋଇଥିବା ସିଆର୍‌ପିଏଫ୍ ଯବାନଙ୍କ ତ୍ୟାଗ ଆତଙ୍କବାଦୀ ଶକ୍ତି ବିରୋଧୀ ଲଢ଼ାଇକୁ ଆହୁରି ସଶକ୍ତ କରିବ ବୋଲି ମୋଦି ଦର୍ଶାଇଛନ୍ତି।

ଏଥିସହ ସେନା ଓ ସୁରକ୍ଷା ଯବାନଙ୍କ ମହାବଳିଦାନର ସ୍ମୃତି ସ୍ୱରୂପ ଖୁବ୍ କମ୍ ସମୟ ମଧ୍ୟରେ ନିର୍ମାଣ କରାଯାଇଥିବା ରାଷ୍ଟ୍ରୀୟ ଯୁଦ୍ଧ ସ୍ମାରକୀ ଦେଶବାସୀଙ୍କ ଉଦ୍ଦେଶ୍ୟରେ ସୋମବାର ଉତ୍ସର୍ଗୀକୃତ କରିବେ ବୋଲି ମୋଦି କହିଛନ୍ତି। ଦଶମ ଶ୍ରେଣୀ ପରୀକ୍ଷାର୍ଥୀଙ୍କ ସଫଳତା କାମନା କରିବା ସହ ଆଦିବାସୀ ଯୋଦ୍ଧା ବୀସା ମୁଣ୍ଡା ଏବଂ ଖ୍ୟାତନାମା ଔଦ୍ୟୋଗିକ ଜାମଶେଦ୍‌ଜୀ ଟାଟାଙ୍କ ତ୍ୟାଗପୂତ ଜୀବନକୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ପାହାଡ଼କୁ କାଟି ନିଜ ଗାଁରେ ୩ କି.ମି. ଲମ୍ବ କେନାଲ ଖୋଳିଥିବା 'ଦି କେନାଲ୍ ମ୍ୟାନ୍ ଅଫ୍ ଓଡ଼ିଶା' ଦୈତାରି ନାୟକଙ୍କ ଦୃଢ଼ ମନୋବଳକୁ ପ୍ରଶଂସା କରିଛନ୍ତି। 'ଯୋଗଃ କର୍ମଷୁ କୌଶଳମ୍' ଗୀତାର ଉକ୍ତିକୁ ସେ ପ୍ରମାଣିତ କରିଥିବା ଜଣାଇଛନ୍ତି। ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଓଡ଼ିଶାର ଯବାନ ପ୍ରସନ୍ନ ସାହୁଙ୍କ ଅଦମ୍ୟ ସାହସ ଏବଂ ତାଙ୍କ ସ୍ତ୍ରୀଙ୍କ ଧୈର୍ଯ୍ୟକୁ ପ୍ରଣାମ ଜଣାଇଛନ୍ତି।

**ମନ୍ କୀ ବାତ୍‌ରେ ଓଡ଼ିଶାର ଦୈତାରି ନାୟକଙ୍କୁ ପ୍ରଶଂସା କଲେ ମୋଦି**

## ମଦମୃତ୍ୟୁ ସଂଖ୍ୟା ୧୪୩

ଗୁଆହାଟୀ,୨୪।୨

ଆସାମ ମଦମୃତ୍ୟୁ ସଂଖ୍ୟା ରବିବାର ୧୪୩ରେ ପହଞ୍ଚିଛି। ଏବେ ବି ୩୦୦ରୁ ଊର୍ଦ୍ଧ୍ୱ ଲୋକ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଗତ ଗୁରୁବାର ସନ୍ଧ୍ୟାରେ ସଲମାରା ଚା ବଗିଚାର କର୍ମଚାରୀମାନେ ବିଷାକ୍ତ ମଦ ପିଇ ଅସୁସ୍ଥ ହୋଇପଡିଥିଲେ। କ୍ରମେ ସେମାନଙ୍କ ମୃତ୍ୟୁ ସଂଖ୍ୟା ବଢ଼ିଚାଲିଥିଲା। ଏହାର ଦୁଇସପ୍ତାହ ପୂର୍ବରୁ ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡରେ ବିଷାକ୍ତ ମଦ ପିଇ ଶତାଧିକ ପ୍ରାଣ ହରାଇଥିଲେ। ଇତିମଧ୍ୟରେ ପୋଲିସ ବେଆଇନ ମଦ କାରବାରରେ ସମ୍ପୃକ୍ତ ଦେଶୀ ମଦଭାଟି ମାଲିକଙ୍କ ସମେତ ୧୨ ଜଣଙ୍କୁ ଗିରଫ କରିଛି। ସ୍ୱାସ୍ଥ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା କହିଛନ୍ତି, ମୃତ୍ୟୁସଂଖ୍ୟା ଏବଂ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଅସୁସ୍ଥଙ୍କ ସଂଖ୍ୟା କ୍ରମାଗତ ଭାବେ ବଦଳି ଚାଲିଛି।

# କଶ୍ମୀର, ମାଓବାଦୀ ପ୍ରଭାବିତ ଜିଲାରେ ଯବାନଙ୍କ ଭତ୍ତା ବଢ଼ିଲା

ନୂଆଦିଲ୍ଲୀ,୨୪।୨

ଜମ୍ମୁ-କଶ୍ମୀରରେ ନିଯୁକ୍ତ ଯବାନମାନଙ୍କୁ ମାଗଣା ବିମାନଯାତ୍ରା ସୁବିଧା ପ୍ରଦାନ ପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବିପଦପୂର୍ଣ୍ଣ ଓ କଷ୍ଟକର ସ୍ଥାନରେ ନିୟୋଜିତ ଯବାନଙ୍କ ଭତ୍ତା (ଆର୍‌ଏଚ୍‌ଏ) ୭୮ ପ୍ରତିଶତ ବଢ଼ାଇଛନ୍ତି। ଗତ ୨୨ ତାରିଖରେ ଜାରି ହୋଇଥିବା ନିର୍ଦ୍ଦେଶନାମା ଅନୁଯାୟୀ ଜମ୍ମୁ-କଶ୍ମୀରର ୧୦ଟି ବିପଦପୂର୍ଣ୍ଣ ଜିଲା ଅନନ୍ତନାଗ, କୁଲ୍‌ଗାମ, ଶୋପିଆନ, ପୁଲୱାମା, ବଡଗାମ୍, ଗଣ୍ଡେରୱାଲ, ବାରମୁଲ୍ଲା, କୁପୱାରା, ବନ୍ଦିପୋରା, ଶ୍ରୀନଗରରେ ନିୟୋଜିତ ଯବାନ ବର୍ଦ୍ଧିତ ଭତ୍ତା ପାଇବେ। ଏହାଦ୍ୱାରା ପାଖାପାଖି ୫୫ ହଜାର ସିଆରପିଏଫ ଏବଂ ଅନ୍ୟ ଅର୍ଦ୍ଧସାମରିକ ବାହିନୀର ଯବାନ ଉପକୃତ ହେବେ। ପୂର୍ବରୁ ସେମାନଙ୍କୁ ୯୭୦୦ ଟଙ୍କା ଭତ୍ତା ମିଳୁଥିବାବେଳେ ଏଣିକି ୧୭,୩୦୦ ଟଙ୍କା ମିଳିବ। ଇନ୍ସପେକ୍ଟର ପାହ୍ୟାରୁ ଊର୍ଦ୍ଧ୍ୱ ଅଫିସରଙ୍କୁ ପୂର୍ବରୁ ୧୬,୯୦୦ ଟଙ୍କା ମିଳୁଥିବାବେଳେ ଏହାକୁ ୨୫ ହଜାର ଟଙ୍କାକୁ ବଢ଼ାଯାଇଛି। ସେହିପରି ନକ୍ସଲପ୍ରବଣ ଓଡିଶାର ମାଲକାନଗିରି, ମହରାଷ୍ଟ୍ରର ଗଡଚିରୋଲି, ଛତିଶଗଡ଼ର ବସ୍ତର, ଦାନ୍ତେୱାଡା, ବିଜାପୁର, ସୁକମା ଓ ନାରାୟଣପୁର, ଝାଡ଼ଖଣ୍ଡର ଲାତେହାର ଜିଲାରେ ନିୟୋଜିତ ଯବାନଙ୍କୁ ମଧ୍ୟ ଏହି ସୁବିଧା ମିଳିବ। ନକ୍ସଲ ପ୍ରଭାବିତ ଅଞ୍ଚଳରେ ପାଖାପାଖି ୩୩ ହଜାର ସିଆରପିଏଫ୍ ଯବାନ ନିୟୋଜିତ ହୋଇଛନ୍ତି।

## ଝାଡ଼ଖଣ୍ଡରେ ଏନ୍‌କାଉଣ୍ଟର ୩ ମାଓବାଦୀ ନିହତ

ରାଞ୍ଚି,୨୪।୨

ଝାଡ଼ଖଣ୍ଡର ଗୁମ୍‌ଲାରେ ରବିବାର ସକାଳେ ମାଓବାଦୀ ଓ ସୁରକ୍ଷା ବଳ ମଧ୍ୟରେ ଗୁଳି ବିନିମୟ ଘଟି ୩ ମାଓବାଦୀ ନିହତ ହୋଇଛନ୍ତି। ଏନ୍‌କାଉଣ୍ଟର ସ୍ଥଳରୁ ୨ଟି ଏକେ-୪୭ ସମେତ ୫ ବନ୍ଧୁକ ଜବତ ହୋଇଛି। ମାଓବାଦୀମାନେ ଲୁଚି ରହିଥିବା ଖବର ପାଇ ପୋଲିସ ଓ ସିଆର୍‌ପିଏଫ୍ କୋବ୍ରା ବାଟାଲିୟନର ଯବାନମାନେ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲେ।

## ୧୭୬ କାର୍ ଭସ୍ମୀଭୂତ

ଚେନ୍ନାଇ,୨୪।୨

ରବିବାର ଚେନ୍ନାଇର ପୋରୁରସ୍ଥିତ ରାମଚନ୍ଦ୍ର ମେଡ଼ିକାଲ୍ ହସ୍ପିଟାଲ୍ ଅପରପାର୍ଶ୍ୱରେ ଥିବା ପାର୍କିଂସ୍ଥଳରେ ନିଆଁ ଲାଗି ୧୭୬ କାର୍ ଜଳିଯାଇଛି। ଅପରାହ୍ନ ୨ଘଟିକାରେ ପାର୍କିଂସ୍ଥଳ ଧୂଆଁମୟ ହୋଇଯାଇଥିଲା। ୩୦ ଅଗ୍ନିଶମ ଗାଡ଼ି ନିଆଁକୁ ଆୟତ୍ତ କରିବାରେ ନିୟୋଜିତ କରାଯାଇଥିଲା।

# କୁମ୍ଭରେ ବୁଡ଼ ପକାଇଲେ ପ୍ରଧାନମନ୍ତ୍ରୀ

ପ୍ରୟାଗରାଜ,୨୪।୨

କୁମ୍ଭମେଳା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ପ୍ରୟାଗରାଜ ଯାଇ ସଙ୍ଗମରେ ବୁଡ଼ ପକାଇଛନ୍ତି। ମେଳାସ୍ଥଳକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ରଖିବାରେ ସଫେଇ କର୍ମଚାରୀମାନଙ୍କ ଉଦ୍ୟମର ସ୍ୱୀକୃତି ସ୍ୱରୂପ ମୋଦି ସେମାନଙ୍କୁ 'ସ୍ୱଚ୍ଛ କୁମ୍ଭ ସ୍ୱଚ୍ଛ ଆଭାର' ପୁରସ୍କାରରେ ସମ୍ମାନିତ କରିଥିଲେ। ଏହି ଅବସରରେ ପୁରସ୍କୃତ ୫ ସଫେଇ କର୍ମଚାରୀଙ୍କୁ ସମ୍ମାନ ସ୍ୱରୂପ ପ୍ରଧାନମନ୍ତ୍ରୀ ନିଜ ହାତରେ ସେମାନଙ୍କ ଗୋଡ଼ ଧୋଇଦେଇଥିଲେ।

କୁମ୍ଭମେଳାକୁ କୋଟି କୋଟି ଭକ୍ତ ଆସୁଥିବାବେଳେ ଉକ୍ତ ସ୍ଥଳକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଏକ ଚ୍ୟାଲେଞ୍ଜ ଥିଲା। ତେବେ ସଫେଇ କର୍ମଚାରୀମାନେ ନିଜର ଅଦମ୍ୟ ଉଦ୍ୟମ ବଳରେ ଏହାକୁ ସଫଳ କରିଦେଖାଇଛନ୍ତି। ମେଳା ସ୍ଥଳରେ ୨୦ ହଜାର ଡଷ୍ଟବିନ୍, ୧ ଲକ୍ଷ ଟଏଲେଟ ସ୍ଥାପନ କରାଯାଇଛି। ସଫେଇ କର୍ମଚାରୀମାନେ ହେଉଛନ୍ତି କର୍ମଯୋଗୀ। ସେମାନେ ମୋର ଭାଇଭଉଣୀ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସେମାନେ କୌଣସି ପ୍ରଶଂସାକୁ ଅପେକ୍ଷା ନ କରି ସକାଳଠାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅକ୍ଳାନ୍ତ ପରିଶ୍ରମ କରିଚାଲିଛନ୍ତି। ଏହି ମୁହୂର୍ତ୍ତ ସବୁଦିନ ପାଇଁ ତାଙ୍କର ମନେରହିବ ବୋଲି ମୋଦି କହିଥିଲେ। ଏହା ପୂର୍ବରୁ ଜବାହାରଲାଲ୍ ନେହେରୁ ପ୍ରଧାନମନ୍ତ୍ରୀ ଥିଲାବେଳେ ୧୯୫୧ରେ କୁମ୍ଭମେଳାରେ ପ୍ରୟାଗରେ ବୁଡ଼ ପକାଇଥିଲେ।

**ସଫେଇ କର୍ମଚାରୀଙ୍କ ଗୋଡ଼ ଧୋଇଦେଲେ**

## ଇତିହାସର ଆଇନାରେ

### ଫେବୃୟାରୀ ୨୫ର ପ୍ରମୁଖ ଘଟଣା

୧୯୪୫ ଫେବୃୟାରୀ ୨୫ରେ ଜର୍ମାନୀ ବିରୋଧରେ ତୁର୍କୀ ଯୁଦ୍ଧ ଘୋଷଣା କରିଥିଲା। ଏହା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ଘଟଣା। ଦ୍ୱିତୀୟ ବିଶ୍ୱଯୁଦ୍ଧ ୧୯୩୯ରୁ ଆରମ୍ଭ ହୋଇ ୧୯୪୫ରେ ଶେଷ ହୋଇଥିଲା। ବିଶ୍ୱର ମହାଶକ୍ତି ବୋଲାଉଥିବା ଦେଶଗୁଡ଼ିକ ସାମରିକ ମେଣ୍ଟ କରି ଦୁଇ ଭାଗରେ ବିଭକ୍ତ ହୋଇଥିଲେ।

୨୦୧୫ ଫେବୃୟାରୀ ୨୫ରେ ଆଫଗାନିସ୍ତାନର ଉତ୍ତର-ପୂର୍ବ ଭାଗରେ ତୁଷାର ଅତଡା ଧସିବା ଯୋଗୁ ୩୧୦ ଲୋକଙ୍କ ମୃତ୍ୟୁ ଘଟିବା ସହିତ ୧୨୯ ଜଣ ଆହତ ହୋଇଥିଲେ। ମୃତାହତ ଲୋକଙ୍କୁ ଉଦ୍ଧାର କରିବା ପାଇଁ ୧,୦୦୦ ଆଫଗାନି ସେନା ମୁତୟନ ହୋଇଥିଲେ। ପଞ୍ଜଶିର୍ ପ୍ରଦେଶର କାର୍ଯ୍ୟକାରୀ ଗଭର୍ନର ଅବଦୁଲ୍ ରହମନ୍ କବିରିଙ୍କ କହିବାନୁଯାୟୀ, ଦୀର୍ଘ ୩ ଦଶନ୍ଧି ମଧ୍ୟରେ ଆଫଗାନିସ୍ତାନରେ ଏଭଳି ତୁଷାର ଅତଡା ଧସିବା କେବେ ଘଟି ନ ଥିଲା।

ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ** ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୫ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବ

ସମସ୍ତ ଧର୍ମ ଛାଡି ଭଗବାନଙ୍କ ଶରଣ ନିଅ । ସେ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବେ ।
– ବ୍ୟାସଦେବ

## ସଂକ୍ଷେପରେ

### ଚୋରି ଟ୍ରକ୍ ଜବତ, ୨ ଅଭିଯୁକ୍ତ ଗିରଫ

ସମ୍ବଲପୁର,୨୪।୨(ବ୍ୟୁରୋ)
ସମ୍ବଲପୁର ଜିଲା ଅଇଁଠାପାଲି ଥାନା ପୋଲିସ ଏକ ଚୋରି ଟ୍ରକ ସହ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ସୁନ୍ଦରଗଡ ଜିଲା ଗୁରୁଣ୍ଡିଆର ରାମଚନ୍ଦ୍ର କିଶାନ ଓ ଯୁଯୁମୁରା ଥାନା ଗଡଗଡବାହାଲ ଗ୍ରାମର ମହମ୍ମଦ ଦସ୍ତାରୀ ଖାନ । ପୋଲିସ ଏ ନେଇ ୬୭/୧୯ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ତାଲଭଟାପଡା ପଡା ତିୱାରି ଗଳିର ବସୁ ଦେବନାଥ ୨୨ ତାରିଖ ଅଭିଯୋଗ କରିଥିଲେ ଯେ, ବରେଇପାଲି ନିକଟରେ ତାଙ୍କ ଟ୍ରକ୍( ନଂ ଓଆର୧୫ଏମ-୧୪୩୫) ଛିଡା ହୋଇଥିଲା। ହେଲେ କେହି ଟ୍ରକଟିକୁ ଚୋରି କରି ନେଇଥିଲେ।

### ଚନ୍ଦନ ପୋଖରୀ ଉଦ୍‌ଘାଟିତ

ସମ୍ବଲପୁର, ୨୪।୨ (ବ୍ୟୁରୋ)- ବାଲିବନ୍ଧା ଐତିହାସିକ ସୋମନାଥ ମନ୍ଦିର ନିକଟରେ ଚନ୍ଦନ ପୋଖରୀ ରବିବାର ରାତିରେ ଉଦ୍‌ଘାଟିତ ହୋଇଛି । ପଣ୍ଡିତ ମନବୋଧ ପାଢ଼ୀ ପୂଜାର୍ଚ୍ଚନା କରିଥିଲେ । ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି, ଏସଡିଏ ଅଧକ୍ଷ ବିଜୟ କୁମାର ମହାନ୍ତି, ବିଜେଡି ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ଦାସ, ବିଜୁ କୃଷକ ଜିଲା ସଭାପତି ଆନନ୍ଦ ଜେନା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଟ୍ରଷ୍ଟ ବୋର୍ଡ ସଭାପତି ନିହାରରଞ୍ଜନ ବହିଦାର ଉତ୍ସବ ପରିଚାଳନା କରିଥିଲେ । ଟ୍ରଷ୍ଟ ସଭ୍ୟ କାର୍ତ୍ତିକେଶ୍ୱର ପ୍ରଧାନ, ଶିବ ନାରାୟଣ ପାଣିଗ୍ରାହୀ, ବୃହସ୍ପତି ସ୍ୱାଇଁ, ସଞ୍ଜୟ ଦେହୁରୀ ଓ ଅରକ୍ଷୀତ ନାୟକ ସହଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ୧୯୮୨ ମସିହା ବନ୍ୟାରେ ଚନ୍ଦନ ପୋଖରୀ ଭାଙ୍ଗି ଯାଇଥିଲା । ଏହାପରେ ଚନ୍ଦନ ପୋଖରୀରେ ସ୍ଲୁଇସ୍ ଗେଟ ନିର୍ମାଣ ହୋଇଥିଲା । ପରବର୍ତ୍ତୀ ସମୟରେ ବନ୍ଧର କିଛି ଅଂଶରେ ଅତ୍ୟାଧୁନିକ ପମ୍ପ ହାଉସ ସ୍ଥାପନ କରାଯାଇଛି । ତେଣୁ ଚନ୍ଦନ ପୋଖରୀର ସତ୍ତା ନାହିଁ । ଜନସାଧାରଣଙ୍କ ଦାବିକୁ ଦୃଷ୍ଟିରେ ରଖି ସୋମନାଥ ମନ୍ଦିର ପାର୍ଶ୍ୱରେ ପରିତ୍ୟକ୍ତ ଭାବେ ପଡି ରହିଥିବା ଛୋଟ ପୋଖରୀକୁ ୨୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସୌନ୍ଦର୍ଯ୍ୟ କରଣ କରାଯାଇ ଚନ୍ଦନ ପୋଖରୀର ନାମକରଣ କରାଯାଇଛି । ଏହା ସହ ଅତିଥିମାନେ ଶ୍ରୀ ସୋମନାଥ ବାବାଙ୍କ ମନ୍ଦିର ପାର୍ଶ୍ୱରେ କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

### ଚୋରି ପାଇପ୍ ଜବତ, ଅଭିଯୁକ୍ତ ଗିରଫ

ସମ୍ବଲପୁର,୨୪।୨(ବ୍ୟୁରୋ)
ସମ୍ବଲପୁର ଅଇଁଠାପାଲି ଥାନା ପୋଲିସ ଚୋରି ପାଇପ୍ ସହ ଗୋପାଳପାଲିର ମନୀଷ ସିଂ (୨୧)ଙ୍କୁ ଗିରଫ କରିଛି । ଅଭିଯୁକ୍ତଙ୍କ ନିକଟରୁ ୪୩ଟି ଚୋରା ପାଣି ପାଇପ ଜବତ କରିଛି । ଏହର ଆନୁମାନିକ ମୂଲ୍ୟ ୧ ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି । ଏ ନେଇ ଅଇଁଠାପାଲି ଥାନାରେ ଏକ ମାମଲା ରୁଜୁ ହୋଇଛି । ଫେବୃୟାରୀ ୨୨ ଓ ୨୩ ତାରିଖ ରେମେଡରେ ଥିବା ଏକ ଷ୍ଟକୟାର୍ଡରୁ ପାଇପ ଚୋରି ହୋଇଥିଲା । ଏ ନେଇ ସି.ଏଚ. ଶ୍ରୀନୁ ଥାନାରେ ଅଭିଯୋଗ କରିଥିଲେ।

### ରକ୍ତ ଶିକୁଳି ରୋଗ ଚିହ୍ନଟ ଶିବିର

ରିଆମାଳ ୨୪।୨(ଡି.ଏନ୍.ଏ.)
ରିଆମାଳ ବ୍ଲକ ଟଙ୍କବୀରଠାରେ ରବିବାର ରୋଟାରୀ ବ୍ଲକ ଓ ଲାଲବାହାଦୁର ଶାସ୍ତ୍ରୀ ବ୍ଲକ ସହଯୋଗରେ ରକ୍ତ ଶିକୁଳି ରୋଗ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି । ଡାକ୍ତର ନାରାୟଣୀ ପଣ୍ଡା ଉକ୍ତ ଶିବିରକୁ ଉଦ୍‌ଘାଟନ କରିଥିଲେ। ତାଙ୍କ ତତ୍ତ୍ୱାବଧାନରେ ୨୫୦ ଜଣଙ୍କର ରକ୍ତ ନମୁନା ସଂଗ୍ରହ କରାଯାଇ ବୁର୍ଲା ସରକାରୀ ଡାକ୍ତରଖାନାକୁ ପଠାଯାଇଛି । ଲାଲବାହାଦୁର କ୍ଲବର ରମାକାନ୍ତ ସାହୁ, ଅର୍ଜୁନ ନାୟକ, ସମୀର ସାହୁ, ଜୟଦେବ ନାୟକ, ଫକୀର ସାହୁ, ଅଜିତ କୁମାର ସାହୁ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ସର୍ବକ୍ଷମା ଘୋଷଣାନାମାର ଭେଦନୀତି

## (ଅବିଚ୍ଛିନ୍ନ ଯୁଦ୍ଧ ପ୍ରସ୍ତୁତିରେ ବାଧକ ସାଜିଥିଲେ ଭେଦୁଆ)

ଡ. ସୁରେନ୍ଦ୍ର କୁମାର ମିଶ୍ର

ଐତିହ୍ୟର ଓଡ଼ିଶା

୧୮୧୭ ମସିହାର ଗଣଯୁଦ୍ଧ ଥମିବାର ନାଁ ଧରି ନ ଥିଲା। ଉପକୂଳ ଅଞ୍ଚଳରୁ ବହୁ ଲୋକ ଗାଁ–ଗଣ୍ଡା ଛାଡ଼ି ଗଡ଼ଜାତ ରାଜ୍ୟଗୁଡ଼ିକୁ ଚାଲି ଯାଇଥିଲେ। ସେମାନଙ୍କ ଅସନ୍ତୋଷ ସେଇ ସେଇ ସ୍ଥାନରେ ଦାନା ବାନ୍ଧୁଥିଲା। ୧୫.୦୬.୧୮୧୮ରେ ଏକ ସରକାରୀ ଚିଠିରୁ ଜଣାଯାଏ ବିପ୍ଳବୀମାନଙ୍କୁ ଧରିବା ପାଇଁ ସରକାର ପୁରସ୍କାର ଘୋଷଣା କରିଥିଲେ। ଯେଉଁମାନେ ସରକାରଙ୍କ ପାଖରେ ଆତ୍ମସମର୍ପଣ କରିବେ ସେମାନଙ୍କ ପ୍ରତି ସରକାର ସହୃଦୟତାର ସହିତ ବିଚାର କରିବେ ବୋଲି ଘୋଷଣାନାମାରେ ଥିଲା। ସମାନ ମାସେ ଯାଉ ଯାଉ ବାଣପୁରର ବ୍ରହ୍ମାନନ୍ଦ ସିଂହ ଓ ପଞ୍ଚୁପଲ୍ଲୀର ଦଳବେହେରା ଆତ୍ମସମର୍ପଣ କରିଥିଲେ। ସେ ତାରିଖଟି ଥିଲା ୧୬.୦୭.୧୮୧୮। ଧରିଲେ କାହାକୁ ନା, ଗଙ୍ଗପଡ଼ାର ଭାଗୁ ହରିଚନ୍ଦନ ଓ ମାଖନ ସିଂହଙ୍କୁ। ଦିହେଁ ଥିଲେ ବିପ୍ଳବ ସରଦାର ଗୋପାଳ ଛୋଟରାୟଙ୍କ ପୁତୁରା।

ଆତ୍ମସମର୍ପଣ ଘୋଷଣାନାମା ବିଶେଷ କିଛି ପ୍ରଭାବ ପକାଇଥିବାର ଅନୁଭବ ହୁଏ ନାହିଁ। ଇତିହାସ ଅନୁଶୀଳନରୁ ଜଣାପଡୁଛି ବିପ୍ଳବୀମାନେ ମାନସିକ ସ୍ତରରେ ଏପରି ଏକ ବିଚାରରେ ପହଁଚିଥିଲେ ଯେଉଁଠାରୁ ଫେରିଆସିବା ସହଜ ନ ଥିଲା। ଯୁଦ୍ଧରେ ଜଡ଼ିତ ହୋଇଥିବା ସାଧାରଣ ଲୋକଟିଏ ପ୍ରଥମେ ମୁହଁ ଫେରେଇବାକୁ ଆଗଭର ହେଲାନାହିଁ। ଏଣେ ଇଂରେଜ ଅଧିକାରୀମାନେ 'ଆତ୍ମସମର୍ପଣ ଘୋଷଣା' କରିସାରିବା ପରେ ମଧ୍ୟ ଥୟ ଧରି ନ ଥିଲେ। ଗୋପ ଅଞ୍ଚଳରେ ପ୍ରବଳ ଧରପଗଡ଼ ଆରମ୍ଭ କରି ଗଞ୍ଜାପଡ଼ାରୁ ଗୋପାଳ ସାମନ୍ତରାଙ୍କ ସମେତ ତାଙ୍କର ଦୁଇଭାଇଙ୍କୁ ଧରିବା ପରେ ସେଇ ଗାଁର ୩୪ ଜଣ ଯୁଦ୍ଧ ସମ୍ପୃକ୍ତ ଲଢୁଆ ବୀରଙ୍କୁ ଗିରଫ କରିଥିଲେ। ରଥି ସାମନ୍ତସିଂହାର ଓ ତାଙ୍କ ପୁଅ ସରଦାର ଗୁମାନ ସିଂହଙ୍କୁ ଗୋପାଳ ସାମନ୍ତରାଙ୍କ ଗିରଫ ପରେ ପରେ ବୁଡ଼ି ଗ୍ରାମ ଘେରାଉ କରି ଗିରଫ କରାଯାଇଥିଲା, ତଥାପି ଇଂରେଜ ସେନା ଭୟ କରୁଥିଲେ ରଥି ସାମନ୍ତସିଂହାରଙ୍କ ଦ୍ୱିତୀୟ ପୁଅକୁ। ତାଙ୍କୁ ସତ୍ୟବାଦୀଠାରୁ ଉଠାଇ ନେଇଥିଲେ। ଏସବୁ ଘଟଣା ଘଟିଥିଲା ଜୁଲାଇ ମାସ ଶେଷ ଓ ଅଗଷ୍ଟ ମାସ ମଧ୍ୟଭାଗରେ।

ଆମେ ଜାଣିଛେ, ଫିରିଙ୍ଗି କଳି ଭାରତ ପୁସ୍ତକ ସହାୟତାରେ ଯେ ବାରବାଟୀ ଦୁର୍ଗର ପ୍ରବେଶପଥ ଭାଙ୍ଗି ଇଂରେଜମାନେ ପ୍ରବେଶ କଲାବେଳେ ଆମର ବୀର ଲଢୁଆ ପାଇକବାହିନୀର ୨୭୨ ଜଣଙ୍କୁ ହତ୍ୟା କରିଥିଲେ। ମରହଟ୍ଟା ସୁବାଦାର ସେତେବେଳେ ବାରବାଟୀରେ ଥାଆନ୍ତି। ସେ ଜୟୀ ରାଜଗୁରୁଙ୍କ ସଙ୍ଗେ ପରାମର୍ଶ କରି କିପରି ଇଂରେଜମାନଙ୍କୁ ତଡ଼ି ହେବ, ସେ ବିଷୟରେ ବିଚାର କରୁଥାନ୍ତି। ରାଜଗୁରୁ ଶେଷରେ ଇଂରେଜମାନଙ୍କୁ ତଡ଼ିବା ପାଇଁ ମରହଟ୍ଟା ସୁବାଦାରଙ୍କୁ ଅସ୍ତ୍ର କରିଥିଲେ। ଦୁହେଁ ବିଚାର କରି ୧୧ ବର୍ଷ ଧରି ବନ୍ଦୀ ଜୀବନ କଟାଉଥିବା ଜଣେ ଦୁର୍ଦ୍ଧର୍ଷ ଅପରାଧୀକୁ ମୁକ୍ତକରି କିଲ୍ଲାଦାର ଭାବରେ ଘୋଷଣା କରିଥିଲେ। ରାଜଗୁରୁଙ୍କର ଏହା ଥିଲା ସମ୍ପୂର୍ଣ୍ଣ ଭେଦନୀତି। ନା ସେ ମରହଟ୍ଟା ସୁବାଦାରଙ୍କୁ ଅନ୍ତଃକରଣରେ ଗ୍ରହଣ କରିଥିଲେ, ନାଁ ସେ ଦୁର୍ଦ୍ଧର୍ଷ କିଲ୍ଲାଦାରଙ୍କୁ। କଣ୍ଟାକୁ କଣ୍ଟାରେ କାଢ଼ିବା ନ୍ୟାୟରେ କେବଳ ସେ ସମର୍ଥନ କରି ଯୁଦ୍ଧର ମୂଳଦୁଆ ପକାଇ ଚାଲିଥିଲେ। କିଲ୍ଲାଦାର ପାଇକ ଯୋଦ୍ଧାମାନଙ୍କ ସହିତ ମିଶି ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇ ରହିଥାନ୍ତି। ଇଂରେଜମାନେ ତୋପ ଫୁଟାଇ ବାରବାଟୀର ପ୍ରବେଶଦ୍ୱାର ଭାଙ୍ଗି ଯେତେବେଳେ କିଲ୍ଲା ଭିତରେ ପ୍ରବେଶ ଉଦ୍ୟମ କରୁଥିଲେ, ସେତେବେଳେ ପ୍ରବଳ ଯୁଦ୍ଧ ହୋଇଥିଲା। ସେଇ ଯୁଦ୍ଧରେ ହିଁ ୨୭୨ ଜଣ ବୀର ସ୍ୱର୍ଗଗତି ଲାଭ କରିଥିଲେ। ଓଡ଼ିଶାର ସୁରକ୍ଷା ପାଇଁ ପ୍ରାଣ ଉତ୍ସର୍ଗ କରିଥିବା ବୀରମାନଙ୍କ ତାଲିକା ପ୍ରସ୍ତୁତ ହୋଇ ନାହିଁ। ସେମାନଙ୍କୁ ଚିହ୍ନଟ କରାଯାଇ ନାହିଁ। ସେମାନେ କେଉଁ ଗଡ଼ର କିମ୍ବା କେଉଁ ଗାଁର ଥିଲେ, ତାହା ଖୋଜାଯାଇ ନାହିଁ। ଆମେ ବିଦ୍ରୋହ ଚେତନାରେ ବାନ୍ଧି ହୋଇଯିବା ପରେ ଯୁଦ୍ଧ ଚେତନାକୁ ଆଜିକା ଦିନରେ ମଧ୍ୟ ପ୍ରବେଶ କରିବା ସମ୍ଭବ ହୋଇନାହିଁ। ଏଇ ଘଟଣାକୁ ୧୯୯୪ ମସିହାରେ ଇତିହାସକାର ଫକୀର ହରିଚନ୍ଦନ ସବିଶେଷ ବର୍ଣ୍ଣନା କରିଥିଲେ। କିନ୍ତୁ ଏହାକୁ ନିଃସଙ୍କୋଚରେ ଆଲୋଚକମାନେ ଗ୍ରହଣ କରିବାରେ ଆଗ୍ରହ ଦେଖାଇ ନାହାନ୍ତି। ଆଲୋଚକମାନେ ସନ୍ଦେହ ପ୍ରକାଶ କରିଛନ୍ତି ଯେ, ଇଂରେଜମାନେ ବାରବାଟୀ କିଲ୍ଲାକୁ ଅକ୍ତିଆର କରିବାବେଳେ ମରହଟ୍ଟା ସୁବାଦାର ମରହଟ୍ଟା ସେନାମାନଙ୍କୁ ନେଇ ବାରବାଟୀ ଛାଡ଼ି ଚାଲି ଯାଇଥିଲେ। ବାସ୍ତବରେ ଇତିହାସରେ ଏହି ସନ୍ଧିକ୍ଷଣ ଅନାଲୋଚିତ ହୋଇ ରହିଥିବାରୁ ଫକୀର ହରିଚନ୍ଦନଙ୍କ ମତକୁ ଗ୍ରହଣ କରିବା ପାଇଁ ଅନ୍ୟ କେହି ଆଗ୍ରହ ପ୍ରକାଶ କରିନାହାନ୍ତି।

ଇଂରେଜମାନେ ଓଡ଼ିଶା ଭିତରେ ପ୍ରବେଶ କଲା ଦିନୁଁ ପାଇକ ସେନାବାହିନୀକୁ ଦୁର୍ବଳ କରିବାର ଯୋଜନାକୁ ପ୍ରାଥମିକତା ଦେଇଥିଲେ। ପୁରୀ ଜିଲାର ଗୋପ, ସତ୍ୟବାଦୀ ଓ ଖୋର୍ଦ୍ଧା ଅଞ୍ଚଳରୁ ବିପ୍ଳବୀମାନଙ୍କୁ ଗିରଫ କରିବା ପରେ ଦାମ ସୁବୁଦ୍ଧିଙ୍କୁ ତାଙ୍କର ଦୁଇ ଭାଇ ନିତ୍ୟାନନ୍ଦ ମଙ୍ଗରାଜ ଓ ସୋମନାଥ ପାଟଶାଣୀଙ୍କୁ ସେପ୍ଟେମ୍ବର ମାସରେ ସମ୍ବଲପୁରଠାରୁ ଗିରଫ କରିଥିଲେ। ସମ୍ବଲପୁରରେ ଦାମ ସୁବୁଦ୍ଧିଙ୍କ ପୁତୁରା ଇଂରେଜ ସରକାରଙ୍କ ବିରୋଧରେ ବିପ୍ଳବ ସଂଗଠିତ କରୁଥିବାରୁ ଦାଶରଥି ପାଇକରାୟଙ୍କୁ ମଧ୍ୟ ଗିରଫ କରିବାକୁ ଭୁଲି ନ ଥିଲେ।

ଇଂରେଜମାନଙ୍କର ସର୍ବକ୍ଷମା ଘୋଷଣାନାମାରେ ଆଉ ଗୋଟିଏ ପ୍ରଲୋଭନ ରହିଥିଲା। ଯେଉଁମାନେ ଆତ୍ମସମର୍ପଣ କରିବେ ସେମାନଙ୍କର ବାଜ୍ୟାପ୍ତ ହୋଇଥିବା ଜାଗିରି (ଜାୟଗିରି) ଫେରସ୍ତ ଦିଆଯିବ। କେବଳ ସେତିକି ନୁହଁ, ସ୍ୱତନ୍ତ୍ର ପୁରସ୍କାର ଯୋଜନା ବି ଘୋଷଣା କରିଥିଲେ। ଏହି ଯୋଜନାକୁ ସଫଳ କରିବାକୁ ଗୁପ୍ତରେ ଭେଦୁଆଙ୍କୁ ପରାମର୍ଶ ଦିଆଯାଇଥିବାର ସମ୍ଭାବନା ହୁଏ। ଫଳରେ ଭେଦୁଆମାନେ ବିପ୍ଳବୀମାନଙ୍କୁ କେତେକାଂଶରେ ଆନମନା କରିବାକୁ ସଫଳ ହୋଇଥିଲେ। ଭେଦୁଆମାନେ ଜାତି ପ୍ରତି ବେଇମାନ କରି ଯେଉଁ କ୍ଷତି ପହଁଚାଇଥିଲେ, ତାହା ଇତିହାସରେ କଳାଦାଗ ହୋଇ ରହିଛି, ରହିବ ମଧ୍ୟ। ଏଇ ବେଇମାନୀମାନଙ୍କୁ ପ୍ରୋତ୍ସାହନ ଦେବାରେ ଇଂରେଜମାନେ ହେଳା କରି ନ ଥିଲେ। ଭେଦୁଆ କାର୍ଯ୍ୟ କରି ଶିବପ୍ରସାଦ ଦାରୋଗା ପୁରସ୍କାର ପାଇଥିଲେ ହଜାରେ ଟଙ୍କା। ରାମ ମହାରଥୀ ପାଇଥିଲେ ୫୦୦ ଟଙ୍କା, ଭରତ ମାଝି ପାଇଥିଲେ ୧୦୦ ଟଙ୍କା, ଜଗବନ୍ଧୁ ମଙ୍ଗରାଜ ପାଇଥିଲେ ୧୦୦ ଟଙ୍କା, ନବୀନ ବାହୁବଳେନ୍ଦ୍ର ପାଇଥିଲେ ୧୦୦ ଟଙ୍କା ଓ ଧନୁ ନାମଧାରୀ ଜଣେ ଭେଦୁଆ ୧୦୦ ଟଙ୍କା ପାଇଥିଲେ। ଏହା ଇତିହାସର କଥା। ଏମାନଙ୍କ ବ୍ୟତୀତ ହୃଦୟବିଦାରକ ଓ ଅବିଶ୍ୱସନୀୟ କାର୍ଯ୍ୟ କରିଥିଲେ ମଳିପଡ଼ାର ଜାଗିରଦାର। ସେତେବେଳେ ୧୦୦୦ ଟଙ୍କା ବିନିମୟରେ ପିଣ୍ଡିକି ବାହୁବଳେନ୍ଦ୍ରଙ୍କୁ ଦୁଦୁରା ମଞ୍ଜି ଖାଇବାକୁ ଦେଇ ଧରାଇ ଦେଇଥିଲେ।

## ଦୀନବନ୍ଧୁ ଗୋସ୍ୱାମୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

# ମାନେଶ୍ୱର, ସୋନପୁର ବିଜୟୀ

ରବିବାର ସମ୍ବଲପୁର ହାୱା ମଇଦାନଠାରେ ଅତିଥିଙ୍କ ସହ ଖେଳାଳୀମାନେ ।

ସମ୍ବଲପୁର, ୨୪।୨ (ବ୍ୟୁରୋ)

ସ୍ପୋର୍ଟିଂ ୟୁନିୟନ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ସପ୍ତମ ଦୀନବନ୍ଧୁ ଗୋସ୍ୱାମୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ହାୱା ମଇଦାନଠାରେ ଉଦ୍‌ଘାଟିତ ହୋଇଛି । ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟର ଶୁଭାରମ୍ଭ କରିଥିଲେ । ଉଦ୍‌ଘାଟନୀ ମ୍ୟାଚ ମାନେଶ୍ୱର ଏମଏମବିସି ବନାମ ସମ୍ବଲପୁର ରାଇଜିଂ ଷ୍ଟାର ମଧ୍ୟରେ ହୋଇଥିଲା । ଏଥିରେ ମାନେଶ୍ୱର ୩ ଉଇକେଟରେ ବିଜୟୀ ହୋଇଥିଲା । ଟସ ଜିଣି ମାନେଶ୍ୱର ଦଳ ବ୍ୟାଟିଂ କରିବାକୁ ରାଇଜିଂ ଷ୍ଟାରକୁ ଆମନ୍ତ୍ରଣ କରିଥିଲା । ଦଳ ୧୮ ଓଭରରେ ୧୪୬ ରନ ସଂଗ୍ରହ କରି ସମସ୍ତ ଉଇକେଟ ହରାଇଥିଲା । ଦଳର ବ୍ରଜମୋହନ ୨୮ ବଲରେ ୫୮ ରନ ସଂଗ୍ରହ କରିଥିଲେ । ମାନେଶ୍ୱରର୍ ବିଟୁ ମେହେର ୪ ଓଭରରେ ୨୭ ରନ ଦେଇ ୩ ଉଇକେଟ ନେଇଥିଲେ । ୧୪୭ ରନର ବିଜୟ ଲକ୍ଷ୍ୟ ନେଇ ମାନେଶ୍ୱର ଦଳ ପଡିଆକୁ ଓହ୍ଲାଇଥିଲା । ୧୭.୪ ଓଭରରେ ୭ ଉଇକେଟ ହରାଇ ମାନେଶ୍ୱର ୧୪୮ ରନ କରି ବିଜୟୀ ହୋଇଥିଲା । ଦଳର ସୟଦ ଭାରୁନ୍ ୧୫ ବଲରେ ୩୪ ରନ ସଂଗ୍ରହ କରିଥିଲେ । ରାଇଜିଂ ଷ୍ଟାର ବୋଲର ଶ୍ରୀପତି ୪ ଓଭରରେ ୨୭ ରନ ଦେଇ ୫ଟି ଉଇକେଟ ଅକ୍ତିଆର କରିଥିଲେ । ଦ୍ୱିତୀୟ ମ୍ୟାଚ ସୋନପୁର ବନାମ ବ୍ରଜରାଜନଗର ଏମବିସନ୍ କ୍ଲବ ମଧ୍ୟରେ ହୋଇଥିଲା । ବ୍ରଜରାଜନଗର ଟସ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ଦଳ ୨୦ ଓଭରରେ ୭ ଉଇକେଟ ହରାଇ ୧୫୬ ରନ ସଂଗ୍ରହ କରିଥିଲା । ଦଳର ବ୍ୟାଟ୍ସମ୍ୟାନ ଟିଟୁ ୩୦ ବଲରେ ୫୦ ରନ ସଂଗ୍ରହ କରିଥିଲେ । ସୋନପୁର ବୋଲର ଆକାଶ ପାତ୍ର ୪ ଓଭରରେ ୨୪ ରନ ଦେଇ ୩ଉଇକେଟ ହାସଲ କରିଥିଲେ । ୧୫୭ ରନର ବିଜୟ ଲକ୍ଷ ନେଇ ସୋନପୁର ଦଳ ବ୍ୟାଟିଂ କରିଥିଲା । ଦଳର ୧୭.୨ ଓଭରରେ ୪ ଉଇକେଟ ହରାଇ ୧୬୦ ରନ ବିଜୟୀ ହୋଇଥିଲା । ଦଳର ଉମାଶଙ୍କର ହୋତା ୫୦ ବଲରେ ଧୂଆଁଧାର ୯୩ ରନ ସଂଗ୍ରହ କରିଥିଲେ । ବ୍ରଜରାଜନଗର ବୋଲର ଆଜାଦ ୪ ଓଭରରେ ୨୪ ରନ ଦେଇ ୨ ଉଇକେଟ ଅକ୍ତିଆର କରିଥିଲେ । ଅମ୍ପାୟର ସୌମ୍ୟ ମହାନ୍ତି, ବିଶ୍ୱଜିତ ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ । ପ୍ରତାପ ମିଶ୍ର, ମେକମିଲନ୍ ମହାକୁଡ ଉଦଘୋଷକ ଥିଲେ । ମାନେଶ୍ୱରର ବିଟୁ ମେହେର ଓ ସୋନପୁରର ଉମାଶଙ୍କରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା । କ୍ଲବ ସଭାପତି ଗୋପାଳ ପ୍ରସାଦ ପଣ୍ଡାଙ୍କ ପରିଚାଳନାରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା । ସାଂଗଠନିକ ସମ୍ପାଦକ ସଞ୍ଜୀବ କୁମାର ନାଏକ ସୂଚନା ପ୍ରଦାନ କରିଥିଲେ । ସାଧାରଣ ସମ୍ପାଦକ ହେମନ୍ତ ପରିଡା, ଉପସଭାପତି ସୁରେନ୍ଦ୍ର ଦୀକ୍ଷିତ, ଯୁଗ୍ମ ସମ୍ପାଦକ ପ୍ରେମାନନ୍ଦ ସେଠ, ଭାଗୀରଥୀ ସିଂଦେଓ, ସତ୍ୟଜିତ ସେଠ ଟୁର୍ନାମେଣ୍ଟ ଆୟୋଜନର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

## କାଳିଆ ଛାତ୍ରବୃତ୍ତି ଯୋଜନା କେବଳ ବାହାନା: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୪।୨(ବ୍ୟୁରୋ)

ସରକାରଙ୍କ କାଳିଆ ଛାତ୍ରବୃତ୍ତି ଯୋଜନା ଏକ ବାହାନା। ଚାଷୀ ତଥା ଓବିସି ପରିବାରକୁ ଧୋକା ଦେବା ପାଇଁ କାଳିଆ ଛାତ୍ରବୃତ୍ତି କେବଳ ନିର୍ବାଚନୀ ଧୂଆଁବାଣ। ସାଧାରଣ ବର୍ଗର ଆର୍ଥିକ ପଛୁଆ ପରିବାର ପାଇଁ ଉଦ୍ଦିଷ୍ଟ ସଂରକ୍ଷଣ ବ୍ୟବସ୍ଥା ରାଜ୍ୟରେ ଲାଗୁ କରିବାକୁ ପଦକ୍ଷେପ ନ ନେବା ଦୁଃଖ ଓ ପରିତାପର ବିଷୟ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାଳିଆ ଛାତ୍ରବୃତ୍ତିର ଶୁଭାରମ୍ଭ କରି ଚାଷୀ ତଥା ଓବିସି ପରିବାରର ପିଲାଙ୍କୁ ଭଣ୍ଡାଇବାକୁ ବଡ଼ ସ୍ୱପ୍ନ ଦେଖାଉଛନ୍ତି। କାଳିଆ ଛାତ୍ର ବୃତ୍ତି ଅର୍ଥରେ ପିଲାମାନେ ଡାକ୍ତର, ଇଂଜିନିୟର ହୁଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପାଟିରେ ଓଡ଼ିଶା ଚାଷୀ ପରିବାରର ପିଲାଙ୍କ ପାଇଁ ଏପରି ମନ୍ତବ୍ୟ ସଇତାନର ବେଦ ପାଠ ସହ ସମାନ ବୋଲି ଧର୍ମେନ୍ଦ୍ର ଅଭିଯୋଗ କରିଛନ୍ତି।

ସାମାଜିକ ଗଣମାଧ୍ୟମ ଜରିଆରେ ଧର୍ମେନ୍ଦ୍ର କହିଛନ୍ତି ଯେ, ଭାରତୀୟ ସାମ୍ବିଧାନିକ ବ୍ୟବସ୍ଥାରେ ଓବିସି ବର୍ଗ ପିଲାଙ୍କ ପାଠପଢ଼ା ପାଇଁ ଶିକ୍ଷାନୁଷ୍ଠାନ ଏବଂ ସରକାରୀ ଚାକିରି କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି। ମୁଖ୍ୟମନ୍ତ୍ରୀ ଏହି ବର୍ଗର ପିଲାଙ୍କୁ ସେମାନଙ୍କର ସାମ୍ବିଧାନିକ ଅଧିକାର ଦେବା ବଦଳରେ ସାହୁକାର ଭଳି ଟଙ୍କା ଦେବେ ବୋଲି କହିବା ପରିତାପର ବିଷୟ। ବିଜେଡି ମୁଖପାତ୍ର ପ୍ରଶାନ୍ତ ନନ୍ଦ କହିଛନ୍ତି ଯେ, ଧର୍ମେନ୍ଦ୍ର ଯାହା କହୁଛନ୍ତି ସେସବୁ କେବଳ ରାଜନୀତି ଉଦ୍ଦେଶ୍ୟ ପ୍ରଣୋଦିତ।

## ଜିଏମୟୁରେ ରାଜ୍ୟସ୍ତରୀୟ ହିନ୍ଦୀ କର୍ମଶାଳା

ସମ୍ବଲପୁର, ୨୪।୨ (ବ୍ୟୁରୋ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜି

ଭାରତ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆରେ ପରାଜିତ ହୋଇଥିଲେ ହେଁ ସିରିଜକୁ ପ୍ରତ୍ୟାବର୍ତ୍ତନ କରିବାର ସାମର୍ଥ୍ୟ ଆମ ନିକଟରେ ରହିଛି।
–ଆନ୍ୟା ଶ୍ରବ୍‌ସୋଲ୍, ଇଂଲଣ୍ଡ ମହିଳା କ୍ରିକେଟର

ଆଇସିସି ମହିଳା କ୍ରିକେଟରେ ଟି୨୦ ଫର୍ମାଟର ପ୍ରସାର ପାଇଁ ବିଚାର କରୁଥିବାରୁ ଆମ ଦେଶରେ ମହିଳା ଆଇପିଏଲ ହେବା ଉଚିତ୍। –ମିଥାଲି ରାଜ୍, ଭାରତୀୟ ମହିଳା କ୍ରିକେଟର

# ଶେଷ ବଲ୍‌ରେ ଜିତିଲା ଅଷ୍ଟ୍ରେଲିଆ

ବିଶାଖାପାଟଣା, ୨୪।୨(ପି.ଟି.)

ସ୍ଥାନୀୟ ୱାଇଏସ୍ ରାଜଶେଖର ରେଡ୍ଡୀ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଲୋ– ସ୍କୋରିଂ ରୋମାଞ୍ଚକ ପ୍ରଥମ ଟି୨୦ ମ୍ୟାଚ୍‌ରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ଶେଷ ବଲ୍‌ରେ ଭାରତକୁ ୩ ଉଇକେଟରେ ପରାସ୍ତ କରିଛି। ଟସ୍ ଜିତି ଅଷ୍ଟ୍ରେଲିଆ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଭାରତ ୨୦ ଓଭରରେ ୭ ଉଇକେଟ ହରାଇ ୧୨୬ ରନ ସଂଗ୍ରହ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୨୦ ଓଭରରେ ୭ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଛି। ଶେଷ ବଲରେ ଆବଶ୍ୟକ ୨ ରନ କରି ଭ୍ରମଣକାରୀ ଦଳ ବାଜି ମାରିଛି। ଏଥିସହିତ ଅଷ୍ଟ୍ରେଲିଆ ୨ ମ୍ୟାଚ ବିଶିଷ୍ଟ ଏହି ସିରିଜ୍‌ରେ ୧–୦ରେ

## ପ୍ରଥମ ଟି୨୦

ଅଗ୍ରଣୀ ହାସଲ କରିଛି। ୧୨୭ ରନ ଟାର୍ଗେଟର ପିଛା କରି ଅଷ୍ଟ୍ରେଲିଆ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଦଳ ମଧ୍ୟ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଦଳ ତରଫରୁ ଗ୍ଲେନ୍ ମ୍ୟାକ୍ସୱେଲ୍ ୪୩ ବଲରୁ ୬ ଚୌକା, ୨ ଛକା ସହ ୫୬ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡି' ଆର୍ସି ଶର୍ଟ ୩୭, ପିଟର ହ୍ୟାଣ୍ଡସ୍କମ୍ବ ୧୩ ରନ କରି ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଭାରତ ତରଫରୁ ଯଶପ୍ରୀତ ବୁମ୍‌ରା ୩, ଯୁଜବେନ୍ଦ୍ର ଚହଲ ଓ କ୍ରୁନାଲ ପାଣ୍ଡ୍ୟା ଗୋଟିଏ ଲେଖାଏ ଉଇକେଟ ହାସଲ

ଅର୍ଦ୍ଧଶତକୀୟ ଇନିଂସ ଅବସରରେ ଗ୍ଲେନ୍ ମ୍ୟାକ୍ସୱେଲ ।

କରିଥିଲେ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଥିଲା। ଆରମ୍ଭରୁ ତାରକା ଓପନର ତଥା ଉପ ଅଧିନାୟକ ରୋହିତ ଶର୍ମା ମାତ୍ର ୫ ରନ କରି ପ୍ୟାଭିଲିୟନ ଫେରିଥିଲେ। ସେ ଜାସନ ବେହେରେନଡୋର୍ଫଙ୍କ ବଲ୍‌ରେ ଆଡାମ ଜାମ୍ପାଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ୩ ସପ୍ତାହର ବିଶ୍ରାମ ପରେ ଦଳକୁ ଫେରିଥିବା ଅଧିନାୟକ ବିରାଟ କୋହଲି ୧୭ ବଲ୍‌ରୁ ୩ ଚୌକା ସହ ୨୪ ରନ କରି ଜମିଆସୁଥିବା ବେଳେ ଜାମ୍ପାଙ୍କ ବଲ୍‌ରେ ନାଥନ କୁଲ୍ଟର–ନିଲଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଦଳର ବିପର୍ଯ୍ୟୟ ଘଟିଥିଲା। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ୩୭ଟି ବଲ୍ ଖେଳି ୨୯ ରନ କରି ଅପରାଜିତ ରହିଥିଲେ ମଧ୍ୟ ଅନ୍ୟମାନେ ବିଫଳ ହୋଇଥିଲେ। ଯୁବ ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୩ ରନ କରି ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହେବା ପରେ ଓପନର ଲୋକେଶ ରାହୁଲ ୩୬ ବଲରୁ ୬ ଚୌକା, ୧ ଛକା ସହ ୫୦ ରନ କରି କୁଲ୍ଟର– ନିଲଙ୍କ ବଲ୍‌ରେ ଆରୋନ ଫିଞ୍ଚଙ୍କୁ କ୍ୟାଚ ଦେଇ ଆଉଟ ହୋଇଥିଲେ। ଦ୍ୱିତୀୟ ଉଇକେଟ ଯୋଡିରେ କୋହଲି ଓ ରାହୁଲ ୫୫ରନ ସଂଗ୍ରହ କରିଥିଲେ। ସେହିପରି ଦୀନେଶ କାର୍ତ୍ତିକ୍ ୧, ଟି୨୦ ସ୍ପେଶାଲିଷ୍ଟ କ୍ରୁନାଲ ପାଣ୍ଡ୍ୟା ୧, ଉମେଶ ଯାଦବ ୨ ରନ କରି ଆଉଟ ହୋଇଥିବା ବେଳେ ଯୁଜବେନ୍ଦ୍ର ଚହଲ ବିନା ସ୍କୋରରେ ଅପରାଜିତ ରହିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ କୁଲ୍ଟର– ନିଲ ସର୍ବାଧିକ ୩, ବେହେରେନଡୋର୍ଫ, ଜାମ୍ପା ଓ ପ୍ୟାଟ୍ କୁମିନ୍ସ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ଭାରତୀୟ ଯୁବ ଲେଗ୍ ସ୍ପିନର ମୟଙ୍କ ମାର୍କଣ୍ଡେ ଏହି ମ୍ୟାଚ୍‌ରେ ପଦାର୍ପଣ କରିଛନ୍ତି। ଅଭିଜ୍ଞ ଓପନର ଶିଖର ଧାୱନଙ୍କ ବଦଳରେ ଲୋକେଶ ରାହୁଲ ଖେଳିବାର ସୁଯୋଗ ହାସଲ କରିଥିଲେ। ଅଲରାଉଣ୍ଡର ବିଜୟ ଶଙ୍କରଙ୍କ ବଦଳରେ ମାର୍କଣ୍ଡେଙ୍କୁ ଖେଳାଯାଇଥିଲା। ସେହିପରି ଭୁବନେଶ୍ୱର କୁମାରଙ୍କ ବଦଳରେ ଉମେଶ ଯାଦବ ଦଳରେ ସାମିଲ ହୋଇଥିଲେ। ଅଷ୍ଟ୍ରେଲିଆ ଦଳରେ ପିଟର ହ୍ୟାଣ୍ଡସ୍କମ୍ବ ପଦାର୍ପଣ କରିଛନ୍ତି।

### ସଂକ୍ଷିପ୍ତ ସ୍କୋର

- ଭାରତ ୨୦ ଓଭରରେ ୧୨୬/୭ (ରାହୁଲ-୫୦, ଧୋନୀ-୨୯*, କୋହଲି- ୨୪, କୁଲ୍ଟର-ନିଲ- ୩/୨୬)।
- ଅଷ୍ଟ୍ରେଲିଆ ୨୦ ଓଭରରେ ୧୨୭/୭ (ମ୍ୟାକ୍ସୱେଲ- ୫୬, ଶର୍ଟ- ୩୭, ବୁମ୍‌ରା- ୩/୧୬)।

## ସୌରଭ ଚୌଧାରୀଙ୍କୁ ସ୍ୱର୍ଣ୍ଣ ସହ ଅଲିମ୍ପିକ୍ କୋଟା

ନୂଆଦିଲ୍ଲୀ,୨୪।୨(ପିଟି)

୧୬ବର୍ଷୀୟ ଭାରତୀୟ ଶୁଟର ସୌରଭ ଚୌଧାରୀ ନୂଆ ବିଶ୍ୱ ରେକର୍ଡ ସୃଷ୍ଟି କରିବା ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ଆହୁରି ମଧ୍ୟ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସ୍ଥାନୀୟ ଡ. କାର୍ନି ସିଂ ଶୁଟିଂ ଷ୍ଟାଡିୟମ୍‌ରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ରେ ସୌରଭ ପୁରୁଷ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା, ଏସିଆନ୍ ଗେମ୍ସ ଓ ୟୁଥ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକଧାରୀ ଫାଇନାଲରେ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ବହୁ ପଛରେ ପକାଇ ଦେଇଥିଲେ। ସେ ଫାଇନାଲରେ ୨୪୫.୦ ସ୍କୋର କରିଥିଲେ, ଯାହାକି ଏହି ଇଭେଣ୍ଟରେ ଏକ ବିଶ୍ୱ ରେକର୍ଡ। ସେ ନିକଟସ୍ଥ ପ୍ରତିଦ୍ୱନ୍ଦ୍ୱୀ ଦାମିର ମିକେ (୨୩୯.୩)ଙ୍କୁ ୫.୭ ପଏଣ୍ଟରେ ହରାଇଥିଲେ। ରୌପ୍ୟ ପଦକ ଜିତିଥିବା ଦାମିରଙ୍କୁ ଏହି ଇଭେଣ୍ଟର ଦ୍ୱିତୀୟ ଅଲିମ୍ପିକ୍ସ ଯୋଗ୍ୟତା ମିଳିଛି। ଫାଇନାଲ ରାଉଣ୍ଡ ପାଇଁ ଅନୁଷ୍ଠିତ ଯୋଗ୍ୟତା ପର୍ଯ୍ୟାୟରେ ସୌରଭ ୫୮୭ ସ୍କୋର ସହ ଶୀର୍ଷରେ ରହିଥିଲେ। ଏହି ଇଭେଣ୍ଟରେ ଅଂଶଗ୍ରହଣ କରିଥିବା ଅଭିଷେକ ବର୍ମା (୫୭୬) ଓ ରବିନ୍ଦର ସିଂ (୫୭୬) ସ୍କୋର କରି ଫାଇନାଲରୁ ବାଦ୍ ପଡ଼ିଥିଲେ। ଟୁର୍ନାମେଣ୍ଟରେ ଏବେ ସୁଦ୍ଧା ଭାରତୀୟ ଦଳ ଦୁଇ ସ୍ୱର୍ଣ୍ଣ ପଦକ ଓ ୩ଟି ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିଛି। ସୌରଭଙ୍କ ପୂର୍ବରୁ ଅପୂର୍ବୀ ଚାଣ୍ଡେଲା ଓ ଅଞ୍ଜୁମ ମୁଦଗିଲ ଅଲିମ୍ପିକ୍ କୋଟା ପାଇସାରିଛନ୍ତି।

## ସଂକ୍ଷେପରେ

### କର୍ମକର୍ତ୍ତାଙ୍କ ତ୍ରୁଟି ଯୋଗୁ ଫାଇନାଲରୁ ବଞ୍ଚିତ ହେଲେ ବର୍ମା

**ନୂଆଦିଲ୍ଲୀ,୨୪।୨(ପିଟି):** ସ୍ଥାନୀୟ ଡ. କାର୍ନି ସିଂ ଶୁଟିଂ ଷ୍ଟାଡିୟମ୍‌ରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ରେ ପୁରୁଷ ବିଭାଗର ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟର ଯୋଗ୍ୟତା ପର୍ଯ୍ୟାୟରେ କର୍ମକର୍ତ୍ତାଙ୍କ ତ୍ରୁଟି ଯୋଗୁ ଏସିଆନ ଗେମ୍ସ ବ୍ରୋଞ୍ଜ ପଦକଧାରୀ ଅଭିଷେକ ବର୍ମା ଫାଇନାଲରୁ ବାଦ୍ ପଡ଼ିଛନ୍ତି। ବର୍ମା ରବିବାର ଅନୁଷ୍ଠିତ ଯୋଗ୍ୟତା ପର୍ଯ୍ୟାୟର ପ୍ରଥମ ସେଟ୍ ଶୁଟରଙ୍କ ସହ ଅଂଶଗ୍ରହଣ କରୁଥିଲେ। ଏହି ପର୍ଯ୍ୟାୟରେ ୫ମ ସିରିଜ ଶୁଟ ଚାଲୁଥିବାବେଳେ ବର୍ମାଙ୍କ ସହ ଜଣେ କାର୍ଯ୍ୟରତ କର୍ମକର୍ତ୍ତା କଥା ହେବାକୁ ଆସିଥିଲେ। ବର୍ମାଙ୍କୁ ଦର୍ଶକଙ୍କ ମଧ୍ୟରୁ ଜଣେ କେହି ଡାକୁଥିବା କହିଥିଲେ। ସେ ଥିଲେ ବର୍ମାଙ୍କ ବ୍ୟକ୍ତିଗତ କୋଚ ଓମେନ୍ଦର ସିଂ। ମାତ୍ର ଓମେନ୍ଦରଙ୍କୁ ବିଶ୍ୱକପ୍‌ରେ ଯୋଗଦେବାକୁ ଅନୁମତି ମିଳିନାହିଁ। କୋଚ୍‌ଙ୍କ ସହ ଆଲୋଚନା ଯୋଗୁ ଶୁଟିଂ ସିରିଜ ଶେଷ କରିବା ଲାଗି ଧାର୍ଯ୍ୟ ସମୟର ୧୦ ମିନିଟ୍‌ରୁ କମ୍ ସମୟ ବଳିଥିଲା। ବିଳମ୍ବ ଯୋଗୁ ବର୍ମାଙ୍କ ଉପରେ ଚାପ ବୃଦ୍ଧି ପାଇଥିଲା। ଏଥିଯୋଗୁ ବର୍ମା ୫୭୬ ସ୍କୋର କରିଥିଲେ, ଯାହାକି ଟପ୍ ୮ ବାହାରେ ଥିଲା। ଏହା କାର୍ଯ୍ୟରତ କର୍ମକର୍ତ୍ତାଙ୍କ ଭୁଲ। କାହାରି ନିବେଦନ ପରେ କର୍ମକର୍ତ୍ତା ଜଣଙ୍କ ଅଭିଷେକଙ୍କୁ ଡାକିବା ଉଚିତ ନ ଥିଲା। ଏହା ଆମକୁ ମହଙ୍ଗା ପଡ଼ିଛି ବୋଲି ପାବେଲ କହିଛନ୍ତି।

### ଜାତୀୟ ସବ୍‌ଜୁନିୟର ଭଲିବଲ୍ ଓଡ଼ିଶା ବାଳିକା ଦଳର ପ୍ରଥମ ବିଜୟ

**ଭୁବନେଶ୍ୱର, ୨୪।୨(ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା ଭଲିବଲ ଆସୋସିଏଶନ ଓ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ କିଟ୍ ଗ୍ରାଉଣ୍ଡରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ଭଲିବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ବାଳିକା ଦଳ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ରବିବାର ଅନୁଷ୍ଠିତ ବାଳିକା ବର୍ଗର ମ୍ୟାଚ୍‌ରେ ଓଡ଼ିଶା ୩-୨ ସେଟ୍‌ରେ ମଧ୍ୟପ୍ରଦେଶକୁ ପରାସ୍ତ କରିଛି। ପୂର୍ବରୁ ଓଡ଼ିଶା ୧-୩ରେ କେରଳଠାରୁ ହାରିଥିଲା। ଦିବସର ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ମହାରାଷ୍ଟ୍ର ୩-୦ରେ ଉତ୍ତରାଖଣ୍ଡକୁ, ରାଜସ୍ଥାନ ୩-୦ରେ ଆନ୍ଧ୍ରପ୍ରଦେଶକୁ, କେରଳ ୩-୦ରେ ଦିଲ୍ଲୀକୁ, ହରିୟାଣା ୩-୦ରେ ପଣ୍ଡିଚେରୀକୁ, ପଶ୍ଚିମବଙ୍ଗ ୩-୦ରେ ଛତିଶଗଡ଼କୁ, କର୍ନାଟକ ୩-୦ରେ ଝାଡ଼ଖଣ୍ଡକୁ ପରାସ୍ତ କରିଛି। ଅପରପକ୍ଷରେ ବାଳକ ବର୍ଗରେ ଖେଳାଯାଇଥିବା ମ୍ୟାଚ୍‌ରେ ହରିୟାଣା ୩-୦ରେ ଆସାମକୁ, ପଞ୍ଜାବ ୩-୨ରେ ଆନ୍ଧ୍ରପ୍ରଦେଶକୁ, ଉତ୍ତରପ୍ରଦେଶ ୩-୦ରେ ହିମାଚଳ ପ୍ରଦେଶକୁ, ଝାଡ଼ଖଣ୍ଡ ୩-୨ରେ ପଣ୍ଡିଚେରୀକୁ, ତାମିଲନାଡୁ ୩-୦ରେ କଶ୍ମୀରକୁ ଏବଂ ଉତ୍ତରାଖଣ୍ଡ ୩-୦ରେ ମଧ୍ୟପ୍ରଦେଶକୁ ହରାଇଛି।

### ଇଡେନରୁ ହଟାଯିବନି ପାକିସ୍ତାନ କ୍ରିକେଟରଙ୍କ ଫଟୋ

**କୋଲକାତା,୨୪।୨:** ପୁଲୱାମା ଆତଙ୍କବାଦୀ ଆକ୍ରମଣ ପରେ ଭାରତର ବିଭିନ୍ନ କ୍ରିକେଟ ଆସୋସିଏଶନରେ ପାକିସ୍ତାନ କ୍ରିକେଟରଙ୍କ ଫଟୋ ହଟାଇ ଦିଆଯାଇଛି। ମାତ୍ର ଐତିହାସିକ ଇଡେନ ଗାର୍ଡେନ ଗ୍ୟାଲେରିରୁ ପାକିସ୍ତାନ କ୍ରିକେଟରଙ୍କ ଫଟୋ ହଟାଯିବ ନାହିଁ। ଏ ନେଇ କ୍ରିକେଟ ଆସୋସିଏଶନ୍ ଅଫ୍ ବେଙ୍ଗଲ (ସିଏବି) ସ୍ପଷ୍ଟ କରିଛି। ବିଜେପି ଯୁବ ମୋର୍ଚ୍ଚା (ବିଜେୱାଇଏମ୍) ପକ୍ଷରୁ ସିଏବି ମୁଖ୍ୟ କାର୍ଯ୍ୟାଳୟ ସାମ୍ନାରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପ୍ରାୟ ୬୦ ଭାଜପା ଯୁବ ମୋର୍ଚ୍ଚା କର୍ମୀ ପାକିସ୍ତାନ ବିରୋଧୀ ସ୍ଲୋଗାନ ଦେବା ସହ ପାକିସ୍ତାନ କ୍ରିକେଟରଙ୍କ ଫଟୋ ହଟାଇବା ପାଇଁ ଦାବି କରିଥିଲେ। ବିକ୍ଷୋଭକାରୀଙ୍କୁ ପୋଲିସ ଗିରଫ କରିଥିଲା। ପୂର୍ବତନ ଅଧିନାୟକ ତଥା ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁ ୧୯୯୨ ବିଶ୍ୱକପ୍ ଧରିଥିବା ଫଟୋ ବିସି ରୟ କ୍ଲବ ଲବିଠାରେ ଲଗାଯାଇଛି। ତାଙ୍କ ବ୍ୟତୀତ ୱାସିମ ଆକ୍ରମ, ଇନ୍ତିଖାବ ଆଲମ ଓ ରମିଜ ରାଜଙ୍କ ଭଳି କେତେ ଜଣ କିମ୍ବଦନ୍ତୀ ଖେଳାଳିଙ୍କ ଫଟୋ କ୍ଲବ କାନ୍ଥରେ ଲାଗିଛି।

## ଟି୨୦ରେ ଆଫଗାନିସ୍ତାନର ରେକର୍ଡ

**ଡେରାଡୁନ, ୨୪।୨ (ପି.ଟି.)**

ଟି୨୦ ଫର୍ମାଟ୍‌ରେ ସର୍ବାଧିକ ସ୍କୋର କରି ଆଫଗାନିସ୍ତାନ ରେକର୍ଡ ସୃଷ୍ଟି କରିଛି। ଏଠାରେ ଅନୁଷ୍ଠିତ ଆୟର୍ଲାଣ୍ଡ ବିପକ୍ଷ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଆଫଗାନିସ୍ତାନ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୩ ଉଇକେଟ ହରାଇ ରେକର୍ଡ ୨୭୮ ରନ ସଂଗ୍ରହ କରିଥିଲା। ପୂର୍ବରୁ ୨୦୧୬ରେ ପାଲିକେଲରେ ଶ୍ରୀଲଙ୍କା ବିପକ୍ଷରେ ଅଷ୍ଟ୍ରେଲିଆ ୩ ଉଇକେଟ ହରାଇ ୨୬୩ ରନ କରି ବିଶ୍ୱ ରେକର୍ଡ ସୃଷ୍ଟି କରିଥିଲା। ତେବେ ଆଫଗାନିସ୍ତାନ ଏବେ ଏହାକୁ ପଛରେ ପକାଇଛି। ଜବାବରେ ଆୟର୍ଲାଣ୍ଡ ୬ ଉଇକେଟ ହରାଇ ୧୯୪ ରନ୍‌ରେ ସୀମିତ ରହି ୮୪ ରନରେ ପରାସ୍ତ ହୋଇଛି। ଏହି ବିଜୟ ସହ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୨-୦ରେ ଅଗ୍ରଣୀ ହେବା ସହ ଆଫଗାନିସ୍ତାନ ଆଗୁଆ ସିରିଜ୍ ହାତେଇ ନେଇଛି। ଆଫଗାନିସ୍ତାନ ତରଫରୁ ଓପନର ହଜରାତୁଲ୍ଲା ଜଜାଇ ୬୨ଟି ବଲର ସମ୍ମୁଖୀନ ହୋଇ ୧୧ ଚୌକା ଓ ୧୬ ଛକା ସହ ୧୬୨ ରନର ଶତକୀୟ ପାଳି ଖେଳି ଅପରାଜିତ ରହିବା ସହ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅନ୍ୟତମ ଓପନର ଉସ୍‌ମାନ ଘନି ୪୮ ବଲରୁ ୭ ଚୌକା ଓ ୩ ଛକା ସହ ୭୩ ରନ ସଂଗ୍ରହ କରିଥିଲେ। ଓପନିଂ ଯୋଡିରେ ହଜରାତୁଲ୍ଲା ଓ ଉସମାନ ୨୩୭ ରନ କରି ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ୨୭୯ ରନ ବିଜୟ ଲକ୍ଷ୍ୟର ପିଛା କରି ଭଲ ଆରମ୍ଭ କରିଥିଲା ଆୟର୍ଲାଣ୍ଡ। ଓପନର ତଥା ଅଧିନାୟକ ପଲ ଷ୍ଟର୍ଲିଂ ସର୍ବାଧିକ ୯୧, କେଭିନ ଓ'ବ୍ରାଏନ ୩୭, ଶେନ୍ ଗେଟକେଟ୍ ୨୪ ରନ କରି ଆଉଟ ହୋଇଥିବା ବେଳେ ସିମି ସିଂ ୧୭ ଓ ଷ୍ଟୁଆର୍ଟ ପଣ୍ଡେର ୧୫ ରନ କରି ଅପରାଜିତ ରହିଥିଲେ। ଓପନିଂ ଯୋଡିରେ ଷ୍ଟର୍ଲିଂ ଓ ଓ'ବ୍ରାଏନ ୧୨୬ ରନ ସଂଗ୍ରହ କରିଥିଲେ। ବୋଲିଂରେ ଆଫଗାନିସ୍ତାନ ତରଫରୁ ରସିଦ୍ ଖାଁ ସର୍ବାଧିକ ୪, ମୁଜିବ ଉର ରହମାନ ଓ ଫରିଦ୍ ମାଲିକ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

## ଆଇ– ଲିଗ୍ ଫୁଟବଲ: କଶ୍ମୀର– ଆରୋଜ୍ ମ୍ୟାଚ୍ ଡ୍ର

ଭୁବନେଶ୍ୱର, ୨୪।୨(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ରବିବାର ଚିୟଲ କଶ୍ମୀର ଓ ଘରୋଇ ଇଣ୍ଡିଆନ୍ ଆରୋଜ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ୨-୨ ଗୋଲରେ ଅମୀମାଂସିତ ରହିଛି। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍ ବେଶ୍ ରୋମାଞ୍ଚକ ଥିଲା। ଏଥି ସହିତ ବାହାର ମ୍ୟାଚ୍‌ଗୁଡିକରେ କଶ୍ମୀର ତା'ର ଅପରାଜେୟଧାରା ବଜାୟ ରହିଛି। ମ୍ୟାଚ୍‌ର ପ୍ରଥମ ୭୫ ମିନିଟରେ ଗୋଲ ସମ୍ଭବ ହୋଇପାରି ନ ଥିଲା। ତେବ ହଠାତ୍ ଏହା ପରେ ମ୍ୟାଚ୍‌ରେ ରୋମାଞ୍ଚ ଦେଖିବାକୁ ମିଳିଥିଲା ଓ ନିୟମିତ ସମୟର ଅନ୍ତିମ ୧୫ ମିନିଟ୍‌ରେ ୪ଟି ଗୋଲ ସ୍କୋର କରାଯାଇଥିଲା। ମ୍ୟାଚ୍‌ର ୭୮ତମ ମିନିଟ୍‌ରେ ଆରୋଜର ଅମରଜିତ୍ ସିଂ ପେନାଲ୍ଟି ସ୍ପଟ୍‌ରୁ ଶଟ୍ ମାରି ଗୋଲ ଦେଇଥିଲେ। ଏହାପରେ ୮୨ତମ ମିନିଟ୍‌ରେ କଶ୍ମୀର ଆବେଦନେଡୋ ମେଇଟେଇ ଗୋଲ ଦେଇ ମ୍ୟାଚ୍‌କୁ ୧-୧ ସମାନସ୍ଥିତିକୁ ଆଣିଥିଲେ। ଏହାପରେ ମାସନ ରବର୍ଟଶନ ୯୦ ତମ ମିନିଟ୍‌ରେ ଗୋଲ ସ୍କୋର କରି ଦଳକୁ ୨-୧ରେ ଅଗ୍ରଣୀ କରାଇବା ସହ ବିଜୟ ସମ୍ଭାବନା ସୃଷ୍ଟି କରି ଖେଳାଳିମାନେ ବେଶ୍ ଆନନ୍ଦିତ ହୋଇଥିଲେ। ତେବେ ଏହି ଖୁସି ବେଶି ସମୟ ତିଷ୍ଠି ପାରି ନ ଥିଲା। ଏହାର ମାତ୍ର ୬୦ ସେକେଣ୍ଡ ମଧ୍ୟରେ ତଥା ଇଞ୍ଜୁରୀ ଟାଇମ୍‌ର ପ୍ରଥମ ମିନିଟ୍‌ରେ ଆରୋଜ୍‌ର ରାହୁଲ କେପି ଅନଓ୍ୱର ଅଲିଙ୍କ ଏକ ପାସ୍‌କୁ ହେଡ କରି ଗୋଲରେ ପରିଣତ କରିଥିଲେ। ଏହା ପରେ ୪ ମିନିଟର ଖେଳରେ ଆକ୍ରମଣ ଓ ପ୍ରତିଆକ୍ରମଣ ଦେଖିବାକୁ ମିଳିଥିଲେ ମଧ୍ୟ ଗୋଲ ସମ୍ଭବ ହୋଇ ପାରି ନ ଥିଲା ଓ ଶେଷରେ ଫାଇନାଲ ହ୍ୱିସିଲ ବାଜିଥିଲା। ଫଳରେ ମ୍ୟାଚ ୨-୨ ଗୋଲରେ ଅମୀମାଂସିତ ହୋଇଥିଲା। ଆରୋଜ ତା'ର ଶେଷ ଘରୋଇ ମ୍ୟାଚ୍‌ରେ ଅନ୍ତିମ ମୁହୂର୍ତ୍ତରେ ଗୋଲ ଦେଇ ପରାଜୟରୁ ବର୍ତ୍ତିଯାଇଥିଲା। ଫଳରେ ମ୍ୟାଚ ଡ୍ର' ହୋଇଥିଲେ ମଧ୍ୟ ଆରୋଜ ଖେଳାଳି ବିଜୟ ଭଳି ଉତ୍ସବ ମନାଇଥିଲେ। ମ୍ୟାଚ୍ ଅମୀମାଂସିତ ରହିବା ଫଳରେ ପଏଣ୍ଟ ଭାଗ ହୋଇଥିଲା। ଏଥି ସହିତ କଶ୍ମୀର ମୋଟ ୧୭ଟି ମ୍ୟାଚ୍ ଖେଳି ୯ଟି ବିଜୟ, ୬ଟି ଡ୍ର ଓ ଦୁଇଟି ପରାଜୟ ସହ ମୋଟ ୩୩ ପଏଣ୍ଟ ପାଇଁ ପଏଣ୍ଟ ତାଲିକର ଦ୍ୱିତୀୟ ସ୍ଥାନକୁ ଉଠିଛି। ଅପରପକ୍ଷରେ ଆରୋଜ୍ ଦଳ ୧୯ଟି ମ୍ୟାଚ୍ ଖେଳି ୫ ବିଜୟ, ୩ ଡ୍ର ଓ ୧୧ଟି ପରାଜୟ ସହ ୧୮ ପଏଣ୍ଟ ପାଇଁ ଗୋଟିଏ ସ୍ଥାନ ଉପରକୁ ଉଠିବା ସହ ପୁଣି ଥରେ ସପ୍ତମ ସ୍ଥାନକୁ ଫେରିଛି। ତେବେ ଚେନ୍ନାଇ ସିଟି ୧୭ଟି ମ୍ୟାଚ୍ ଖେଳି ୧୧ଟି ବିଜୟ, ୪ଟି ଡ୍ର ଓ ୨ଟି ପରାଜୟ ସହ ୩୭ ପଏଣ୍ଟ ପାଇ ପୂର୍ବପରି ଶୀର୍ଷସ୍ଥାନରେ ରହିଛି।

## ଅରବିନ୍ଦ ମେମୋରିଆଲ କ୍ରିକେଟ୍ ୩ରୁ

ଭୁବନେଶ୍ୱର, ୨୪।୨(ସ୍ପୋର୍ଟ୍ସ ବ୍ୟୁରୋ)

ରାଜ୍ୟର ଅଗ୍ରଣୀ କ୍ରୀଡ଼ା ଅନୁଷ୍ଠାନ ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ପୂର୍ବବର୍ଷ ମାନଙ୍କ ଭଳି ଚଳିତବର୍ଷ ମାର୍ଚ୍ଚ ୩ରୁ ରାଜ୍ୟସ୍ତରୀୟ ଅରବିନ୍ଦ ମେମୋରିଆଲ କ୍ରିକେଟ ଟୁର୍ନାମେଣ

# ଚନ୍ଦ୍ରର ଅନ୍ଧକାର ପାର୍ଶ୍ୱରେ ଚାଙ୍ଗ୍ଇ-୪

ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ପୃଥିବୀକୁ ପରିକ୍ରମା କରିବା ଅବସରରେ ଚନ୍ଦ୍ର ନିଜ ଅକ୍ଷଦଣ୍ଡ ଚତୁଃପାର୍ଶ୍ୱରେ ମଧ୍ୟ ଘୂର୍ଣ୍ଣନ କରିଥାଏ। ଏହାର ଏହି ପରିକ୍ରମା ବେଗ ସହିତ ଘୂର୍ଣ୍ଣନ ବେଗ ସମାନ। ସେଥିପାଇଁ ସଦାସର୍ବଦା ଆମେ ତା'ର କେବଳ ଗୋଟିଏ ପାର୍ଶ୍ୱ ହିଁ ଦେଖିପାରୁ। ଅପରପାର୍ଶ୍ୱର ଅଧିକାଂଶ ଭାଗ, ଅର୍ଥାତ୍ ତା'ର ୮୨% ଆମ ଦୃଷ୍ଟିଗୋଚର ହୁଏନାହିଁ। ତେଣୁ ଆମେ ତାକୁ 'ଅନ୍ଧକାର ପାର୍ଶ୍ୱ' ବୋଲି କହୁ। ତେବେ, ତାହା ପ୍ରକୃତରେ ଅନ୍ଧକାରମୟ ନୁହେଁ, ବରଂ ବେଶ୍ ଆଲୋକିତ।

ଚନ୍ଦ୍ର ହେଉଛି ଆମର ସବୁଠାରୁ ଅଧିକ ଅଧ୍ୟୟନ ଓ ସର୍ବେକ୍ଷଣ ହୋଇଥିବା ମହାକାଶ ପିଣ୍ଡ। ଏହାର ପୃଷ୍ଠଦେଶକୁ ପଠାଯାଇ ସାରିଛି ଅନେକ ମହାକାଶଯାନ। ସେଗୁଡ଼ିକ ତାହାକୁ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିଛନ୍ତି। ମଣିଷ ମଧ୍ୟ ସେଠାରେ ପାଦ ରଖିସାରିଛି। ତେବେ ଏ କାର୍ଯ୍ୟକ୍ରମଗୁଡ଼ିକ ମୁଖ୍ୟତଃ ସମାହିତ ହୋଇଛି ତାହାର ପୃଥିବୀ ଆଡ଼କୁ ମୁହଁ କରିଥିବା ଅର୍ଦ୍ଧାଂଶରେ। 'ଅନ୍ଧକାର ପାର୍ଶ୍ୱ' ବୋଲି କୁହାଯାଉଥିବା ଅପରପାର୍ଶ୍ୱଟି ରହିଯାଇଛି ପ୍ରାୟତଃ ଅନାବିଷ୍କୃତ।

ପ୍ରଥମେ ୧୯୫୯ ମସିହାରେ ଏହି ଭାଗର ଫଟୋଚିତ୍ରଟିଏ ଉତ୍ତୋଳନ କରିବାକୁ ସମର୍ଥ ହୋଇଥିଲା ତଦାନିନ୍ତନ ସୋଭିଏଟ୍ ୟୁନିୟନ ଦ୍ୱାରା ପ୍ରେରିତ ଲୁନା-୩ ନାମକ ମହାକାଶ ଅନୁସନ୍ଧାନକାରୀ ବ୍ୟବସ୍ଥା ବା 'ପ୍ରୋବ୍'। ତାହାକୁ ଭିତ୍ତିକରି ୧୯୬୦ ମସିହାରେ ସୋଭିଏଟ୍ ଏକାଡେମୀ ଅଫ୍ ସାଇନ୍ସେସ୍ ପ୍ରସ୍ତୁତ କରିଥିଲା ଏହାର ଏକ ସୁନିର୍ଦ୍ଦିଷ୍ଟ ହୋଇ ନ ଥିବା ମାନଚିତ୍ର। ତପ୍ରରେ ଆମେରିକା ପ୍ରେରିତ 'ଆପୋଲୋ-୮'ର ମହାକାଶଚାରୀମାନେ ଏହି ପାର୍ଶ୍ୱକୁ ପ୍ରଥମଥର ପାଇଁ ଆଖିରେ ଦେଖିଥିଲେ ଏବଂ ତାହାର ଫଟୋ ଉତ୍ତୋଳନ କରିଥିଲେ। ଇତିମଧ୍ୟରେ ଆଉ କିଛି ମହାକାଶଯାନ ତଥା ମହାକାଶ ଅନୁସନ୍ଧାନ ବ୍ୟବସ୍ଥା ଏହାକୁ ଅଧ୍ୟୟନ ଓ ଅନୁସନ୍ଧାନ କରିଛନ୍ତି। ତେବେ, ସେ ସମସ୍ତ ଅଧ୍ୟୟନ ସୀମିତ ଏବଂ ଅସମ୍ପୂର୍ଣ୍ଣ। ଏ ଦୃଷ୍ଟିରୁ ଜାନୁୟାରୀ ୩ ତାରିଖ (୨୦୧୯)ରେ ଚନ୍ଦ୍ରର ଏହି ତଥାକଥିତ 'ଅନ୍ଧକାର ପାର୍ଶ୍ୱ'ରେ ପ୍ରଥମଥର ପାଇଁ ଧୀରଗତିରେ ଅବତରଣ କରିଥିବା ଚାଇନା ପ୍ରେରିତ ମହାକାଶ ଯାନ 'ଚାଙ୍ଗ୍ଇ-୪' ଚନ୍ଦ୍ର ଅଭିଯାନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

ସେ ଦେଶର 'ଚନ୍ଦ୍ର ଦେବତୀ'ଙ୍କ ନାମରେ ନାମିତ ଏହି ଚନ୍ଦ୍ର ଅନୁଧ୍ୟାନକାରୀ ବ୍ୟବସ୍ଥା ବା ଲୁନାର ପ୍ରୋବ୍ଟି ଦିନ ୧୦ଟା ୨୬ ମିନିଟ୍ ବେଳେ ସେଠାର ଦକ୍ଷିଣ ମେରୁ ନିକଟସ୍ଥ ଉନ୍ କାର୍‌ମାନ୍ ଗହ୍ୱର ନିକଟରେ ଭୂ-ସ୍ପର୍ଶ କରିଥିଲା ବୋଲି ସୂଚନା ଦେଇଛନ୍ତି ଚାଇନା ନ୍ୟାଶନାଲ ସ୍ପେସ୍ ଆଡମିନିଷ୍ଟ୍ରେଶନ। ଚନ୍ଦ୍ରର ଏହି ପାର୍ଶ୍ୱଟିର ପୃଥିବୀ ସହିତ ରେଡିଓ ଯୋଗାଯୋଗରେ ସମସ୍ୟା ରହିଛି। ଏଣୁ ମେ' ମାସରେ (୨୦୧୮) ମହାକାଶରେ ଅବସ୍ଥାପିତ ସେ ଦେଶର କ୍ୟୁକ୍ୟିଆଓ ଯୋଗାଯୋଗ ଉପଗ୍ରହ ମାଧ୍ୟମରେ ଏହା ଫଟୋଚିତ୍ର ଓ ସୂଚନାମାନ ପଠାଇବାରେ ଲାଗିଛି। ଏଥିରେ ମଧ୍ୟ ରହିଛି ଜର୍ମାନୀ ଏବଂ ସ୍ୱିଡେନର ଦୁଇଟି ଅନୁଧ୍ୟାନକାରୀ ବ୍ୟବସ୍ଥା, ଯାହା କି କିଛି କିଛି ପରୀକ୍ଷା ନିରୀକ୍ଷା ଲାଗି ଉଦ୍ଦିଷ୍ଟ। ପୁନଶ୍ଚ ଚାଙ୍ଗ୍ଇ-୪ର ଅଂଶବିଶେଷ ହୋଇଥିବା ଚନ୍ଦ୍ର ଭ୍ରମଣକାରୀ ବ୍ୟବସ୍ଥା ବା ଲୁନାର ରୋଭର ୟୁଟୁ-୨ ସେଠାରେ ଭ୍ରମଣକରି ବିବିଧ ତଥ୍ୟ ସଂଗ୍ରହ କରିବାରେ ଲାଗିଛି।

'ଚାଙ୍ଗ୍ଇ-୪'ରେ ଥିବା ବିବିଧ ଯନ୍ତ୍ରପାତି ମଧ୍ୟରେ ରହିଛି ଉଚ୍ଚଶକ୍ତିସମ୍ପନ୍ନ କ୍ୟାମେରା, ନିମ୍ନ ଆବୃତ୍ତି ରେଡିଓ ସ୍ପେକ୍ଟ୍ରୋମିଟର ବିଶ୍ଳେଷକ, ଚନ୍ଦ୍ରରେ ନିଉଟ୍ରନ୍ ଏବଂ ବିକିରଣ ମାତ୍ରା ଚିହ୍ନଟକାରୀ ବ୍ୟବସ୍ଥା ଇତ୍ୟାଦି। ଏଗୁଡ଼ିକ ସାହାଯ୍ୟରେ ଏହା ଜ୍ୟୋତିର୍ବିଜ୍ଞାନ ସମ୍ପର୍କିତ ପର୍ଯ୍ୟବେକ୍ଷଣ, ଚନ୍ଦ୍ରର ଭୂଭାଗ ସର୍ବେକ୍ଷଣ, ଭୂମିର ଗଠନ ଓ ଖଣିଜଦ୍ରବ୍ୟ ସମୂହଠାରୁ ଆରମ୍ଭକରି ସେଠାକାର ପରିବେଶ ଅଧ୍ୟୟନ ଲାଗି ନିଉଟ୍ରନ୍ ବିକିରଣ ତଥା ଚାର୍ଜ ବିହୀନ ପରମାଣୁଗୁଡ଼ିକର ଆକଳନ କରିବେ। ଏପରି କି ସେଠାରେ ରେଡିଓ ଟେଲିସ୍କୋପ୍‌ଟିଏ ସ୍ଥାପନ ପାଇଁ ମଧ୍ୟ ପ୍ରାଥମିକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ।

ଚନ୍ଦ୍ରର ଦୁଇପାର୍ଶ୍ୱର ରୂପ ମଧ୍ୟରେ ରହିଛି ଅନେକ ବିଭିନ୍ନତା। ଆମ ନିକଟରେ ପାର୍ଶ୍ୱର ବହିରାବରଣ ସ୍ଥୁଳ ଏବଂ ଉତ୍ତୋଳନ ଅଧିକ ହେଲାବେଳେ ଦୂରବର୍ତ୍ତୀ ପାର୍ଶ୍ୱରେ ତାହା ତା'ର ବିପରୀତ। ପୁନଶ୍ଚ ଦୂରବର୍ତ୍ତୀ ପାର୍ଶ୍ୱର ଆଗ୍ନେୟଗିରିଗୁଡ଼ିକ ଅପେକ୍ଷାକୃତ କମ୍ ସକ୍ରିୟ। ସେହିପରି ଏ ଭାଗଟି ପାଖକୁ ପାଖ ଖୁନ୍ଦିହୋଇ ରହିଥିବା ଗହ୍ୱରଗୁଡ଼ିକରେ ଗଢ଼ା ହୋଇଥିବାରୁ ଏଠାରେ ସମତଳ ଭୂମି ବେଶ୍ କମ୍।

ପାର୍ଶ୍ୱଦ୍ୱୟ ମଧ୍ୟରେ ଥିବା ଏପରି ପ୍ରଭେଦତାର କାରଣ ନିର୍ଦ୍ଦିଷ୍ଟ ରୂପେ ଜଣାନାହିଁ। ତେବେ, ସାଧାରଣ ଭାବେ ଗୃହୀତ ବ୍ୟାଖ୍ୟା ଅନୁସାରେ ନିକଟତର ଗୋଲାର୍ଦ୍ଧରେ ରହିଛି ଅଧିକ ତାପ ଉତ୍ପନ୍ନକାରୀ ମୌଳିକ ପଦାର୍ଥ। ଆମେରିକା ପ୍ରେରିତ ଲୁନାର ପ୍ରସ୍‌ପେକ୍ଟର ନାମକ ଗାମାରଶ୍ମି ଚାଳିତ ବ୍ୟବସ୍ଥାରୁ ମିଳିଥିବା ତଥ୍ୟରୁ ଏହା ଜଣାପଡ଼ିଛି। ପୁନଶ୍ଚ ଏ ଦୁଇ ଗୋଲାର୍ଦ୍ଧରେ ଚନ୍ଦ୍ରର ଚତୁଃପାର୍ଶ୍ୱରେ ଆଗରୁ ଥିବା ଛୋଟ ଛୋଟ ପିଣ୍ଡଗୁଡ଼ିକର ପତନ ହାର ମଧ୍ୟରେ ଯଥେଷ୍ଟ ପାର୍ଥକ୍ୟ ଥିବାର କୁହାଯାଏ। ପୃଥିବୀ ଦ୍ୱାରା କିଛି ମାତ୍ରାରେ ଘୋଡ଼ାଇ ହୋଇରହିଥିବା ନିକଟତର ପାର୍ଶ୍ୱରେ ଏହା କମ୍ ଘଟିଥିବାର କେତେଜଣଙ୍କର ମତ। ତନ୍ମଧ୍ୟରେ ଥିବା ତାରତମ୍ୟର ଏହା ମଧ୍ୟ କାରଣ ହୋଇପାରେ। ତେବେ, ଆଉ ଏକ ଭିନ୍ନ ମତପୋଷଣ କରନ୍ତି ଅନ୍ୟ କେତେଜଣ ଜ୍ୟୋତିର୍ବିଜ୍ଞାନୀ। ଏଥି ଅନୁଯାୟୀ ଚନ୍ଦ୍ରର ଏକ ଅତି ନଗଣ୍ୟ ଅଂଶକୁ ପୃଥିବୀ ଆଚ୍ଛାଦିତ କରିଥାଏ। ଏଣୁ ପ୍ରକୃତରେ ଏହାର ଉଭୟ ପାର୍ଶ୍ୱରେ ପ୍ରାୟତଃ ସମସଂଖ୍ୟକ ପିଣ୍ଡିଗୁଡ଼ିକର ପତନ ଘଟିଥିଲା। ଅତଏବ ସେଠାରେ ସୃଷ୍ଟି ହୋଇଥିଲା ତଦନୁଯାୟୀ ସମାନ ସଂଖ୍ୟାରେ ଗହ୍ୱର। କିନ୍ତୁ ପୃଥିବୀର ନିକଟତର ପାର୍ଶ୍ୱରେ ଆଗ୍ନେୟଗିରିଗୁଡ଼ିକ ଅଧିକ ସକ୍ରିୟ ଥିବାରୁ ତହିଁରୁ ନିର୍ଗତ ଲାଭାରେ ଅଧିକାଂଶ ଅଳ୍ପବହୁତ ପୋତି ହୋଇପଡ଼ିଛି।

ଏହା ବ୍ୟତୀତ ଚନ୍ଦ୍ର ଆମ ନିକଟତର ପାର୍ଶ୍ୱ ତୁଳନାରେ ଅପରପାର୍ଶ୍ୱଟି ପୃଥିବୀରୁ ଉତ୍ପନ୍ନ ରେଡିଓ ତରଙ୍ଗ କମ୍ ମାତ୍ରାରେ ପ୍ରାପ୍ତ ହୁଏ। ପୁନଶ୍ଚ, ମହାକାଶରେ ସ୍ଥାପିତ ବିବିଧ ଯୋଗାଯୋଗ ବ୍ୟବସ୍ଥା, କୃତ୍ରିମ ଉପଗ୍ରହ ଇତ୍ୟାଦିରୁ ଦୂରରେ ଥିବାରୁ ଏହା କମ୍ କୋଳାହଳପୂର୍ଣ୍ଣ। ଏଣୁ ରେଡିଓ ଟେଲିସ୍କୋପ୍ ସ୍ଥାପନ ପାଇଁ ଏହା ଉତ୍ତମ ସ୍ଥାନ। ଚାଙ୍ଗ୍ଇ ଏବଂ ତା' ସହିତ ପ୍ରେରିତ ଭ୍ରମଣକାରୀ ବ୍ୟବସ୍ଥା 'ୟୁଟୁ-୨' ଏ ସବୁ ଉପରେ ଅଧିକ ଅଧ୍ୟୟନ କରିବେ। ଫଳରେ ଅଦ୍ୟାବଧି ଦୃଷ୍ଟିଗୋଚର ହୋଇ ନ ଥିବା ଚନ୍ଦ୍ରର ଏହି ପାର୍ଶ୍ୱ ସମ୍ପର୍କରେ ଅଧିକ ବୈଜ୍ଞାନିକ ତଥ୍ୟ ସଂଗ୍ରହ ସମ୍ଭବ ହେବ। ବିଶେଷକରି, ଏହା ତା'ର ଦକ୍ଷିଣ ମେରୁସ୍ଥିତ ଆଇଟ୍‌କେନ୍ ଅବବାହିକାକୁ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିବ। ପ୍ରାୟ ୧୩ କିଲୋମିଟର ଗଭୀର ଏବଂ ୨୫୦୦ କିଲୋମିଟର ପ୍ରସ୍ଥ ବିଶିଷ୍ଟ ଏହି ଅଞ୍ଚଳରେ ରହିଛି ପ୍ରଚୁର ପରିମାଣରେ ବରଫ। ଏଣୁ ସାରା ଦୁନିଆର ମହାକାଶ ବିଜ୍ଞାନୀଙ୍କ ଦୃଷ୍ଟି ଏବେ ଏହା ଉପରେ ରହିଛି ; କାରଣ ଚନ୍ଦ୍ରପୃଷ୍ଠରେ ସ୍ଥାୟୀ ଶିବିରଟିଏ ସ୍ଥାପନ ପାଇଁ ଏହାକୁ ସର୍ବୋତ୍କୃଷ୍ଟ ସ୍ଥାନ ବୋଲି ବିଚାର କରାଯାଉଛି। ଏହାବ୍ୟତୀତ ମହାକାଶ ଗବେଷଣା ତଥା ବିଶ୍ୱବ୍ରହ୍ମାଣ୍ଡର ଅଧ୍ୟୟନ ଲାଗି ଏହା ନୂତନ ମାର୍ଗ ଉନ୍ମୋଚନ କରିବ।

ଚନ୍ଦ୍ରପୃଷ୍ଠରେ ରହିଛି ପ୍ରଚୁର ପରିମାଣରେ ହିଲିୟମ୍-୩, ଯାହା କି ପୃଥିବୀପୃଷ୍ଠରେ ବିରଳ। ଆଗାମୀ ଯୁଗର ଇନ୍ଧନ ରୂପେ ପରିଗଣିତ ଏହି ପଦାର୍ଥଟି ନିଃସିକ୍ତ ରିଆକ୍ଟରରେ ଶକ୍ତି ଉତ୍ପାଦନ ଏବଂ ଗ୍ରହଗ୍ରହାନ୍ତର ଯାତ୍ରା ପାଇଁ ମହାକାଶଯାନକୁ ଶକ୍ତି ଯୋଗାଇବା ଲାଗି ଉଦ୍ଦିଷ୍ଟ। ଏହାବ୍ୟତୀତ ଆଗାମୀ ଦିନଗୁଡ଼ିକରେ ସୁଦୂର ମହାକାଶ ଅଭିଯାନ ଓ ପର୍ଯ୍ୟବେକ୍ଷକ ପାଇଁ ଚନ୍ଦ୍ରପୃଷ୍ଠକୁ ବ୍ୟବହାର କରିବା ଲାଗି ମଧ୍ୟ ଉଦ୍ୟମ ଚାଲିଛି। ଅତଏବ ଏହା ଉପରେ ଅଧିକରୁ ଅଧିକ ଅଧିକାର ସାବ୍ୟସ୍ତ କରିବା ଲାଗି ପ୍ରତିଯୋଗିତା ପ୍ରାୟତଃ ଆରମ୍ଭ ହୋଇଗଲାଣି। ଚାଇନାର ଏହି ନୂତନ ଚନ୍ଦ୍ର ବିଜୟ ଏ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ। ଇତିମଧ୍ୟରେ ଏହା ଚାଙ୍ଗ୍ଇ-୫ ଏବଂ ଚାଙ୍ଗ୍ଇ-୬ ମହାକାଶଯାନ ପ୍ରେରଣ ପାଇଁ ଆରମ୍ଭ କରିଥିବା ଯୋଜନା ଅନେକ ଦୂର ଅଗ୍ରସର ହୋଇସାରିଲାଣି। ଏହା ତାହାକୁ ଆହୁରି ପୁଙ୍ଖାନୁପୁଙ୍ଖ ଅଧ୍ୟୟନ ଓ ପର୍ଯ୍ୟବେକ୍ଷଣ କରିବେ। ଏପରି କି ସେଠାରେ କୃଷିକାର୍ଯ୍ୟ ପାଇଁ ମଧ୍ୟ ପରିକଳ୍ପନା ଆରମ୍ଭ ହେଲାଣି। ସେଥିପାଇଁ ଏବେ ରୋପଣ କରାଯାଇଛି କେତୋଟି ଚାର ଗଛ, ଯାହା କି ଠିକ୍‌ରୂପେ ବଢୁଥିବାର କୁହାଯାଉଛି।

ଆଶା କରାଯାଏ, ଏ ସବୁରେ ସଫଳତା ଫଳରେ ଚାଇନା ମହାକାଶ ଗବେଷଣା କ୍ଷେତ୍ରରେ ଚାଲିଥିବା ପ୍ରତିଯୋଗିତାରେ, ବିଶେଷକରି ଚନ୍ଦ୍ରପୃଷ୍ଠରେ ଅଧିକାର ସାବ୍ୟସ୍ତ କରିବାରେ ଆମେରିକା ସମେତ ଅନ୍ୟ ସବୁ ଦେଶକୁ ଟପିଯାଇପାରିବ। ତାହା ହୁଏତ ସେହି ଦୁଇଦେଶ ମଧ୍ୟରେ ଆରମ୍ଭ କରିଦେବ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା, ଯାହାକୁ ପର୍ଯ୍ୟବେକ୍ଷକମାନେ 'ମହାକାଶରେ ଶୀତଳଯୁଦ୍ଧ' ବୋଲି ନାମିତ କରୁଛନ୍ତି।

-ଉଷାନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୯୮୫୬୬୭

**"ଚାଙ୍ଗ୍ଇ-୪ରେ ଥିବା ବିବିଧ ଯନ୍ତ୍ରପାତି ମଧ୍ୟରେ ରହିଛି ଉଚ୍ଚଶକ୍ତିସମ୍ପନ୍ନ କ୍ୟାମେରା, ନିମ୍ନ ଆବୃତ୍ତି ରେଡିଓ ସ୍ପେକ୍ଟ୍ରୋମିଟର ବିଶ୍ଳେଷକ, ଚନ୍ଦ୍ରରେ ନିଉଟ୍ରନ୍ ଏବଂ ବିକିରଣ ମାତ୍ରା ଚିହ୍ନଟକାରୀ ବ୍ୟବସ୍ଥା ଇତ୍ୟାଦି । ଏଗୁଡ଼ିକ ସାହାଯ୍ୟରେ ଏହା ଜ୍ୟୋତିର୍ବିଜ୍ଞାନ ସମ୍ପର୍କିତ ପର୍ଯ୍ୟବେକ୍ଷଣ, ଚନ୍ଦ୍ରର ଭୂଭାଗ ସର୍ବେକ୍ଷଣ, ଭୂମିର ଗଠନ ଓ ଖଣିଜଦ୍ରବ୍ୟ ସମୂହଠାରୁ ଆରମ୍ଭକରି ସେଠାକାର ପରିବେଶ ଅଧ୍ୟୟନ ଲାଗି ନିଉଟ୍ରନ୍ ବିକିରଣ ତଥା ଚାର୍ଜ ବିହୀନ ପରମାଣୁଗୁଡ଼ିକର ଆକଳନ କରିବେ..."**

# ଭାତକୁ ନେଇ ଭ୍ରାନ୍ତ ଧାରଣା

**ଆମର ପ୍ରମୁଖ ଖାଦ୍ୟ ଭିତରେ ଭାତ ଅନ୍ୟତମ। ତେବେ ଏହାକୁ ନେଇ ଅନେକଙ୍କ ମନରେ ଭ୍ରାନ୍ତ ଧାରଣା ରହିଛି। ତେବେ ସେଗୁଡିକ ସତ କି ମିଛ ଜାଣନ୍ତୁ ସେ ସମ୍ପର୍କରେ...**

- ଅନେକଙ୍କର ଧାରଣା ଅଛି ଯେ ଭାତ ଖାଇଲେ ମେଦ ବହୁତଳା ବଢ଼ିଥାଏ। କିନ୍ତୁ ବାସ୍ତବରେ ସେପରି କିଛି ଘଟି ନ ଥାଏ। ଭାତରେ ଫ୍ୟାଟ୍ ଅଂଶ କମ ଥାଏ। ଯେହେତୁ ଏଥିରେ ପ୍ରଚୁର ପରିମାଣରେ କାର୍ବୋହାଇଡ୍ରେଟ ଏବଂ ଫାଇବର ରହିଛି ତେଣୁ ଏହାକୁ ଖାଇବା ଦ୍ୱାରା ଶରୀରକୁ ଶକ୍ତି ମିଳିଥାଏ। ଭାତ ମଧ୍ୟ କୋଲେଷ୍ଟରଲ ସ୍ତରକୁ ସନ୍ତୁଳିତ ରଖିଥାଏ।
- ଧାରଣା ଅଛି ଯେ, ଭାତରେ 'ଗ୍ଲୁଟୋନ୍' ନାମକ ତତ୍ତ୍ୱ ରହିଛି, ଯାହା ଶରୀରରେ ଆଲର୍ଜି ସୃଷ୍ଟି କରିଥାଏ। ହେଲେ ଏଭଳି ଭାବନା ଭୁଲ। ଏହି ତତ୍ତ୍ୱ ଭାତରେ ଆଦୌ ନାହିଁ। ଯେଉଁଥିପାଇଁ ଅବସ୍ଥା ଦେଖି ଡାଇବେଟିସ୍ ରୋଗୀଙ୍କୁ ଅଳ୍ପ ଭାତ ଖାଇବାକୁ ପରାମର୍ଶ ଦିଆଯାଇଥାଏ।
- କେତେକ ଭାବନ୍ତି ଯେ ଭାତରେ ଆଦୌ ପ୍ରୋଟିନ୍ ନାହିଁ। ହେଲେ ଏଭଳି ଧାରଣା ଅମୂଳକ। ଏକ କପ୍ ଭାତରେ ୧୬୫ କ୍ୟାଲୋରି ଏବଂ ୩-୪ ଗ୍ରାମ ପ୍ରୋଟିନ୍ ଅଛି।
- ଅନେକଙ୍କ ମନରେ ଧାରଣା ରହିଛି ଯେ, ରାତିରେ ଭାତ ଖାଇବା ଠିକ୍ ନୁହେଁ। ଭାତ ଖାଇଲେ ତାହାର ଖରାପ ପ୍ରଭାବ ଶରୀର ଉପରେ ପଡିଥାଏ। ରାତିରେ ଯଦି ଅଳ୍ପ ଭାତ ଖାଆନ୍ତି ତେବେ ଭଲ ନିଦ ହୋଇଥାଏ। ଏହାର ପରିମାଣ ଅଳ୍ପ ରହିଲେ ତାହା ମଧ୍ୟ ସହଜରେ ହଜମ ହୋଇଥାଏ।
- ଭାତରେ ସୋଡିୟମ ପରିମାଣ ଅଧିକ ଅଛି, ତେଣୁ ଏହାକୁ ବ୍ଲଡ ପ୍ରେସର ରୋଗୀ ଖାଇବା ଠିକ୍ ନୁହେଁ। କିନ୍ତୁ ଏଭଳି ଧାରଣା ଠିକ୍ ନୁହେଁ। ଭାତରେ ଅଳ୍ପ ପରିମାଣରେ ସୋଡିୟମ ରହିଛି, ଯାହାର କୌଣସି କୁପ୍ରଭାବ ଶରୀର ଉପରେ ପଡି ନ ଥାଏ।

# ଅତ୍ୟଧିକ ଝାଳ ବୋହିବା ହୋଇପାରେ ରୋଗର ଲକ୍ଷଣ

କେତେକଙ୍କ ଶରୀରରୁ ଅତ୍ୟଧିକ ଝାଳ ବାହାରିଥାଏ। ଏହା କିଛି ରୋଗର କାରଣ ବୋଲି ଜଣାପଡିଛି। ଶରୀର ଭିତରେ ଯଦି ଇନଫେକଶନ ରହିଲା ତେବେ ଝାଳ ଆବଶ୍ୟକତାଠାରୁ ଅଧିକ ପରିମାଣରେ ବାହାରି ଥାଏ। ବିଶେଷ ଭାବରେ ବୋନ୍ (ଅସ୍ଥି) ଇନ୍‌ଫେକଶନ୍ କିମ୍ବା ଏଚ.ଆଇ.ଭି. ଇନଫେକଶନ ଯୋଗୁ ମଧ୍ୟ ଅଧିକ ଝାଳ ବାହାରିଥାଏ। ତେବେ ଏଭଳି ସମସ୍ୟା ଜଟିଳ ହେବା ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ହୃଦଜନିତ ସମସ୍ୟାର ଅନ୍ୟତମ ଲକ୍ଷଣ ହେଉଛି ହଠାତ୍ ପ୍ରବଳ ଝାଳ ବୋହିବା। ରକ୍ତ ସଞ୍ଚାଳନରେ ଅସନ୍ତୁଳନ ଦେଖାଦେଲେ ପ୍ରବଳ ଝାଳ ବାହାରି ଥାଏ। ସବୁବେଳେ ଟେନସନରେ ରହିଲେ, ମନରେ ଅଧିକାଂଶ ସମୟ ଭୟ ଜାତ ହେଲେ ଆବଶ୍ୟତାଠାରୁ ଅଧିକ ଝାଳ ବୋହି ଥାଏ। ବେଳେବେଳେ ଆମ ଶରୀରରେ ହରମୋନ ସ୍ତରରେ ଅସନ୍ତୁଳନ ଦେଖାଦେଇଥାଏ। ଏହାଦ୍ୱାରା ଝାଳ ଗ୍ରନ୍ଥିଗୁଡିକ ପୂର୍ବାପେକ୍ଷା ସକ୍ରିୟ ହୋଇଉଠନ୍ତି, ଯାହାଫଳରେ ଅତ୍ୟଧିକ ଝାଳ ବାହାରିଥାଏ।

# ମସ୍ତିଷ୍କକୁ ସକ୍ରିୟ କରେ ଭିଟାମିନ୍ 'ଡି'

ଭିଟାମିନ୍ 'ଡି'ର ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଶରୀରରେ ଯଦି ଏହାର ପରିମାଣ ସନ୍ତୁଳିତ ରହେ ତେବେ ମସ୍ତିଷ୍କ ଆହୁରି ସକ୍ରିୟ ଭାବରେ କାର୍ଯ୍ୟ କରିଥାଏ। ଅପରପକ୍ଷରେ ଜଣେ ମାନସିକ ରୋଗୀ ପ୍ରଚୁର ପରିମାଣରେ ଭିଟାମିନ୍-ଡି ଯୁକ୍ତ ଖାଦ୍ୟ ଖାଇବା ଆବଶ୍ୟକ। ଏହାଦ୍ୱାରା ସେମାନଙ୍କ ମସ୍ତିଷ୍କରେ ଥିବା 'ସେରୋଟୋନିକ୍' ନାମକ ରାସାୟନିକ ସ୍ତର ଆହୁରି ସକ୍ରିୟ ଭାବରେ କାର୍ଯ୍ୟ କରିଥାଏ। ଫଳରେ ମସ୍ତିଷ୍କ ସୁସ୍ଥ ରହିଥାଏ। ଆମେରିକାସ୍ଥିତ ୟୁନିଭର୍ସିଟି ଅଫ କାଲିଫର୍ନିଆର ସ୍ନାୟୁଶଲ୍ୟ ବିଶେଷଜ୍ଞମାନେ 'ସେରୋଟୋନିକ୍ ସ୍ତର ଏବଂ ଭିଟାମିନ୍ ଡି' ଶୀର୍ଷକ ବିଷୟକୁ ନେଇ କରିଥିବା ଗବେଷଣାରୁ ଏକଥା ଜାଣିପାରିଛନ୍ତି। କେବଳ ସେତିକି ନୁହେଁ, ଭିଟାମିନ୍-ଡିଯୁକ୍ତ ଖାଦ୍ୟ ଖାଇବା ସହ ଜଣେ ନିୟମିତ ବ୍ୟାୟାମ କରିବା ଆବଶ୍ୟକ ବୋଲି ସେମାନେ ପରାମର୍ଶ ଦେଇଛନ୍ତି। ଶରୀରରେ ଏହାର ପରିମାଣ କମିଗଲେ ଅସ୍ଥି ଦୁର୍ବଳ ହୋଇଯାଏ ଏବଂ ଶରୀରରେ କ୍ୟାଲସିୟମ ପରିମାଣ କମିଯାଏ। ଅପରପକ୍ଷରେ ହାର୍ଟ ଆଟାକ, କିଡ୍‌ନୀରେ ଷ୍ଟୋନ୍ ଆଶଙ୍କା ମଧ୍ୟ ରହିଛି। ତେଣୁ ଏହି ଭିଟାମିନ କିପରି ଆମ ଶରୀରରେ ସନ୍ତୁଳିତ ଅବସ୍ଥାରେ ରହିବ ସେ ନେଇ ଆମେ ସଚେତନ ରହିବା ଦରକାର। ଭିଟାମିନ୍ 'ଡି'ର ପ୍ରମୁଖ ଉତ୍ସ ହେଉଛି ସୂର୍ଯ୍ୟକିରଣ। ତେଣୁ ପ୍ରତିଦିନ ସକାଳ ସମୟରେ ଯଦି ଆମେ କିଛି ସମୟ ସୂର୍ଯ୍ୟ କିରଣ ସଂସ୍ପର୍ଶରେ ଆସୁ ତାହା ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଅପରପକ୍ଷରେ କଡ୍ ଲିଭର ଅଏଲ, ସୋୟାଜାତୀୟ ଖାଦ୍ୟ, ମାଛ, ଅଣ୍ଡା, ଦୁଗ୍ଧଜାତୀୟ ଖାଦ୍ୟ, ଛତୁରେ ଏହି ଭିଟାମିନ୍ ଭରି ରହିଛି।



# ବଦହଜମୀ କିଛି କଥା

ଅନେକେ ଖାଦ୍ୟ ଲୋଭକୁ ସହଜରେ ସମ୍ବରଣ କରିପାରନ୍ତି ନାହିଁ। ଫଳରେ ଆବଶ୍ୟକତାଠାରୁ ଅଧିକ ଖାଇଥାଆନ୍ତି। ଏହାଦ୍ୱାରା ସେମାନଙ୍କର ପାଚନକ୍ରିୟା ପ୍ରଭାବିତ ହୋଇଥାଏ। ଫଳରେ ବଦହଜମୀ ଏବଂ ପେଟଜନିତ ସମସ୍ୟା ସୃଷ୍ଟି ହୋଇଥାଏ। ଏପରିକି କେତେକଙ୍କର ଏହା ଜଟିଳ ହେବା ଦ୍ୱାରା ସେମାନଙ୍କୁ ହସ୍‌ପିଟାଲରେ ଆଡମିଶନ କରାଯାଇ ଚିକିତ୍ସା କରାଯାଏ। ତେଣୁ ଖାଦ୍ୟ ଖାଇବା ଉପରେ ଧ୍ୟାନ ଦେବା ନିହାତି ଦରକାର। କଦାପି ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଆନ୍ତୁ ନାହିଁ। ଚାପ କିମ୍ବା ଚିନ୍ତାଗ୍ରସ୍ତ ସମୟରେ ନ ଖାଇବା ଭଲ

## ସଂକ୍ଷେପରେ

### ବିତରକଙ୍କୁ ଟ୍ରାଇ ନିର୍ଦ୍ଦେଶ
## ଏକାପ୍ରକାର ଚ୍ୟାନେଲ ଏକାଠି ରଖ

**ନୂଆଦିଲ୍ଲୀ,୨୪-୨:** ଟିଭି ଚ୍ୟାନେଲ ବିତରକମାନେ ନିୟମ ଅନୁଯାୟୀ ଏକାପ୍ରକାର ଚ୍ୟାନେଲକୁ ଏକାଠି ରଖିବାକୁ ଟେଲିକମ୍ ନିୟାମକ ଟ୍ରାଇ ନିର୍ଦ୍ଦେଶ ଦେଇଛନ୍ତି। ଏହା ପାଳନ କରା ନ ଗଲେ ବିତରକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଗ୍ରାହକଙ୍କ ପକ୍ଷରୁ ଅଭିଯୋଗ କରାଯିବା ପରେ ଟ୍ରାଇ ପକ୍ଷରୁ ଉକ୍ତ ନିର୍ଦ୍ଦେଶ ଦିଆଯାଇଛି। ଏଥିଯୋଗୁ ଉପଭୋକ୍ତାଙ୍କୁ ସୁବିଧା ହେବ। କାରଣ ଏକାପ୍ରକାର ଚ୍ୟାନେଲକୁ ବିତରକମାନେ ଭିନ୍ନ ଭିନ୍ନ ନମ୍ବରରେ ପ୍ରସାରଣ କରୁଥିବାରୁ ଏହାକୁ ଖୋଜିବା ଲାଗି ଅସୁବିଧା ହେଉଛି। ଏହାଛଡ଼ା ଗୋଟିଏ ଚ୍ୟାନେଲକୁ ଏକାଧିକ ସ୍ଥାନରେ ଦେଖିଲେ ଏଥିପ୍ରତି ଲୋକଙ୍କ ଆଗ୍ରହ ନଷ୍ଟ ହୁଏ ଏବଂ ରେଟିଂ ଉପରେ ପ୍ରତିକୂଳ ପ୍ରଭାବ ପଡେ। ଡିଟିଏସ୍ ପରିଚାଳକ ଏବଂ ମଲ୍ଟି ସିଷ୍ଟମ ପରିଚାଳକଙ୍କୁ ମଧ୍ୟ ସମାନ ନିର୍ଦ୍ଦେଶ ଦିଆଯାଇଛି। ଟ୍ରାଇ ପରାମର୍ଶଦାତା(ପ୍ରସାରଣ) ଅରବିନ୍ଦ କୁମାର କହିଛନ୍ତି ଯେ, ଏହି ନିର୍ଦ୍ଦେଶକୁ ତତ୍କାଳ କାର୍ଯ୍ୟକାରୀ କରାଯାଇଛି। ଗ୍ରାହକଙ୍କୁ ଯେପରି ଅସୁବିଧା ନ ହୁଏ ସେଥିପ୍ରତି ଟ୍ରାଇ ଏପରି ପଦକ୍ଷେପ ଗ୍ରହଣ କରିଛି।

## ଏନ୍‌ପିଏସ୍ ଗ୍ରାହକଙ୍କୁ ମିଳିବ ସର୍ବନିମ୍ନ ପେନ୍‌ସନ

**ନୂଆଦିଲ୍ଲୀ,୨୪-୨:** କେନ୍ଦ୍ର ସରକାରଙ୍କ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ 'ଜାତୀୟ ପେନସନ ସିଷ୍ଟମ'(ଏନ୍‌ପିଏସ୍) ଅଧୀନରେ ସାମିଲ ହୋଇଥିବା ବ୍ୟକ୍ତିବିଶେଷଙ୍କୁ ସର୍ବନିମ୍ନ ସୁନିଶ୍ଚିତ ରିଟର୍ନ ପ୍ରଦାନ ଲାଗି ବ୍ୟବସ୍ଥା କରାଯାଉଛି। ଏନେଇ ପେନସନ ପାଣ୍ଠି ନିୟାମକ ଏବଂ ବିକାଶ ପ୍ରାଧିକରଣ(ପିଏଫ୍‌ଆର୍‌ଡିଏ) ବିଚାର କରୁଛି। ଅବସର ଲାଗି ଯୋଗଦାନ ଭିତ୍ତିରେ ସଞ୍ଚୟ କରିବାର ଅଭ୍ୟାସ ସୃଷ୍ଟି ଲାଗି ସରକାରଙ୍କ ପକ୍ଷରୁ ଏହି ଏନ୍‌ପିଏସ୍ ଯୋଜନା ଲାଗୁ କରାଯାଇଛି। ଜାନୁୟାରୀ ଶେଷ ସୁଦ୍ଧା ଏହି ଯୋଜନାରେ ପ୍ରାୟ ୨.୯୧ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ପରିଚାଳନା କରାଯାଉଛି ଏବଂ ଏଥିରେ ୧.୨୧ କୋଟି ଗ୍ରାହକ ନିଜକୁ ଯୋଡିଛନ୍ତି। ପିଏଫ୍‌ଆର୍‌ଡିଏ ସର୍ବନିମ୍ନ ରିଟର୍ନ ଗ୍ୟାରେଣ୍ଟି ଯୋଜନା ବିକଶିତ କରିବା ତଥା ଏହାର ଡିଜାଇନ ପ୍ରସ୍ତୁତ କରିବା ଉପରେ କାମ କରୁଛି। ଏନ୍‌ପିଏସ୍‌ରେ ରିଟର୍ନ ରାଶି କେତେ ହେବା ଆବଶ୍ୟକ ସେ ଦିଗରେ ପରାମର୍ଶ ଦେବାକୁ ନିୟାମକଙ୍କ ପକ୍ଷରୁ ସମସ୍ତ ବୀମା କମ୍ପାନୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସାଧାରଣତଃ ଏନ୍‌ପିଏସରେ ସାମିଲ ହେଉଥିବା କର୍ମଚାରୀଙ୍କୁ ଅବସର ଅଥବା ୬୦ ବର୍ଷ ପର୍ଯ୍ୟନ୍ତ ଏହି ସ୍କିମ୍‌ରେ ନିବେଶ କରିବାକୁ ପଡିଥାଏ। ସେହିଭଳି ଏହି ସ୍କିମ୍‌ରୁ ବାହାରିବାକୁ ଚାହିଁଲେ ତାଙ୍କୁ ଜମା ଅର୍ଥର ୬୦% କାଢ଼ିବାକୁ ସୁଯୋଗ ଦିଆଯାଇଥାଏ।

ସୁଲଭ ବାସଗୃହ କ୍ଷେତ୍ରରେ ଜିଏସ୍‌ଟି ହ୍ରାସ ଭାରତୀୟ ରିୟଲ ଇଷ୍ଟେଟ ଲାଗି ଐତିହାସିକ ନିଷ୍ପତ୍ତି।
– ଜାକ୍ସେୟ ଶାହ, ସଭାପତି, କ୍ରେଡାଇ

ଆଗାମୀ ୧୦ ବର୍ଷରେ ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ତ ଝଜି ବଜାର ହେବ।
– ଜେମ୍‌ସ ଉ, ସଭାପତି, ହୁଏଓ୍ୱି ଟେକ୍ନୋଲୋଜିକ୍

# ବୀମା କମ୍ପାନୀ ମିଶ୍ରଣରେ ବାଧା

**ନୂଆଦିଲ୍ଲୀ,୨୪-୨**

କେନ୍ଦ୍ର ସରକାର ୩ଟି ରାଷ୍ଟ୍ରାୟତ୍ତ ସାଧାରଣ ବୀମା କମ୍ପାନୀକୁ ମିଶାଇ ଦେବା ଲାଗି ଉଦ୍ୟମ କରୁଥିବା ବେଳେ ଏଥିରେ ଏବେ ବାଧା ସୃଷ୍ଟି ହୋଇଛି। ବଜେଟରେ ଏ ସମ୍ପର୍କରେ ଉଲ୍ଲେଖ କରାଯାଇଥିବା ବେଳେ ରାଷ୍ଟ୍ରାୟତ୍ତ ବୀମା କମ୍ପାନୀଙ୍କ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରୁଥିବା ଡିପାର୍ଟମେଣ୍ଟ ଅଫ୍ ଫାଇନାନ୍ସିଆଲ ସର୍ଭିସେସ୍(ଡିଏଫ୍‌ଏସ୍) ତରବରିଆ ମିଶ୍ରଣ ସପକ୍ଷରେ ନ ଥିବା ଦର୍ଶାଇଛି। ବୀମା ପରିଚାଳନା ସଂକ୍ରାନ୍ତ କାର୍ଯ୍ୟକଳାପ ସମ୍ପର୍କରେ ପ୍ରଥମେ ନିର୍ଦ୍ଧାରଣ କରାଯିବା ଏବଂ ଏହାର ବ୍ୟାପକ ତର୍ଜମା କରିବା ଲାଗି ସୁଯୋଗ ମିଳିବା ଆବଶ୍ୟକ ଦର୍ଶାଇ ଏହା ଡିଆଇପିଏଏମ୍‌କୁ ପତ୍ର ଲେଖିଛି। ତରବରିଆ ପଦକ୍ଷେପ ନ ନେବାକୁ ଏହା ପରାମର୍ଶ ଦେଇଛି।

ଡିଏଫ୍‌ଏସ୍‌ର ପକ୍ଷଘୁଞ୍ଚା ଯୋଗୁ ଡିପାର୍ଟମେଣ୍ଟ ଅଫ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ପବ୍ଲିକ୍ ଆସେଟ୍ ମ୍ୟାନେଜମେଣ୍ଟ(ଡିଆଇପିଏଏମ୍) ପକ୍ଷରୁ ପ୍ରସ୍ତୁତ ଚଳିତ ବର୍ଷର ପୁଞ୍ଜି ପ୍ରତ୍ୟାହାର କ୍ୟାଲେଣ୍ଡରରୁ ୩ ବୀମା କମ୍ପାନୀଙ୍କ ମିଶ୍ରଣକୁ ବାଦ୍ ଦିଆଯାଇଛି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ମିଶ୍ରଣ ନେଇ ଆଶଙ୍କା ବ୍ୟକ୍ତ କରାଯାଇଥିବାରୁ ଏବେ ଏହା ସମ୍ଭବ ହେବ ନାହିଁ ବୋଲି ମନେ କରାଯାଉଛି। ଏପରି କି କେନ୍ଦ୍ରରେ ନୂଆ ସରକାର ଆସିବା ପରେ ମଧ୍ୟ ଏହା ଆସନ୍ତାବର୍ଷ ହେବା ନେଇ ଏବେ ସନ୍ଦେହ ସୃଷ୍ଟି ହେଲାଣି।

ସୂଚନାଥାଉ କି, ଏନ୍‌ଡିଏ ସରକାର ୨୦୧୮ ବଜେଟ ଉପସ୍ଥାପନ କରି ୟୁନାଇଟେଡ ଇଣ୍ଡିଆ ଇନ୍‌ସ୍ୟୁରାନ୍ସ କମ୍ପାନୀ, ନ୍ୟାଶନାଲ ଇନ୍‌ସ୍ୟୁରାନ୍ସ କମ୍ପାନୀ ଏବଂ ଓରିଏଣ୍ଟାଲ ଇଣ୍ଡିଆ ଇନ୍‌ସ୍ୟୁରାନ୍ସ କମ୍ପାନୀକୁ ମିଶାଇ ଦିଆଯିବ ବୋଲି ଘୋଷଣା କରିଥିଲେ। ବୀମା ଉଦ୍ୟୋଗରେ ଏହା ସର୍ବବୃହତ୍ ମିଶ୍ରଣ ହେବ ବୋଲି ସେତେବେଳେ କୁହାଯାଇଥିଲା। କାରଣ ଏହାଦ୍ୱାରା ପ୍ରାୟ ନୂଆ କମ୍ପାନୀର ପୁଞ୍ଜି ୧ ଲକ୍ଷ କୋଟି ଟଙ୍କା ଟପିଯିବ ବୋଲି ଆଶାକରାଯାଉଥିଲା। ଆର୍ଥିକ ବର୍ଷ ୨୦୧୯ରେ ଏହି ମିଶ୍ରଣ ପ୍ରକ୍ରିୟା ସାରିବାକୁ ଯୋଜନା ହୋଇଥିଲା।

ଅନ୍ୟପକ୍ଷରେ ଡିଏଫ୍‌ଏସ୍ ପକ୍ଷରୁ ଯୁକ୍ତି ଦର୍ଶାଯାଇଛି ଯେ, ବିଭିନ୍ନ ଦୃଷ୍ଟିରୁ ବିଚାର ନ କରି ତରବରିଆ ଭାବେ ନୂଆ ବୀମା କମ୍ପାନୀ ଗଠନ କରିବା ଦ୍ୱାରା ଯେଉଁ ଅସୁବିଧା ସୃଷ୍ଟି ହେବ ତାହାର ସମାଧାନ କରିହେବ ନାହିଁ। ଏହାବାଦ୍ ମିଶ୍ରଣ ପରେ ଉକ୍ତ ୩ଟି କମ୍ପାନୀର କ୍ଷତି ହ୍ରାସ ସହ କମ୍ ଖର୍ଚ୍ଚରେ ଉଚ୍ଚ କାର୍ଯ୍ୟକ୍ଷମ ପ୍ରଦାନ ସମ୍ଭବ ହେବ ବୋଲି ଗ୍ୟାରେଣ୍ଟି ଦେଇ ହେବନାହିଁ। ଏଣୁ ସବୁ ଦୃଷ୍ଟିକୁ ବିଚାରକୁ ନେଇ ମିଶ୍ରଣ କରାଯିବାର ଆବଶ୍ୟକତା ରହିଛି ବୋଲି ଡିଏଫ୍‌ଏସ୍ ନିଜର ପତ୍ରରେ ଦର୍ଶାଇଛି। ଅନ୍ୟପକ୍ଷରେ ବୀମା ନିୟାମକ ଆଇଆରଡିଏଆଇରୁ ପ୍ରାପ୍ତ ସୂଚନାନୁଯାୟୀ, ୨୦୧୭-୧୮ ସୁଦ୍ଧା ଉକ୍ତ ୩ ବୀମା କମ୍ପାନୀଙ୍କ ପ୍ରିମିୟମ ପ୍ରଥମ ୯ ମାସରେ ୩୨,୧୧୫ କୋଟି ଟଙ୍କା ଥିଲା। ଏହି ୩ କମ୍ପାନୀର ମୋଟ୍ ବଜାର ଅଂଶ ୨୯.୫୨% ରହିଛି।

# ଭିଗାର୍ଡ ଆଣିଲା ନୂଆ ମଡ୍ୟୁଲାର ସୁଇଚ୍

**ଭୁବନେଶ୍ୱର,୨୪-୨**

ଭିଗାର୍ଡ ଇଣ୍ଡଷ୍ଟ୍ରିଜ ଲିମିଟେଡ ପକ୍ଷରୁ ନୂଆ ରେଞ୍ଜର ମଡ୍ୟୁଲାର ସୁଇଚ ବଜାରକୁ ଆସିଛି। ମାଟେଓ ବ୍ରାଣ୍ଡରେ କମ୍ପାନୀ ନୂଆ ପ୍ରଡକ୍ଟ ଆଣିଛି। କମ୍ପାନୀର ଜାତୀୟ ପ୍ରଡକ୍ଟ ମୁଖ୍ୟ ବିମଳ ଦୀକ୍ଷିତ, ବ୍ରାଞ୍ଚ ମ୍ୟାନେଜର ସୁମନ୍ତ କୁମାର ପ୍ରଧାନ, ରାଜ୍ୟ ପ୍ରଡକ୍ଟ ଇନଚାର୍ଜ ସମରେନ୍ଦ୍ର ରାଉତ ଏହାର ବଜାର ପ୍ରବେଶ କରାଇଥିଲେ। ନୂଆ ପ୍ରଡକ୍ଟରେ ଗୁଣବତ୍ତାକୁ ପ୍ରାଥମିକତା ଦିଆଯାଇଥିବା ଦୀକ୍ଷିତ କହିଛନ୍ତି। ଏହା ଓଡ଼ିଶା ବଜାରରେ ନିଜର ଏକ ସ୍ଥାନ ସୃଷ୍ଟି କରିବ ବୋଲି ସେ କହିଛନ୍ତି। ରାଜ୍ୟରେ ଭିଗାର୍ଡର ଅଭିବୃଦ୍ଧିକୁ ନେଇ ସୁମନ୍ତ କୁମାର ପ୍ରଧାନ ସୂଚନା ଦେଇଥିଲେ।

# ଓଏଚ୍‌ପିସି ପକ୍ଷରୁ ସରକାରଙ୍କୁ ଲାଭାଂଶ ପ୍ରଦାନ

**ଭୁବନେଶ୍ୱର,୨୪-୨**

ଓଡ଼ିଶା ଜଳ ବିଦ୍ୟୁତ ନିଗମ(ଓଏଚ୍‌ପିସି) ପକ୍ଷରୁ ସରକାରଙ୍କୁ ୨୦୧୭-୧୮ ଆର୍ଥିକ ବର୍ଷ ଲାଗି ଲାଭାଂଶ ପ୍ରଦାନ କରାଯାଇଛି। ଏହି ସମୟରେ ନିଗମ ୧୮.୬୫ କୋଟି ଟଙ୍କା ପ୍ରଦାନ କରିଥିବା ସୂଚନା ଦେଇଛି। ନିଗମର ଟିକସ ପରବର୍ତ୍ତୀ ଲାଭ ୬୨.୧୭ କୋଟି ଟଙ୍କା ରହିଛି। ନିକଟରେ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଲାଭାଂଶ ଚେକ୍ ପ୍ରଦାନ କରିଛନ୍ତି। ଏହି ଅବସରରେ ଶକ୍ତି ସଚିବ ହେମନ୍ତ ଶର୍ମା, ଓଏଚ୍‌ପିସି ସିଏମ୍‌ଡି ବିଶାଳ ଦେବ, ଅର୍ଥ ନିର୍ଦ୍ଦେଶକ ପ୍ରଭାକର ମହାନ୍ତି, ମାନବ ସମ୍ବଳ ନିର୍ଦ୍ଦେଶକ ପ୍ରବୋଧ କୁମାର ମହାନ୍ତି, ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସର ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର,୨୪-୨:** ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସର ୭୭ତମ ପ୍ରତିଷ୍ଠା ଦିବସ ଜାଗମରାସ୍ଥିତ ମଣ୍ଡଳ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ କାର୍ଯ୍ୟାଳୟର ଉପମହାପ୍ରବନ୍ଧକ ପି.କେ ପଣ୍ଡା, ବ୍ୟାଙ୍କର ଅବସରପ୍ରାପ୍ତ ମହାପ୍ରବନ୍ଧକ ପି.କେ.ଷଡଙ୍ଗୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଏବଂ ରକ୍ତଦାନ ଶିବିର ସହ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ କିଟ୍‌ର ଏଫ୍‌ଓ ଏର୍.କେ. ନାୟକ, ମୁଖ୍ୟ ପ୍ରବନ୍ଧକ ସୁବାସ ଚନ୍ଦ୍ର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ନିର୍ମାଣ କ୍ଷେତ୍ର ମେଗା ରୋଜଗାର ମେଳା୨୭ରୁ

**ଭୁବନେଶ୍ୱର,୨୪-୨**

କନଷ୍ଟ୍ରକସନ ସ୍କିଲ ଡେଭଲପମେଣ୍ଟ କାଉନସିଲ ଅଫ୍ ଇଣ୍ଡିଆ ପକ୍ଷରୁ ଚଳିତ ମାସ ୨୭ ଏବଂ ୨୮ରେ କଟକଠାରେ ଦୁଇ ଦିନିଆ ନିର୍ମାଣ କ୍ଷେତ୍ର ମେଗା ରୋଜଗାର ମେଳା ଅନୁଷ୍ଠିତ ହେବାକୁ ଯାଉଛି। ଏହା ଏଲ୍ ଆଣ୍ଡ ଟି ସ୍କିଲ ଟ୍ରେନିଂ ପ୍ରତିଷ୍ଠାନଠାରେ ଆୟୋଜନ କରାଯାଉଛି। କେନ୍ଦ୍ର ପେଟ୍ରୋଲିୟମ ତଥା ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ପ୍ରମୁଖ ରିୟଲ ଇଷ୍ଟେଟ ସଂସ୍ଥା ବାୟୁ ବିହାର ଏବଂ ୩୫ ଅନ୍ୟ କମ୍ପାନୀ ଯୋଗଦେବା ସହ ୨୫୦୦ରୁ ଊର୍ଦ୍ଧ୍ୱ ନିଯୁକ୍ତି ପ୍ରଦାନ କରିବେ। ବେରୋଜଗାର ଯୁବକ ଯୁବତୀଙ୍କୁ ନିଯୁକ୍ତି ପ୍ରଦାନ ଲକ୍ଷ୍ୟରେ ଏଭଳି ଏକ ମେଳା ଆୟୋଜନ କରାଯାଉଥିବା ବାୟୁ ବିହାରର ଅଧ୍ୟକ୍ଷ ବିନୟ କୁମାର ତିୱାରୀ ସୂଚନା ଦେଇଛନ୍ତି। ପଞ୍ଚମ, ସପ୍ତମ, ମାଟ୍ରିକ,ଯୁକ୍ତ ଦୁଇ, ସ୍ନାତକ, ଆଇଟିଆଇ, ଡିପ୍ଲୋମା, ବିଟେକ, ଏମ୍‌ବିଏ ମାର୍କେଟିଂ ଭଳି ଯୋଗ୍ୟତା ଥିବା ପ୍ରାର୍ଥୀ ଏହି ନିଯୁକ୍ତି ମେଳାରେ ଭାଗ ନେଇ ପାରିବେ। ଆଶାୟୀ ପ୍ରାର୍ଥୀ ସିଧାସଳଖ ନିୟୋଜକ ଷ୍ଟଲକୁ ଯାଇ ସାକ୍ଷାତ୍‌କାର ଦେଇପାରିବେ। ପ୍ରାର୍ଥୀଙ୍କୁ ଯୋଗ୍ୟତା ମୁତାବକ ନିଯୁକ୍ତି ମିଳିବ।

# ପିସିଏରୁ ବାହାରିବେ ଆହୁରି ୩-୪ ବ୍ୟାଙ୍କ

**ନୂଆଦିଲ୍ଲୀ,୨୪-୨**

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଦ୍ୱାରା ପ୍ରଣୀତ ପ୍ରମ୍ପଟ କରେକ୍ଟିଭ ଆକ୍ସନ(ପିସିଏ)ରୁ ଆହୁରି ୩ରୁ ୪ଟି ଦୁର୍ବଳ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ବାହାରି ଆସିବେ ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଆଶାବ୍ୟକ୍ତ କରିଛି। ଆସନ୍ତା ୬ରୁ ୮ମାସ ମଧ୍ୟରେ ଏହା ସମ୍ଭବ ହେବ ବୋଲି କୁହାଯାଇଛି। ଫଶି ଯାଇଥିବା ଋଣ ହ୍ରାସ ପାଇବା ଏବଂ କେନ୍ଦ୍ର ସରକାର ବ୍ୟାଙ୍କଗୁଡ଼ିକରେ ପୁଞ୍ଜି ନିବେଶ କରିବାରୁ ଏହା ସମ୍ଭବ ହେବାକୁ ଯାଉଛି। ଜଣେ ଅଧିକାରୀ କହିଛନ୍ତି ଯେ, ୧୨ ରାଷ୍ଟ୍ରୀୟ ବ୍ୟାଙ୍କଙ୍କୁ ସରକାର ୪୮,୨୩୯ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହି କାରଣରୁ ଆସନ୍ତା କିଛି ସପ୍ତାହ ମଧ୍ୟରେ କର୍ପୋରେଶନ ବ୍ୟାଙ୍କ ଏବଂ ଆଲ୍ଲାହାବାଦ ବ୍ୟାଙ୍କ ପିସିଏରୁ ବାହାରି ଆସିବେ। ସରକାରଙ୍କ ପୁଞ୍ଜି ନିବେଶରୁ କର୍ପୋରେଶନ ବ୍ୟାଙ୍କ ସର୍ବାଧିକ ଲାଭାନ୍ୱିତ ହୋଇଥିଲା ଏବଂ ୯୦୮୬ କୋଟି ଟଙ୍କା ପାଇଥିଲା। ଏହାପରେ ଆଲ୍ଲାହାବାଦ ବ୍ୟାଙ୍କକୁ ୬୮୯୬ କୋଟି ଟଙ୍କା ମିଳିଥିଲା। ପୂର୍ବରୁ ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ), ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର(ବିଓଏମ୍) ଏବଂ ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ(ଓବିସି) ଗତ ମାସରେ ପିସିଏରୁ ବାହାରି ଆସିଥିଲେ। ଫଳରେ ପିସିଏରେ ଥିବା ବ୍ୟାଙ୍କ ସଂଖ୍ୟା ୮କୁ ଖସିଆସିଛି। ଅନ୍ୟପକ୍ଷରେ ଏପ୍ରିଲ ପହିଲାରୁ ଦେନା ବ୍ୟାଙ୍କର ବିଲୟ ପରେ ଏହା ମଧ୍ୟ ପିସିଏରୁ ବାଦ୍ ପଡିବ। ଅପରପକ୍ଷରେ ଏଲ୍‌ଆଇସିର ଅଧିଗ୍ରହଣ ପରେ ଆଇଡିବିଆଇର ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ ଏବଂ ସେପ୍ଟେମ୍ବର ତ୍ରୈମାସ ଫଳାଫଳ ଘୋଷଣା ପରେ ଏହାକୁ ପିସିଏରୁ ବାଦ୍ ଦିଆଯିବାର ଯଥେଷ୍ଟ ସମ୍ଭାବନା ରହିଛି।

# ନାଲ୍‌କୋର ଦୀର୍ଘ ମିଆଦୀ ବେତନ ସମାଧାନ

**ଭୁବନେଶ୍ୱର,୨୪-୨**

ରାଷ୍ଟ୍ରାୟତ୍ତ ନାଲ୍‌କୋ ପକ୍ଷରୁ ୬ଷ୍ଠ ଦୀର୍ଘ ମିଆଦୀ ବେତନ ସମାଧାନ ଚୁକ୍ତି ସ୍ୱାକ୍ଷରିତ ହୋଇଛି। କମ୍ପାନୀର ଭୁବନେଶ୍ୱରସ୍ଥିତ କର୍ପୋରେଟ କାର୍ଯ୍ୟାଳୟଠାରେ ୫ ଟ୍ରେଡ ୟୁନିୟନ ଉପସ୍ଥିତ ରହି ଚୁକ୍ତିରେ ସାମିଲ ହୋଇଛନ୍ତି। କାର୍ଯ୍ୟଧାରାକୁ ୧୦୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କରାଯାଇଥିବାରୁ ଏହାକୁ ୟୁନିୟନଗୁଡ଼ିକ ଐତିହାସିକ କହିବା ସହ ସନ୍ତୋଷ ବ୍ୟକ୍ତ କରିଛନ୍ତି। ନାଲ୍‌କୋ ସିଏମ୍‌ଡି ତପନ କୁମାର ଚାନ୍ଦଙ୍କ ତତ୍ତ୍ୱାବଧାନରେ ଚୁକ୍ତି ସମ୍ପାଦିତ ହୋଇଛି। ଏଭଳି ପଦକ୍ଷେପ କର୍ମଚାରୀଙ୍କ ନୈତିକ ମନୋବଳକୁ ବୃଦ୍ଧି କରିବା ସହ କମ୍ପାନୀର ବାଣିଜ୍ୟ ସଂସ୍କୃତିକୁ ବଢାଇବା ଦିଗରେ ସହାୟକ ହେବ ବୋଲି ସିଏମ୍‌ଡି ଚାନ୍ଦ କହିଛନ୍ତି। ସେହିଭଳି ଲକ୍ଷ୍ୟ ପୂରଣ, କମ୍ପାନୀର ରାଜସ୍ୱ ଏବଂ ଲାଭ ଦିଗରେ ଏହା ସହାୟକ ହେବା ନେଇ ସେ ମତ ରଖିଛନ୍ତି। ଦୀର୍ଘ ମିଆଦୀ ବେତନ ସମାଧାନ ଦ୍ୱାରା ୫୦୦୦ କର୍ମଚାରୀ ଲାଭବାନ ହୋଇପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

OFFICE OF THE NOTIFIED AREA COUNCIL, KASHINAGAR, GAJAPATI
No. 485/ NAC Dated: 23.02.2019
QUOTATION CALL NOTICE
Sealed Quotations are invited from the intending authorized stockists/ Dealers/Suppliers of reputed companies for supply of following Sanitation Materials under Solid waste management programme i.e. Dustbins, Hand cart wheel borrow, hanging Dustbins, Tri cycle Rickshaw, Bucket (Green & Blue) etc. and Mobile Toilet with printed name of the ULB on or before 4.30 PM of 06.03.2019 by Speed Post only.
The detail schedule of Quotation Call Notice shall be available from the office of the undersigned on payment of Rs. 5000/- (in cash) durign office hours from 25.02.2019 to 06.03.2019 and upto 1.00 PM and the same will be received upto 4.30 PM on 06.03.2019. The interested quotationers may apply along with all the requisite documents and EMD etc. as per schedule within the stipulated date and time period. The sealed cover must be mentioned with "Quotation for the supply of sanitation material."
The Authority reserves the right to accept or reject any quotation without assigning any reason thereof. The authority will not be held responsible for postal delay on delivery of Quotations by the Post man.
Sd./- Executive Officer, N.A.C., Kashinagar, Gajapati

Annexure-II
CSO-CUM-DISTRICT MANAGER
ODISHA STATE CIVIL SUPPLIES CORPORATION LIMITED, GAJAPATI
NEW COLLECTORATE BUILDING, PARALAKHEMUNDI
www.gajapati.nic.in
No. 548/ VIII-2/2019 Date : 23.02.2019
CSO-cum-District Manager, OSCSC Ltd. Gajapati invites sealed tenders from reputed firms/ companies/ persons for appointment as Level-I Transport Contract for transportation of food grains from FSD, FCI to RRC-cum-DSC.
Interested firms/ companies/ persons may obtain tender document from the office of the CSO-cum-District Manager from 26.02.2019 to 18.03.2019 up to 3.00 PM. The interested firms/ companies/ persons may also download the tender document from the District website www.gajapati.nic.in.
Interested firms/ companies/ persons will have to submit the tender documents through registered post/ speed post / courier service only as per the procedure prescribed in the tender document to the following address. Tender document sent other than the above mode shall not be entertained in any circumstances. The Corporation shall not be responsible for any postal / courier delay. Tender paper received after the schedule date & time shall not be considered.
Address for submission of Tender document:
District Manager, OSCSC Ltd., Gajapati District.
At/Po- Paralakhemundi, District- Gajapati, PIN - 761200

| | |
|---|---|
| Period of sale of tender document | 26.02.2019 to 18.03.2019 |
| Last date for receipt of tender document | 18.03.2019 up to 5.00 PM |
| Date of opening of Technical Bid | 23.03. 2019 at 12.30 PM |
| Date of opening of Price Bid | 26. 03.2019 at 11.00 AM |

Sd./- CSO-cum-District Manager, OSCSC Ltd., Gajapati

GOVT. OF ODISHA
DEPARTMENT OF WATER RESOURCE, O/O THE CHIEF CONSTRUCTION ENGINEER, RENGALI RIGHT IRRIGATION PROJECT, DHENKANAL
Email Id-ccerrip@gmail.com
e-Procurement Notice
No.1311-A:- The chief Construction Engineer, Rengali Right Irrigation Project, Mahisapat, Dhenkanal on behalf of the Governor of Odisha invites online percentage rate bids for construction of the work as detailed below.
1. Name of the work : Excavation of Darpani Branch Canal from RD 8.120 km to 11.200 km including construction of its structures of Right Bank Canal of Rengali Irrigation Project.
2. Tender Cost : 1663.95 lakh
3. Bid Document Cost : 10,000.00 (online)
4. Bid Security : 16,64,000.00 (online)
5. Class of Contractor : Super Class
6. Period of Completion : 17 calendar months (517 days)
7. Other details are as follows;

| Procurement Officer | Bid Identification No. | Availability of tender online for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| 1 | 2 | 4 | 5 | 6 |
| Chief Construction Engineer, RRIP, Dhenkanal | CCERRIP-17/2018-19 | 01.03.2019 from 10.00 A.M. | 25.03.2019 5.00 P.M. | 26.03.2019 11.00 A.M. |

8. For further details and online bidding, visit Govt. website www.tendersodisha.gov.in
32351/11/0023/1819 Sd./- (J.K. Tripathy) Chief Construction Engineer, Rengali Right Irrigation Project, Dhenkanal

GOVERNMENT OF ODISHA
OFFICE OF THE EXECUTIVE ENGINEER RURAL, WORKS DIVISION - II, MALKANGIRI
NATIONAL COMPETITIVE BIDDING THROUGH e-PROCUREMENT
No.1775-O Identification No. Online 09/RWD-II,MKG/2018-19
1. Name of the work : Road work (Detailed in annexure)
2. Total Number of Works : 01 (One) numbers.
3. Tender Cost : Rs.22.12 lakhs
4. Class of Contractor : 'C' and 'B' Class contractors
5. Period of Completion : 2 Months (Detailed in Annexure)
6. Other Details :-

| Procurement Officer | Bid Identification No. | No. of Works | Availability of tender online for bidding | | Last Date & time of seeking tender clarification | Date & time of opening of tender |
|---|---|---|---|---|

ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣ ବୈଷମବାଦ ବେଳେ ଏହି ଦେଶକୁ ଯେପରି ଏକଘରିଆ କରାଯାଇଥିଲା, ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ପାକିସ୍ତାନକୁ ସେପରି କରାଯିବା ଉଚିତ୍ । –ବିନୋଦ ରୟ, ବିସିସିଆଇ ପ୍ରଶାସକ କମିଟି ମୁଖ୍ୟ

ଫେଡ୍ କପ୍‌ରେ ଚତୁର୍ଥ ସ୍ଥାନ ଅଧିକାର କରିଥିବାରୁ ଭାରତୀୟ ମହିଳା ଟେନିସ୍ କ୍ରମେ ଉନ୍ନତି ହେଉଥିବା ପ୍ରତୀୟମାନ ହେଉଛି ।
–ବିଶାଲ ଉପାଲ୍, ଭାରତୀୟ ଫେଡ୍‌କପ୍ ଟିମ୍ ଅଧିନାୟକ

## ■ ବାରବାଟୀରେ ବିସିସିଆଇ ସଭାପତି

# ସରକାରଙ୍କ ନିଷ୍ପତ୍ତିରେ ଝୁଲୁଛି ଭାରତ-ପାକ୍ ମ୍ୟାଚ୍

କଟକ ଅଫିସ,୨୪।୨

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର କାର୍ଯ୍ୟକାରୀ ସଭାପତି ସି.କେ. ଖାନ୍ନା ଓଡ଼ିଶା ଗସ୍ତରେ ଆସିଛନ୍ତି। ରବିବାର ସେ ବାରବାଟୀ ଷ୍ଟାଡିୟମରେ ପହଞ୍ଚିବା ସହ ଏଠାରେ ଚାଲିଥିବା ସୟଦ ମୁସ୍ତାକ ଅଲି ଟି-୨୦ ଟୁର୍ନାମେଣ୍ଟ ମ୍ୟାଚ୍ ଦେଖିଥିଲେ। ଏହି ଅବସରରେ ଖାନ୍ନା ଭାରତୀୟ କ୍ରିକେଟର ବିଭିନ୍ନ ପ୍ରସଙ୍ଗ ସମ୍ପର୍କରେ ମତ ମଧ୍ୟ ଦେଇଥିଲେ।

### ସରକାରଙ୍କ ନିଷ୍ପତ୍ତିକୁ ଅପେକ୍ଷା

ଆସନ୍ତା ଆଇସିସି ବିଶ୍ୱକପ୍‌ରେ ଭାରତ-ପାକିସ୍ତାନ ମ୍ୟାଚ୍ ହେବା ନେଇ କରାଯାଇଥିବା ପ୍ରଶ୍ନର ଉତ୍ତରରେ ଖାନ୍ନା କହିଥିଲେ, ଗତ କିଛି ଦିନ ତଳେ କମିଟି ଅଫ୍ ଆଡମିନିଷ୍ଟ୍ରେଟର୍ସ (ସିଓଏ)ର ବୈଠକ ବସିଥିଲା। ସରକାରଙ୍କ ନିଷ୍ପତ୍ତି ଉପରେ ଏହି ମ୍ୟାଚ୍‌ର ଭାଗ୍ୟ ଛଡ଼ାଯାଇଛି। ସରକାରଙ୍କ ନିଷ୍ପତ୍ତି ଯାହା ହେବ ତାହାକୁ ଗ୍ରହଣ କରାଯିବ। ଏହାଛଡ଼ା ଭାରତ ବିଶ୍ୱ କ୍ରିକେଟ ପ୍ରତିଯୋଗିତା ଗୁଡ଼ିକରେ ଟପ୍ ଗିଅରରେ ଅଛି। ବିଶ୍ୱକପରେ ଚାମ୍ପିୟନ ହେବାର ପ୍ରମୁଖ ଦାବିଦାର ଦୌଡ଼ରେ ମଧ୍ୟ ଭାରତ ରହିଛି। ଏହା ଉପରେ ବିଶେଷ ଦୃଷ୍ଟି ଦିଆଯାଉଛି।

### ହେବନି ଆଇପିଏଲ ଉଦ୍‌ଘାଟନୀ ଉତ୍ସବ

ଇଣ୍ଡିଆନ ପ୍ରିମିୟର ଲିଗ(ଆଇପିଏଲ)ର ଆଗାମୀ ସଂସ୍କରଣର ଉଦ୍‌ଘାଟନୀ ଉତ୍ସବ ହେବ ନାହିଁ ବୋଲି ସୂଚନା ଦେଇଛନ୍ତି ଖାନ୍ନା। ପୂର୍ବରୁ ପୁଲୱାମାରେ ଶହୀଦ ଯବାନମାନଙ୍କ ନିମନ୍ତେ ୫ କୋଟି ଟଙ୍କା ପ୍ରଦାନ କରାଯିବ ବୋଲି ବିସିସିଆଇ ପକ୍ଷରୁ ଯୋଜନା ହେଉଥିଲା। ମାତ୍ର ଗତ ସିଓଏ ବୈଠକରେ ଆଇପିଏଲ ଉଦ୍‌ଘାଟନୀ ଉତ୍ସବ ନ କରାଯାଇ ବଜେଟ ହୋଇଥିବା ସମସ୍ତ ଅର୍ଥ ଶହୀଦଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

ଷ୍ଟାଡ଼ିୟମ ପରିଦର୍ଶନ ଅବସରରେ ବିସିସିଆଇ କାର୍ଯ୍ୟକାରୀ ସଭାପତି ସି.କେ.ଖାନ୍ନା (ଡାହାଣ)।

### ରାଜ୍ୟ ସଂଘକୁ ମିଳିବ ପାଣ୍ଠି

ସମସ୍ତ ରାଜ୍ୟ କ୍ରିକେଟ ସଂଘ ଗୁଡ଼ିକର ଆର୍ଥିକ ଦୁରବସ୍ଥା କେବେ ଦୂର ହେବ ବୋଲି ପ୍ରଶ୍ନର ଉତ୍ତରରେ ସେ କହିଥିଲେ, ଖୁବଶୀଘ୍ର ରାଜ୍ୟ ସଂଘମାନଙ୍କୁ ପାଣ୍ଠି ମିଳିବ। ରାଜ୍ୟ ସଂଘଗୁଡ଼ିକ ଏ ବାବଦରେ ସିଓଏ ସହ ଆଲୋଚନା ମଧ୍ୟ କରିପାରିବେ ବୋଲି ଖାନ୍ନା କହିଛନ୍ତି।

### ବାରବାଟୀକୁ ପ୍ରଥମ ଗସ୍ତ

ବାରବାଟୀ ଷ୍ଟାଡିୟମକୁ ପ୍ରଥମଥର ଆସିଛି ବୋଲି ଖାନ୍ନା କହିଛନ୍ତି। ଏହି ଅନ୍ତର୍ଜାତୀୟ ଷ୍ଟାଡିୟମର ପରିବେଶ ବହୁତ ଭଲ ବୋଲି ମଧ୍ୟ ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି। ତେବେ ଆଗାମୀ ଦିନରେ ଅନ୍ତର୍ଜାତୀୟ ମ୍ୟାଚ୍ ହେବାର ପ୍ରଶ୍ନକୁ ନେଇ ସେ ସକାରାତ୍ମକ ଭାବନା ରଖିବାକୁ କହିଥିଲେ।

## ■ ସୟଦ ମୁସ୍ତାକ ଅଲି ଟି୨୦

# ଓଡ଼ିଶାର ପ୍ରଥମ ବିଜୟ

କଟକ ଅଫିସ,୨୪।୨

ଓଡ଼ିଶା ଚଳିତ ସୟଦ ମୁସ୍ତାକ ଅଲି ଟି୨୦ ଟୁର୍ନାମେଣ୍ଟର ପ୍ରଥମ ବିଜୟ ପଏଣ୍ଟ ହାସଲ କରିଛି । ସ୍ଥାନୀୟ ଡ୍ରିମସ ଗ୍ରାଉଣ୍ଡରେ ରବିବାର ଓଡ଼ିଶା ୯ ଉଇକେଟରେ ମିଜୋରାମକୁ ପରାସ୍ତ କରିଛି। ଓଡ଼ିଆ ସ୍ପିନର ପପୁ ରାୟ ଟି୨୦ ଫର୍ମାଟରେ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ୮ ରନ ଦେଇ ପପୁ ୩ଟି ଉଇକେଟ ଅକ୍ତିଆର କରିବା ସହ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହାଛଡ଼ା ୩ଟି ମ୍ୟାଚ୍ ଶେଷ ସୁଦ୍ଧା ଏହି ଟୁର୍ନାମେଣ୍ଟରେ ପପୁ ୬ ଉଇକେଟ ଅକ୍ତିଆର କରିବା ସହ ସର୍ବାଧିକ ଉଇକେଟ ଦଖଲକାରୀ ତାଲିକାର ଶ୍ରେଷ୍ଠ ୧୦ଜଣ ଭିତରେ ସ୍ଥାନ ପାଇଛନ୍ତି। ଏହି ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ କରିଥିବା ମିଜୋରାମ ୧ ରନରେ ପ୍ରଥମ ଉଇକେଟ ପତନ ଘଟାଇବା ସହ ୩୦ରନରେ ଓଡ଼ିଶା ବୋଲରମାନେ ମିଜୋରାମର ୪ଜଣ ବ୍ୟାଟ୍ସମ୍ୟାନଙ୍କୁ ପ୍ୟାଭିଲିୟନ ଫେରାଇ ସାରିଥିଲେ। ବ୍ୟାଟ୍ସମ୍ୟାନଙ୍କ ବିଫଳତା ଫଳରେ ମିଜୋରାମର ଇନିଂସ ୯୧ ରନରେ ସୀମିତ ରହିଥିଲା। ଅଧିନାୟକ ତରୁଣାର କୋହଲି ସର୍ବାଧିକ ୩୭ ରନ କରିଥିଲେ। ପପୁଙ୍କ ବ୍ୟତୀତ ରାଜେଶ ମହାନ୍ତି ୨, ସୂର୍ଯ୍ୟକାନ୍ତ ପ୍ରଧାନ, ଦେବବ୍ରତ ପ୍ରଧାନ ଓ ବିପ୍ଳବ ସାମନ୍ତରାୟ ଗୋଟିଏ ଲେଖାଏ ଉଇକେଟ ପାଇଥିଲେ। ଜବାବରେ ୧୨.୫ ଓଭରରେ ଗୋଟିଏ ଉଇକେଟ ହରାଇ ଓଡ଼ିଶା ବିଜୟ ଲକ୍ଷ୍ୟ ହାସଲ କରିଛି। ପଦାର୍ପଣ କରିଥିବା ସ୍ୱସ୍ତିକ ସାମଲ ଖାତା ଖୋଲିବା ଆଗରୁ କ୍ଲିନ ବୋଲ୍ଡ ହୋଇଥିଲେ। ଉଇକେଟ କିପର ରାଜେଶ ଧୂପର(୩୮ରନ) ଓ ସନ୍ଦୀପ ପଟ୍ଟନାୟକ(୫୪ ରନ) ଅପରାଜିତ ରହି ଓଡ଼ିଶାକୁ ଟୁର୍ନାମେଣ୍ଟରେ ପ୍ରଥମ ବିଜୟ ପ୍ରଦାନ କରିଛନ୍ତି ।

ମନୀଷ ପାଣ୍ଡେ

### ମନୀଷଙ୍କ ଧୁଆଁଧାର ଶତକ

ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଅନ୍ୟ ମ୍ୟାଚ୍‌ରେ କର୍ନାଟକ ୧୪୬ ରନରେ ଅରୁଣାଚଳ ପ୍ରଦେଶକୁ ହରାଇଥିଲା। କର୍ନାଟକ ଅଧିନାୟକ ତଥା ଅନ୍ତର୍ଜାତୀୟ ଖେଳାଳି ମନୀଷ ପାଣ୍ଡେଙ୍କ ଧୁଆଁଧାର ଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା କର୍ନାଟକ ୪ ଉଇକେଟ ହରାଇ ୨୨୬ ରନ କରିଥିଲା। ମନୀଷ ୪୩ ବଲରୁ ଶତକ ହାସଲ କରିବା ସହ ୧୧୧ରନରେ ଅପରାଜିତ ଥିଲେ। ଏହା ମଧ୍ୟରେ ୯ଟି ଚୌକା ଓ ୭ଟି ଛକା ସାମିଲ ଥିଲା। ଶ୍ରେୟାଶ ଗୋପାଳଙ୍କ ୫ ଉଇକେଟ ବଳରେ ଅରୁଣାଚଳ ପ୍ରଦେଶ ୮୦ରନରେ ଅଲଆଉଟ ହୋଇଥିଲା।

### ୩ ଉଇକେଟରେ ଜିତିଲା ବେଙ୍ଗଲ

ସେହିପରି ବାରବାଟୀରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ବେଙ୍ଗଲ ୩ ଉଇକେଟରେ ହରିୟାଣାକୁ ପରାସ୍ତ କରିଛି। ହରିୟାଣା ପ୍ରଥମେ ବ୍ୟାଟିଂ କରି ୮ ଉଇକେଟରେ ୧୪୧ ରନ ସଂଗ୍ରହ କରିଥିଲା। ଅନ୍ୟ ଏକ ମ୍ୟାଚରେ ଆସାମ ୫ ଉଇକେଟରେ ଛତିଶଗଡ଼କୁ ପରାସ୍ତ କରିଥିଲା।

## ସଂକ୍ଷେପରେ

### ସୌଭାଗ୍ୟଙ୍କ ଶତକ ବୃଥା: ହାରିଲା ଓଡ଼ିଶା

**କଟକ ଅଫିସ,୨୪।୨:** ଗୁଜରାଟର ଶାସ୍ତ୍ରୀ ମୈଦାନଠାରେ ରବିବାର ଖେଳାଯାଇଥିବା ୨୩ ବର୍ଷରୁ କମ୍ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ୧୧୨ରନରେ ଆନ୍ଧ୍ରପ୍ରଦେଶ ଠାରୁ ପରାସ୍ତ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆନ୍ଧ୍ରପ୍ରଦେଶ ୮ ଉଇକେଟରେ ୩୦୫ରନ କରିଥିଲା। କରଣ ସିଦ୍ଧେ ୧୧୧ରନ କରିଥିଲେ। ଓଡ଼ିଶା ପକ୍ଷରୁ ପ୍ରୀତ କନୱର ସିଂ ଚୌହ୍ୱାନ ସର୍ବାଧିକ ୪ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଓଡ଼ିଶା ୯ ଉଇକେଟ ହରାଇ ୧୯୩ରନ କରିଥିଲା। ସୌଭାଗ୍ୟ ରଞ୍ଜନ ମିଶ୍ର ୧୦୦ରନ କରି ଅପରାଜିତ ରହିଥିଲେ ମଧ୍ୟ ଅନ୍ୟ ବ୍ୟାଟ୍ସମ୍ୟାନଙ୍କ ବିଫଳତା ଯୋଗୁଁ ଓଡ଼ିଶା ପରାଜିତ ହୋଇଥିଲା। ଆନ୍ଧ୍ରପ୍ରଦେଶ ପକ୍ଷରୁ ସି.କୌଶିକ ସର୍ବାଧିକ ୪ଟି ଉଇକେଟ ଦଖଲ କରିଥିଲେ ।

### ମାଧୁରୀ-ସୁଶ୍ରୀଙ୍କ ଚମତ୍କାର ବ୍ୟାଟିଂ: ଓଡ଼ିଶା ବିଜୟୀ

**କଟକ ଅଫିସ,୨୪।୨:** ପୁଡୁଚେରୀର ପାଲମିରା କ୍ରିକେଟ ଗ୍ରାଉଣ୍ଡରେ ରବିବାର ଖେଳାଯାଇଥିବା ସିନିୟର ମହିଳା ଟି୨୦ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ଓଡ଼ିଶା ୨୦ରନରେ ବେଙ୍ଗଲକୁ ପରାସ୍ତ କରିଛି। ଟୁର୍ନାମେଣ୍ଟର ଗ୍ରୁପ-ଇ'ରେ ସ୍ଥାନ ପାଇଥିବା ଓଡ଼ିଶା ୩ଟି ବିଜୟ ସହ ପଏଣ୍ଟ ଟେବୁଲର ୩ୟ ସ୍ଥାନରେ ରହିଛି। ମ୍ୟାଚରେ ଟସ୍ ଜିତି ଓଡ଼ିଶା ପ୍ରଥମେ ବ୍ୟାଟିଂ କରିଥିଲା। ଅଧିନାୟିକା ମଧୁସ୍ମିତା ବେହେରା ୮, ସରିତା ମେହେର ୪, ପ୍ରଜ୍ଞା ମହାନ୍ତି ୧ ଓ ରାଣୀ ଟୁଡୁ ୪ରନରେ ଆଉଟ ହେବା ଯୋଗୁଁ ଓଡ଼ିଶା ସଙ୍କଟରେ ପଡ଼ିଥିଲା। ମାତ୍ର ଓପନର ମାଧୁରୀ ମେହେଟା ଓ ମଧ୍ୟକ୍ରମର ବ୍ୟାଟ୍ସମ୍ୟାନ ସୁଶ୍ରୀ ଦିବଦର୍ଶିନୀ ଭାଗିଦାରୀରେ ୬୨ରନ ଯୋଗକରି ଓଡ଼ିଶାର ଦଳୀୟ ସ୍କୋରକୁ ୧୦୦ ଅତିକ୍ରମ କରାଇଥିଲେ। ମାଧୁରୀ ୫୧ ଓ ସୁଶ୍ରୀ ୪୩ ରନ କରି ଅପରାଜିତ ରହିଥିଲେ। ଫଳରେ ଓଡ଼ିଶା ୪ ଉଇକେଟ ହରାଇ ଓଡ଼ିଶା ୧୧୭ ରନ କରିଥିଲା। ୧୧୮ରନର ବିଜୟ ଲକ୍ଷ୍ୟକୁ ପିଛା କରି ବେଙ୍ଗଲ ୯୭ରନରେ ଅଲଆଉଟ ହୋଇଯାଇଥିଲା। ଅଧିନାୟିକା ତନୁଶ୍ରୀ ସରକାର ସର୍ବାଧିକ ୩୯ରନ କରିଥିଲେ। ଓଡ଼ିଶା ପକ୍ଷରୁ ପ୍ରିୟଙ୍କା ପ୍ରିୟଦର୍ଶିନୀ ୩ଟି ଉଇକେଟ ଅକ୍ତିଆର କରିଥିବା ବେଳେ ରାମାଲକ୍ଷ୍ମୀ ଏକ୍କା ଓ ସୁଶ୍ରୀ ଦିବଦର୍ଶିନୀଙ୍କୁ ୨ଟି ଲେଖାଏ ଉଇକେଟ ମିଳିଥିଲା।

### ହାଇ ଜମ୍ପର ତେଜସ୍ୱିନଙ୍କୁ ବିଗ୍ ୧୨ ଟାଇଟଲ

ନୂଆଦିଲ୍ଲୀ,୨୪।୨(ପିଟି): ଭାରତର ତେଜସ୍ୱିନ ଶଙ୍କର ଯୁକ୍ତରାଷ୍ଟ୍ର ଆମେରିକାର ଟେକ୍ସାସଠାରେ ବିଗ୍ ୧୨ କଲିଜିଏଟ୍ ଆଥଲେଟିକ୍ ମିଟ୍ ପୁରୁଷ ହାଇଜମ୍ପ ଟାଇଟଲ ବିଜୟୀ ହୋଇଛନ୍ତି। ପ୍ରତିଯୋଗିତାରେ ସେ ଜାତୀୟ ରେକର୍ଡ ସମକକ୍ଷ ହୋଇପାରିଛନ୍ତି। କାନ୍‌ସାସ୍ ରାଜ୍ୟ ୟୁନିଭର୍ସିଟି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ତେଜସ୍ୱିନ ଅନ୍ତିମ ଉଦ୍ୟମରେ ୨.୨୮ ମିଟର ଲମ୍ଫ ପ୍ରଦାନ କରିଥିଲେ। ସେ ସମାନ ବ୍ୟବଧାନ ଗତବର୍ଷ ପଟିଆଲାଠାରେ ଅନୁଷ୍ଠିତ ୨୨ତମ ଫେଡେରେଶନ କପ୍‌ରେ ହାସଲ କରିଥିଲେ। ସେ କାନ୍‌ସାସ୍ ବିଶ୍ୱବିଦ୍ୟାଳୟର ୬ଷ୍ଠ ହାଇ ଜମ୍ପର ଭାବେ ବିଗ୍‌୧୨ ଟାଇଟଲ ଜିତିଛନ୍ତି। ୨୦ ବର୍ଷୀୟ ତେଜସ୍ୱିନ ୨୦୧୫ ରାଜ୍ୟଗୋଷ୍ଠୀ ଯୁଥ୍ ଗେମ୍ସରେ ଏକ ସ୍ୱର୍ଣ୍ଣ ପଦକ ବ୍ୟତୀତ ୨୦୧୬ ସାଉଥ ଏସିଆନ ଗେମ୍ସରେ ଏକ ରୌପ୍ୟ ପଦକ ହାସଲ କରିଥିଲେ।

### ବ୍ରିଜଭୂଷଣ ପୁଣି ଡବ୍ଲ୍ୟୁଏଫ୍‌ଆଇ ସଭାପତି

**ନୂଆଦିଲ୍ଲୀ,୨୪।୨(ପିଟି):** ବ୍ରିଜଭୂଷଣ ଶରନ ସିଂ ରବିବାର ସର୍ବସମ୍ମତି କ୍ରମେ ରେସଲିଂ ଫେଡେରେଶନ ଅଫ୍ ଇଣ୍ଡିଆ(ଡବ୍ଲ୍ୟୁଏଫ୍‌ଆଇ) ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ତେବେ କ୍ରମାଗତ ୩ୟ ଥର ପାଇଁ ବ୍ରିଜଭୂଷଣ ଏହି ପଦ ସମ୍ଭାଳିବାକୁ ଯାଉଛନ୍ତି। ତାଙ୍କ ଭଳି ପୂର୍ବ ପଦଧିକାରୀମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବଚିତ ହୋଇଛନ୍ତି। ଆଗମୀ ୩ ବର୍ଷ ପର୍ଯ୍ୟନ୍ତ ସେମାନେ ଦାୟିତ୍ୱ ସମ୍ଭାଳିବେ। ଅବସରପ୍ରାପ୍ତ ଜଷ୍ଟିସ୍ ଆର. ବି. ମିଶ୍ରା ରିଟର୍ନିଂ ଅଫିସର ଭାବେ ନିର୍ବଚନ ପରିଚାଳନା କରିଥିଲେ।

## ଜନ୍ମେଜୟଙ୍କୁ ରୌପ୍ୟ

ଭୁବନେଶ୍ୱର, ୨୪।୨(ସ୍ପୋର୍ଟ୍ସ ବ୍ୟୁରୋ)

**ଜାତୀୟ ସିନିୟର ବଡିବିଲ୍ଡିଂ**

କେରଳର କନ୍ନୁରଠାରେ ଅନୁଷ୍ଠିତ ଜାତୀୟ ସିନିୟର ବଡିବିଲ୍ଡିଂ ଚାମ୍ପିୟନଶିପ୍‌ର ୫୬ତମ ସଂସ୍କରଣରେ ଓଡ଼ିଶାର ଜନ୍ମେଜୟ ମହାନ୍ତି ରୌପ୍ୟ ପଦକ ଜିତିଛନ୍ତି। ୭୦ କିଗ୍ରା ବର୍ଗରେ ଜନ୍ମେଜୟ ଏହି ସଫଳତା ପାଇଛନ୍ତି। ଏଥିସହ ଜନ୍ମେଜୟ ପୋଲାଣ୍ଡରେ ମେ'ରେ ହେବାକୁ ଥିବା ମିଷ୍ଟର ୱାର୍ଲ୍ଡ ବଡିବିଲ୍ଡିଂ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଛନ୍ତି। ଏହି ଜାତୀୟ ଚାମ୍ପିୟନଶିପ୍ ପାଇଁ ଜନ୍ମେଜୟ ୧୫ ଦିନ ମଧ୍ୟରେ ୧୨ କେଜି ଓଜନ ହ୍ରାସ କରିଥିଲେ। ପ୍ରକାଶଯୋଗ୍ୟ, ଜନ୍ମେଜୟ ପୂର୍ବରୁ ଏସିଆରେ ୫ମ, ମିଷ୍ଟର ୟୁନିଭର୍ସରେ ୭ମ ସ୍ଥାନରେ ରହିଥିବାବେଳେ ମିଷ୍ଟର ଇଣ୍ଡିଆ ପ୍ରତିଯୋଗିତାରେ ୨ଥର ରୌପ୍ୟ ପଦକ ହାସଲ କରିସାରିଛନ୍ତି। ଏଥିସହ ସେ ମିଷ୍ଟର ଇଷ୍ଟର୍ନ ଇଣ୍ଡିଆରେ ୩ଥର ସ୍ୱର୍ଣ୍ଣ, ଡାକଶ୍ରୀରେ ୬ଥର ସ୍ୱର୍ଣ୍ଣ ପଦକ ସହ ୪ଥର ଟାଇଟଲ ହାସଲ କରିଛନ୍ତି। ଜନ୍ମେଜୟ ୧୪ଥର ମିଷ୍ଟର ଭୁବନେଶ୍ୱର ଟାଇଟଲ ମଧ୍ୟ ଜିତିଛନ୍ତି।

## ଭାରତରେ ଏସିଆନ୍ ସ୍ନୁକର ଟୁର୍ ବାତିଲ

ନୂଆଦିଲ୍ଲୀ,୨୪।୨(ପିଟି)

ଏସିଆନ ସ୍ନୁକର ଟୁର ଭାରତ ଲେଗ୍‌କୁ ରବିବାର ଅନିର୍ଦ୍ଦିଷ୍ଟ କାଳ ପାଇଁ ବାତିଲ କରିଦିଆଯାଇଛି। ଏହି ଇଭେଣ୍ଟରେ ଅଂଶଗ୍ରହଣ କରିବାକୁଥିବା ପାକିସ୍ତାନ ଖେଳାଳିଙ୍କୁ ଭିଜାଗତ ସମସ୍ୟା ଦେଖାଦେଇବାରୁ ଏଭଳି ପରସ୍ଥିତି ଉପୁଜିଛି। ୧୦ ରେଡ୍ସ ଏସିଆନ ଟୁର ସ୍ନୁକର ଟୁର୍ନାମେଣ୍ଟ ମାର୍ଚ୍ଚର ଅନ୍ତିମ ସପ୍ତାହରେ ବୋଙ୍ଗାଲୁରୁଠାରେ ଖେଳାଯିବାର କାର୍ଯ୍ୟକ୍ରମ ଥିଲା। ପାକିସ୍ତାନ ସ୍ନୁକର ଖେଳାଳିଙ୍କୁ ଭିଜା ମିଳିବା ନେଇ ଆୟୋଜକମାନେ ଗ୍ୟାରେଣ୍ଟି ଦେଇପାରି ନ ଥିଲେ। ଏଣୁ ଏସିଆନ୍ କନ୍‌ଫେଡେରେଶନ ଅଫ୍ ବିଲିୟାର୍ଡ୍ସ ସ୍ପୋର୍ଟ୍ସ (ଏସିବିଏସ୍) ଇଭେଣ୍ଟକୁ ବାତିଲ କରିବାକୁ ନିଷ୍ପତ୍ତି ନେଇଛି। ଦେଶରେ ଅନ୍ୟ କ୍ରୀଡ଼ା ସହ ଯାହା ଘଟୁଛି, ତାକୁ ଦୃଷ୍ଟିରେ ରଖି ଏସିବିଏସ୍‌କୁ ଆମେ ପାକିସ୍ତାନ ଖେଳାଳିଙ୍କ ଭିଜା ସମ୍ପର୍କରେ ଜଣାଇଥିଲୁ। ଏଣୁ ଏସିଆନ ସ୍ନୁକର ଟୁରର ଅନ୍ତିମ ଲେଗ୍‌କୁ ବାତିଲ କରାଯାଇଛି ବୋଲି ବିଲିୟାର୍ଡ୍ସ ଓ ସ୍ନୁକର ଫାଉଣ୍ଡେଶନ ଅଫ୍ ଇଣ୍ଡିଆ (ବିଏସ୍‌ଏଫ୍‌ଆଇ) ସମ୍ପାଦକ ଏସ୍. ସୁବ୍ରମଣ୍ୟମ କହିଛନ୍ତି। ଇଭେଣ୍ଟରେ ଅଂଶଗ୍ରହଣ କରିବାକୁ ଥିବା ୨୪ ଖେଳାଳିଙ୍କ ମଧ୍ୟରୁ ୬ ଜଣ ପାକିସ୍ତାନୀ କିମ୍ବା ପାକିସ୍ତାନରେ ଜନ୍ମିତ। ସେମାନେ ଭିଜା ପାଇଁ ଆବେଦନ ମଧ୍ୟ କରି ନ ଥିଲେ। ଉଲ୍ଲେଖଥାଉ କି, ଚଳିତ ମାସ ୧୪ ତାରିଖ ପୁଲୱାମା ଆତଙ୍କବାଦୀ ଆକ୍ରମଣ ଘଟଣାରେ ୪୦ରୁ ଅଧିକ ସିଆର୍‌ପିଏଫ୍ ଯବାନ ଶହୀଦ ହେବା ପରେ ପାକିସ୍ତାନ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ ଇଭେଣ୍ଟ ପ୍ରବଳ ମାତ୍ରାରେ ବାଧାପ୍ରାପ୍ତ ହୋଇଛି।

## ୪ର୍ଥ ବାଟାଲିୟନ ରାଉରକେଲା ଚାମ୍ପିୟନ

ଚାମ୍ପିୟନ ଓଏସ୍‌ଏପି ୪ର୍ଥ ବାଟାଲିୟନ ଖେଳାଳିଙ୍କ ସହ ଅତିଥି ।

ରାଉରକେଲା ଅଫିସ,୨୪।୨

ଇସ୍ପାତ ଷ୍ଟାଡିୟମ ସେକ୍ଟର ୬ ଠାରେ ଚାଲିଥିବା ରାଜ୍ୟ ପୋଲିସ ହକି ରବିବାର ଉଦଯାପିତ ହୋଇଯାଇଛି। ଏଥିରେ ୪ର୍ଥ ବାଟାଲିୟନ ରାଉରକେଲା ଚାମ୍ପିୟନ ହୋଇଛି। ବିଭିନ୍ନ ଜିଲାରୁ ଏହି ଟୁର୍ନାମେଣ୍ଟରେ ମୋଟ ୧୮ଟି ଦଳ ଅଂଶଗ୍ରହଣ କରିଥିଲେ। ଓଏସଏପି ୪ର୍ଥ ବାଟାଲିୟନ ରାଉରକେଲା ଓ ୬ଷ୍ଠ ବାଟାଲିୟନ କଟକ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ୧-୦ ଗୋଲରେ ରାଉରକେଲା ବିଜୟୀ ହୋଇ ଟାଇଟଲ ହାସଲ କରିଛି। ଅନ୍ୟପଟେ କଟକ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି। ଚାମ୍ପିୟନ ଦଳକୁ ନଗଦ ୧୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ ଦଳକୁ ୭ହଜାର ୫ଶହ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଅତିରିକ୍ତ ପୋଲିସ ଡିଜି(ଏସସିଆରବି) ଡ. ସୁଧାଂଶୁ ଷଡଙ୍ଗୀ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ସେ ବିଜୟୀ ଦଳ ଓ ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏଥିରେ ପଶ୍ଚିମାଞ୍ଚଳ ପୋଲିସ ଡିଆଇଡି କବିତା ଜଲାନ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିବା ବେଳେ ଅତିରିକ୍ତ ଏସପି ପି.କେ. ମହାପାତ୍ର ଓ ଏସ୍.କେ. ପାଠୀ, ରେଲୱେ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ, ଓଏସଏପି କମାଣ୍ଡାଣ୍ଟ ପୁରୁଷୋତ୍ତମ ସାହୁ, କ୍ରୀଡା ଅଧିକାରୀ ବିଭୂତି ପରିଡା, ଆରଆଇ ସୂର୍ଯ୍ୟକାନ୍ତ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଅନିଲ ମଲ୍ଲିକ ଓ ନିଖିଳ କଳାକାର ପ୍ରଧାନ ସଂଯୋଜନା କରିଥିଲେ। ହକି ପ୍ରଶିକ୍ଷକ ପିଟର ତିର୍କୀ ଓ ମିଲଟନ ବିଲୁଙ୍ଗଙ୍କ ତତ୍ତ୍ୱାବଧାନରେ ଏହି ଚାମ୍ପିୟନଶିପ୍ ସୁରୁଖୁରୁରେ ଶେଷ ହୋଇଥିଲା। ଖେଳରେ ତୃତୀୟ ସ୍ଥାନ ଅଧିକାର କରିଥିବା ରିଜର୍ଭ ପୋଲିସ ରାଉରକେଲା ଦଳକୁ ନଗଦ ୫ହଜାର ଟଙ୍କା ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ବେଷ୍ଟ ଗୋଲକିପର ଭାବେ ମୋଜେସ ଓରାମ, ବେଷ୍ଟ ଡିଫେନ୍ସ ଭାବେ ଉମେଶ କିଶାନ, ବେଷ୍ଟ ଫରୱାର୍ଡ ଅଶୋକ ଲାକ୍ରା, ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ଭାବେ ଅନିଲ କୁଲୁଙ୍କୁ ଏଥିରେ

# ଆଳୁ ମିଶନ ଫେଲ୍ ଅନିଶ୍ଚିତତାରେ ଶୀତଳଭଣ୍ଡାର ସ୍ୱପ୍ନ

ଭୁବନେଶ୍ୱର,୨୪।୨(ବ୍ୟୁରୋ)

- ମିଶନକୁ ପୂରିଲା ୪ ବର୍ଷ
- ଶୀତଳଭଣ୍ଡାର ସଂଘର ଆନ୍ଦୋଳନ ଜାରି
- ଆଳୁ ମିଶନ ପାଇଁ ରଖାଯାଇଥିବା ଲକ୍ଷ୍ୟରେ ତ୍ରୁଟି ବିଚ୍ୟୁତି ଘଟିଛି: କୃଷିମନ୍ତ୍ରୀ

ରାଜ୍ୟରେ ଆଳୁର ଚାହିଦା ଏବଂ ଆବଶ୍ୟକତାକୁ ଦୃଷ୍ଟିରେ ରଖି ୨୦୧୫ରେ ଆଳୁ ମିଶନର ପରିକଳ୍ପନା କରାଯାଇଥିଲା। ସେହି ଅନୁସାରେ ସରକାରଙ୍କ ପକ୍ଷରୁ ପଦକ୍ଷେପ ମଧ୍ୟ ନିଆଯାଇଥିଲା। ହେଲେ ଏହାର ଠିକ୍ ୪ ବର୍ଷ ପରେ ଉକ୍ତ ମିଶନ ସମ୍ପୂର୍ଣ୍ଣ ଫେଲ୍ ମାରିଥିବା ସ୍ପଷ୍ଟ ହୋଇଛି। ଆଳୁ ମିଶନକୁ ଦୃଷ୍ଟିରେ ରଖି ରାଜ୍ୟରେ ସଂଖ୍ୟାଧିକ ଶୀତଳଭଣ୍ଡାର ସୃଷ୍ଟି ପାଇଁ ଲକ୍ଷ୍ୟ ରଖାଯାଇଥିଲା। ତାହା ଫେଲ୍ ମାରିବାରୁ ଶୀତଳଭଣ୍ଡାରଗୁଡିକ ପାଇଁ ଅଭାବନୀୟ ସ୍ଥିତି ସୃଷ୍ଟି କରିଛି। ରାଜ୍ୟ ପ୍ରଶାସନର କୃଷି ଓ ସମବାୟ ବିଭାଗର ଦୂରଦୃଷ୍ଟି ଅଭାବରୁ ଏପରି ସ୍ଥିତି ଉପୁଜିଥିବା କୃଷି ବିଶେଷଜ୍ଞମାନେ ମତ ରଖିଛନ୍ତି।

୨୦୧୫ ମସିହା ବେଳକୁ ରାଜ୍ୟର ୧୫,୦୦୦ ହେକ୍ଟର ଜମିରୁ ପ୍ରାୟ ୨ ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଉତ୍ପାଦନ ହେଉଥିଲା। ୨୦୧୮ ସୁଦ୍ଧା ଏହି ପରିମାଣ ୧୧.୨୫ ଲକ୍ଷ ମେଟ୍ରିକ୍ ଟନ୍ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ଏଥିପାଇଁ ଆବଶ୍ୟକ ୧୧୨ଟି ଶୀତଳଭଣ୍ଡାର ସ୍ଥାପନ, ବୀଜ ଉତ୍ପାଦନକୁ ତ୍ୱରାନ୍ୱିତ କରିବା ଭଳି ଅନେକ ପଦକ୍ଷେପ ମଧ୍ୟ ନିଆଯାଇଥିଲା। ୩ ବର୍ଷ ମଧ୍ୟରେ ଆଳୁ ଉତ୍ପାଦନରେ ରାଜ୍ୟ ନିର୍ଭରଶୀଳ ହୋଇପାରିବ ବୋଲି କୁହାଯାଇଥିଲା। ଇତିମଧ୍ୟରେ ୨୦୧୮-୧୯ ଆର୍ଥିକ ବର୍ଷ ଶେଷହେବାକୁ ବସିଲାଣି। ମାତ୍ର ଆଳୁ ମିଶନ କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମିଶନ ଏବଂ ଅନ୍ୟାନ୍ୟ ସାମଗ୍ରୀର ସଂରକ୍ଷଣକୁ ଦୃଷ୍ଟିରେ ରଖି ରାଜ୍ୟର ବିଭିନ୍ନ ସ୍ଥାନରେ ଶୀତଳଭଣ୍ଡାରମାନ ନିର୍ମାଣ କରାଗଲା। ହେଲେ ଆବଶ୍ୟକ ସାମଗ୍ରୀ ଅଭାବରୁ ଶୀତଳଭଣ୍ଡାର ପରିଚାଳକମାନେ ଦିନକୁ ଦିନ କ୍ଷତି ସହିବାକୁ ଲାଗିଲେ। ଚଳିତ ମାସ ୨୨ରୁ ଶୀତଳଭଣ୍ଡାର ସଂଘ ଆନ୍ଦୋଳନ ଜାରି ରଖିଛି। ଏହା ଦ୍ୱାରା ୩୦୦ କର୍ମଚାରୀ ପ୍ରତ୍ୟକ୍ଷ ଏବଂ ୧୦,୦୦୦ ଚାଷୀ ପରୋକ୍ଷ ଭାବେ ପ୍ରଭାବିତ ହୋଇଛନ୍ତି।

୩ ବର୍ଷ ପୂର୍ବର ଆଳୁ ଉତ୍ପାଦନ ପରିମାଣଠାରୁ ବର୍ତ୍ତମାନ ଉତ୍ପାଦନ ହ୍ରାସ ପାଇଥିବା କେତେକ ଚାଷୀ ଅଭିଯୋଗ କରିଛନ୍ତି। ପ୍ରାଥମିକ ଭାବେ ଏଥିପାଇଁ କରାଯାଇଥିବା ୨୬ଟି ଶୀତଳଭଣ୍ଡାର ଦିନକୁ ଦିନ କାର୍ଯ୍ୟକ୍ଷମ ହେବା ବନ୍ଦ ହୋଇଯାଇଛି। ବୀଜ ଉତ୍ପାଦନ ବନ୍ଦ, ଉଦ୍ୟୋଗୀଙ୍କୁ ଋଣ ସହାୟତା ମଧ୍ୟ ନାହିଁ। ଉଦ୍ୟାନ କୃଷି ବିଭାଗର ଦୂରଦର୍ଶିତାର ଅଭାବ ଆଳୁ ମିଶନ ଫେଲ୍ ହେବାର ଅନ୍ୟତମ କାରଣ ବୋଲି କୁହାଯାଉଛି। ଏ ସମ୍ପର୍କରେ କୃଷିମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି ଯେ, ଆଳୁ ମିଶନକୁ ଫେଲ୍ ବୋଲି କହିପାରିବା ନାହିଁ। ଯେଉଁ ଲକ୍ଷ୍ୟ ରଖି ତାହା ଆରମ୍ଭ କରାଯାଇଥିଲା ସେଥିରେ କିଛି ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହୋଇଛି, ଯାହା ସରକାରଙ୍କ ନଜରକୁ ଆସିସାରିଛି। ଆଗାମୀ ଦିନରେ ଏହିସବୁ ଦିଗକୁ ଦୃଷ୍ଟିରେ ରଖି ପଦକ୍ଷେପ ନିଆଯିବ। ନିତ୍ୟବ୍ୟବହାର୍ଯ୍ୟ ପରିବା ଆଳୁ ରାଜ୍ୟରେ ସୁଲଭ ଦରରେ ଯୋଗାଇବା ସରକାରଙ୍କ ପ୍ରାଥମିକତା। ଏଥିରେ କୌଣସି ପ୍ରକାର ତ୍ରୁଟିକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

କୃଷି ବିଭାଗକୁ ବାଦ୍ ଦେଲେ ସମବାୟ ବିଭାଗର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଛି। ଆଳୁ ମିଶନ ବାବଦକୁ ପ୍ରାଥମିକ ଭାବେ ୨୬୭ କୋଟି ଟଙ୍କାର ବ୍ୟୟବରାଦ ରଖାଯାଇଥିଲା। ୨୦୧୫-୧୬ ରାଜ୍ୟ ବଜେଟରେ ୬୭.୪୫ କୋଟି ଟଙ୍କା ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ଏହି ମିଶନ ଫେଲ ହେବା ପଛରେ କେତେକ ବୈଷୟିକ ଦିଗ ମଧ୍ୟ ଦାୟୀ। ଆଳୁ ଉତ୍ପାଦନ ଏବଂ ତାହାର ସଂରକ୍ଷଣ ନେଇ ଦକ୍ଷ କୃଷିଯନ୍ତ୍ରୀଙ୍କ ଆବଶ୍ୟକତା ରହିଛି। ହେଲେ କାମଚଳା ଭାବେ ଏ କ୍ଷେତ୍ରରେ ପର୍ଯ୍ୟାପ୍ତ ଅଭିଜ୍ଞତା ନ ଥିବା ବ୍ୟକ୍ତିଙ୍କୁ ଦାୟିତ୍ୱ ଦିଆଗଲା। ଏହା ଦ୍ୱାରା ମିଶନ ଫେଲ୍ ହେବା ସହ ଶୀତଳଭଣ୍ଡାରଗୁଡିକର ଦୁରବସ୍ଥା ଆସିଥିବା କିଛିଦିନ ତଳେ ସଂଘ ଅଭିଯୋଗ କରିଥିଲା। ପ୍ରସ୍ତାବିତ ମିଶନ ଠିକ୍‌ଭାବେ କାର୍ଯ୍ୟକାରୀ ହୋଇଥିଲେ ୧୨,୦୦୦ରୁ ଅଧିକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୃଷ୍ଟି ହୋଇପାରିଥା'ନ୍ତା। ହେଲେ ତାହା ହୋଇପାରିନାହିଁ। ଏହି ପ୍ରସଙ୍ଗରେ ସମବାୟ ବିଭାଗ ମନ୍ତ୍ରୀ ସୂର୍ଯ୍ୟ ପାତ୍ର କହିଛନ୍ତି ଯେ, କେତେକ ଶୀତଳଭଣ୍ଡାର ରାଜ୍ୟରେ ଉତ୍ପାଦିତ ଆଳୁ ନ ରଖି ବାହାର ରାଜ୍ୟର ଆଳୁକୁ ପ୍ରାଧାନ୍ୟ ଦେଲେ। ସେହିପରି ଆଳୁ ମିଶନ ମୁଖ୍ୟତଃ କୃଷି ବିଭାଗର ଦାୟିତ୍ୱ। ତେଣୁ ଏ ସମ୍ପର୍କରେ ମତାମତ ରଖିବା ଠିକ୍ ହେବ ନାହିଁ।

# କନ୍ୟାଶ୍ରମର ୩୦ ଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ

ଲହୁଣୀପଡା, ୨୪।୨ (ଡି.ଏନ.ଏ)

ଲହୁଣୀପଡା ଡାକ୍ତରଖାନାରେ ଜଣେ ଛାତ୍ରୀ ଚିକିତ୍ସିତ ହେଉଛନ୍ତି।

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଭଲସ୍ପୁରେଇଠାରେ ଅବସ୍ଥିତ ଖୁଣ୍ଟଗାଁ କନ୍ୟାଶ୍ରମର ୩୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ଜଣାଯାଇଛି। ଖୁଣ୍ଟଗାଁ କନ୍ୟାଶ୍ରମରେ ମୋଟ ୫୪ଜଣ ଅନ୍ତେବାସୀ ଦଶମ ଶ୍ରେଣୀରେ ପରୀକ୍ଷା ଦେଉଛନ୍ତି। ସେମାନେ ୩୦ କି.ମି ଦୂର ରୁଗୁଡା ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ଦେଉଛନ୍ତି। ସେଥିପାଇଁ ଏକ ବସ ଯୋଗେ ଛାତ୍ରୀମାନେ ଯିବାଆସିବା କରୁଛନ୍ତି। ଶୁକ୍ରବାର ପ୍ରଥମ ଦିନ ପରୀକ୍ଷା ଦେଇ ଆସିବା ପରେ ଛାତ୍ରୀମାନେ ଝାଡାବାନ୍ତି ଓ ଜ୍ୱରରେ ପୀଡିତ ହୋଇଥିଲେ। ଫଳରେ ଲହୁଣୀପଡା ଡାକ୍ତରଖାନାର ଏକ ଚିକିତ୍ସିତ ଦଳ ଯାଇ ଚିକିତ୍ସା କରିଥିଲେ। ମାତ୍ର ଝାଡାବାନ୍ତି ଆୟତ୍ତ ନ ହେବାରୁ ଶନିବାର ସନ୍ଧ୍ୟା ସୁଦ୍ଧା ପ୍ରାୟ ୩୦ଜଣ ଛାତ୍ରୀଙ୍କୁ ଲହୁଣୀପଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଥିମଧ୍ୟରୁ କେତେଜଣଙ୍କୁ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ଆଉ କେତେଜଣଙ୍କୁ ବଣେଇ ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା। ଝାଡାବାନ୍ତିରେ ଆକ୍ରାନ୍ତ ଛାତ୍ରୀମାନେ ସୁସ୍ଥ ନ ହୁଅନ୍ତି, ତାହେଲେ ମାଟ୍ରିକ ପରୀକ୍ଷା ଦେବାରୁ ବଞ୍ଚିତ ହେବା ଆଶଙ୍କା କରାଯାଉଛି। ଏ ସଂକ୍ରାନ୍ତରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଗୋଲାପି ସିଂ ମାନିକ ଓ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରମୋଦ କୁମାର ପଣ୍ଡାଙ୍କୁ ପଚାରିବାରୁ କହିଲେ ଯେ, ଏହା ପାନୀୟ ଜଳ ଯୋଗୁ ହୋଇଥାଇପାରେ। ଡାକ୍ତର ମନୋଜ ସିଂ କହିଲେ ଯେ, ଝାଡାବାନ୍ତି ଯୋଗୁ ଜ୍ୱର ଆଣିଥାଏ। କିନ୍ତୁ ଝାଡାବାନ୍ତିର ପ୍ରକୃତ କାରଣ ଜଣାପଡିନାହିଁ।

# ଅଧ୍ୟକ୍ଷଙ୍କ ଗାଳି ଯୋଗୁ ଛାତ୍ରଙ୍କ ଆତ୍ମହତ୍ୟା ଚର୍ଚ୍ଚା

ଭଟଲି,୨୪।୨(ଡି.ଏନ.ଏ)

ବରଗଡ଼ ଜିଲା ଭଟଲି ଅଞ୍ଚଳର ଏକ କଲେଜ ଅଧ୍ୟକ୍ଷଙ୍କ ଗାଳିଗୁଲଜ ଅସହ୍ୟ ହେବାରୁ ଶେଷରେ ଜଣେ ଛାତ୍ର ବିଷ ପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ମୃତ ଛାତ୍ର ଜଣକ ବରଗଡ଼ ସଦର ଥାନା ପଥର୍ଲା ଗ୍ରାମର ଦୁର୍ଲ୍ଲଭ ସାହୁଙ୍କ ପୁଅ ରାଜେଶ(୧୭) ଏବଂ ସେ ଭଟଲି ଅଞ୍ଚଳର ଏକ କଲେଜ ଛାତ୍ରାବାସରେ ରହି ପାଠ ପଢୁଥିଲେ । ଖବର ଲେଖାହେବା ସୁଦ୍ଧା (ରାତି ୯ଟା) ଥାନାରେ କୌଣସି ଏତଲା ହୋଇ ନ ଥିବା ପୋଲିସ କହିଛି ।

ଗତ ୧୯ତାରିଖରେ ଛାତ୍ରାବାସରେ ଥିବାବେଳେ ରାଜେଶଙ୍କୁ କଲେଜ ଅଧ୍ୟକ୍ଷ କୌଣସି କାରଣରୁ ଗାଳିଗୁଲଜ କରିଥିଲେ । ଏହାକୁ ସହି ନ ପାରି ଛାତ୍ର ଜଣକ ପାରାକ୍ୱାଟ୍ କୀଟନାଶକ ଆଣି ପିଇ ଦେଇଥିଲେ । ପ୍ରବଳ ହେବାରୁ ବାନ୍ତି ହେବାରୁ ତାଙ୍କୁ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନା ନିଆଯାଇଥିଲା । ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଉକ୍ତ ଛାତ୍ରଙ୍କ ମୃତ୍ୟୁ ହୋଇଛି । ଖଣ୍ଡଗିରି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ ସହିତ ମୃତଦେହ ବ୍ୟବଚ୍ଛେଦ କରାଇଥିବା ଜଣାପଡ଼ିଛି । ଏ ନେଇ ଭଟଲି ଥାନା ଅଧିକାରୀ ଦିଲୀପ କୁମାର ବେହେରାଙ୍କୁ ପଚାରିବାରୁ ସେ ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା ଥାନାରେ କୌଣସି ଏତଲା ହୋଇ ନାହିଁ । ମାତ୍ର ଶିଶୁ କଲ୍ୟାଣ ସମିତି(ସିଡବ୍ଲ୍ୟୁସି)ରୁ ଫୋନ୍ ଆସିଥିଲା ବୋଲି କହିଥିଲେ । ଅନ୍ୟପଟେ ମୃତ୍ୟୁ ପୂର୍ବରୁ ଛାତ୍ର ଜଣକ ଘଟଣା ସମ୍ପର୍କରେ ଦେଇଥିବା ବୟାନରୁ ଆତ୍ମହତ୍ୟା ଘଟଣାର କାରଣ ସ୍ପଷ୍ଟ ହୋଇଛି । ଏହାର ଏକ ଭିଡ଼ିଓ କ୍ଲିପିଂ ଏବେ ଭାଇରାଲ ହେବାରେ ଲାଗିଛି ।

୧ରେ ଓପିଜିସି ୩, ୪ନଂ ୟୁନିଟ୍ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

# ମିଳିବ ଅଧିକ ୧୩୨୦ ମେଗାୱାଟ୍ ବିଦ୍ୟୁତ୍

ଝାରସୁଗୁଡ଼ା ଅଫିସ,୨୪।୨

ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି)ର ୩ ଏବଂ ୪ନଂ ୟୁନିଟ୍ ଉଦ୍‌ଘାଟନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଝାରସୁଗୁଡ଼ା ଜିଲା ଗସ୍ତରେ ଆସୁଛନ୍ତି। ମାର୍ଚ୍ଚ ୧ରେ ମୁଖ୍ୟମନ୍ତ୍ରୀ ବନହରପାଲିସ୍ଥିତ ଓପିଜିସିର ଏହି ଦୁଇ ୟୁନିଟ୍ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ବୃତ୍ତାନ୍ତ ହୋଇଛି। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବା ଓପିଜିସି ସୂତ୍ରରୁ ସୂଚନା ଦିଆଯାଇଛି। ସୂଚନା ମୁତାବକ, ଓପିଜିସିର ପ୍ରଥମ ଦୁଇ ୟୁନିଟ୍ କାର୍ଯ୍ୟକ୍ଷମ ଥିବାବେଳେ ୩ ଏବଂ ୪ନଂ ୟୁନିଟ୍ କାମ ଚାଲିଥିଲା। ପ୍ରଥମ ଦୁଇ ୟୁନିଟ୍‌ରୁ ବାର୍ଷିକ ୨୧୦ ମେଗାୱାଟ୍ ଲେଖାଏଁ ୪୨୦ ମେଗାୱାଟ୍ ବିଦ୍ୟୁତ ଉତ୍ପାଦନ ହେଉଥିଲା। ୟୁନିଟ୍ ୩ର ୬୬୦ ଏବଂ ୪ର ୬୬୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ରହିଛି। ଏହି ଦୁଇ ୟୁନିଟ୍ ଉଦ୍‌ଘାଟିତ ହେଲେ ଅଧିକ ୧୩୨୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ହେବ। ୧ ତାରିଖରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଏହାର ଉଦ୍‌ଘାଟନ କରିବା ସହ ଓସିପିଏଲ୍ ଅଧୀନ ଏକ ଖଣି ମଧ୍ୟ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ଫେବୃୟାରୀ ୨୫/୨୦୧୯ Sambalpur, Monday, February 25 / 2019

## ସଂକ୍ଷେପରେ

### ପୋଖରୀରୁ ମିଳିଲା ନିଖୋଜ ବ୍ୟକ୍ତିଙ୍କ ମୃତଦେହ

ଚିପିଲିମା,୨୪।୨(ଡି.ଏନ.ଏ.) ସମ୍ବଲପୁର ଜିଲା ବୁର୍ଲା ଥାନା ଅନ୍ତର୍ଗତ ଗୋଶାଳା ଅଞ୍ଚଳର ଜଣେ ନିରୁଦ୍ଦିଷ୍ଟ ଯୁବକଙ୍କ ମୃତଦେହ ଆଇଆଇଏମ୍ ନିକଟ ଏକ ପୋଖରୀରୁ ଉଦ୍ଧାର ହୋଇଛି। ସେ ହେଲେ ପାଣିଡୁଙ୍ଗୁରୀ ପଡାର ଲୋକନାଥ ନାଏକଙ୍କ ପୁଅ ମନୋଜ ନାଏକ (୨୨) । ଏ ନେଇ ବୁର୍ଲା ଥାନାରେ କେସ ନଂ. ୧୬୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ଚିପିଲିମା ଫାଣ୍ଡି ଅଧିକାରୀ ଗଞ୍ଜୁ ଓରାମ ଘଟଣାର ତଦନ୍ତ କରୁଛନ୍ତି । ପୋଲିସ ତଥ୍ୟ ମୁତାବକ ସେ ଶୁକ୍ରବାରରୁ ନିରୁଦ୍ଦିଷ୍ଟ ଥିଲେ । ରବିବାର ଆଇଆଇଏମ ନିକଟସ୍ଥ ଏକ ପୋଖରୀରେ ଏକ ଶବ ଭାସୁଥିବା ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚିଥିଲା। ଏହାପରେ ପରିଚୟ ମିଳିଥିଲା।

# ଦାଦନ ଶ୍ରମିକଙ୍କୁ ସର୍ଦ୍ଦାରଙ୍କ ମାଡ଼

**ନୂଆପଡା ଅଫିସ,୨୪।୨**

ନୂଆପଡା ଜିଲାରୁ ହଜାର ହଜାର ସଂଖ୍ୟାରେ ଦାଦନ ଶ୍ରମିକ ବିନା ପଞ୍ଜୀକରଣରେ ରାଜ୍ୟ ବାହାରକୁ ଯାଉଥିବାବେଳେ ପରବର୍ତ୍ତୀ ସମୟରେ ସେଠାରେ ନିର୍ଯାତନାର ଶିକାର ହେଉଛନ୍ତି । ତାର ଏକ ଉଦାହରଣ ଖୋଦ ନୂଆପଡା ସଦର ବ୍ଲକରେ ଦେଖିବାକୁ ମିଳିଛି। ଏହି ବ୍ଲକର ଖୁଟବନ ଭେରା ଗ୍ରାମପଞ୍ଚାୟତ କରଚୁର ଗାଁର ରାମନାରାୟଣ ଶବର ନାମକ ଜଣେ ଶ୍ରମିକ ଆନ୍ଧ୍ରପ୍ରଦେଶକୁ ଦାଦନ ଖଟିବାକୁ ଯାଉଥିବାବେଳେ ଶ୍ରମିକ ସର୍ଦ୍ଦାରଙ୍କ ଲୋକେ ତାଙ୍କୁ ମାଡ ମାରିଥିବାବେଳେ କ୍ଷତାକ୍ତ ଅବସ୍ଥାରେ ଘରକୁ ଫେରିଆସିଛନ୍ତି। ଶ୍ରମିକଙ୍କ ଶରୀରରେ ମାଡର ଚିହ୍ନ ରହିଥିବାବେଳେ ମେରୁଦଣ୍ଡ ଭାଙ୍ଗିଯାଇଥିବା ସନ୍ଦେହ ହେଉଛି।

ମାଡମରାରେ କ୍ଷତାକ୍ତ ହୋଇଥିବା ରାମନାରାୟଣ ଶବର ।

ଘରକୁ ଫେରି ଜୀବନ ସହ ସଂଗ୍ରାମ କରୁଛନ୍ତି ରାମ ନାରାୟଣ ଶବର।

ସୂଚନା ଅନୁସାରେ କରଚୁଲ ଗାଁର ରାମନାରାୟଣ ଓ ତାଙ୍କ ସ୍ତ୍ରୀଙ୍କୁ ବଲାଙ୍ଗୀର ଜିଲା ଲାଠୋର ଗାଁର ମୁଜିବ ଖାନ ନାମକ ଜଣେ ଶ୍ରମିକ ସର୍ଦ୍ଦାର ମୋଟ ୪୦ ହଜାର ଟଙ୍କା ଅଗ୍ରୀମ ଦେଇଥିଲେ । ସେହି ଅନୁସାରେ ସ୍ତ୍ରୀ ଶାନ୍ତିବାଈ ଗତ ଜାନୁୟାରୀରେ ଆନ୍ଧ୍ରପ୍ରଦେଶକୁ ଯାଇଛନ୍ତି । ପରେ ଆଜକୁ ୧୫ ଦିନ ତଳେ ରାମନାରାୟଣ ନିଜ ସମ୍ପର୍କୀୟଙ୍କ ସହ ମିଶି ଟ୍ରେନରେ ଯାଉଥିଲେ। ବାଟରେ ଏମାନେ ଅଲଗା ହୋଇଯାଇଥିଲେ। ବିଜୟୱାଡାରୁ ମନ୍ଦିରା ଅଭିମୁଖେ ଯାଉଥିବାବେଳେ ରାମନାରାୟଣଙ୍କୁ ସର୍ଦ୍ଦାରଙ୍କ ମୁନସୀ ପିଛା କରି ଷ୍ଟେଶନରୁ କିଛି ଦୂରକୁ ଡାକିନେଇ ମାଡ ମାରିଥିଲେ। ମରିଯାଇଥିବା ସନ୍ଦେହ କରି ତାଙ୍କୁ ଫିଙ୍ଗି ଦେଇଥିଲେ । ପରବର୍ତ୍ତୀ ସମୟରେ ପୋଲିସ ଉଦ୍ଧାର କରି ଚିକିତ୍ସା କରିଥିବା ସେ କହିଛନ୍ତି। ହେଲେ ସେଥିରେ ସେ ଠିକ ହୋଇ ନ ଥିଲେ। ଗାଁକୁ ଖବର ଦେବା ପରେ ଗାଁର କିଛି ସ୍ୱେଚ୍ଛାସେବୀ ସେଠାକୁ ଯାଇ ଉଦ୍ଧାର କରି ଆଣିଛନ୍ତି। ବର୍ତ୍ତମାନ ରାମନାରାୟଣ ଶଯ୍ୟାଶାୟୀ। ଶନିବାର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ ଅନ୍ୟତ୍ର ନେବାକୁ ପରାମର୍ଶ ଦେଇଛନ୍ତି। ତେବେ ଘରେ କିଛି ଖାଇବାକୁ ନାହିଁ। ଆମେ ଚିକିତ୍ସା କିପରି କରିବୁ ବୋଲି କାନ୍ଦିକାନ୍ଦି ରାମନାରାୟଣଙ୍କ ବାପା ମୋହନ ସିଂ ଶବର କହିଛନ୍ତି। ଏହାକୁ ନେଇ ଧରମବନ୍ଧା ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ଏହା ଉପରେ ପୋଲିସ ତୁରନ୍ତ ଦୃଷ୍ଟିଦେବା ସହ ଚିକିତ୍ସା ସକାଶେ ପ୍ରଶାସନ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ସାମାଜିକ କର୍ମୀ କୁଲଦୀପ ସୁରଜ ଦାବି କରିଛନ୍ତି ।

# ହୋଟେଲରେ ଅଗ୍ନିକାଣ୍ଡ, ୭ ଆହତ

## ଏଲ୍‌ପିଜି ପାଇପ୍ ଫାଟି ନିଆଁ ଲାଗିଥିବା ସୂଚନା

ପଞ୍ଚମ ହୋଟେଲରେ ଅଗ୍ନିକାଣ୍ଡ ପରେ ଘଟଣାସ୍ଥଳରେ ଭିଡ଼ ।

**ରାଉରକେଲା ଅଫିସ,୨୪।୨**

ପାନପୋଷ ଗାନ୍ଧୀଛକସ୍ଥିତ ପଞ୍ଚମ ହୋଟେଲରେ ରବିବାର ସକାଳ ସାଢ଼େ ୮ଟାରେ ଅଗ୍ନିକାଣ୍ଡ ଘଟି ୭ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ହୋଟେଲ ମାଲିକ ସୁରେଶ ପଶାୟତ, କର୍ମଚାରୀ ପ୍ରଦୀପ ମହାକୁଡ଼ (୪୨), ପଦ୍ମନ ବେହେରା (୪୨), କମଳନାଥ ଗିରି (୪୦), ଲୁଟୁ ଦତ୍ତ (୫୦), ଅଲେଖ ମହାପାତ୍ର (୪୫) ଓ ଟେଲସା ଟପୋ (୬୦)। ଏମାନଙ୍କୁ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ରେ ଭର୍ତ୍ତି କରାଯାଇଛି। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି। ହୋଟେଲରେ ବ୍ୟବହୃତ ଏଲ୍‌ପିଜି ପାଇପ୍ ଫାଟିଯିବାରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଗ୍ୟାସ୍ ଚୁଲାରେ ହୋଟେଲ ସମ୍ମୁଖରେ ସକାଳ ଜଳଖିଆ ପ୍ରସ୍ତୁତ କରାଯାଉଥିଲା। ତେବେ ହଠାତ୍ ପାଇପ୍ ଫାଟିଯିବାରୁ ହୋଟେଲ ଭିତରକୁ ନିଆଁ ବ୍ୟାପିଯାଇଥିଲା। ଫଳରେ ନିକଟରେ କାର୍ଯ୍ୟ କରୁଥିବା ୬ କର୍ମଚାରୀ ଓ ମାଲିକ ଆହତ ହୋଇଥିଲେ। ଏଥିସହ ହୋଟେଲର ଆସବାବପତ୍ର ଓ ସିଲିଂ ପୋଡ଼ି ନଷ୍ଟ ହୋଇଛି। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ସୁନ୍ଦରଗଡ଼ ସହରରେ ଦନ୍ତାହାତୀ

**ସୁନ୍ଦରଗଡ଼, ୨୪।୨ (ଡି.ଏନ୍.ଏ.)**

ସୁନ୍ଦରଗଡ ସହରର ମିଶନ ରୋଡସ୍ଥିତ କ୍ୟାଥଲିକ ଚର୍ଚ୍ଚ କ୍ୟାମ୍ପସ ମଧ୍ୟକୁ ରବିବାର ସକାଳେ ଏକ ଦନ୍ତାହାତୀ ପଶି ଆସିବା ନେଇ ସହରରେ ଆତଙ୍କ ପ୍ରକାଶ ପାଇଥିଲା। ସକାଳ ପ୍ରାୟ ୬ଟା ବେଳେ ଏହି ହାତୀ ଚର୍ଚ୍ଚ କ୍ୟାମ୍ପସସ୍ଥିତ ବୁଦୁବୁଦିଆ ପ୍ଲାଣ୍ଟେସନ ମଧ୍ୟକୁ ଭଙ୍ଗା ପାଚେରି ଦେଇ ପଶିଆସିଥିଲା। ରବିବାର ଥିବାରୁ ପ୍ରାର୍ଥନା ପାଇଁ ଚର୍ଚ୍ଚ ପରିସରରେ ଲୋକଙ୍କ ସମାଗମ ହେଉଥିବାବେଳେ ଏହି ହାତୀ କ୍ୟାମ୍ପସ୍ ଭିତରେ ପଶିଥିବା ଦେଖିବାକୁ ମିଳିଥିଲା।

ଖବରପାଇ ସୁନ୍ଦରଗଡ ବନଖଣ୍ଡ ସହକାରୀ ବନସଂରକ୍ଷକ ଟଙ୍କଧର ବେହେରା ଓ ସଦର ରେଞ୍ଜ ଅଫିସର ରୁନେନ୍ଦ୍ର ସ୍ୱାଇଁ ସଦଳବଳେ ପହଞ୍ଚି ହାତୀକୁ ଘଉଡାଇବା ପାଇଁ ଉଦ୍ୟମ କରିଥିଲେ। ହେଲେ ଚର୍ଚ୍ଚ ଆଖପାଖ ସେଣ୍ଟ ମେରୀ ଗାର୍ଲସ ହାଇସ୍କୁଲର ଛାତ୍ରୀ ନିବାସ, ସେଣ୍ଟ ଟେରେସା ଇଂଲିଶ ମାଧ୍ୟମ ସ୍କୁଲ ଓ ଆଖପାଖରେ ଘରବାଡି ତଥା ସହରର ମୁଖ୍ୟ ରାସ୍ତା ଥିବାରୁ ହାତୀ ଘଉଡାଇବା ସମ୍ଭବ ହୋଇ ନ ଥିଲା। ହାତୀ ରହିଥିବା ସ୍ଥାନର ଚତୁଃପାର୍ଶ୍ୱରେ ପାଚେରି ଥିବାରୁ ହାତୀ ସନ୍ଧ୍ୟା ପର୍ଯ୍ୟନ୍ତ ସେହି ଭିତରେ ରହିଥିଲା। ରାତିରେ ହାତୀକୁ ଘଉଡ଼ାଇ ଦିଆଯାଇଛି। ଏହା ସୁନ୍ଦରଗଡ଼ ସହର ନିକଟ ଇବ୍ ନଦୀ ଅତିକ୍ରମ କରି ଉଜ୍ଜଳପୁର ରେଞ୍ଜର ଜଙ୍ଗଲକୁ ଚାଲିଯାଇଛି। ଦନ୍ତାହାତୀର ବୟସ

ସୁନ୍ଦରଗଡ ଡିଏଫ୍‌ଓ ଡ. ଅରୁଣ ମିଶ୍ର ଓ ଏସ୍‌ପି ସୌମ୍ୟା ମିଶ୍ରା ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ଅନୁଧ୍ୟାନ କରୁଛନ୍ତି। ମିଶନ ରୋଡସ୍ଥିତ କ୍ୟାଥଲିକ ଚର୍ଚ୍ଚ କ୍ୟାମ୍ପସକୁ ପଶି ଆସିଥିବା ଦନ୍ତାହାତୀ।

ପ୍ରାୟ ୧୦ବର୍ଷ ହେବ। ଝାରସୁଗୁଡା ସୀମାନ୍ତ ଜଙ୍ଗଲରୁ ଦଳରୁ ଅଲଗା ହୋଇ ସମ୍ଭବତଃ ସୁନ୍ଦରଗଡ ଜିଲା ସୀମାକୁ ଚାଲିଆସି ଶନିବାର ରାତିରେ ସହରରେ ପଶିଥିଲା। ପରେ ଏହି ଚର୍ଚ୍ଚ ପରିସରକୁ ଭଙ୍ଗା ପାଚେରି ଦେଇ ଆସିଥିଲା। ସୁନ୍ଦରଗଡ ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଡ. ଅରୁଣ କୁମାର ମିଶ୍ର ଓ ପୋଲିସ ଅଧୀକ୍ଷକ (ଏସ୍‌ପି) ସୌମ୍ୟା ମିଶ୍ରା ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ଅନୁଧ୍ୟାନ କରିଥିଲେ। ହାତୀର ଗତିବିଧି ଉପରେ ଜଙ୍ଗଲ ବିଭାଗର କର୍ମଚାରୀମାନେ ନଜର ରଖିଛନ୍ତି ବୋଲି ଡିଏଫ୍‌ଓ ମିଶ୍ର କହିଛନ୍ତି।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ସୁନାରେ ସୁଗନ୍ଧ, ଆଖୁରେ ଫଳ, ଚନ୍ଦନରେ ଫୁଲ ନ ଥାଏ । ବିଦ୍ୱାନ ଧନୀ ହୋଇ ନ ଥାନ୍ତି କି ରାଜା ଦୀର୍ଘଜୀବୀ ହୋଇ ନ ଥାନ୍ତି ।

- ଚାଣକ୍ୟ



## ସଂକ୍ଷେପରେ

### ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ

**ଭେଡ଼େନ, ୨୪।୨(ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ପପଙ୍ଗା ସରସ୍ୱତୀ ଶିଶୁ ମନ୍ଦିରରେ ରବିବାର ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ କଟାପାଲି କଲେଜ ଅଧ୍ୟାପକ ମନୋରଞ୍ଜନ ମାଝୀ ଅତିଥି ଭାବେ ଯୋଗଦାନ କରି ଶିଶୁମାନଙ୍କ ଉନ୍ନତିରେ ମା' ବାପାଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଭୋଜରାଜ ଦୁଆନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶେଷରେ ସହ ସମ୍ପାଦକ ନାରାୟଣ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

### କୃଷକ ବିଶ୍ରାମଗୃହ ଉଦ୍‌ଘାଟିତ

**ପାଇକମାଳ, ୨୪।୨(ଡି.ଏନ.ଏ):** ପାଇକମାଳ ପ୍ରାଥମିକ କୃଷି ସମବାୟ ସମିତି ଲିମିଟେଡର କୃଷକ ବିଶ୍ରାମ ଗୃହ ରବିବାର ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ୪ ଲକ୍ଷ ଟଙ୍କା ବ୍ୟୟରେ ଏହି ଗୃହ ନିର୍ମାଣ କରାଯାଇଛି । ସମବାୟ ସମିତି ସଭାପତି ବଳରାମ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ପୁରୋହିତ ମୁଖ୍ୟଅତିଥି, ବିଜୟ କୁମାର ସ୍ୱାଇଁ, ନୀଳ ପଣ୍ଡା, ରାଜ କିଶୋର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ପାଦକ ରମେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଯାମୁଟବାହାଲରେ ଲୋକ ଉତ୍ସବ

**ଗାଇସିଲେଟ, ୨୪।୨(ଡି.ଏନ.ଏ.):** ଗାଇସିଲେଟ ବ୍ଲକ ସନ୍ଧିବାହାଲ ଗ୍ରାମ ପଞ୍ଚାୟତର ଯାମୁଟବାହାଲରେ ବୁଢାରଜା ସାଂସ୍କୃତିକ କଳା ପରିଷଦ ଆନୁକୂଲ୍ୟରେ ଲୋକ ଉତ୍ସବ ରବିବାର ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଦୂରଦୁରାନ୍ତରୁ କଳାକାରମାନେ ଆସି କଳା ପ୍ରଦର୍ଶନ କରିଥିଲେ । ଉଦଘାଟନୀ ଉତ୍ସବରେ ବିଜେପୁର ବିଧାୟିକା ରୀତା ସାହୁ ମୁଖ୍ୟ ଅତିଥି, ପଦ୍ମଶ୍ରୀ ହଳଧର ନାଗ, ନାଟ୍ୟକାର ଆଦିତ୍ୟ କୁମାର ପଣ୍ଡା, ଭଟଲି ତହସିଲଦାର ପ୍ରିୟ ରଞ୍ଜନ କୁମାର, ସୁଶାନ୍ତ କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମରେ ଦଣ୍ଡାବାଡି, ହଳିଆ ଗୀତ, ମହିଳା ପୁରୁଷ କୀର୍ତ୍ତନ, ପାଲା, ଘୁମୁରା, ସମ୍ପ୍ରଦା, ଘୁଡୁକା, ଝାମୁଯାତ୍ରା, ହେମବଉଳି, ପରଭା, କୃଷ୍ଣଗୁରୁ ପରିବେଷଣ ହୋଇଥିଲା। ରେଡିଓ କଣ୍ଠଶିଳ୍ପୀ ଦୁଃଖି ଶ୍ୟାମ ତ୍ରିପାଠୀ ଓ ମଞ୍ଚ କଳାକାର ବିଜୟ କୁମାର ଦେବତାଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। କିଶୋର କୁମାର ଠାକୁର ମଞ୍ଚ ପରିଚାଳନା କରିଥିଲେ । ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ସିଂହ, ସମ୍ପାଦକ ପଣ୍ଡିତ ଠାକୁର, ସଭ୍ୟ ଅମର ବଲ୍ଲବ ସିଂହ, ବେଣୁଧର ସେଠ, ପ୍ରକାଶ ସାହୁ ସହଯୋଗ କରିଥିଲେ ।

### ବରିଷ୍ଠ ନାଗରିକଙ୍କ ବୈଠକ

**ପାଇକମାଳ, ୨୪।୨(ଡି.ଏନ.ଏ):** ପାଇକମାଳ ସ୍ଥିତ ନୃସିଂହନାଥ ଧର୍ମଶାଳା ଠାରେ ବରିଷ୍ଠ ନାଗରିକ ମାନଙ୍କ ଏକ ବୈଠକ ନନ୍ଦଲାଲ ପ୍ରସାଦ ତ୍ରିବେଦୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ ଜିଲା ବରିଷ୍ଠ ନାଗରିକ ସଂଘ ସମ୍ପାଦକ ପ୍ରହ୍ଲାଦ ମହାପାତ୍ର, ଉପଦେଷ୍ଟା ଅମୂଲ୍ୟ କୁମାର ପତି, ଉପଦେଷ୍ଟା ରାମଚନ୍ଦ୍ର ତ୍ରିପାଠୀ, କେଦାର ମିଶ୍ର, ଗଉନ୍ତିଆ ସାହୁ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକ ମାନଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ । ପାଇକମାଳ ଥାନା ଆଇଆଇସି ବିଶ୍ୱଜିତ ମନବୋଧ, ଅନୀଲ କୁମାର କାଳିଆ, ଶରତ ରାଉତ, ଭକ୍ତ ଚରଣ ଦାସ, ଜିଲା ସଂଯୋଜକ ଭାଗ୍ୟଧର ସାହୁଙ୍କ ସମେତ ଶତାଧିକ ବରିଷ୍ଠ ନାଗରିକ ଯୋଗଦାନ କରିଥିଲେ ।

### ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

**ପାଇକମାଳ, ୨୪।୨(ଡି.ଏନ.ଏ):** ପାଇକମାଳ ବ୍ଲକ ବରଡୁଣ୍ଡା ସିଆରପିଏଫ କ୍ୟାମ୍ପ ଠାରେ ରବିବାର ଏକ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ୧୮୯ ବାଟାଲିୟନ କମାଣ୍ଡାଣ୍ଟ ଯୋଗେନ୍ଦ୍ର ସିଂ ମର୍ଯ୍ୟା ମୁଖ୍ୟଅତିଥି, ଆଡିଶନାଲ କମାଣ୍ଡାଣ୍ଟ ବୁଲସନ ଶ୍ରମା, ଜିଲା ପରିଷଦ ସଭ୍ୟ ବିଶ୍ୱନାଥ ବାଗ, ନାଏବ ସରପଞ୍ଚ ବେଲାର ସିଂ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

■ ବରଗଡ଼ରେ ଲୋକ ସଂସ୍କୃତି ଉତ୍ସବ

# କଳାକାରଙ୍କ ଉନ୍ନତି ପ୍ରଗତିର ଉତ୍ସ

**ବରଗଡ଼ ଅଫିସ୍,୨୪।୨**

କଳା ଓ ସଂସ୍କୃତିକୁ ରାଜ୍ୟ ସରକାର ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି । ଏହାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳାକାର ଭତ୍ତା ପ୍ରଦାନ ସହିତ କଳା, ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ଦିଗରେ ପଦକ୍ଷେପ ନେଉଛନ୍ତି। ଆଗକୁ ମଧ୍ୟ ଏଭଳି ଉଦ୍ୟମ ଜାରି ରହିବ । କାରଣ କଳା ଓ କଳାକାରଙ୍କ ଉନ୍ନତି ରାଜ୍ୟ ପ୍ରଗତିର ଆଉ ଏକ ପୃଷ୍ଠା। ବରଗଡ଼ ଲୋକମଣ୍ଡପ ପଡ଼ିଆରେ ରବିବାର ଅନୁଷ୍ଠିତ ଲୋକ ସଂସ୍କୃତି ଉତ୍ସବ ଓ କଳାକାର ମହାସମାବେଶର ଉଦଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବିଧାୟକ ଦେବେଶ ଆଚାର୍ଯ୍ୟ ଏହା ମତବ୍ୟକ୍ତ କରିଛନ୍ତି । ସାଂସ୍କୃତିକ ଅନୁଷ୍ଠାନ ବଉଲଝୁପା ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନ ସଭାପତି ସଙ୍ଗୀତ ନାଟକ ଏକାଡ଼େମୀ ସଭ୍ୟ ଚୈତନ୍ୟ ପାଇକ ଅଧ୍ୟକ୍ଷତା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୩୫୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ, ୪୦୦ ମନ୍ଦଲିଆ, ୮୦୦ କସ୍ତାଲ, ୨୦ ଭାଗବତ ଦଳ, ୫୦ ସମ୍ପ୍ରଦା ପାର୍ଟି ସମେତ ବ୍ୟାଣ୍ଡବାଜା, ଦୁଲଦୁଲି, ଖଞ୍ଜଣୀ, ସଞ୍ଚାର ଆଦି ଦଳର ପ୍ରାୟ ୧୦ହଜାର କଳାକାର ଅଂଶଗ୍ରହଣ କରିଥିଲେ । ଲୋକମଣ୍ଡପ ପଡ଼ିଆରୁ ଏକ ଶୋଭାଯାତ୍ରାରେ ବାହାରି ସମଲେଶ୍ୱରୀ ମନ୍ଦିର, ହାଟପଦା ଦୁର୍ଗା ମନ୍ଦିର, କାଳୀ ମନ୍ଦିର ହୋଇ କଳାକାରମାନେ ପୁଣି ଲୋକମଣ୍ଡପ ପଡ଼ିଆକୁ ଫେରିଥିଲେ ଏବଂ ସେଠାରେ ନିଜ କଳା ପ୍ରତିଭା ପ୍ରଦର୍ଶନ କରିଥିଲେ ।

ଲୋକ ସଂସ୍କୃତି ଉତ୍ସବର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ବକ୍ତବ୍ୟ ରଖୁଛନ୍ତି ।

ଗୁରୁ ଲଳିତ ଭୋଇ, ଜିତେନ୍ଦ୍ର ସାହୁ, ପ୍ରମୋଦ ଦାଶ, ଡୋଲାମଣି ମେହେର, ପୁଷ୍ପାଞ୍ଜଳି ପ୍ରଧାନ, ଅନିରୁଦ୍ଧ ପାଇକ, ସୁଜାତା ସାହୁ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଉଦଘାଟନୀ ସମାରୋହର ପ୍ରାରମ୍ଭରେ ଶ୍ରୀଗିଡ଼ାର ଗୋବିନ୍ଦ ଓ ସାଥୀଙ୍କ ଦ୍ୱାରା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ବରଗଡ଼ ଏମପି ଡଃ ପ୍ରଭାସ ସିଂ ଅତିଥି ଭାବେ ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ। ମିଳିତ କଳାକାର ମଞ୍ଚ ସଭାପତି ଗୋପାଳ ଦାଶ, ନୃତ୍ୟ ନିର୍ଦ୍ଦେଶକ ନେହେରୁ ସରାପ, ନେତ୍ରାନନ୍ଦ ବାରିକ, ଦିଲୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସାନ୍ଧ୍ୟ ଅଧିବେଶନରେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ବିଧାୟକ ଆଚାର୍ଯ୍ୟ, ସାମାଜିକ କର୍ମୀ ଚନ୍ଦ୍ରଶେଖର ବାଗ, ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ, କଂସ ଅଭିନେତା ଭୁବନେଶ୍ୱର ପ୍ରଧାନ, ଗାନ୍ଧୀ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ସମସ୍ତ କଳାକାରଙ୍କୁ ପ୍ରମାଣପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ମିଳିତ କଳାକାର ମଞ୍ଚର ସହ ସମ୍ପାଦକ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ ।

ସଂକ୍ରୀଡ଼ା ପ୍ୟାକ୍ସ ଅଫିସ ଗୃହକୁ ମନ୍ତ୍ରୀ ଉଦ୍‌ଘାଟନ କରୁଛନ୍ତି ।

## ସଂକ୍ରୀଡ଼ା ପ୍ୟାକ୍ସର ନୂତନ ଅଫିସ ଗୃହ ଉଦ୍‌ଘାଟିତ

**ଭେଡ଼େନ, ୨୪।୨(ଡ଼ି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଝରାପାଲି ଠାରେ ସଂକ୍ରୀଡ଼ା ପ୍ରାଥମିକ କୃଷି ସମବାୟ ସମିତିର ନୂତନ ଅଫିସ ଗୃହକୁ ରବିବାର ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଉଦ୍‌ଘାଟନ କରିଛନ୍ତି। ଏହାସହ ମନ୍ତ୍ରୀ ଛୁରିଆ ଝରାପାଲି ଠାରେ ୫୦ ଲକ୍ଷ ଟଙ୍କାରେ ନିର୍ମିତ ହେବାକୁ ଥିବା କଲ୍ୟାଣମଣ୍ଡପ, ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଥୁଆପାଲିରୁ ଲୁପୁରସିଂହା ରାସ୍ତାର ଉନ୍ନତିକରଣ କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ପ୍ୟାକ୍ସ ସଭାପତି ସତ୍ୟଜିତ ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ମନ୍ତ୍ରୀ ଛୁରିଆ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷ ଡ଼ୋଲାମଣି କ୍ଷେତି, ଉପାଧ୍ୟକ୍ଷା ସୁପ୍ରଭା ପ୍ରଧାନ, ଅତାବିରା ବ୍ଲକ ଅଧ୍ୟକ୍ଷା ରୀତା ସାହୁ, ଅତାବିରା ଏନଏସି ଅଧ୍ୟକ୍ଷା ପୁଷ୍ପାଞ୍ଜଳି ଭରାସାଗର, ଉପାଧ୍ୟକ୍ଷା ଜ୍ୟୋତିର୍ମୟୀ ଦାଶ, ଜିଲା ପରିଷଦ ସଭ୍ୟ ସୁବାସ ହୋତା, ସରପଞ୍ଚ ସୁଶାନ୍ତ ସାହୁ, ସମିତିସଭ୍ୟା ଗୀତାଞ୍ଜଳି ଭୋଇ, ବ୍ଲକ କଳାକାର ସଂଘ ସଭାପତି ସାଗର ମହାକୁର, ପୂର୍ବତନ ଜିଲା ପରିଷଦ ସଭ୍ୟ ରଣଜିତ ଭୋଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅକ୍ଷୟ ଦୀପ, ପପଙ୍ଗା ସରପଞ୍ଚ ପୁରୁଷୋତ୍ତମ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ଲୋକାର୍ପଣ

**ବରଗଡ଼ ଅଫିସ୍,୨୪।୨**

ବରଗଡ଼ ସହର ଭିଏସଏସ ନଗର ନିକଟ ଏକ ପଡ଼ିଆରେ ରବିବାର ପ୍ରଧାନମନ୍ତ୍ରୀ କିଶାନ ସମ୍ମାନ ନିଧି ଯୋଜନାର ଲୋକାର୍ପଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୋଜନା ଉପରେ ଆଲୋକପାତ କରିଥିଲେ । ସେହିପରି ଭାଜପା ନେତ୍ରୀ ତଥା ଅଭିନେତ୍ରୀ ଅପରାଜିତା ମହାନ୍ତି, ରାଜ୍ୟ ଉପସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ ପ୍ରମୁଖ ନିଜ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ବରଗଡ଼ ଅତିରିକ୍ତ ଜିଲାପାଳ ତପିରାମ ମାଝି, ଉପଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତା ସୁରେଶ୍ୱର ଶତପଥୀ, ଡି. ମୁରଲୀକ୍ରୀଷ୍ଣା, ଡା. ରାମକୃଷ୍ଣ ପୁରୋହିତ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ ଏବଂ ପ୍ରଧାନମନ୍ତ୍ରୀ କିଶାନ ସମ୍ମାନ ନିଧି ଯୋଜନା ଲୋକାର୍ପଣର ସିଧା ପ୍ରସାରଣ ମଧ୍ୟ ପ୍ରୋଜେକ୍ଟର ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା । କୃଷି ବୈଜ୍ଞାନିକ ରାମେଶ୍ୱର ପ୍ରସାଦ ସା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

ପ୍ରଧାନମନ୍ତ୍ରୀ କିଶାନ ସମ୍ମାନ ନିଧି ଯୋଜନାର ଲୋକାର୍ପଣ ସମାରୋହରେ ଅତିଥିମାନେ ।

## ଚାଷୀଙ୍କୁ ମିଳିଲାନି କାଳିଆ ଟଙ୍କା

**ବିଜେପୁର, ୨୪।୨ (ଡି.ଏନ.ଏ)**

ବରଗଡ ଜିଲା ବିଜେପୁର ଏନଏସି ଅଞ୍ଚଳର ଚାଷୀଙ୍କୁ ଏଯାଏ କାଳିଆ ଟଙ୍କା ମିଳିନାହିଁ । ଫଳରେ ଚାଷୀ ଓ କୃଷି ଶ୍ରମିକମାନଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବାରେ ଲାଗିଛି। କେଉଁଟିପାଲିର ଯୁବ ଚାଷୀ ଦେବେନ୍ଦ୍ର ପଧାନଙ୍କୁ ପଚାରିବାରୁ କହିଲେ, ସରକାର ଆମକୁ ଚାଷୀ ଭାବେ ଚିହ୍ନଟ କରି କାଳିଆ ଯୋଜନା ତାଲିକାରେ ସାମିଲ କରିଥିଲେ। କିଛି ସାହାଯ୍ୟ ମିଳିଲେ ଆଶ୍ୱସ୍ତି ମିଳିବ ବୋଲି ଆଶା କରିଥିଲୁ । ହେଲେ ଏନଏସି ଅଞ୍ଚଳବାସୀ ଏହି ଯୋଜନାର ସୁଫଳ ପାଇବେ ନାହିଁ ଜାଣି ବହୁତ ଦୁଃଖ ଲାଗୁଛି। ଏମ. ଗଣ୍ଡପାଲିର ଚାଷୀ ନେତା ସୁବାଷ ପଧାନ କହିଛନ୍ତି ଯେ, ବୁଡି ଯାଉଥିବା ଲୋକ କୁଟାଖିଅକୁ ଆଶା ପରି ମରୁଡିଗ୍ରସ୍ତ ଚାଷୀମାନଙ୍କୁ ଏହା କ୍ଷଣିକ ଆଶ୍ୱସ୍ତି । ବିଜେପୁର ଏନଏସିରେ ସାମିଲ ହେଲେ ଆମର ବହୁତ ଲାଭ ହେବ ବୋଲି ଆଶା କରିଥିଲୁ । ହେଲେ କାଳିଆ ଯୋଜନା ଆମର ଏହି ଆଶାକୁ ଫସର ଫଟାଇ ଦେଇଛି । ତେଣୁ ଏନଏସିରୁ ଆମ ଗ୍ରାମକୁ ବାଦ୍ ଦେବାକୁ ଜିଲାପାଳଙ୍କ ନିକଟରେ ଦାବି କରିଛୁ । ଏ ସଂକ୍ରାନ୍ତରେ ବିଜେପୁର ବିଧାୟିକା ରୀତା ସାହୁଙ୍କୁ ଯୋଗାଯୋଗ କରିବାରୁ ବର୍ତ୍ତମାନ ସୁଦ୍ଧା ଏନଏସି ଅଞ୍ଚଳବାସୀଙ୍କୁ କାଳିଆ ଯୋଜନାରେ ସାମିଲ କରାଯାଇ ନାହିଁ । ତେଣୁ ସେମାନଙ୍କୁ ଏହି ଯୋଜନାର ଅନ୍ତର୍ଭୁକ୍ତ କରିବାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି କହିଥିଲେ ।

## ବିନା ସୂଚନାଫଳକରେ ଇନ୍‌ଟେକ୍ ୱେଲ କାମ ଚାଲିଛି

ଦନ୍ତା ନଦୀ କୂଳରେ ନିର୍ମାଣାଧୀନ ଇନଟେକ୍ ୱେଲ ।

**ଗଣ୍ଡଚୁରୁମ, ୨୪।୨ (ଡି.ଏନ.ଏ)**

ଭେଡେନ ଗ୍ରାମକୁ ପାନୀୟ ଜଳଯୋଗାଣ ପାଇଁ ଦନ୍ତା ନଦୀରେ ତଳିପଡାଠାରେ ଏକ ଇନଟେକ୍ ୱେଲ ନିର୍ମାଣ କରାଯାଉଛି । ମାତ୍ର ସମସ୍ତ ନିୟମକୁ ଉଲ୍ଲଂଘନ କରି ଏହି ନିର୍ମାଣ କାମ କରାଯାଉଥିବା ଅଭିଯୋଗ ହୋଇଛି ।

ସରକାରୀ ନିୟମ ଅନୁସାରେ, ଏହି ଇନଟେକ ୱେଲ ନଦୀ ଶଯ୍ୟାରେ ନିର୍ମାଣ ହେବା କଥା ଏବଂ ୮ ମିଟର ତଳୁ ଖୋଲାଯାଇ କଂକ୍ରିଟ କରଣ କରାଯିବ । କାର୍ଯ୍ୟସ୍ଥଳରେ ସୂଚନା ଫଳକ ରହିବାର ନିୟମ ମଧ୍ୟ ରହିଛି । ଏହି ୱେଲ ନଦୀ ଗର୍ଭର ୮ ମିଟର ଉଚ୍ଚତାରେ ନିର୍ମିତ ହେଉଛି । ସେହିପରି ନିମ୍ନମାନର କାମ ଯୋଗୁ ଏହା ନଦୀ ପଟକୁ ଢ଼ଳିବାରେ ଲାଗିଛି । ଫଳରେ ମୋଟର ପମ୍ପ ଚାଲିବା ମାତ୍ରେ ନଦୀ ଗର୍ଭରୁ ବାଲି ଟାଣି ହୋଇ ଏହା ଅତି ଅଳ୍ପଦିନରେ ପୋତି ହୋଇଯିବା ଆଶଙ୍କା ପ୍ରକାଶ ପାଇଛି। ଏପରିକି କଂକ୍ରିଟ କାନ୍ଥରେ ଭାଇବ୍ରେଟର ଉପଯୋଗ କରାଯାଉ ନ ଥିବାରୁ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ତୁଷାରକାନ୍ତ ନାଏକଙ୍କୁ ପଚରାଯିବାରୁ ଏହି କାମ ବିଷୟରେ ସେ ଅବଗତ ନ ଥିବା କହିଛନ୍ତି । ସେହିପରି ଉପଖଣ୍ଡ ଅଧିକାରୀ ବିପ୍ଳବ କିସାନ ଓ ନିର୍ବାହୀ ଅଧିକାରୀ ବିଷାନ୍ତ ପାଣିଗ୍ରାହୀ ଏହି ଇନ୍‌ଟେକ୍ ୱେଲ କାମ ଉତ୍ତମ ମାନର ପ୍ରକାଶ କରିଛନ୍ତି ।

## ୨୬ରେ ମନ୍ଦିର ପ୍ରତିଷ୍ଠାର ବାର୍ଷିକୋତ୍ସବ

**ବରଗଡ଼ ଅଫିସ୍,୨୪।୨**

ଆସନ୍ତା ୨୬ତାରିଖ ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ମନ୍ଦିର ପ୍ରତିଷ୍ଠାର ବାର୍ଷିକୋତ୍ସବ ଅନୁଷ୍ଠିତ ହେବ । ଏହି ଅବସରରେ ସକାଳ ୮ଟାରୁ ଚଣ୍ଡୀପୂଜା ଆରମ୍ଭ ହେବ । ସନ୍ଧ୍ୟାରେ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କୁ ମହାଭୋଗ ଅର୍ପଣର କାର୍ଯ୍ୟକ୍ରମ ରହିଛି । ଉକ୍ତ କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଭକ୍ତମାନେ ଯୋଗଦାନ ପୂର୍ବକ ମାଁ ସମଲେଶ୍ୱରୀଙ୍କ ଆଶିଷ ଲାଭ କରିବାକୁ ମନ୍ଦିର ପରିଚାଳନା କମିଟି ତରଫରୁ ଅନୁରୋଧ କରାଯାଇଛି । ସୂଚନାଯୋଗ୍ୟ, ଗତବର୍ଷ ଏହି ତିଥିରେ ନୂତନ ଭାବେ ନିର୍ମିତ ମାଁ ସମଲେଶ୍ୱରୀଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ ୬ଦିନ ଧରି ଅନୁଷ୍ଠିତ ହୋଇଥିଲା । ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ଏକବର୍ଷ ପୂରଣ ହେଉଥିବାରୁ ଏହି ବାର୍ଷିକ ପୂଜନୋତ୍ସବ କରିବା ପାଇଁ ଲଗ୍ନ ସ୍ଥିରୀକୃତ ହୋଇଛି ।

## ନିର୍ବାଚନ କମିଶନଙ୍କ ଆଦେଶ ସତ୍ତ୍ୱେ ବଦଳି ହେଉନି

**ଆମ୍ ଆଦ୍‌ମୀ ପାର୍ଟିର ଅଭିଯୋଗ**

ଖବରଦାତା ସମ୍ମିଳନୀରେ ଆପ୍ ନେତୃବୃନ୍ଦ ।

**ବରଗଡ଼ ଅଫିସ୍,୨୪।୨**

ଆଗକୁ ସାଧାରଣ ନିର୍ବାଚନ ଅଛି । ଏହି ଦୃଷ୍ଟିରୁ ସ୍ୱଚ୍ଛ, ନିରପେକ୍ଷ ଓ ଅବାଧ ନିର୍ବାଚନ ପାଇଁ ନିର୍ବାଚନ କମିଶନ ଘରୋଇ ଜିଲାର କିମ୍ବା କାର୍ଯ୍ୟକାଳ ଅବଧି ୩ବର୍ଷ ପୂରଣ କରିଥିବା ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ଆଦେଶ କରିଛନ୍ତି। ମାତ୍ର ନିର୍ବାଚନ କମିଶନଙ୍କ ଏହି ବଦଳି ଆଦେଶକୁ ବରଗଡ଼ ଜିଲାରେ କାର୍ଯ୍ୟକାରୀ କରାଯାଉନାହିଁ ବୋଲି ଆମ୍ ଆଦମୀ ପାର୍ଟି ଅଭିଯୋଗ କରିଛି। ରବିବାର ବରଗଡ଼ରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଆପ୍ ନେତା ଭବାନୀ ପ୍ରସାଦ ସାହୁ କହିଥିଲେ, ଅତାବିରା ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଘରୋଇ ଜିଲା ବରଗଡ଼। ବରଗଡ଼ ମ୍ୟୁନିସିପାଲିଟି ଏବଂ ପଦ୍ମପୁର ବିଜ୍ଞାପିତ ଅଞ୍

ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ଟ୍ରକ୍‌କୁ ପିଟିଲା ବାଇକ୍, ଜଣେ ଗୁରୁତର

**ଜହ୍ନାପଙ୍କ, ୨୪।୨ (ଡି.ଏନ.ଏ)-** ବୌଦ୍ଧ-ବଲାଙ୍ଗୀର ଜାତୀୟ ରାଜପଥ ନଂ-୫୭ର ଜହ୍ନାପଙ୍କ ଛକରେ ରବିବାର ଅପରାହ୍ନ ପ୍ରାୟ ୫ଟା ବେଳେ ଏକ ଟ୍ରକ (ନଂ.ଓଆର୍‌୧୫ଡି/୪୫୮୦)କୁ ବାଇକ୍ (ନଂ.ଓଆର୍‌୩୧/୫୪୮୧) ଧକ୍କା ଦେବାରୁ ବାଇକ ଚାଳକ ବିଷ୍ଣୁଚରଣ ଉର୍ମା ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଜହ୍ନାପଙ୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରୁ ତାଙ୍କୁ ବୌଦ୍ଧ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏକ ବରଯାତ୍ରୀ ଗାଡି କନ୍ୟାର ଜିନିଷ ଅନ୍‌ଲୋଡ୍ କରି ପଦ୍ମପୁର ଅଭିମୁଖେ ଯାଉଥିଲା। ଏହି ସମୟରେ ବିଷ୍ଣୁଚରଣ ଉର୍ମା, ତାଙ୍କ ବଡପୁଅ ବିପ୍ରଚରଣ ଉର୍ମା ଓ ସାନ ପୁଅ ବିମଳ ଚରଣ ଉର୍ମା ବାଇକ୍ ଯୋଗେ ନିଜ ଘର ଜମଘାଟିକୁ ଯାଉଥିବା ବେଳେ ଟ୍ରକ୍‌ର ପଛପାଖ ଚକ ନିକଟରେ ଧକ୍କା ହୋଇଥିଲେ । ଏଥିରେ ବାଇକ ଚାଳକ ବିଷ୍ଣୁଚରଣ ସାମାନ୍ୟ ଆହତ ହୋଇଛନ୍ତି। ବିମଳଙ୍କ ହାତ ଭାଙ୍ଗି ଯାଇଛି। ଘଟଣାସ୍ଥଳରେ ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ହ୍ୱାରିକାନାଥ ସେଠୀ ପହଞ୍ଚି ଉଭୟ ଗାଡିକୁ ଜବତ କରି ତଦନ୍ତ ଚଳାଇଛନ୍ତି।

### ସ୍ତ୍ରୀଙ୍କ ଗଳା କାଟି ହତ୍ୟା ଉଦ୍ୟମ

**ଟିଟିଲାଗଡ, ୨୪।୨(ଡି.ଏନ.ଏ)-** ଟିଟିଲାଗଡ ସହରସ୍ଥିତ ଝାଙ୍କର ପଡାରେ ଜଣେ ସ୍ୱାମୀ ନିଜ ସ୍ତ୍ରୀଙ୍କ ଗଳାକାଟି ହତ୍ୟା ଉଦ୍ୟମ କରିବା ଆଲୋଡନ ସୃଷ୍ଟି କରିଛି। ଗୁରୁତର ମହିଳା ଜଣଙ୍କୁ ଟିଟିଲାଗଡ ଉପଖଣ୍ଡ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ସହରର ଝାଙ୍କର ପଡାର ନିବାସୀ ଅମରେଶ ସାହୁ ମଦ ପିଇ ସ୍ତ୍ରୀ ଗୀତାଞ୍ଜଳି ସହ ଝଗଡା କରି ଆସୁଥିଲେ। ପୂର୍ବରୁ ଅନେକ ଥର ସ୍ୱାମୀଙ୍କ ମାଡରେ ଗୀତାଞ୍ଜଳି ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମୁଣ୍ଡରେ ଷ୍ଟିଚ ମଧ୍ୟ ପଡିଛି। ସ୍ୱାମୀ ମଦ ପିଇ ଘରେ ଶୋଇ ରହୁଥିବାରୁ ଦୁଇ ସନ୍ତାନଙ୍କ ସହ ଗୀତାଞ୍ଜଳି ଭୋକ ଓପାସରେ ରହିବାକୁ ପଡୁଥିଲା। ପ୍ରାୟ ଦୁଇ ମାସ ପୂର୍ବରୁ ଘଟଣା ନେଇ ଗୀତାଞ୍ଜଳି ଭୁବନେଶ୍ୱରସ୍ଥିତ ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ମହିଳା କମିଶନ ଅମରେଶକୁ ତାଗିଦ କରି ମାସଟିଏ ସାଙ୍ଗରେ ରୁହ, ତାପରେ ଦୁଇ ଜଣ ଆସି ପୁଣି ଦେଖା କରିବ ବୋଲି କହିଥିଲେ। ହେଲେ ହାତରେ ଟଙ୍କା ନ ଥିବାରୁ ସ୍ୱାମୀଙ୍କ ନିର୍ଯାତନା ନେଇ ଭୁବନେଶ୍ୱର ଆଉ ଯାଇ ପାରି ନ ଥିବା ଗୀତାଞ୍ଜଳି କହିଛନ୍ତି। ଏନେଇ ଶନିବାର ମଧ୍ୟ ଘରେ କିଛି ଖାଇବା ପାଇଁ ନ ଥିବାରୁ ଗୀତାଞ୍ଜଳି ସହ ଅମରେଶଙ୍କ କଳିଗୋଳ ହୋଇଥିଲା। ରବିବାର ସକାଳୁ ଉଭୟଙ୍କ ମଧ୍ୟରେ ପୁଣି ଗଣ୍ଡଗୋଳ ହେବାରୁ ସ୍ୱାମୀ କ୍ରୋଧରେ ଗୀତାଞ୍ଜଳିଙ୍କୁ ଏକ ଭଙ୍ଗା ଟମାଟୋ ସସ୍ ବୋତଲରେ ଆଘାତ କରିବାରୁ ତାଙ୍କ ବେକ ପାଖରେ ଗଭୀର ଆଘାତ ଲାଗିଛି। ଖବରପାଇ ଟିଟିଲାଗଡ ଥାନା ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତି ପହଞ୍ଚି ତଦନ୍ତ ସହ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି।

ପଲଶାଗୋରାଠାରେ ଭାଜପାର ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

# କଣ୍ଟାମାଳ ନିର୍ବାଚନମଣ୍ଡଳୀରେ ନିର୍ବାଚନୀ ବିଗୁଲ

**କଣ୍ଟାମାଳ/ମନମୁଣ୍ଡା, ୨୪।୨ (ଡି.ଏନ.ଏ.)**

### କାଳିଆ ରଥ ଟାଣିବାକୁ ଦଉଡ଼ି ନାହିଁ

ଚାଷୀ। ନବୀନ ସରକାର ପଛୁଆ ରାଜ୍ୟ ସରକାର ଚାଷୀ ପରିବାର ପାଇଁ ଘୋଷଣା କରିଥିବା କାଳିଆ ଛାତ୍ରବୃତ୍ତି ଯୋଜନା ଏକ ପ୍ରହସନ। ବିନା ବିତ୍ତୀୟ ପ୍ରବନ୍ଧନରେ ରାଜ୍ୟ ସରକାର ଚାଷୀମାନଙ୍କୁ ଦିନରେ ଲଣ୍ଠନ ଦେଖାଉଛନ୍ତି। କାଳିଆ ରଥ ଟାଣିବାକୁ ରାଜ୍ୟ ସରକାରଙ୍କ ପାଖରେ ଦଉଡି ନାହିଁ। ପଛୁଆ ବର୍ଗର ଲୋକମାନେ ରାଜ୍ୟରେ ମୁଖ୍ୟତଃ ବର୍ଗଙ୍କୁ ସାମ୍ବିଧାନିକ ଅଧିକାର ନ ଦେଇ ଚାଷୀ ପରିବାରଙ୍କୁ ଭଣ୍ଡାଇଛନ୍ତି ବୋଲି କଣ୍ଟାମାଳ ନିର୍ବାଚନ ମଣ୍ଡଳୀର ପଲଶାଗୋରାଠାରେ ଅନୁଷ୍ଠିତ ଦଳୀୟ ସଭାରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଦିନ ୧୧ଟା ସମୟରେ କେନ୍ଦ୍ରମନ୍ତ୍ରୀ ହେଲିକପ୍ଟରରେ ଆସି ସଭାସ୍ଥଳରେ ପହଞ୍ଚିଥିଲେ। ପରେ ପ୍ରଥମେ ପ୍ରଧାନମନ୍ତ୍ରୀ ମୋଦିଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ମନମୁଣ୍ଡା ମଣ୍ଡଳ ସଭାପତି ନିରଞ୍ଜନ କର୍ଣ୍ଣଙ୍କ ନେତୃତ୍ୱରେ ୧୨୦୦ ଭୂମିହୀନଙ୍କୁ ପଟ୍ଟା ଓ ପକ୍କା ଘର ପ୍ରଦାନ ସକାଶେ ଦରଖାସ୍ତ ଫର୍ମ ମନ୍ତ୍ରୀ ପ୍ରଧାନଙ୍କୁ ପ୍ରଦାନ କରାଯାଇଥିଲା । ୩୦୦ ବରିଷ୍ଠ ନାଗରିକ ଏଥିରେ ସାମିଲ ହୋଇଥିଲେ। ସଭାରେ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ, ଜିଲା ପ୍ରଭାରୀ ସବିତା ନନ୍ଦ, ସଂଯୁକ୍ତା ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କହ୍ନେଇ ଚରଣ ଡାଙ୍ଗ, ରାକେଶ ତ୍ରିପାଠୀ, ଡାକ୍ତର ସୁବ୍ରତ ମିଶ୍ର, ସଚ୍ଚିଦାନନ୍ଦ ଦଲାଲ, କମଳା ପାଣ୍ଡେ, ବିନାୟକ ଖେତି, ରବି ବାରିକ, ଅନୀଲ ପ୍ରଧାନ, ସୁଧାଂଶୁ ଡାଙ୍ଗ, ନବୀନ ମହାପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଜିଲା ଭାଜପା ସଭାପତି ସୌମିତ୍ରୀ ନାୟକ ଅଧ୍ୟକ୍ଷତା କରିଥିଲେ।

# ସୁବର୍ଣ୍ଣପୁରରେ ଗଣତନ୍ତ୍ର ଏଲଇଡି ଭ୍ୟାନ

**ସୋନପୁର,୨୪।୨(ନି.ପ୍ର.)**

ଆସନ୍ତା ସାଧାରଣ ନିର୍ବାଚନରେ ପ୍ରତ୍ୟେକ ଭୋଟ ଗ୍ରହଣ କେନ୍ଦ୍ରରେ ଇଭିଏମ ସହିତ ମତଦାନ କକ୍ଷରେ ଭିଭିପିଏଟି ରହିବ। ସ୍ୱଚ୍ଛ ଓ ବିଶ୍ୱାସନୀୟ ନିର୍ବାଚନ ପ୍ରକ୍ରିୟାର ସମୃଦ୍ଧିକରଣ ପାଇଁ ନିର୍ବାଚନ କମିଶନ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି କ୍ରମରେ ମତଦାତାଙ୍କୁ ସଚେତନ କରିବା ପାଇଁ ରାଜ୍ୟ ନିର୍ବାଚନ କମିଶନ ୩୦ ଜିଲା ପାଇଁ ୩ଟି ଗଣତନ୍ତ୍ର ଏଲଇଡି ଭ୍ୟାନ୍‌ର ବ୍ୟବସ୍ଥା କରିଛନ୍ତି । ସୁବର୍ଣ୍ଣପୁରରେ ଶନିବାର ଓ ରବିବାର ଏହି ଭ୍ୟାନ ବୀରମହାରାଜପୁର ଓ ସୋନପୁର ନିର୍ବାଚନମଣ୍ଡଳୀର ଛକ ସ୍ଥାନମାନଙ୍କରେ ଇଭିଏମ ଓ ଭିଭିପିଏଟିର ପ୍ରଦର୍ଶନ କରାଯାଇଥିଲା । ଭିଭିପିଏଟି ଏକ କାଗଜ ଚିରିକୁଟି ଛାପିବ ଯାହା ମତଦାତା ଭିଭିପିଏଟିରେ ଭୋଟ ଦେଇଥିବା ପ୍ରାର୍ଥୀଙ୍କ କ୍ରମିକ ନମ୍ବର, ନାମ ଏବଂ ନିର୍ବାଚନ ସଙ୍କେତ ୭ ସେକେଣ୍ଡ ପାଇଁ କାଗଜ ଚିରିକୁଟିରେ ଦେଖିପାରିବ । ପରେ ଏହି କାଗଜ ଚିରିକୁଟି କଟି ସିଲ ହୋଇଥିବା ବାକ୍ସରେ ପଡିଯିବ । ଏ ସମ୍ପର୍କରେ ଜନସାଧାରଣଙ୍କୁ ଡେମୋ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା । ବିଜୁ ପଟ୍ଟନାୟକ ଛକଠାରେ ରବିବାର ଏହି ସଚେତନତା କାର୍ଯ୍ୟକ୍ରମକୁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମଧୁସୂଦନ ମିଶ୍ର ଶୁଭାରମ୍ଭ କରିଥିଲେ । ଡିଆଇପିଆରଓ ଅଶୋକ କୁମାର ମିଶ୍ର, ସହକାରୀ ଜିଲାପାଳ (ନିର୍ବାଚନ) ମୁକ୍ତେଶ୍ୱର ପାଣିଗ୍ରାହୀ, ନବୀନ ପାଢୀ, ଇଭିଏମ ଓ ଭିଭିପିଏଟି ଡେମୋ ଅଫିସର ପ୍ରଭାସ କୁମାର କର୍ଣ୍ଣ ଓ ତୁଷାର ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

ଇଭିଏମ ଓ ଭିଭିପିଏଟି ସମ୍ପର୍କରେ ମତଦାତାଙ୍କୁ ସଚେତନ କରାଯାଉଛି ।



ଭାଜପା ନିର୍ବାଚନମଣ୍ଡଳୀସ୍ତରୀୟ କୃଷକ ସମାବେଶରେ ମଞ୍ଚାସୀନ ଅତିଥି।

# ଭାଜପାର କୃଷକ ସମାବେଶ

**ଉଲୁଣ୍ଡା, ୨୪।୨ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା କଲେଜ ପଡିଆଠାରେ ଭାଜପା ତରଫରୁ ବୀରମହାରାଜପୁର ନିର୍ବାବନମଣ୍ଡଳୀସ୍ତରୀୟ କୃଷକ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଉଲୁଣ୍ଡା ମେଟାକାନୀ ମଣ୍ଡଳ ସଭାପତି ଗିରୀଶ ପୁରୋହିତଙ୍କ ଅଧକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆନନ୍ଦ ବାରିକ, ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ଜିଲା ସାଧାରଣ ସମ୍ପାଦିକା ନଳିନୀ ପଣ୍ଡା, ଜିଲା ପରିଷଦ ସଭ୍ୟା ସଂଯୁକ୍ତା ଭୋଇ, ସୌଦାମିନୀ ଜାଲ, ରୋହିଣୀ ଡାଙ୍ଗ ଓ ସଭ୍ୟ ସୁଶାନ୍ତ ପଣ୍ଡା ଯୋଗଦେଇ ଚାଷ ଓ ଚାଷୀ ବିରୋଧୀ ଓଡିଶା ସରକାର ଉପରେ ବର୍ଷିଥିଲେ। ଅନ୍ୟପକ୍ଷେ କେନ୍ଦ୍ର ସରକାର ଚାଷୀଙ୍କ ପାଇଁ କରିଥିବା ବିଭିନ୍ନ ଯୋଜନାର ଲାଭ ଉଠାଇ ପୁଣିଥରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାଜପାକୁ ବିଜୟୀ କରିବା ପାଇଁ ଆହ୍ୱାନ କରିଥିଲେ। ଏହି ଅବସରରେ ଆଶ୍ରୟ ମହାନନ୍ଦ ଓ ବିମ୍ବାଧର ବାଘଙ୍କ ସଂଯୋଜନାରେ ଭାରତ କେ ମନ କି ବାତ ମୋଦୀ କେ ସାତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶେଷରେ ଜିଲା ସମ୍ପାଦକ ଧର୍ମନିରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ। ଏଥିରେ ନିର୍ବାଚନମଣ୍ଡଳର ବହୁ ମହିଳା, ପୁରୁଷ ଚାଷୀ ଯୋଗ ଦେଇଥିଲେ।

# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**ତରଭା, ୨୪।୨ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକରେ ନଗର ଉନ୍ନୟନ, ଗୃହ ଓ ଜଳ ସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ ରବିବାର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପ୍ରଥମେ ଅତାସିଂହାରୁ ବଇରାସର ଗ୍ରାମ ମଝିରେ ଥିବା ନାଳା ଉପରେ ବିଜୁ ସେତୁ ଯୋଜନାରେ ୨କୋଟି ୨୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ସେତୁର ଶିଳାନ୍ୟାସ କରିଥିଲେ ପୂଝାରୀ। ପରେ କେକଟପାଲିରୁ ବରଗାଁ ରାସ୍ତାର ଅଙ୍ଗରା ଯୋର (ଲକ୍ଷ୍ମୀଯୋର) ଉପରେ ୪କୋଟି ଟଙ୍କା ବ୍ୟୟ ଅଟକଳରେ ବିଜୁ ସେତୁ ଯୋଜନାରେ ନିର୍ମାଣ ହେବାକୁ ଥିବା ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ଏହି ସେତୁ ନିର୍ମାଣ ହେଲେ ଟକର୍ଲା, କଦଲିପାଲି, ପୁଆ, ଲୁକାପଡା, ଅଙ୍କରିଆପଦର, ଭୁର୍ଷିପାଲି, ମଙ୍ଗଳପାଲି, କେଷରକେଲା ପ୍ରଭୃତି ଗ୍ରାମର ଲୋକେ ଉପକୃତ ହେବେ । ପରେ ଦୁବୁଲା ଗ୍ରାମକୁ ଯାଇ ଦୁବୁଲାଠାରୁ ଭୁରାଟ ଭାୟା ବ୍ରାହ୍ମଣୀ ନୂତନ ରାସ୍ତାର ୱାର୍କ ଷ୍ଟେଟ ପ୍ଲାନରୁ ୮କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଜିଲାପାଳ ମଧୁସୂଦନ ମିଶ୍ର, ଆରଡି ନିର୍ବାହୀ ଯନ୍ତ୍ରୀ ସତ୍ୟବ୍ରତ ବେହେରା, ଆରଡି ଏସଡିଓ ରାଜ କୁମାର ମେହେର, କନିଷ୍ଠ ଯନ୍ତ୍ରୀ ଗୟାଧର ମୁଦୁଲି, ଜିଲା ପରିଷଦ ସଭ୍ୟ ସରୋଜ କମ୍ପ ଓ ପ୍ରବୀଣ ନାଗ, ବ୍ଲକ ଅଧକ୍ଷା ସସ୍ମିତା ମଲ୍ଲିକ, ସୁବାଷ ସେଠୀ, ଗଗନ ଅଗ୍ରୱାଲ, ଗଦିଦାର କୁଅଁର, ଅଶ୍ୱିନୀ ବିଶି, ରାଜେନ୍ଦ୍ର ଝାଙ୍କର, ଦୁବୁଲା ସରପଞ୍ଚ କୌଶଲ୍ୟା ସାହୁ, ସମିତି ସଭ୍ୟ ଗୀତା ଷାଣ୍ଡ, ଶିବତୁଲା ସରପଞ୍ଚ ଭରତ ଚନ୍ଦ୍ର ମିଶ୍ର, ସମିତି ସଭ୍ୟ କୀର୍ତ୍ତନ ପୋଢ, ପୁଆ ସରପଞ୍ଚ ସସ୍ମିତା ଧରୁଆ, ସମିତି ସଭ୍ୟ ହେମନ୍ତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

ମନ୍ତ୍ରୀ ନିରଞ୍ଜନ ପୂଜାରୀ ରବିବାର ଏକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

# ବୌଦ୍ଧରୁ ଆସିବ ରଥକାଠ

**ପୁରୀ ଅଫିସ,୨୪।୨**

### ମାର୍ଚ୍ଚ ୬ରେ ଯିବ ୪ ଜଣିଆ ଟିମ୍

ଆସନ୍ତା ଜୁଲାଇ ୪ରେ ମହାପ୍ରଭୁଙ୍କ ଘୋଷଯାତ୍ରା। ତିନିରଥ ନିର୍ମାଣ ନିମନ୍ତେ ଦ୍ୱିତୀୟ ବର୍ଷ ଲାଗି ବୌଦ୍ଧ ବନମଣ୍ଡଳରୁ ଆସିବ ରଥକାଠ। ଏଥିପାଇଁ ଆସନ୍ତା ମାର୍ଚ୍ଚ ୬ରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ୪ ଜଣିଆ ଟିମ୍ ବୌଦ୍ଧ ଗସ୍ତ କରିବ। ତିନିଦିନ ସେଠାରେ ରହି ରଥକାଠ ଚୟନ କରିବ। ଶ୍ରୀମନ୍ଦିର ତତ୍ତ୍ୱାବଧାରକ ସୁଦର୍ଶନ ମେକାପଙ୍କ ନେତୃତ୍ୱରେ ଏହି ଟିମ୍‌ରେ ରଥ ଅମିନ ଲକ୍ଷ୍ମଣ ମହାପାତ୍ର, ଭୋଇ ସର୍ଦ୍ଦାର ରବି ଭୋଇ ଓ ୱାର୍କ ସରକାର କୁଞ୍ଜ ଭୋଇ ଯିବେ। ବୌଦ୍ଧରୁ ଏଥର ମୋଟ ୨୨୪ ଖଣ୍ଡ କାଠ ଆସିବ ବୋଲି ଜଣାପଡିଛି। ତତ୍ତ୍ୱାବଧାରକ ମେକାପ କହିଛନ୍ତି, ଏଥର ନୟାଗଡ଼ ଏବଂ ବୌଦ୍ଧରୁ ମୋଟ ୬୭୦ ଖଣ୍ଡ କାଠ ଆସିବ। ଏଥିରୁ କଟକ ଖପୁରିଆସ୍ଥିତ ଶ' ମିଲ୍‌କୁ ୩୦୪ ଖଣ୍ଡ ଏବଂ ୩୬୬ ଖଣ୍ଡ କାଠ ରଥଖଳାକୁ ଆସିବା ଲାଗି ସ୍ଥିର ହୋଇଛି। ନୟାଗଡ଼ରୁ ଦୁଇଟି ପର୍ଯ୍ୟାୟରେ ୮୯ ଖଣ୍ଡ କାଠ ଆସି ପୁରୀରେ ପହଞ୍ଚିଛି।

■ ଅଧିବକ୍ତା ପରିଷଦର ଜିଲା କମିଟି ଗଠିତ

# ବିପିନ ବିହାରୀ ସଭାପତି, ନନ୍ଦକିଶୋର ସମ୍ପାଦକ

**ସୋନପୁର,୨୪।୨(ନି.ପ୍ର.)**

ଅଖିଳ ଭାରତୀୟ ଅଧିବକ୍ତା ପରିଷଦର ସୁବର୍ଣ୍ଣପୁର ଜିଲା କମିଟି ରବିବାର ଗଠନ ହୋଇଛି। ଏଥିସକାଶେ ସୋନପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଅଧିବକ୍ତା ପରିଷଦର ରାଜ୍ୟ ସଭାପତି କମ୍ବୁପାଣି ପାଢୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଆରଏସଏସର ଜିଲା କାର୍ଯ୍ୟବାହ ହୃଷିକେଶ ଭୋଇ, ରଶ୍ମିରଞ୍ଜନ ଦାଶ, ଜୟଦ୍ରଥ ଜଗଦଲାଙ୍କ ସମେତ ବରିଷ୍ଠ ଆଇନଜୀବୀ ଭଗବତୀ ପ୍ରସାଦ ମିଶ୍ର, ଦଶଦୀପ୍ତ ମହାପାତ୍ର, ରାଜେନ୍ଦ୍ର ନାୟକ, ହିମାଂଶୁ ଶେଖର ଭୋଇ ଓ ଶାରଦା ନନ୍ଦ ହୋତା ସମେତ ବଲାଙ୍ଗୀରରୁ ଅଧିବକ୍ତା ପରିଷଦର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶଶୀ ଭୂଷଣ ପୁରୋହିତ ପ୍ରମୁଖ ଯୋଗ ଦେଇଥିଲେ । ବୈଠକରେ କମ୍ବୁପାଣି ଅଖିଳ ଭାରତୀୟ ଅଧିବକ୍ତା ପରିଷଦର ଉଦ୍ଦେଶ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଆଲୋଚନା ପରେ ସର୍ବସମ୍ମତିକ୍ରମେ ବିପିନ ବିହାରୀ ବିଦ୍ୟାଧରଙ୍କୁ ସଭାପତି, ହିମାଂଶୁ ଶେଖର ଭୋଇଙ୍କୁ ଉପସଭାପତି, ନନ୍ଦକିଶୋର ତ୍ରିପାଠୀଙ୍କୁ ସମ୍ପାଦକ, ଦଶରଥ ମିଶ୍ରଙ୍କୁ କୋଷାଧକ୍ଷ ଓ ସୁବର୍ଣ୍ଣପୁର ଜିଲାରୁ ମନୋନୀତ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ପ୍ରଶାନ୍ତ ଚନ୍ଦ୍ର ଦଣ୍ଡସେନାଙ୍କୁ ମନୋନୀତ କରାଯାଇଥିଲା।

ଓଡ଼ିଶା ଅଣଗେଜେଡେଟ ବନ ସେବା ସଂଘର ସାଧାରଣ ଅଧିବେଶନ

# ଜଙ୍ଗଲ ଆଇନରେ ପରିବର୍ତ୍ତନ ଦରକାର

**ବୌଦ୍ଧ,୨୪।୨(ସ୍ୱ.ପ୍ର.)**

ଓଡିଶା ଅଣଗେଜେଡେଟ ବନ ସେବା ସଂଘ ବୌଦ୍ଧ ଜୋନ ପକ୍ଷରୁ ଟାଉନ ହଲ ଠାରେ ଦ୍ୱିବାର୍ଷିକ ସାଧାରଣ ଅଧିବେଶନ ରବିବାର ଅନୁଷ୍ଠିତ ହୋଇଯାଇଛି । ବୌଦ୍ଧ ଅଣଗେଜେଡେଟ ବନ ସେବା ସଂଘର ଜିଲା ସଭାପତି ପ୍ରଶନ୍ନ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଅଧିବେଶନର ପ୍ରଥମ ପର୍ଯ୍ୟାୟରେ ଓଡିଶା ରାଜ୍ୟ ଅଣଗେଜେଡେଟ କର୍ମଚାରୀ ସମନ୍ୱୟ ସମିତିର ସାଧାରଣ ସମ୍ପାଦକ ବ୍ରଜ ନନ୍ଦ ମୁଖ୍ୟଅତିଥି, ସଭାପତି ଗୌରୀଶଙ୍କର ସାହୁ, ସମ୍ପାଦକ ସମୀର ବେହେରା, ରାଜ୍ୟ ସଂଘ ଅଧକ୍ଷ ଜଗବନ୍ଧୁ ପାତ୍ର, ଜୋନାଲ ସମ୍ପାଦକ ଗୋବର୍ଦ୍ଧନ ମେହେର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ବୌଦ୍ଧ ଜିଲାରେ ବନ ବିଭାଗର ଭୂମିକା ଶୀର୍ଷକ ଆଲୋଚନା ହୋଇଥିଲା । ଅଧିବେଶନରେ ଦ୍ୱିତୀୟ ପର୍ଯ୍ୟାୟରେ ବାଚସ୍ପତି ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି, ବୌଦ୍ଧ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ, ରାଜ୍ୟ ସଂଘ ଅଧକ୍ଷ ଜଗବନ୍ଧୁ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜୋନାଲ ସମ୍ପାଦକ ଗୋବର୍ଦ୍ଧନ ମେହେର ବିବରଣୀ ପାଠ କରିଥିଲେ । ମୁଖ୍ୟ ଅତିଥି ଅମାତ ଜଙ୍ଗଲ ସୁରକ୍ଷା, ନୂତନ ଜଙ୍ଗଲ ସୃଷ୍ଟି ଉପରେ ଗୁରୁତ୍ୱ ଦେବା ଦ୍ୱାରା ପରିବେଶ ରକ୍ଷା ହୋଇପାରିବ ବୋଲି କହିଥିଲେ । ବନ ବିଭାଗର କାର୍ଯ୍ୟକାରିତା, କର୍ମଚାରୀ ଅଭାବ ଓ ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା । ଜଙ୍ଗଲ ଆଇନରେ ପରିବର୍ତ୍ତନ କରାଗଲେ ଜଙ୍ଗଲ କ୍ଷୟ ରୋକିବାକୁ ବନ କର୍ମଚାରୀ ସକ୍ଷମ ହେବେ ବୋଲି ମତପ୍ରକାଶ ପାଇଥିଲା । ଶେଷରେ ଉପସଭାପତି ସୁଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ସାଧାରଣ ଅଧିବେଶନରେ ମଞ୍ଚାସୀନ ଅତିଥିବୃନ୍ଦ ।

ବସନ୍ତ ମହୋତ୍ସବରେ ତୁଳସୀ ରାମାୟଣ ପାରାୟଣ କରାଯାଉଛି।

# କୁକିଆରେ ବସନ୍ତ ମହୋତ୍ସବ ପାଳିତ

**ଉଲୁଣ୍ଡା, ୨୪।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୁକିଆଠାର

ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ



## ସଂକ୍ଷେପରେ

### ସ୍ତ୍ରୀଙ୍କ ଗଳା କାଟି ହତ୍ୟା ଉଦ୍ୟମ

ଟିଟିଲାଗଡ, ୨୪।୨(ଡି.ଏନ.ଏ)- ଟିଟିଲାଗଡ ସହରସ୍ଥିତ ଝାଙ୍କର ପଡାରେ ଜଣେ ସ୍ୱାମୀ ନିଜ ସ୍ତ୍ରୀଙ୍କ ଗଳାକାଟି ହତ୍ୟା ଉଦ୍ୟମ କରିବା ଆଲୋଡନ ସୃଷ୍ଟି କରିଛି। ଗୁରୁତର ମହିଳା ଜଣଙ୍କୁ ଟିଟିଲାଗଡ ଉପଖଣ୍ଡ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ସହରର ଝାଙ୍କର ପଡାର ନିବାସୀ ଅମରେଶ ସାହୁ ମଦ ପିଇ ସ୍ତ୍ରୀ ଗୀତାଞ୍ଜଳି ସହ ଝଗଡା କରି ଆସୁଥିଲେ। ପୂର୍ବରୁ ଅନେକ ଥର ସ୍ୱାମୀଙ୍କ ମାଡରେ ଗୀତାଞ୍ଜଳି ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମୁଣ୍ଡରେ ଷ୍ଟିଚ ମଧ୍ୟ ପଡିଛି। ସ୍ୱାମୀ ମଦ ପିଇ ଘରେ ଶୋଇ ରହୁଥିବାରୁ ଦୁଇ ସନ୍ତାନଙ୍କ ସହ ଗୀତାଞ୍ଜଳି ଭୋକ ଓପାସରେ ରହିବାକୁ ପଡୁଥିଲା। ପ୍ରାୟ ଦୁଇ ମାସ ପୂର୍ବରୁ ଘଟଣା ନେଇ ଗୀତାଞ୍ଜଳି ଭୁବନେଶ୍ୱରସ୍ଥିତ ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ମହିଳା କମିଶନ ଅମରେଶକୁ ତାଗିଦ କରି ମାସଟିଏ ସାଙ୍ଗରେ ରୁହ, ତାପରେ ଦୁଇ ଜଣ ଆସି ପୁଣି ଦେଖା କରିବ ବୋଲି କହିଥିଲେ। ହେଲେ ହାତରେ ଟଙ୍କା ନ ଥିବାରୁ ସ୍ୱାମୀଙ୍କ ନିର୍ଯାତନା ନେଇ ଭୁବନେଶ୍ୱର ଆଉ ଯାଇ ପାରି ନ ଥିବା ଗୀତାଞ୍ଜଳି କହିଛନ୍ତି। ଏନେଇ ଶନିବାର ମଧ୍ୟ ଘରେ କିଛି ଖାଇବା ପାଇଁ ନ ଥିବାରୁ ଗୀତାଞ୍ଜଳି ସହ ଅମରେଶଙ୍କ କଳିଗୋଳ ହୋଇଥିଲା। ରବିବାର ସକାଳୁ ଉଭୟଙ୍କ ମଧ୍ୟରେ ପୁଣି ଗଣ୍ଡଗୋଳ ହେବାରୁ ସ୍ୱାମୀ କ୍ରୋଧରେ ଗୀତାଞ୍ଜଳିଙ୍କୁ ଏକ ଭଙ୍ଗା ଟମାଟୋ ସସ୍ ବୋତଲରେ ଆଘାତ କରିବାରୁ ତାଙ୍କ ବେକ ପାଖରେ ଗଭୀର ଆଘାତ ଲାଗିଛି। ଖବରପାଇ ଟିଟିଲାଗଡ ଥାନା ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତି ପହଞ୍ଚି ତଦନ୍ତ ସହ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ଏନେଇ ଥାନାରେ ଦଫା ୨୯୩, ୩୨୪,୪୯୮ଏ ରେ ଏକ ମାମଲା (ନଂ.୪୬/୨୦୧୯) ରୁଜୁ କରି ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

### ତୁଷରାରେ କରକାପାତ

ଗୁଡଭେଲା,୨୪।୨(ଡି.ଏନ୍.ଏ)- ତୁଷରା ଅଞ୍ଚଳରେ ରବିବାର ସନ୍ଧ୍ୟାରେ ହଠାତ୍ ପାଣିପାଗ ପରିବର୍ତ୍ତନ ଘଟି ବର୍ଷା ଓ କରକାପାତ ହୋଇଛି । ସନ୍ଧ୍ୟାରେ ପ୍ରବଳ ବେଗରେ ପବନ ବୋହିବା ସହ ଝଡବର୍ଷା ଓ କରକାପାତ ହୋଇଥିଲା । କରକାପାତ ଯୋଗୁଁ ଏହି ଅଞ୍ଚଳର ପନିପରିବା କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି ।

ତୁଷୁରା ଡାକ୍ତରଖାନା ଅପଗ୍ରେଡ୍ ଦାବି

# ବ୍ଲକ ଅଧ୍ୟକ୍ଷଙ୍କ ସହ ସମିତି ସଭ୍ୟ, ସରପଞ୍ଚଙ୍କ ଧାରଣା

ଗୁଡ଼ଭେଲା,୨୪।୨(ଡି.ଏନ.ଏ.)

ତୁଷୁରାର ଡାକ୍ତରଖାନାକୁ ଅପଗ୍ରେଡ଼ କରିବା ଦାବିରେ ରବିବାର ବାହାରିଥିବା ଶୋଭାଯାତ୍ରା ।

- ସରକାରୀ କାର୍ଯ୍ୟକ୍ରମକୁ ବିରୋଧ, ପୋଲିସ ସହ ଧସ୍ତାଧସ୍ତି
- ନାଗରିକ କମିଟିର ଗଣଧାରଣା ଷଷ୍ଠ ଦିନରେ

ବଲାଙ୍ଗୀର ଜିଲା ତୁଷୁରା ଡାକ୍ତରଖାନାକୁ ଅପଗ୍ରେଡ଼ କରିବା ପାଇଁ ଗତ ୧୯ ତାରିଖରୁ ଚାଲିଥିବା ନାଗରିକ କମିଟିର ଗଣ ଧାରଣା ଷଷ୍ଠ ଦିନରେ ପହଞ୍ଚିଛି। ରବିବାର ଏହି ଆନ୍ଦୋଳନକୁ ସମର୍ଥନ କରି ଗୁଡ଼ଭେଲା ବ୍ଲକ ଅଧ୍ୟକ୍ଷ ଅଶୋକ ଚନ୍ଦ୍ର ଦୋରାଙ୍କ ସହ ବହୁ ସରପଞ୍ଚ, ସମିତି ସଭ୍ୟ ଓ ଭାଜପାର କର୍ମକର୍ତ୍ତା ସାମିଲ ହୋଇଥିଲେ। ପରେ ସେମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଧାରଣାସ୍ଥଳରେ ପହଞ୍ଚିଥିଲେ। ଏହି ଧାରଣାରେ ସମରା ସରପଞ୍ଚ ରବିନ୍ଦ୍ର ପ୍ରଧାନ, ଚିଞ୍ଚେଡ଼ ସରପଞ୍ଚ ଗୋପାଳ ଭୋଇ, ରୁଷୁଡ଼ା ସରପଞ୍ଚ ସବିତା ବେହେରା, ଯାମୁଟର ପୂର୍ବତନ ସରପଞ୍ଚ ହରି ମାଝୀ, ବିରାମୁଣ୍ଡା ସରପଞ୍ଚ ଜୟଶ୍ରୀ ଭୋଇ, ଦେଉଳଗୁଡ଼ି ସରପଞ୍ଚ ସରୋଜ ମଲ୍ଲିକ, ବଡ଼ଙ୍ଗୋମୁଣ୍ଡା ସମିତି ସଭ୍ୟ ଶିଶୁ କୁମାର ପ୍ରଧାନ, ଗମ୍ଭାରିଗୁଡ଼ା ସମିତି ସଭ୍ୟା ଗୀତାଞ୍ଜଳି ଭୋଇ, ଘୁନା ସମିତି ସଭ୍ୟା ସନ୍ତୋଷିନୀ ଭୋଇ, ବ୍ଲକ ଉପାଧ୍ୟକ୍ଷା ନଳିନୀ ସେଠ, ଗୁଡ଼ଭେଲା ସମିତି ସଭ୍ୟ ଚିତ୍ରସେନ ଭୋଇ, ରୁଷୁଡ଼ା ସମିତି ଟୁକୁ ପାଣିଗ୍ରାହୀ, ନୂଆପଡ଼ା ସମିତି ସଭ୍ୟା ତପସ୍ୱିନୀ ମଲ୍ଲିକ, ଭାଗବତ ନାହାକ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ସାମିଲ ଥିଲେ । ଅପରପକ୍ଷରେ ତୁଷୁରା ଡାକ୍ତରଖାନାକୁ ଅପଗ୍ରେଡ କରିବା ଦାବିପତ୍ର ସରକାର କର୍ଣ୍ଣପାତ କରୁନାହିଁ। ଏଭଳି ଅଭିଯୋଗ କରି ନାଗରିକ କମିଟି କର୍ମକର୍ତ୍ତା ରବିବାର ଗୁଡ଼ଭେଲା ବ୍ଲକ ଘୁନାରେ ହେଉଥିବା ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳାସ୍ଥଳକୁ ଯାଇ ପ୍ରତିବାଦ କରିଥିଲେ । ବିଭିନ୍ନ ସ୍ଲୋଗାନ ଦେଇ ସେମାନେ ମଞ୍ଚସ୍ଥଳକୁ ଯିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ପୋଲିସ ସହ ସେମାନଙ୍କର ଧସ୍ତାଧସ୍ତି ହୋଇଥିଲା। ଏହି ବିରୋଧ ଆନ୍ଦୋଳନରେ ନାଗରିକ କମିଟି ସଭାପତି ରୁଗୁଗୋପାଳ ସାହୁ, ଅଙ୍କୁଶ ପ୍ରଧାନ, ବିଜୟ ବାଗ, ସୁଶାନ୍ତ ସାହୁ, ଜବିବୁଲ୍ଲା ମହମ୍ମଦ ପ୍ରମୁଖ ସାମିଲ ହୋଇଥିଲେ। ଯେ ପର୍ଯ୍ୟନ୍ତ ତୁଷୁରାବାସୀଙ୍କ ମୌଳିକ ଅଧିକାର ହସପିଟାଲର ଅପଗ୍ରେଡ଼ ନ ହୋଇଛି ସେ ପର୍ଯ୍ୟନ୍ତ ତୁଷୁରା-ଗୁଡ଼ଭେଲାରେ କୌଣସି ସରକାରୀ କାର୍ଯ୍ୟକ୍ରମ କରାଇ ଦିଆଯିବନି ବୋଲି ଯୁଥ ଆକ୍ସନ କମିଟି ଆବାହାକ ଯୁବନେତା ଶ୍ରୀକାନ୍ତ ବାଗ ଚେତାବନୀ ଦେଇଛନ୍ତି।

# ତୈଳିକ ବୈଶ୍ୟ ସମାଜର ସାଧାରଣ ବୈଠକ

ବଲାଙ୍ଗୀର ଅଫିସ, ୨୪।୨

ବଲାଙ୍ଗୀର ନିକଟସ୍ଥ ଖୁଜେନ୍‌ପାଲି ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ତୈଳିକ ବୈଶ୍ୟ ସମାଜର ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଛି । ସିଦ୍ଧେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ବୈଠକରେ ଜିଲାର ବିଭିନ୍ନ ବ୍ଲକର କର୍ମକର୍ତ୍ତା ଓ ଜାତିଭାଇ ଯୋଗଦାନ କରିଥିଲେ । ସଭା ପ୍ରାରମ୍ଭରେ ପାରମ୍ପରିକ ବିଧି ଅନୁସାରେ ଶିବ-ପାର୍ବତୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ପୁଲୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ସହୀଦ ହୋଇଥିବା ବୀର ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ସମାଜ ଜିଲା ସମ୍ପାଦକ ପର୍ଶୁରାମ ସାହୁ, ଉପସଭାପତି ହିମାଂଶୁ ଶେଖର ସାହୁ, କୋଷାଧ୍ୟକ୍ଷ ଭକ୍ତଚରଣ ସାହୁ, ସାଙ୍ଗଠନିକ ସମ୍ପାଦକ ପ୍ରଦୀପ କୁମାର ସାହୁ, ବଲାଙ୍ଗୀର ନଗର କଂଗ୍ରେସ ଉପସଭାପତି ଉମାକାନ୍ତ ସାହୁ ବକ୍ତବ୍ୟ ରଖିଥିଲେ। ସଭାପରେ ସର୍ବସମ୍ମତିକ୍ରମେ ତୈଳିକ ବୈଶ୍ୟ ସମାଜର ନୂତନ ଜିଲା କମିଟି ଗଠନ କରାଯାଇଥିଲା । ଏଥିରେ ଉମାକାନ୍ତ ସାହୁ ସଭାପତି, ପ୍ରଦୀପ କୁମାର ସାହୁ ସମ୍ପାଦକ, ଶରତ କୁମାର ସାହୁ ସହସମ୍ପାଦକ, ସତ୍ୟବାନ୍ ସାହୁ, ବଲାଙ୍ଗୀର ଉପଖଣ୍ଡ ଉପସଭାପତି, ଅଭୟ କୁମାର ସାହୁ ଟିଟିଲାଗଡ ଉପଖଣ୍ଡ ଉପସଭାପତି, ବିପିନ ବିହାରୀ ସାହୁ ପାଟଣାଗଡ ଉପଖଣ୍ଡ ଉପସଭାପତି ମନୋନୀତ ହୋଇଛନ୍ତି। ବିକାଶ ରଞ୍ଜନ ସାହୁ ବଲାଙ୍ଗୀର ସାଙ୍ଗଠନିକ ସମ୍ପାଦକ ଓ ଗଣେଶ୍ୱର ସାହୁ ଟିଟିଲାଗଡ ସାଙ୍ଗଠନିକ ସମ୍ପାଦକ ମନୋନୀତ ହୋଇଥିଲେ। ମହେନ୍ଦ୍ର ସାହୁ କୋଷାଧ୍ୟକ୍ଷ, ନବଦଳ ସାହୁ ଅଡିଟର, ଆନନ୍ଦଚନ୍ଦ୍ର ସାହୁ ମିଡିଆ ସମ୍ପାଦକ, ରବୀନ୍ଦ୍ର କୁମାର ସାହୁ ସାଂସ୍କୃତିକ ସମ୍ପାଦକ ମନୋନୀତ ହୋଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ କୃଷ୍ଣଚନ୍ଦ୍ର ସାହୁ, ଦେବଦତ୍ତ ସାହୁ, ଦୁର୍ଗା ସାହୁ, ଦେବେନ୍ଦ୍ର ସାହୁ ସହଯୋଗ କରିଥିଲେ। ଶେଷରେ ବିକାଶ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।


ଖୁଜେନ୍‌ପାଲି ମନ୍ଦିରରେ ତୈଳିକ ବୈଶ୍ୟ ସମାଜର ସାଧାରଣ ବୈଠକରେ ଉପସ୍ଥିତ ସଦସ୍ୟ ।

# ଟିଟିଲାଗଡ଼ରେ କଂଗ୍ରେସର ଇସ୍ତାହାର ଟିମ୍

ଟିଟିଲାଗଡ଼, ୨୪।୨ (ଡି.ଏନ.ଏ)

ନିର୍ବାଚନ ନେଇ ଟିଟିଲାଗଡରେ ବିଭିନ୍ନ ରାଜନୈତିକ ଦଳର ଆବାଗମନ, ସମାବେଶରେ ବୃଦ୍ଧି ହୋଇଛି। ରବିବାର କଂଗ୍ରେସ ଦଳ ପକ୍ଷରୁ ଇସ୍ତାହାର କମିଟି ବଲାଙ୍ଗିର ଲୋକସଭା ସଭାପତି ତଥା ଏଆଇସିସି ସଭ୍ୟ ସମରେନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ ଆସି ସହରର ବିଭିନ୍ନ ସଙ୍ଗଠନ ସହ ସାକ୍ଷାତ ଆଲୋଚନା କରିଛନ୍ତି। ଅପରାହ୍ନରେ ସ୍ଥାନୀୟ ରେଗାଲ ପ୍ଲାଜା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମିଶ୍ରଙ୍କ ସମେତ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ, ବରିଷ୍ଠ ନେତା କିଶୋର ଚନ୍ଦ୍ର ପଣ୍ଡା, ପିସିସି ସାଧାରଣ ସମ୍ପାଦକ ମୁକେଶ ଜୈନ, ଜିଲା ସଭାପତି ଦିଲାପ ବେହେରା, କାର୍ଯ୍ୟକାରୀ ସଭାପତି ତମ୍ବରୁ ଛତ୍ରିଆ, ଉପସଭାପତି ସନ୍ତକ ବହିଦାର, ଅଜୟ ବାଲି, ଜିଲା ସମ୍ପାଦକ ଦେବ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମିଶ୍ର ଚଳିତ ନିର୍ବାଚନରେ କଂଗ୍ରେସ ଦଳ ଉଭୟ କେନ୍ଦ୍ର ତଥା ରାଜ୍ୟରେ ପୁଣି କ୍ଷମତାକୁ ଫେରିବ ବୋଲି କହିଛନ୍ତି। ଏହି ଅବସରରେ ଜିଲା ସମ୍ପାଦକ କ୍ଷୀରସାଗର ବର୍ମା, ନଗର ସଭାପତି ପ୍ରଭାସ ବହିଦାର, ବ୍ଲକ ସଭାପତି ତୁଲସି ସାହୁ, ସଙ୍ଗଂତଲା ବ୍ଲକ ସଭାପତି ଗୁଣସାଗର ମାଝୀ, ଦେବାନନ୍ଦ ସାହୁ, ଏସସି ସେଲ ବ୍ଲକ ସଭାପତି କୃଷ୍ଣଚନ୍ଦ୍ର ମହାନନ୍ଦ, ସେବାଦଳ ନଗର ସଭାପତି ବିବେକ ଜୈନ, କାଉନସିଲର କୃଷ୍ଣଚନ୍ଦ୍ର ସରାଫ, ଅନୁପ ଦାସ, ଉତ୍ତମ ସୁନା, ହୃଦାନନ୍ଦ ମାଝୀ ପ୍ରମୁଖ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ। ଏହି ଅବସରରେ ଟିଟିଲାଗଡ ଜିଲା ଦାବି ନେଇ ରାଜଧାନୀକୁ ପଦଯାତ୍ରାରେ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଦାବି ପତ୍ର ପ୍ରଦାନ କରିଥିବା ଟିଟିଲାଗଡର ଯୁବ ସଂଗ୍ରାମୀ ରଞ୍ଜନ ଖୁଆସ କଂଗ୍ରେସ ଦଳରେ ଯୋଗଦାନ କରିଥିବା ଜିଲା ସଭାପତି ବେହେରା ଘୋଷଣା କରିଥିଲେ।

# ଶହୀଦଙ୍କ ସମ୍ପର୍କୀୟଙ୍କୁ ଅସମ୍ମାନର ପ୍ରତିବାଦ

## ଯୁବ କଂଗ୍ରେସର ବିଧାୟକ ଦେବାଶିଷ ସାମନ୍ତରାୟଙ୍କ କୁଶପୁତ୍ତଳିକା ଦାହ

ବଲାଙ୍ଗୀର ଅଫିସ, ୨୪।୨

ଜମ୍ମୁ-କଶ୍ମୀରର ପୁଲୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଓଡିଆ ବୀର ଯବାନଙ୍କ ସମ୍ପର୍କୀୟଙ୍କ ଅସମ୍ମାନ ଓ ଦୁର୍ବ୍ୟବହାର ଘଟଣାର ପ୍ରତିବାଦ କରିଛି ଜିଲା ଯୁବ କଂଗ୍ରେସ। ସଂଗଠନ ପକ୍ଷରୁ ସ୍ଥାନୀୟ କଚେରି ଛକଠାରେ କଟକ ବାରବାଟୀ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ବିଧାୟକ ସାମନ୍ତରାୟଙ୍କୁ ତୁରନ୍ତ ଗିରଫ କରିବାକୁ ଯୁବ କଂଗ୍ରେସ କର୍ମୀମାନେ ଦାବି କରିଥିଲେ । ଶହୀଦ ଯବାନ ମନୋଜ ବେହେରାଙ୍କ ପାର୍ଥିବ ଶରୀରକୁ ତାଙ୍କ ଜନ୍ମମାଟିକୁ ଆଣିବା ପରେ ଶେଷ ଦର୍ଶନ ପାଇଁ ରଖାଯାଇଥିଲା । ଏହି ସମୟରେ କଟକ ବାରବାଟୀ ବିଧାୟକ ସାମନ୍ତରାୟ ସେଠାରେ ପହଞ୍ଚି ଶହୀଦଙ୍କ ସମ୍ପର୍କୀୟଙ୍କୁ ଅସମ୍ମାନ ଓ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ଏହାର ପ୍ରତିବାଦରେ ଜିଲା ଯୁବ କଂଗ୍ରେସ ତରଫରୁ ସ୍ଥାନୀୟ ଜିଲାପାଳ ଅଫିସ ସମ୍ମୁଖରେ ଏକ ପ୍ରତିବାଦ ସଭା କରାଯାଇଥିଲା । ଯୁବ କଂଗ୍ରେସ ସଭାପତି ପ୍ରେମ ପ୍ରକାଶ ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବିଧାୟକଙ୍କ ଏପରି ଆଚରଣକୁ ତୀବ୍ର ନିନ୍ଦା କରାଯାଇଥିଲା । ବିଧାୟକଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଥିଲା । ଜିଲା ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁ ବିଧାୟକଙ୍କ ଏପରି କାର୍ଯ୍ୟକଳାପକୁ ଭର୍ତ୍ସନା କରିଥିଲେ । ଟାଉନ କଂଗ୍ରେସ କର୍ମକର୍ତ୍ତାମାନେ ବିଧାୟକଙ୍କୁ ଗିରଫ କରାଯାଉ ବୋଲି ଦାବି କରିଥିଲେ । ପରେ ବିଧାୟକ ସାମନ୍ତରାୟଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା । କାର୍ଯ୍ୟକ୍ରମରେ ପିସିସି ସଭ୍ୟ ତଥା ଜିଲା କଂଗ୍ରେସ ଉପସଭାପତି ମନୀଷ ମିଶ୍ର, ପିସିସି ସମ୍ପାଦକ ସୁଦାମ ସାହୁ, ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, ସେବାଦଳ ମୁଖ୍ୟ ଅସିତ ମିଶ୍ର, ପ୍ରଫୁଲ୍ଲ ମିଶ୍ର, ଚନ୍ଦ୍ରମଣି ତ୍ରିପାଠୀ, ପବିତ୍ର ବେହେରା, ଜିଲା ସଙ୍ଗଠନ ସମ୍ପାଦକ ସଞ୍ଜୟ ମିଶ୍ର, ବ୍ରଜକିଶୋର ସେଠୀ, ଆଶୁତୋଷ ମହାନ୍ତି, ମାନସ ଜାଲ ପ୍ରମୁଖ ଉପସ୍ଥିତ ଥିଲେ ।

ବଲାଙ୍ଗୀର ଯୁବ କଂଗ୍ରେସ ପକ୍ଷରୁ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ କୁଶପୁତ୍ତଳିକା ଦାହ କରାଯାଉଛି ।

# ବାଇପାସ ରାସ୍ତା ପାଇଁ ଆନ୍ଦୋଳନ ମୁଣ୍ଡ ଟେକୁଛି

ଲୋଇସିଂହା,୨୪।୨(ଡି.ଏନ.ଏ)

ବଲାଙ୍ଗୀର ଜିଲା ଆଗଲପୁର ପାଟଣେଶ୍ୱରୀ ମନ୍ଦିରରୁ ଘେଁସାଲି ନାଳ ସଂଯୋଗ କରି ଏକ ବାଇପାସ ରାସ୍ତା ସ୍ଥାନୀୟ ଅଧିବାସୀ ଦାବି କରୁଛନ୍ତି। ଏଥିପ୍ରତି ବ୍ଲକ ଓ ଜିଲା ପ୍ରଶାସନ ପଦକ୍ଷେପ ନେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ବାଇପାସ ରାସ୍ତା ଦାବି ନେଇ ବିଭିନ୍ନ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ବଲାଙ୍ଗୀର ଜିଲା ଆଗଲପୁର ବ୍ଲକର ଆଗଲପୁର ଏକ ପ୍ରମୁଖ ସହର । ଏହି ସହର ଦେଇ ବରଗଡ ଜିଲା ଆଭ୍ୟନ୍ତରୀଣ ଅଞ୍ଚଳ ସମେତ ଛତିଶଗଡକୁ ରାସ୍ତା ସଂଯୋଗୀ କରଣ ରହିଛି । ଫଳରେ ଏହି ରାସ୍ତାକୁ ଅନେକ ଲୋକ ବ୍ୟବହାର କରିଥାନ୍ତି। ବ୍ୟାପକ ମାତ୍ରାରେ ଚାରିଚକିଆ, ଦୁଇଚକିଆ ଯାନାବାହାନ ଚଳାଚଳ ହେଉଥିବାରୁ ଅନେକ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥାଏ। ସ୍ଥାନୀୟ ଲୋକେ ସହରକୁ ବିଭିନ୍ନ କାମ ନେଇ ଆସିଲା ବେଳେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷେ ଆଗଲପୁର-ଭରସୁଜା ରାସ୍ତାର ସେତୁନିର୍ମାଣ କାମ ଚାଲିଛି। ଏହା କାର୍ଯ୍ୟକ୍ଷମ ହେଲା ଯାନବାହାନ ସଂଖ୍ୟା ବଢିବା ଅଧିକ ସମ୍ଭାବନା ରହିଛି। ବର୍ତ୍ତମାନ ପରିସ୍ଥିତିରେ ଛୋଟବଡ ଦୁର୍ଘଟଣା ଘଟୁଥିବାବେଳେ ଆଗକୁ ଆହୁରୀ ବଢିବା ନେଇ ସ୍ଥାନୀୟ ଅଧିବାସୀ ଆଶଙ୍କିତହୋଇ ପଡିଛନ୍ତି। ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନ ଓହ୍ଲାଇବେ ବୋଲି ନାଗରିକ କମିଟିର ସଦସ୍ୟ ପ୍ରକାଶ କରିଛନ୍ତି।

# କୃଷକ ସମ୍ପର୍କ ମେଳା, ୪ ଚାଷୀ ସମ୍ବର୍ଦ୍ଧିତ

ଗୁଡ଼ଭେଲା,୨୪।୨ (ଡି.ଏନ.ଏ.)

ଜଣେ ଚାଷୀଙ୍କୁ ବିଧାୟିକା ଟୁକୁନି ସାହୁ ସମ୍ମାନିତ କରୁଛନ୍ତି।

ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ଅନ୍ତର୍ଗତ ଘୁନା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ବ୍ଲକ ସ୍ତରୀୟ କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲା କୃଷି ଅଧିକାରୀ ହିମାଂଶୁ ଶେଖର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମେଳାରେ ଟିଟିଲାଗଡ଼ ବିଧାୟିକା ଟୁକୁନୀ ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ରାଜ୍ୟ ସରକାର ଚାଷୀଙ୍କ ପାଇଁ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ । ତୁଷୁରା ଏନଏସି ଅଧ୍ୟକ୍ଷା ଭାଗ୍ୟଶ୍ରୀ ନାଗ, ବଡ଼ଙ୍ଗୋମୁଣ୍ଡା ସରପଞ୍ଚ ପ୍ରଭାସିନୀ ପ୍ରଧାନ, ଘୁନା ସରପଞ୍ଚ ପ୍ରେମଲତା ଭୋଇ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ବ୍ଲକ ସହ କୃଷି ଅଧିକାରୀ ପ୍ରମୋଦ ବଡ଼ପଣ୍ଡା, ବ୍ଲକ ଭେଟେନାରୀ ଅଧିକାରୀ ସୁରେନ୍ଦ୍ର ବେହେରା, ବ୍ଲକ ସହକାରୀ ଉଦ୍ୟାନ ଅଧିକାରୀ ତିଜକ ଦାସ, ବ୍ଲକ ମତ୍ସ ବିଭାଗ ଅଧିକାରିଣୀ ଜୟଶ୍ରୀ ଛତ୍ରିଆ ଅନ୍ୟତମ ଅତିଥିଭାବେ ମଞ୍ଚାସୀନ ଥିଲେ। କୃଷି କ୍ଷେତ୍ରରେ ସଚେତନା ତଥା ବିଭିନ୍ନ ଚାଷ ସମ୍ପର୍କରେ ଚାଷୀଙ୍କୁ ବୁଝାଇବା ପାଇଁ କୃଷି ବିଭାଗ, ମତ୍ସ ବିଭାଗ, ଉଦ୍ୟାନ ବିଭାଗ ଓ ପ୍ରାଣୀ ବିଭାଗ ତରଫରୁ ଚାରୋଟି ଷ୍ଟଲ ଲଗାଯାଇଥିଲା। ଚାଷରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ଲକର ଚାରି ଜଣ ଚାଷୀ ରୁଷୁଡ଼ା ପଞ୍ଚାୟତର ବିମ୍ବାଧର କୁଅଁର, ସମରା ପଞ୍ଚାୟତର କେଶବ ବେହେରା, ବିରାମୁଣ୍ଡା ପଞ୍ଚାୟତର ହେମନ୍ତ ପ୍ରଧାନ ଓ ତୁଷୁରା ଏନଏସିର ବିପିନ ବିହାରୀ ସାହୁଙ୍କୁ ସମ୍ମାନୀତ କରାଯାଇଥିଲା। ବ୍ଲକ ସହ କୃଷି ଅଧିକାରୀ ବଡ଼ପଣ୍ଡା ଧନ୍ୟବାଦ ଅର୍ପଣ କରିଥିବାବେଳେ ବ୍ଲକର ୧୩ଟି ପଞ୍ଚାୟତରୁ ଶତାଧିକ ଚାଷୀ ଏହି ମେଳାରେ ଭାଗ ନେଇ



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦା।
- ସକ୍ରେଟିସ୍

## ସଂକ୍ଷେପରେ

### କୁଟାରୀମାଲରେ ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ

ବାମରା, ୨୪।୨ (ସ୍ୱ.ପ୍ର.)

ସମ୍ବଲପୁର ଜିଲା ବାମରା ବ୍ଲକ କୁଟାରୀମାଲସ୍ଥିତ ମୁଣ୍ଡାଢ଼ିପା ଆମ୍ବ ବଗିଚାରେ ୨ଦିନିଆ ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି । ଏକ କଳସ ଶୋଭାଯାତ୍ରା ବାଦୀମୁଣ୍ଡା ନାଳରୁ ବାହାରି ଯଜ୍ଞ ସ୍ଥଳରେ ପହଞ୍ଚିଥିଲା । ଶୋଭାଯାତ୍ରାରେ ବୁବୁଡା ମହାବୀର ସଂପ୍ରଦା ମଣ୍ଡଳୀ ସମେତ ଗୁର୍ଲା, ଉଜକାପାଟ ଓ ଜରଙ୍ଗଲୋଇର କୃଷ୍ଣଗୁରୁ ଦଳ, ମହିଳା ଭାଗବତ ମଣ୍ଡଳୀ, ବାରବ, ଲୋଲୋବିରା ଓ ବୁବୁଡାର ସଂକୀର୍ତ୍ତନ୍ୟ ଦଳ ଆଦି ସାମିଲ ହୋଇଥିଲେ । ଗୌରାଙ୍ଗ ତ୍ରିପାଠୀ ଓ ଗୋବିନ୍ଦ ତ୍ରିପାଠୀ ଯଜ୍ଞ ସଂଚାଳନ କରିଥିଲେ। ସରୋଜ କୁମାର ନାଏକ ଓ ଉଜମତି ନାଏକ ମୁଖ୍ୟକର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ପୂର୍ଣ୍ଣାନନ୍ଦ ସାହୁ, ବିଦ୍ୟାଧର ନାଏକ, ମୀନକେତନ ପଟେଲ ସହଯୋଗୀ ରହିଥିଲେ । ଆୟୋଜିତ ଧର୍ମସଭାରେ ସୋମନାଥ କେଶରୀ ସଭାପତିତ୍ୱ କରିଥିବା ବେଳେ ଜିଲା ସଂଘ ଚାଳକ ସରୋଜ କୁମାର ଦାଶ, ପଣ୍ଡିତ ଅଲେଖ କୁମାର ପତି, ସରପଞ୍ଚ ପୁଷ୍ପଲତା ନାଏକ, ରୋମାଞ୍ଚ ସାହୁ, ଲିଙ୍ଗରାଜ ସାହୁ, ନିଧିଚରଣ ସାହୁ, ଦିବେଶ୍ୱର ସେଠ, ରତନ କମାର, ଦେବାନନ୍ଦ ନାଏକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା କଳାକାରମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ପ୍ରବଚନ, ଭଜନ ସନ୍ଧ୍ୟା ଓ ପାଲା ଓ ଅନ୍ୟାନ୍ୟ ସାଂସ୍କୃତିକ ଦଳ ଯୋଗଦେଇ ପରିବେଷଣ କରିଥିଲେ ।

■ ଖରିଆରରୋଡ ସହରରେ ଜଳ ଯୋଗାଣ ବାଧାପ୍ରାପ୍ତ

# ଖରାଦିନ ଆରମ୍ଭରୁ ପାଣି ସମସ୍ୟା

ଜଣେ ମହିଳା ଫ୍ଲୋରାଇଡଯୁକ୍ତ ନଳକୂଅରୁ ପାଣି ସଂଗ୍ରହ କରୁଛନ୍ତି (ବାମ) । ପାଣିଆସୁନାହିଁ, ଅଥଚ ରହିଛି ପାଣି ଟ୍ୟାଙ୍କ ।

ଘନଶ୍ୟାମ ଭୋଇ,
ନୂଆପଡା ଅଫିସ,୨୪।୨

■ ମାସେ ହେଲା ଲୋକଙ୍କୁ ପାଣି ମିଳୁନି
■ ବିଭାଗ କହୁଛି ଟ୍ୟାଙ୍କରରେ ଦିଆଯାଉଛି

ଜନସାଧାରଣଙ୍କୁ ସ୍ୱଚ୍ଛ ଏବଂ ନିରନ୍ତର ପାନୀୟ ଜଳ ଯୋଗାଇ ଦିଆଯାଉଥିବା ସରକାର କହୁଥିବାବେଳେ ବର୍ତ୍ତମାନ ଖରା ଦିନ ଆରମ୍ଭରୁ ଲୋକଙ୍କୁ ଏହି ସମସ୍ୟା ଘାରିଲାଣି। ନୂଆପଡ଼ା ଜିଲା ଛତିଶଗଡ ସୀମାନ୍ତରେ ଥିବା ପ୍ରମୁଖ ବ୍ୟବସାୟୀକ ସହର ଖରିଆରରୋଡରେ ଏବେ ଜଳ ସମସ୍ୟା ଉତ୍କଟ ହେଲାଣି । ସହରର ୩/୪ଟି ୱାର୍ଡବାସୀଙ୍କୁ ଆଜକୁ ମାସେ ହେବ ପାଣି ମିଳୁ ନ ଥିବା ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷେ ବିଭାଗ ତରଫରୁ ଟ୍ୟାଙ୍କର ଯୋଗେ ଦିଆଯାଉଥିବା ନେଇ କୁହାଯାଉଥିବା ବେଳେ ଏହାର ସୁଫଳ ମିଳୁ ନ ଥିବା ସହରବାସୀ କହୁଛନ୍ତି ।

ଖରିଆରରୋଡ ସହରର ୱାର୍ଡନମ୍ବର ୧୦, ୧୪ (ଡୁମେରଡିହି) , ୧୫ (ଖୋପେତରା), ୧୬ (ପଟେଲ ନଗର) ଏବଂ ୧୭ (ମୋଙ୍ଗାପାଲି)ରେ ଅର୍ଦ୍ଧାଧିକ ସାଧାରଣବର୍ଗର ଲୋକ ରହୁଛନ୍ତି । ତେଣୁ ଏଠିକାର ସବୁ ଲୋକ ସରକାରୀ ଜଳ ଯୋଗାଣ ବ୍ୟବସ୍ଥା ଉପରେ ନିର୍ଭର କରି ଚଳିଥାନ୍ତି । ସୂଚନାଯୋଗ୍ୟ ଯେ, ସହରକୁ ସ୍ଥାନୀୟ ଜୋଙ୍କ ନଦୀରେ ସ୍ଥାପିତ ପମ୍ପହାଉସରୁ ଜଳ ଯୋଗାଣ ହୋଇଥାଏ । ବର୍ତ୍ତମାନ ନଦୀରେ ପାଣି ଶୁଖିଯାଉଥିବାରୁ ଜଳ ଯୋଗାଣ ହୋଇପାରୁ ନ ଥିବା ଜଣାଯାଏ । ତେବେ ଆଜକୁ ମାସେ ହେବ ଜଳ ଯୋଗାଣ ବାଧାପ୍ରାପ୍ତ ହୋଇଛି । ପ୍ରୋକ୍ତ ୱାର୍ଡବାସୀ ପାଣି ପାଇଁ ଜଗି ଜଗି ନୟାନ୍ତ ହେଲେଣି । ବାଧ୍ୟ ହୋଇ ୱାର୍ଡବାସୀ ସ୍ଥାନୀୟ କୂଅ ପୋଖରୀରୁ ପାଣି ଆଣି ବ୍ୟବହାର କରୁଛନ୍ତି । ଅନ୍ୟପକ୍ଷେ ଏଠାରେ ଫ୍ଲୋରାଇଡ ପ୍ରଭାବିତ ନଳକୂଅଗୁଡିକରୁ ବାଧ୍ୟ ହୋଇ ଲୋକେ ପାଣି ବ୍ୟବହାର କରୁଛନ୍ତି । ଏହାକୁ ନେଇ ବସ୍ତିବାସିନ୍ଦା ବାରମ୍ବାର ସହର ଜଳ ଯୋଗାଣ ବିଭାଗ କାର୍ଯ୍ୟାଳୟକୁ ଯାଇ ଗୁହାରୀ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ଏହା ଉପରେ ଜନ ସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ ଅଶୋକ କୁମାର ବେହରାଙ୍କୁ ପଚାରିବାରୁ ବର୍ତ୍ତମାନ ନଦୀରୁ ପାଣି ଶୁଖିଯାଉଥିବାରୁ ପମ୍ପହାଉସକୁ ପାଣି ଉଠିପାରୁନାହିଁ । କିଛି ଦିନ ମଧ୍ୟରେ ଏହାର ସମାଧାନ ହୋଇଯିବ । ବର୍ତ୍ତମାନ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ ହେଉଥିବା କହିଛନ୍ତି ।

## ସେମାନେ ଯାହା କୁହନ୍ତି...

ସରକାର ପାନୀୟ ଜଳ ଯୋଗାଣ ସକାଶେ ବାର୍ଷିକ କୋଟି କୋଟି ଟଙ୍କାର ଯୋଜନା କାର୍ଯ୍ୟକାରୀ କରୁଥିବା କହୁଛନ୍ତି । ହେଲେ ତାହାର ସୁଫଳ ମୁଲୁନାହିଁ । ଖରିଆରରୋଡ ଏନଏସି ଏହାର ଏକ ଉଦାହରଣ ।

-**ଭକ୍ତବନ୍ଧୁ ଧରୁଆ**, ସାମାଜିକ କର୍ମୀ

ଗରିବ ବସ୍ତିରେ ଆମେ ସରକାରୀ ପାଣି ଉପରେ ଭରସା କରୁଛୁ । ପ୍ରତିବର୍ଷ ଏହିଭଳି ଜଳାଭାବ ଦେଖାଦେଉଛି । ଆମେ ପାଣି ପାଇଁ ଅଣ୍ଡାଳୀ ହେଉଛୁ ।

-**ବାଲକୁମାର ସାହୁ**, ବସ୍ତି ବାସିନ୍ଦା ।

ସରକାର ପାଣି ଯୋଗାଣ ବାବଦକୁ ଟିକସ ନେଉଛନ୍ତି । ହେଲେ ପାନୀୟ ଜଳ ଭଳି ମୌଳିକ ସୁବିଧା ଯୋଗାଇ ଦେବାରେ ପ୍ରଶାସନ ବିଫଳ ହେଉଛି । ଆମକୁ ପାଣି ନ ମିଳିଲେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ବାଧ୍ୟ ହେବୁ ।

- **ଯାଦବାଈ ରାଉତ**, ୧୬ନମ୍ବର ୱାର୍ଡବାସିନ୍ଦା ।

ଆଜକୁ ମାସେ ହେଲେ ପାଣି ବନ୍ଦ ହୋଇଛି । ବିଭାଗ ତରଫରୁ ଟ୍ୟାଙ୍କର ଯୋଗେ ପାଣି ଦିଆଯାଉଥିବା କହୁଥିବାବେଳେ ଟ୍ୟାଙ୍କର ଆମ ପାଖକୁ ପହଞ୍ଚୁନାହିଁ । ଯୋରଯାର ମୂଳକ ତାର ନୀତିରେ ଥିଲାବାଲା ଲୋକ ପାଣିପାଉଛନ୍ତି । ଏହା ଉପରେ ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ।

-ସୁଦାମା ସାହୁ, ଜଣେ ମହିଳା ସ୍ୱଂୟ ସେବିକା ।

### ଶହୀଦଙ୍କୁ କବିତା ଶବ୍ଦରେ ଶ୍ରଦ୍ଧାଞ୍ଜଳି

ସିନାପାଲି,୨୪।୨(ଡି.ଏନ.ଏ.)

ଫୁଲୱାମା ଶହୀଦଙ୍କ ସ୍ମୃତିରେ ସ୍ଥାନୀୟ ସାରସ୍ୱତ ଶହୀଦ ତରଫରୁ ଏକ ଶ୍ରଦ୍ଧାଞ୍ଜଳି କବିତା ଆସର ଶବ୍ଦରେ ଶବ୍ଦରେ ଶ୍ରଦ୍ଧାଞ୍ଜଳି ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଞ୍ଜଳି କବିତା ଆସରରେ ସମିତି ସଭାପତି ବୈଷ୍ଣବ ମେହେର ଅଧ୍ୟକ୍ଷତା କରିଥିଲେ । ଆସରର ମୁଖ୍ୟଅତିଥି ଭାବରେ ସିଆରସିସି କୁମୁଦ ବନ୍ଧୁ ଯୋଷୀ ଏବଂ ସମ୍ମାନିତ ଅତିଥି ଭାବେ ଧ୍ରୁବଚରଣ ପ୍ରଧାନ, ରବିନ୍ଦ୍ର ନାଥ ଯୋଶୀ, ଶିକ୍ଷକ ପରେଶ ନାଥ ପାଣିଗ୍ରାହୀ ଯୋଗଦେଇଥିବା ବେଳେ ଲଳିତ କୁମାର ସୁନାରୀ ଆସରଙ୍କୁ ସଂଯୋଜନା କରିଥିଲେବ୍। ପ୍ରାରମ୍ଭରେ ଶିବ ପ୍ରସାଦ ମେହେର ଅତିଥି ପରିଚୟ ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏ ଅବସରରେ ଶହୀଦଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଶହୀଦଙ୍କ ସ୍ମୃତିରେ କବି ଲୋଚନ ମେହେର, ମହେନ୍ଦ୍ର ସୁନାନୀ, ପ୍ରେମାନନ୍ଦ ମେହେର, ଜିତେନ୍ଦ୍ର ନାଥ ଗହୀର, ତେଜୁରାମ ନାଏକ, ଧ୍ରୁବଚରଣ ପ୍ରଧାନ, ଲଳିତ ସୁନାରୀ, ଗଣେଶ ପାଣିଗ୍ରାହୀ, ପ୍ରଦ୍ୟୁମ୍ନ ସିଂ ଚିନ୍ଦା ପ୍ରମୁଖ ସ୍ୱରିଚିତ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଂଶୀଧର ଜଗତ, ଗୌତମ ମେହେର, ହରେକୃଷ୍ଣ ମେହେର, ନୀଳାଞ୍ଚଳ ମେହେର, ଚୂଡାମଣି ମେହେର, ସୁବାଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମନୋରଞ୍ଜନ ମେହେର ଧନ୍ୟବାଦ ଦେଇଥିଲେ ।

## ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ ଶୁଣିଲେ ଶତାଧିକ ଲୋକ

ସିନାପାଲି,୨୪।୨(ଡି.ଏନ.ଏ.)

ପ୍ରଧାନମନ୍ତ୍ରୀଙ୍କ ମନ୍‌କି ବାତ୍ ଲୋକେ ଶୁଣୁଛନ୍ତି ।

ନୂଆପଡା ଜିଲା ସିନାପାଲି ସହରସ୍ଥିତ ନେହେରୁ ମଣ୍ଡପ ଛକ ନିକଟରେ ଭାରତୀୟ ଜନତା ପାର୍ଟି ତରଫରୁ ପ୍ରଧାନମନ୍ତ୍ରୀଙ୍କ ମନକି ବାତ୍ ଅଭିଭାଷଣ ଶୁଣିବା ପାଇଁ ଏକ କାର୍ଯ୍ୟକ୍ରମ କରାଯାଇଛି । କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଇଥିବା ଅଭିଭାଷଣରେ ଫୁଲୱାମାଠାରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିବା ବେଳେ ଶହୀଦଙ୍କ ଉଦ୍ଦେଶ୍ୟରେ ଶୋକବ୍ୟକ୍ତ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ଦେଶ ଓ ଦେଶ ମାତୃକା ପାଇଁ ଶହୀଦ ଯବାନଙ୍କ ନାମ ସ୍ୱର୍ଣ୍ଣାକ୍ଷରରରେ ଲିପିବଦ୍ଧ ହେବା କଥା କୁହାଯାଇଛି । ଏପରିକି ଏହାର ପ୍ରତିଶୋଧ ନେବା ସହିତ ପାକିସ୍ତାନକୁ କଡା ଜବାବ ଦିଆଯିବ ବୋଲି ମନକିବାତରେ କହିଥିବା ଶୁଣିଥିଲେ । ସେହିପରି ଗରିବ, ଖଟିଖିଆ, ଦିବ୍ୟାଙ୍ଗମାନଙ୍କ ସହିତ ଅନେକ ଯୋଜନା ଉପରେ କହିଥିବା ବେଳେ ଓଡିଶାର ଶହୀଦ ବିର୍ସାମୁଣ୍ଡା, ଦଇତାରୀ ନାୟକ ଭଳି ଅନେକ ଦେଶ ପାଇଁ ଲଢ଼ିଥିବା ସଂଗ୍ରାମୀମାନଙ୍କ ଉପରେ ମଧ୍ୟ ମନକିବାତରେ କହିଥିବା ଶୁଣିବାକୁ ମିଳିଥିଲା । ଏହି କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ଶିବ ପ୍ରସାଦ ମୁଣ୍ଡା, ସିନାପାଲି ବ୍ଲକ ସଭାପତି ଅରିଗଞ୍ଜନ ଯୋଶୀ, ପ୍ରେମସିନ୍ଧୁ ହେର୍ଣ୍ଣା, ମାର୍କଣ୍ଡ ଗହରି, ଉତ୍କଳ ହଂସ, ପ୍ରତାପ ଗୁଆଲ ସମେତ ଶତାଧିକ କର୍ମୀ ଓ ଜନସାଧାରଣ ଉପସ୍ଥିତ ରହି ଶୁଣିଥିଲେ ।

### ମୋତିଆବିନ୍ଦୁ ଚିକିତ୍ସା ଶିବିର

ହୀରାକୁଦ, ୨୪।୨ (ଡି.ଏନ.ଏ)

ହୀରାକୁଦ ଲାୟନ୍ସ କ୍ଲବ ଆଲୁମିନିୟମ ସିଟି ତରଫରୁ ଲାୟନ୍ସ ଭବନରେ ଏକ ମାଗଣା ମୋତିଆବିନ୍ଦୁ ଅସ୍ତ୍ରୋପଚାର ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୪୯ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ସେଥିରୁ ୨୧ଜଣଙ୍କ ମୋତିଆବିନ୍ଦୁ ଚିହ୍ନଟ କରାଯାଇଥିଲା । ମଙ୍ଗଳବାର ବୁର୍ଲା ଭିଏସଏସ ମେଡିକାଲରେ ଚକ୍ଷୁ ବିଶେଷଜ୍ଞ ପ୍ରଫେସର ଡା. ସର୍ମିଷ୍ଠା ବେହେରାଙ୍କ ତତ୍ତ୍ୱାବଧାନରେ ଅସ୍ତ୍ରୋପଚାର କରାଯିବ । ଏହି ଶିବିରକୁ ଲାୟନ୍ସ କ୍ଲବ ଆଲୁମିନିୟର ସିଟିର ସଭ୍ୟ ସୁରେନ୍ଦ୍ର କୁମାର ବିଶ୍ୱାଳ, ଦୁଲାଲ ଚନ୍ଦ୍ର ପଣ୍ଡା, ଏଏଲ ବେଗ, ସମେରନ୍ଦ୍ର ତ୍ରିପାଠୀ, ବସନ୍ତ ମେକଅପ, ସୁଧୀର ମିଶ୍ର, ସୁକାନ୍ତ ମହାରଣା, ଅବନୀ ପାଣିଗ୍ରାହୀ ପ୍ରମୁଖ ପରିଚାଳନା କରିଥିଲେ।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ସିନାପାଲି,୨୪।୨(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ମହାବିଦ୍ୟାଳୟରେ ଚାଲିଥିବା ୧୨ ଦିନିଆ ଆତ୍ମସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ସିନାପାଲି କଲେଜର ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀମାନେ ଏହି ତାଲିମ ଗ୍ରହଣ କରିଥିଲେ। ବର୍ତ୍ତମାନ ପରିସ୍ଥିତିରେ ଛାତ୍ରୀମାନେ ନିଜର ଆତ୍ମ ସୁରକ୍ଷା ପାଇଁ ଜରୁରୀ ହୋଇ ପଡିଥିବା ବେଳେ ବିଭିନ୍ନ କୌଶଳ ମାଧ୍ୟମରେ ତାଲିମ ଗ୍ରହଣ କରିଥିଲେ। ଗତ ୧୨ ତାରିଖଠାରୁ ଆରମ୍ଭ ହୋଇଥିବା ବେଳେ ୨୩ ତାରିଖରେ ଶେଷ ହୋଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ମୋହନ ସାହୁଙ୍କ ତତ୍ତ୍ୱାବଧାନରେ ଏହି ଶିବିରକୁ ସ୍ୱତନ୍ତ୍ର ତାଲିମ ଧାରକ ପୁଷ୍ପାଞ୍ଜଳି ସାହୁ ଓ ମୌସୁମୀ ଜଗତ ପ୍ରଶିକ୍ଷଣ ଦେଇଥିଲେ । ଉଦଯାପନୀ ଦିବସରେ କଲେଜରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ମୋହନ ସାହୁ, ରାଜନୀତି ଅଧ୍ୟାପକ ପର୍ଣ୍ଣୁଳ ପଣ୍ଡା, ଇଂରାଜୀ ଅଧ୍ୟାପକ ପ୍ରଶାନ୍ତ ପଣ୍ଡା, ରଜନୀକାନ୍ତ ମେହେର, ଏବି ଡୁଙ୍ଗଡୁଙ୍ଗ, ମାଧୁରୀ ଉପସ୍ଥିତ ରହି ଆତ୍ମସୁରକ୍ଷା ତାଲିମ ଶିବିର ଉପରେ ବିସ୍ତୃତ ଭାବରେ ବୁଝାଇବା ସହ ଛାତ୍ରୀମାନଙ୍କୁ ବିଭିନ୍ନ ଦିଗ ଉପରେ ସୁଚାଇଥିଲେ। ମହାବିଦ୍ୟାଳୟର ଖେଳ ଅଧ୍ୟାପକ ଉମାଶଙ୍କର ବିଶି ଏହି ତାଲିମ ଶିବିର ସଭାକୁ ସଂଯୋଜନା କରିଥିଲେ ।

ଆତ୍ମସୁରକ୍ଷା ତାଲିମର ଉଦ୍‌ଯାପନୀ ଅବସରରେ ଅତିଥିଙ୍କ ସହ ଛାତ୍ରୀମାନେ ।

କାଞ୍ଚନ ଜୟା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

## ସଦଭାବନା, ସଦାଚାର ସମାଜକୁ ଠିକ ମାର୍ଗ ଦେଖାଏ

ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

ନୂଆପଡା ଅଫିସ,୨୪।୨

ନୂଆପଡ଼ା ଜିଲା କୁରେଶ୍ୱର (ଉଦ୍ୟାନବନ୍ଧ)ସ୍ଥିତ କାଞ୍ଚନ ଜୟା ପବ୍ଲିକ ସ୍କୁଲର ୮ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶକ ମୁକେଶ ଭସାଣୀ ସଭାପତିତ୍ୱ କରିଥିବାବେଳେ ଏଥିରେ ବିଶିଷ୍ଟ ଶିକ୍ଷାବିତ ଡ.ଶିବ ପ୍ରସାଦ ବେହେରା ମୁଖ୍ୟ ଅତିଥି, ବ୍ୟଙ୍ଗ କବି ରସରାଜ ଅଚ୍ୟୁତ ପୁରୋହିତ ମୁଖ୍ୟ ବକ୍ତା, ପରିଚାଳନା କମିଟୀ ଉପସଭାପତି ଦୀପକ କୁମାର ଭସାଣୀ, ସରପନଚ କୁରେଶ୍ୱର ଅର୍ଜୁନ ଚରଣ ସାହୁ, ଏବିଇଓ ପ୍ରଫୁଲ୍ଲ କୁମାର ନାଏକ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଫୁଲୱାମାରେ ଆତଙ୍କବାଦୀ ଘଟଣାରେ ସହୀଦଙ୍କ ସକାଶେ ନୀରବ ପ୍ରାର୍ଥନା କରାଯାଇଥିଲା । ବିଦ୍ୟାଳୟର ଅଧ୍ୟକ୍ଷ ସର୍ୋଷ କୁମ୍ଭାର ବିବରଣୀ ପଠନ କରିଥିବାବେଳେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଏହିଅବସରରେ ମୁଖ୍ୟ ବକ୍ତା ବ୍ୟଙ୍ଗ କବିତା ମାଧ୍ୟମରେ ଛାତ୍ରୀଛାତ୍ର ଏବଂ ଅଭିଭାବକମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ । ବିଦ୍ୟାଳୟ ମଣିଷ ତିଆରି କାରଖନା । ଏହା ଏକ ମନ୍ଦିର । ପିଲାମାନେ ଦେବତା । ଏମାନଙ୍କୁ ପୂଜା କରିବା ଆମର କାମ । ସମସ୍ତଙ୍କ ମଧ୍ୟରେ ସଦଭାବନା ଜାଗ୍ରତ କରିବା ଆମର କାମ । ସଦଭାବନା ଏବଂ ସଦାଚାର ସମାଜକୁ ସଠିକ ମାର୍ଗଦର୍ଶନ କରି ଠିକ ଭାବରେ ଗଢିତୋଳିଥାଏ ବୋଲି କହିଥିଲେ । ଏହିଭଳି ସମାଜ ସେବାଠାରୁ ବଳି କୌଣସି ସେବା ନାହିଁ । ବିଦ୍ୟାଳୟ ପ୍ରତିଷ୍ଠା ଏକ ମନ୍ଦିର ପ୍ରତିଷ୍ଠାଠାରୁ ମଧ୍ୟ ବଳିଯିବବୋଲି ମୁଖ୍ୟ ଅତିଥି ବେହେରା କହିଥିଲେ । ଉଦ୍ୟାନବନ୍ଧ ଭଳି ଏକ ଗ୍ରାମାନଚଳରେ ଏକ ଉଚ୍ଚକୋଟୀର ଶିକ୍ଷା ବ୍ୟବସ୍ଥା କରିଥିବାରୁ ପରିଚାଳକଙ୍କୁ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତୀତ୍ୱ ସକାଶେ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ସ୍କୁଲ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପ୍ରଦର୍ଶିତ ହୋଇଥିଲା । କାର୍ଯ୍ୟକ୍ରମରେ ସର୍ୋଷ କୁମାର ବୈକାର ମନଚ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗୀତା କରିଥିଲେ ।

ଜିଲାର ପ୍ରଗତି ପାଇଁ ଦୃଷ୍ଟିଦେବା ଦରକାର

# ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବେ ୩୯ ପ୍ରକଳ୍ପ

ନୂଆପଡା ଅଫିସ,୨୪।୨

ଆଗକୁ ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବଳେ ମୁଖ୍ୟମନ୍ତ୍ରୀଙ୍କ ନୂଆପଡା ଗସ୍ତକୁ ନେଇ ନାନାଦି କଳ୍ପନା ଜଳ୍ପନା ଚାଲିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ନୂଆପଡା ଗସ୍ତରେ ଆସି ଜିଲାରେ ମୋଟ ୩୯ଟି ପ୍ରକଳ୍ପର ଉଦ୍‌ଘାଟନ, ଶୀଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଥିବାବେଳେ ମିଶନ ଶକ୍ତି, କାଳିଆ ଭଳି କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱଦେବା କାର୍ଯ୍ୟସୂଚୀ ମିଳିଥିବାରୁ କେବଳ ଉଦ୍‌ଘାଟନ ଏବଂ ବଣ୍ଟନ ମଧ୍ୟରେ କାର୍ଯ୍ୟକ୍ରମକୁ ସୀମିତ ନ ରଖି ବିବିଧ ସମସ୍ୟା ଉପରେ ଦୃଷ୍ଟି ଦେବା ଜରୁରୀ ବୋଲି ମତ ପ୍ରକାଶ ପାଇଛି।

ସୋମବାର ପୂର୍ବାହ୍ନ ସାଢେ ୧୧ଟାରେ ନୂଆପଡାରେ ପଦାର୍ପଣ କରିବେ। ୪୫ ମିନିଟର କାର୍ଯ୍ୟକ୍ରମ ସାରି ୧୨ଟା ୨୫ ମିନିଟରେ ଭୁବନେଶ୍ୱର ଫେରିଯିବେ । ନୂଆପଡା ଏବଂ ଖରିଆରରୋଡ ସହର ମଧ୍ୟରେ ଥିବା ଗୋତମା ଏୟାରଷ୍ଟ୍ରିପ ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ । ଏଠାରେ ମିଶନ ଶକ୍ତି, କାଳିଆ ଯୋଜନା ସମ୍ପର୍କରେ ସଚେତନତା କରିବା ସହ ବହୁବିଧ ପ୍ରକଳ୍ପଗୁଡିକର ଶୀଳାଲେଖଗୁଡିକୁ ଏକକାଳୀନ ଉଦ୍‌ଘାଟନ କରିବେ । ଏଥିସକାଶେ ବ୍ୟାପକ ପ୍ରସ୍ତୁତି କରାଯାଇଛି । କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା ସକାଶେ ଶୃଙ୍ଖଳିତ ବ୍ୟବସ୍ଥା କରାଯାଇଛି । ପ୍ରଥମ ଥର ପାଇଁ ବିଶାଳ ଡିଜିଟାଲ ଷ୍ଟେଜ ସହ ବହୁ ମୂଲ୍ୟ ପେଣ୍ଡାଲ କରାଯାଇଛି । କାର୍ଯ୍ୟକ୍ରମରେ ଲୋକଙ୍କ ସମାଗମ କରିବାକୁ ପ୍ରଶାସନ ରାତିଦିନ କସରତ କରିଛି । ଜିଲାର ସମସ

ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ଟ୍ରକ୍‌କୁ ପିଟିଲା ବାଇକ୍, ଜଣେ ଗୁରୁତର

**ଜହ୍ନାପଙ୍କ, ୨୪।୨ (ଡି.ଏନ.ଏ)-** ବୌଦ୍ଧ-ବଲାଙ୍ଗୀର ଜାତୀୟ ରାଜପଥ ନଂ-୫୭ର ଜହ୍ନାପଙ୍କ ଛକରେ ରବିବାର ଅପରାହ୍ନ ପ୍ରାୟ ୫ଟା ବେଳେ ଏକ ଟ୍ରକ (ନଂ.ଓଆର୍‌୧୫ଡି/୪୫୮୦)କୁ ବାଇକ୍ (ନଂ.ଓଆର୍‌୩୧/୫୪୮୧) ଧକ୍କା ଦେବାରୁ ବାଇକ ଚାଳକ ବିଷ୍ଣୁଚରଣ ଉର୍ମା ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଜହ୍ନାପଙ୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରୁ ତାଙ୍କୁ ବୌଦ୍ଧ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏକ ବରଯାତ୍ରୀ ଗାଡି କନ୍ୟାର ଜିନିଷ ଅନ୍‌ଲୋଡ୍ କରି ପଦ୍ମପୁର ଅଭିମୁଖେ ଯାଉଥିଲା। ଏହି ସମୟରେ ବିଷ୍ଣୁଚରଣ ଉର୍ମା, ତାଙ୍କ ବଡପୁଅ ବିପ୍ରଚରଣ ଉର୍ମା ଓ ସାନ ପୁଅ ବିମଳ ଚରଣ ଉର୍ମା ବାଇକ୍ ଯୋଗେ ନିଜ ଘର ଜମଘାଟିକୁ ଯାଉଥିବା ବେଳେ ଟ୍ରକ୍‌ର ପଛପାଖ ଚକ ନିକଟରେ ଧକ୍କା ହୋଇଥିଲେ । ଏଥିରେ ବାଇକ ଚାଳକ ବିଷ୍ଣୁଚରଣ ସାମାନ୍ୟ ଆହତ ହୋଇଛନ୍ତି। ବିମଳଙ୍କ ହାତ ଭାଙ୍ଗି ଯାଇଛି। ଘଟଣାସ୍ଥଳରେ ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ଦ୍ୱାରିକାନାଥ ସେଠୀ ପହଞ୍ଚି ଉଭୟ ଗାଡିକୁ ଜବତ କରି ତଦନ୍ତ ଚଳାଇଛନ୍ତି।

### ଉମା ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ପ୍ରସ୍ତୁତି

**ଲୋଇସିଂହା,୨୪।୨ (ଡି.ଏନ.ଏ)-** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କନ୍ଦାଜୁରୀ ଗ୍ରାମର ଉମା ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ସମାରୋହ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମନ୍ଦିର ପ୍ରତିଷ୍ଠା କମିଟି ଓ ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ବୈଠକରେ ଆସନ୍ତା ଚୈତ୍ର ଅମାବାସ୍ୟ ତଥା ଏପ୍ରିଲ ୫ ରୁ ୧୨ ତାରିଖ ପର୍ଯ୍ୟନ୍ତ ପ୍ରତିଷ୍ଠା ସମାରୋହ ଅନୁଷ୍ଠିତ ହେବ । ଏହି ଅବସରରେ ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସ୍ଥିରିକୃତ ହୋଇଛି। ସମାରୋହରେ ଜନସାମଗାମ ପାଇଁ ରାବଣ ଦରବାର କାର୍ଯ୍ୟକ୍ରମ ରଖାଯାଇଛି । ଏଠାରେ ରବୀନ୍ଦ୍ର ସାହୁ ରାବଣ ଭୂମିକରେ ଅଭିନୟ କରିବେ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ ।

## ତହଁକ ସାହିତ୍ୟ କୁଟୁମ୍‌ର ଫଗୁନ କବିତା ଆସର

# କୋଶଲୀ ଭାଷା ସାଧନ କେନ୍ଦ୍ର ଖୋଲାଯିବାକୁ ଦାବି

**ବଲାଙ୍ଗୀର ଅଫିସ,୨୪।୨**

ଫଗୁନ୍ କବିତା ଆସରରେ ଯୋଗଦେଇଥିବା ଅତିଥି ଓ କବି, ଲେଖକମାନେ ।

ବଲାଙ୍ଗୀର ଅମଲା ଭବନଠାରେ ରବିବାର ସନ୍ଧ୍ୟାରେ ସ୍ଥାନୀୟ ତହଁକ ସାହିତ୍ୟ କୁଟୁମ୍‌ର ଫଗୁନ କବିତା ଆସର ଅନୁଷ୍ଠିତ ହୋଇଥିଲା । ସଭା ପ୍ରାରମ୍ଭରେ ଫୁଲୱାମାଠାରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା । ଏହାପରେ କଣ୍ଠଶିଳ୍ପୀ ନବୀନ କୁଅଁର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଅର୍ଜୁନ କୁମାର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ସମ୍ପାଦକ ରାଜେଶ ଦଣ୍ଡସେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆସରରେ ମୁଖ୍ୟଅତିଥିଭାବେ ଅଜିତ କୁମାର ମିଶ୍ର, ମୁଖ୍ୟବକ୍ତା ଭାବେ ଆନନ୍ଦଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ହୃଷୀକେଶ ପୁରୋହିତ, ବିଭୁକଲ୍ୟାଣ ଗଡତ୍ୟା, ଗୋପୀନାଥ ଦଣ୍ଡସେନା ମଞ୍ଚାସୀନ ହୋଇଥିଲେ । ଅତିଥିମାନେ କୋଶଲୀ ସାହିତ୍ୟରେ କବିତା ଓ ଏହାର ସାମଗ୍ରିକ ବିକାଶ ଉପରେ ଯୁବପିଢିଙ୍କ ଆଗ୍ରହ ଜନ୍ମାଇବା ନେଇ ଆଲୋଚନା କରିଥିଲେ । ଆଗାମୀ ଦିନରେ ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କୁ ସାମିଲ କରାଯାଇ ଏହାର ପ୍ରଚାର ପ୍ରସାର ଦିଗରେ କାର୍ଯ୍ୟକ୍ରମ କରାଯିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ବଲାଙ୍ଗୀରରେ କୋଶଲୀ ଭାଷା ସାହିତ୍ୟ ଓ ସଂସ୍କୃତିକୁ ନେଇ ଏକ ଭାଷା ସାଧନକେନ୍ଦ୍ର ଖୋଲାଯାଉ ବୋଲି ଦାବି କରାଯାଇଥିଲା । ଏହାଦ୍ୱାରା ଭାଷାର ପ୍ରଚାର ପ୍ରସାର ଓ ବିକାଶ କରାଯାଇପାରିବ। ଏହି ଦାବିକୁ ଖୁବଶୀଘ୍ର ଜିଲାର ଜନପ୍ରତିନିଧିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇ ଦିଆଯିବାକୁ ମତପ୍ରକାଶ ପାଇଥିଲା । କବିତା ଆସରରେ ଭରତ ମେହେର ଓ ରୁକ୍ମଣ ବିଶ୍ୱାଲ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ଶ୍ରୀୟାକାନ୍ତ ଦାଶ, ଅନୁପ୍ରିୟା ମିଶ୍ର, ପୂର୍ଣ୍ଣଚନ୍ଦ୍ର ଯୋଷୀ, ସୀମା ମହାପାତ୍ର, ସୁନନ୍ଦା ତ୍ରିପାଠୀ,ଦୟାମୟ ଭୁକ୍ତା,କୃଷ୍ଣଚନ୍ଦ୍ର ମହାକୁର, ହେମନ୍ତ କୁମାର ଦାଶ,ରାଧାକାନ୍ତ ସାହୁ, ଗୋବିନ୍ଦ ସରାଫ, ମନୋରଞ୍ଜନ ସା, କୃଷ୍ଣଚନ୍ଦ୍ର ବାରିକ, ଘନଶ୍ୟାମ ମେହେର, ଅକ୍ରୂର ବାଗ, ସୋମନାଥ ମିଶ୍ରଙ୍କ ସମେତ କବି ଓ କବୟିତ୍ରୀମାନେ ଯୋଗଦେଇ କୋଶଲୀ କବିତା ପାଠ କରିଥିଲେ । ଶେଷରେ ଦେବେନ୍ଦ୍ର କୁମାର ନାଏକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ଘର ନିର୍ମାଣ ପାଇଁ ୧୭୧ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ

**ରେଢାଖୋଲ, ୨୪।୨ (ଡି.ଏନ.ଏ)**

ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସହରାଞ୍ଚଳ ଗୃହ ନିର୍ମାଣ ମିଶନ ଯୋଜନା ଅଧୀନରେ ରେଢାଖୋଲ ଏନଏସିରେ ଚତୁର୍ଥ ପର୍ଯ୍ୟାୟରେ ୧୭୧ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ଲଂ ରୋହିତ ପୂଜାରି ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଏହି ଅବସରରେ ଏନଏସି କାର୍ଯ୍ୟାଳୟ ପରିସରରେ ଆୟୋଜିତ ସଭାରେ କାର୍ଯ୍ୟନିର୍ବାହୀ ଅଧିକାରୀ ଚିତ୍ତଞ୍ଜନ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଏନଏସି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ଦେହୁରୀ, ଉପାଧ୍ୟକ୍ଷ ସୁନୁଲ କୁମାର ପ୍ରଧାନ, କାଉନସିଲର ଆଦିତ୍ୟ ନାରାୟଣ ପ୍ରଧାନ, ଲକ୍ଷଣ ପ୍ରଧାନ, ଜ୍ଞାନରଞ୍ଜନ ପ୍ରଧାନ, ଗୋପବନ୍ଧୁ ବାହୁକଙ୍କ ସମେତ ସମସ୍ତ କାଉନସିଲର ଯୋଗ ଦେଇଥିଲେ।



ଭାଜପା ନିର୍ବାଚନମଣ୍ଡଳୀସ୍ତରୀୟ କୃଷକ ସମାବେଶରେ ମଞ୍ଚାସୀନ ଅତିଥି।

# ଭାଜପାର କୃଷକ ସମାବେଶ

**ଉଲୁଣ୍ଡା, ୨୪।୨ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା କଲେଜ ପଡିଆଠାରେ ଭାଜପା ତରଫରୁ ବୀରମହାରାଜପୁର ନିର୍ବାବନମଣ୍ଡଳୀସ୍ତରୀୟ କୃଷକ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଉଲୁଣ୍ଡା ମେଟାକାନୀ ମଣ୍ଡଳ ସଭାପତି ଗିରୀଶ ପୁରୋହିତଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆନନ୍ଦ ବାରିକ, ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ଜିଲା ସାଧାରଣ ସମ୍ପାଦିକା ନଳିନୀ ପଣ୍ଡା, ଜିଲା ପରିଷଦ ସଭ୍ୟା ସଂଯୁକ୍ତା ଭୋଇ, ସୌଦାମିନୀ ଜାଲ, ରୋହିଣୀ ଡାଙ୍ଗ ଓ ସଭ୍ୟ ସୁଶାନ୍ତ ପଣ୍ଡା ଯୋଗଦେଇ ଚାଷ ଓ ଚାଷୀ ବିରୋଧୀ ଓଡିଶା ସରକାର ଉପରେ ବର୍ଷିଥିଲେ। ଅନ୍ୟପକ୍ଷେ କେନ୍ଦ୍ର ସରକାର ଚାଷୀଙ୍କ ପାଇଁ କରିଥିବା ବିଭିନ୍ନ ଯୋଜନାର ଲାଭ ଉଠାଇ ପୁଣିଥରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାଜପାକୁ ବିଜୟୀ କରିବା ପାଇଁ ଆହ୍ୱାନ କରିଥିଲେ। ଏହି ଅବସରରେ ଆଶ୍ରୟ ମହାନନ୍ଦ ଓ ବିମ୍ବାଧର ବାଘଙ୍କ ସଂଯୋଜନାରେ ଭାରତ କେ ମନ କି ବାତ ମୋଦୀ କେ ସାତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶେଷରେ ଜିଲା ସମ୍ପାଦକ ଧର୍ମନିରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ। ଏଥିରେ ନିର୍ବାଚନମଣ୍ଡଳର ବହୁ ମହିଳା, ପୁରୁଷ ଚାଷୀ ଯୋଗ ଦେଇଥିଲେ।

# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**ତରଭା, ୨୪।୨ (ଡି.ଏନ.ଏ.)**

ମନ୍ତ୍ରୀ ନିରଞ୍ଜନ ପୂଜାରୀ ରବିବାର ଏକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକରେ ନଗର ଉନ୍ନୟନ, ଗୃହ ଓ ଜଳ ସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ ରବିବାର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପ୍ରଥମେ ଅତାସିଂହାରୁ ବଇରାସର ଗ୍ରାମ ମଝିରେ ଥିବା ନାଳ ଉପରେ ବିଜୁ ସେତୁ ଯୋଜନାରେ ୨କୋଟି ୨୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ସେତୁର ଶିଳାନ୍ୟାସ କରିଥିଲେ ପୂଝାରୀ। ପରେ କେକଟପାଲିରୁ ବରଗାଁ ରାସ୍ତାର ଅଙ୍ଗରା ଯୋର (ଲକ୍ଷ୍ମୀଯୋର) ଉପରେ ୪କୋଟି ଟଙ୍କା ବ୍ୟୟ ଅଟକଳରେ ବିଜୁ ସେତୁ ଯୋଜନାରେ ନିର୍ମାଣ ହେବାକୁ ଥିବା ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ଏହି ସେତୁ ନିର୍ମାଣ ହେଲେ ଟକର୍ଲା, କଦଳିପାଲି, ପୁଆ, ଲୁକାପଡା, ଅଙ୍କରିଆପଦର, ଭୁର୍ଷିପାଲି, ମଙ୍ଗଳପାଲି, କେଷରକେଲା ପ୍ରଭୃତି ଗ୍ରାମର ଲୋକେ ଉପକୃତ ହେବେ । ପରେ ଦୁବୁଲା ଗ୍ରାମକୁ ଯାଇ ଦୁବୁଲାଠାରୁ ଭୁରାଟ ଭାୟା ବ୍ରାହ୍ମଣୀ ନୂତନ ରାସ୍ତାର ୱାର୍କ ଷ୍ଟେଟ ପ୍ଲାନରୁ ୮କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଜିଲାପାଳ ମଧୁସୂଦନ ମିଶ୍ର, ଆରଡି ନିର୍ବାହୀ ଯନ୍ତ୍ରୀ ସତ୍ୟବ୍ରତ ବେହେରା, ଆରଡି ଏସଡିଓ ରାଜ କୁମାର ମେହେର, କନିଷ୍ଠ ଯନ୍ତ୍ରୀ ଗୟାଧର ମୁଦୁଲି, ଜିଲା ପରିଷଦ ସଭ୍ୟ ସରୋଜ କମ୍ପ ଓ ପ୍ରବୀଣ ନାଗ, ବ୍ଲକ ଅଧ୍ୟକ୍ଷା ସସ୍ମିତା ମଲ୍ଲିକ, ସୁବାଷ ସେଠୀ, ଗଗନ ଅଗ୍ରୱାଲ, ଗଦିଦାର କୁଅଁର, ଅଶ୍ୱିନୀ ବିଶି, ରାଜେନ୍ଦ୍ର ଝାଙ୍କର, ଦୁବୁଲା ସରପଞ୍ଚ କୌଶଲ୍ୟା ସାହୁ, ସମିତି ସଭ୍ୟ ଗୀତା ଷାଣ୍ଡ, ଶିବତୁଲା ସରପଞ୍ଚ ଭରତ ଚନ୍ଦ୍ର ମିଶ୍ର, ସମିତି ସଭ୍ୟ କୀର୍ତ୍ତନ ପୋଢ, ପୁଆ ସରପଞ୍ଚ ସସ୍ମିତା ଧରୁଆ, ସମିତି ସଭ୍ୟ ହେମନ୍ତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ

**ବଲାଙ୍ଗୀର ଅଫିସ,୨୪।୨**

### ବେଆଇନ୍ ଛଟେଇର ପ୍ରତିବାଦ

ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଥିବା ସନ୍ତୋଷିନୀ ।

ବଲାଙ୍ଗୀର ମ୍ୟୁନିସିପାଲିଟି ଅଫିସ ଟ୍ୟାକ୍ସ ବିଭାଗରେ ରାଇଟର ଭାବେ କାର୍ଯ୍ୟରତ ସନ୍ତୋଷିନୀ ସ୍ୱାଇଁଙ୍କୁ ବେଆଇନ୍ ଭାବେ ଚାକିରିରୁ ଛଟେଇ କରାଯାଇଥିବା ଅଭିଯୋଗ କରି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରୁଛନ୍ତି । ଗତ ୩ ଦିନ ହେଲା ସେ ଅନଶନ କରୁଥିଲେ ମଧ୍ୟ ମ୍ୟୁନିସିପାଲିଟି କିମ୍ବା ଜିଲା ପ୍ରଶାସନ ଆଦୌ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ କରିଛନ୍ତି। ସ୍ୱାଇଁ ଅଭିଯୋଗ କରିଛନ୍ତି ଯେ, ତାଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଆଣାଯାଇଛି । ବେଆଇନ୍ ଭାବେ ତାଙ୍କୁ କାର୍ଯ୍ୟରୁ ଛଟେଇ କରାଯାଇଛି । ବିନା କାରଣ ଦର୍ଶାଇ ତାଙ୍କୁ ଗତ ମଇ ୨୫ ତାରିଖ ଦିନ ଏକ ଦରଖାସ୍ତ ଦେଇ ଜୁନ୍ ୧ ତାରିଖରୁ ଆଉ କାର୍ଯ୍ୟକୁ ଆସିବ ନାହିଁ ବୋଲି କୁହାଯାଇଥିବା ଜଣାଇଛନ୍ତି । ଏହା ସମ୍ପୂର୍ଣ୍ଣ ବେଆଇନ୍ ଅଟେ ଓ ଏହାରି ପ୍ରତିବାଦରେ ସେ ଅନଶନ ଜାରି ରଖିଥିବା କହିଛନ୍ତି ।

## ■ ଅଧିବକ୍ତା ପରିଷଦର ଜିଲା କମିଟି ଗଠିତ

# ବିପିନ ବିହାରୀ ସଭାପତି, ନନ୍ଦକିଶୋର ସମ୍ପାଦକ

**ସୋନପୁର,୨୪।୨(ନି.ପ୍ର.)**

ଅଖିଳ ଭାରତୀୟ ଅଧିବକ୍ତା ପରିଷଦର ସୁବର୍ଣ୍ଣପୁର ଜିଲା କମିଟି ରବିବାର ଗଠନ ହୋଇଛି। ଏଥିସକାଶେ ସୋନପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଅଧିବକ୍ତା ପରିଷଦର ରାଜ୍ୟ ସଭାପତି କମ୍ବୁପାଣି ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆରଏସଏସର ଜିଲା କାର୍ଯ୍ୟବାହ ହୃଷିକେଶ ଭୋଇ, ରଶ୍ମିରଞ୍ଜନ ଦାଶ, ଜୟଦ୍ରଥ ଜଗଦଲାଙ୍କ ସମେତ ବରିଷ୍ଠ ଆଇନଜୀବୀ ଭଗବତୀ ପ୍ରସାଦ ମିଶ୍ର, ଦଶଦୀପ୍ତ ମହାପାତ୍ର, ରାଜେନ୍ଦ୍ର ନାୟକ, ହିମାଂଶୁ ଶେଖର ଭୋଇ ଓ ଶାରଦା ନନ୍ଦ ହୋତା ସମେତ ବଲାଙ୍ଗୀରରୁ ଅଧିବକ୍ତା ପରିଷଦର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶଶୀ ଭୂଷଣ ପୁରୋହିତ ପ୍ରମୁଖ ଯୋଗ ଦେଇଥିଲେ । ବୈଠକରେ କମ୍ବୁପାଣି ଅଖିଳ ଭାରତୀୟ ଅଧିବକ୍ତା ପରିଷଦର ଉଦ୍ଦେଶ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଆଲୋଚନା ପରେ ସର୍ବସମ୍ମତିକ୍ରମେ ବିପିନ ବିହାରୀ ବିଦ୍ୟାଧରଙ୍କୁ ସଭାପତି, ହିମାଂଶୁ ଶେଖର ଭୋଇଙ୍କୁ ଉପସଭାପତି, ନନ୍ଦକିଶୋର ତ୍ରିପାଠୀଙ୍କୁ ସମ୍ପାଦକ, ଦଶରଥ ମିଶ୍ରଙ୍କୁ କୋଷାଧ୍ୟକ୍ଷ ଓ ସୁବର୍ଣ୍ଣପୁର ଜିଲାରୁ ମନୋନୀତ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ପ୍ରଶାନ୍ତ ଚନ୍ଦ୍ର ଦଣ୍ଡସେନାଙ୍କୁ ମନୋନୀତ କରାଯାଇଥିଲା।

# ବେସାହାରା ହୋଇପଡ଼ିଲେ ଦାଦନ ପରିବାର ସଦସ୍ୟ

**ଲାଠୋର, ୨୪।୨ (ଡି.ଏନ.ଏ)**

ବେସାହାରା ହୋଇପଡିଥିବା ବାନ୍ଧନପଡାର ଦାଦନ ପରିବାର।

ମଣିଷ ଆଶା ନେଇ ବଞ୍ଚେ, ଆଗାମୀ ଦିନର ସ୍ୱପ୍ନ ଦେଖେ। ସ୍ୱପ୍ନକୁ ସାକାର କରିବା ପାଇଁ ଦୁଃଖ, ଝଡଝଞ୍ଝାକୁ ଆପଣାର କରି ଆଗେଇ ଚାଲେ। କିନ୍ତୁ ସମୟ ଆସେ ମଣିଷର ଗତି ପଥ ସମ୍ପୂର୍ଣ୍ଣ ବଦଳି ଯାଏ। ଯେଉଁ ଆଶା ନେଇ ଘର ସଂସାର କରି ସନ୍ତାନଙ୍କୁ ମଣିଷ ପରି ମଣିଷ କରି ଗଢ଼ି ତୋଲିବାର ଆଶା ବାନ୍ଧିଥାଏ। ଆଶା ଆଶାରେ ହିଁ ରହିଯାଏ। ଏପରି ଏକ ଦୁଃଖ ଘଟଣା ଦେଖିବାକୁ ମିଳିଛି ବଲାଙ୍ଗିର ଜିଲା ଖପ୍ରାଖୋଲ ବ୍ଲକ ବେନ୍ଦେର ଗ୍ରାମର ବାନ୍ଧେନପଡାର ଏକ ପରିବାରରେ। ସ୍ୱର୍ଗତ ଗୁଣବନ୍ତ ପଧାନ (୩୮)। ତାଙ୍କର ଦୁଇଟି ସ୍ତ୍ରୀ ପ୍ରଥମ ସ୍ତ୍ରୀ କୁନ୍ତଳାଙ୍କ ଔରସରୁ ଜନ୍ମ ପୁଅ ତ୍ରିଲୋଚନ (୧୫) ଦଶମ ଶ୍ରେଣୀର ଛାତ୍ର। ଝିଅ ସେବତୀ (୧୨) ଅଷ୍ଟମ ଶ୍ରେଣୀର ଛାତ୍ରୀ। ଦ୍ୱିତୀୟ ସ୍ତ୍ରୀ ପ୍ରମିଳାଙ୍କ ପୁଅ ନିରଞ୍ଜନ (୧୫) ଦଶମ ଶ୍ରେଣୀର ଛାତ୍ର। ୬ ପ୍ରାଣୀ କୁଟୁମ୍ବ, ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନୁହେଁ। ବାପା ଦିନମଜୁରି କାମ କରୁଥିଲେ। ରାଶନକାର୍ଡରୁ ୩୦ କେଜି ଚାଉଳ ପାଇ ପରିବାର ଚଳାଇ ପୁଅ ଝିଅମାନଙ୍କୁ ପାଠ ପଢ଼ାଉଥାନ୍ତି। ଧିରେ ଧିରେ ଆର୍ଥିକ ବୋଝ ବଢ଼ିଯିବାରୁ ବାଧ୍ୟ ହୋଇ ଗୋଟିଏ ପୁଅ ଓ ଝିଅକୁ ଘରେ ଛାଡି ପୁଅ ନିରଞ୍ଜନ ସହିତ ସ୍ୱାମୀ ସ୍ତ୍ରୀ ମିଶି ଆନ୍ଧ୍ରପ୍ରଦେଶର ବିଜୟନଗରମକୁ ଦାଦନ ଖଟିଯାଇଥିଲେ। ପୁଅ କାମ କରିବା ସହିତ ପାଠ ପଢ଼ିବ ବୋଲି ସାଙ୍ଗରେ ବହି ପତ୍ର ନେଇଯାଇଥିଲେ। ବାପା ଚାହୁଁଥିଲେ ଏ ବର୍ଷ ପୁଅ ଦଶମ ଶ୍ରେଣୀ ପରୀକ୍ଷା ଦେବ। କିନ୍ତୁ ଦୁଇ ମାସ ବିଦ୍ୟାଳୟରେ ଅନୁପସ୍ଥିତ ଯୋଗୁ ପରୀକ୍ଷା ଦେଇ ପାରିବ କି ନାହିଁ ବୁଝିବା ପଇଁ ଆନ୍ଧ୍ରରୁ ଗାଁକୁ ଏକା ୨୦ ତାରିଖ ଆସିଥିଲେ। କୌଣସି କାମରେ ସେ ମୋଟର ସାଇକେଲ ଯୋଗେ ମାଲପଡାକୁ ଯାଉଥିଲେ। ଭାଗ୍ୟର ବିଡମ୍ବନା ଯିବା ସମୟରେ ଜାମଗୁଆଁ ଓ ମାଲପଡା ମଝିରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେଲେ। ତାଙ୍କୁ ପ୍ରଥମେ ଖପ୍ରାଖୋଲ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ପାଟଣାଗଡ, ବଲାଙ୍ଗିର ଓ ବୁର୍ଲା ନିଆଯାଇଥିଲା। ବୁର୍ଲାରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣାର ଖବର ପାଇ ମା'ପୁଅ ମିସି ଗାଁରେ ପହଞ୍ଚିଥିଲେ। ଦୁଇ ପୁଅଙ୍କୁ ବାପାଙ୍କର ମୃତ୍ୟୁ ଖବର ଦିଆଯାଇ ନ ଥିଲା। କାରଣ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ବାଧା ସୃଷ୍ଟି ହେବ ବୋଲି। ତେଣୁ ଦଶମ ଶ୍ରେଣୀ ପ୍ରଥମ ଦିନ ପରୀକ୍ଷା ଦେଇଥିଲେ। ଏବେ ସେମାନେ ବେସାହାରା। ରୋଜଗାରକ୍ଷମ ବାପା ଚାଲିଗଲେ। କିଶୋର ବୟସର ପିଲାମାନଙ୍କ ଉପରେ ପରିବାର ବୋଝ। ସ୍ୱାମୀ ବିନା ସ୍ତ୍ରୀର ଅସ୍ତିତ୍ୱ, ବାପା ବିନା ପୁଅ ଝିଅର ଭବିଷ୍ୟତ କଣ ହେବ ସେ ଚିନ୍ତାରେ ପରିବାର ବର୍ଗ ରହିଛନ୍ତି। ପୁଅ ଝିଅର ପାଠ ପଢ଼ା ଏତିକିରେ ଡୋରି ବନ୍ଧା ପଡିଯିବ। ବାପା ଦେଖିଥିବା ସ୍ୱପ୍ନ ପୂରଣ ହୋଇପାରିବ ନାହିଁ। ତେଣୁ ଆମକୁ ସରକାରୀ ସହାୟତା ମିଳିଲେ ପୁଅ ଝିଅ ମାନଙ୍କୁ ପାଠ ପଢ଼ାଇବା ସହିତ ଆମେ କିଛି ସୁବିଧା ପାଇପାରନ୍ତୁ ବୋଲି ପରିବାର ବର୍ଗ ପ୍ରକାଶ କରିଛନ୍ତି।

ବସନ୍ତ ମହୋତ୍ସବରେ ତୁଳସୀ ରାମାୟଣ ପାରାୟଣ କରାଯାଉଛି।

# କୁକିଆରେ ବସନ୍ତ ମହୋତ୍ସବ ପାଳିତ

**ଉଲୁଣ୍ଡା, ୨୪।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୁକିଆଠାରେ ରବିବାର ପ୍ରଥମ ବସନ୍ତ ମହୋତ୍ସବ

ସମସ୍ତ ଧର୍ମ ଛାଡି ଭଗବାନଙ୍କ ଶରଣ ନିଅ । ସେ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବେ ।
– ବ୍ୟାସଦେବ



## ସଂକ୍ଷେପରେ

### ମାଗଣା ଚିକିତ୍ସା ଶିବିର

ଧର୍ମଗଡ,୨୪।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ଜଗନ୍ନାଥ ସେବା ସମିତି ପକ୍ଷରୁ ରବିବାର ମାଗଣା ମାନସିକ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଜଗନ୍ନାଥ ସେବା ସମିତି ଅଧ୍ୟକ୍ଷ ବିଷ୍ଣୁପ୍ରସାଦ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରକୁ ବ୍ୟବସାୟୀ ସଂଘ ସଭାପତି ବିଦ୍ୟାଧର ସାହୁ ଉଦ୍‌ଘାଟନ କରିଥିଲେ । ନାଗପୁରସ୍ଥିତ ଜବାହର ଲାଲ ନେହେରୁ ମେଡିକାଲ କଲେଜ, ଓ୍ୱାର୍ଦ୍ଧାର ମାନସିକ ରୋଗ ବିଭାଗର ବିଭାଗିୟ ମୁଖ୍ୟ ଡାକ୍ତର ପ୍ରଦୀପ ପାଟିଲ ଏହି ଶିବିରରେ ଯୋଗଦେଇ ମାନସିକ ରୋଗ, ଯୌନ ସମସ୍ୟା, ପାଗଳପଣ, ମିରଗୀ ଆଦି ରୋଗର ମାଗଣା ଚିକିତ୍ସା କରିଥିଲେ । ସେବା ସମିତି ପକ୍ଷରୁ ଗରିବ ରୋଗୀଙ୍କୁ ୧୦ ଦିନର ମାଗଣା ଔଷଧ ମଧ୍ୟ ପ୍ରଦାନ କରାଯାଇଥିଲା । ଶିବିରରେ ସେବା ସମିତି ଉପସଭାପତି ଲକ୍ଷ୍ମିକାନ୍ତ ବାଗ, ସମ୍ପାଦକ ବୈଦ୍ୟନାଥ ବେହେରା, କୋଷାଧ୍ୟକ୍ଷ ନବିନ ଅଗ୍ରୱାଲ, ବିଶ୍ୱରଞ୍ଜନ ବେହେରା, ଇଂଗିତ ପଣ୍ଡା, ସୁଶାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

### ୩ ଶହରୁ ଊର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା

ଲାଞ୍ଜିଗଡ଼,୨୪।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତ ଗୋପାଳପୁର ଗାଁରେ ରବିବାର କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ (କିମ୍ସ) ତଥା ପ୍ରଦ୍ୟୁମ୍ନ ବଳ ମେମୋରିଆଲ୍ ହସ୍ପିଟାଲ ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ କିମ୍ସର ଅଭିଜ୍ଞ ଓ ବିଶେଷଜ୍ଞ ଡାକ୍ତର ସ୍ୱାର୍ଡନ୍ ଲିଡର ଡ. ଅଭିମନ୍ୟୁ ଗ୍ରୋଭର, ଡାକ୍ତର ବିଜ୍ଞାନ ମିଶ୍ର, ଡାକ୍ତର ଆଭାସ ଗୁପ୍ତା ଓ ଫାର୍ମାସିଷ୍ଟ ଅଶୋକ କୁମାର ସାହୁ ପ୍ରମୁଖ ଯୋଗଦେଇ ରୋଗୀମାନଙ୍କୁ ଚିକିତ୍ସା ଓ ପରାମର୍ଶ ସହ ଔଷଧ ବଣ୍ଟନ କରିଥିଲେ । ଏକତା ପରିଷଦ କଳାହାଣ୍ଡି ଜିଲା ସଂଯୋଜକ ସରୋଜ ବାଗଙ୍କ ନେତୃତ୍ୱରେ ପରିଷଦ କର୍ମକର୍ତ୍ତା ମଧୁସୂଦନ ମାଝି, ସୁନ୍ଦର ମାଝି, ଅମର ମାଝିଙ୍କ ସମେତ ଗୋପାଳପୁର ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅରବିନ୍ଦ ଶବର, ମା' ମାଉଳୀ ଯୁବକ ସଂଘ ସୁଦର୍ଶନ ଗଉଡ, କହ୍ନେଇ ପଧାନ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଆଦିବାସୀ ଅଧୁଷିତ ଗୋପାଳପୁର ଗାଁରେ ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ଉଚ୍ଚମାନର ଚିକିତ୍ସା ସେବାକୁ ନେଇ ସାଧାରଣରେ ବେଶ୍ ଉତ୍ସୁକତା ପ୍ରକାଶ ପାଇଥିବାବେଳେ ଗୋପାଳପୁର, ଭାଲୁଚଞ୍ଚରା, ପାଟଭାଲେର, ମଧୁପୁର, ରାମଚନ୍ଦ୍ରପୁର, ପଲସାପଡା ଆଦି ଅଞ୍ଚଳରୁ ପ୍ରାୟ ୩ ଶହରୁ ଊର୍ଦ୍ଧ୍ୱ ରୋଗୀ ଡାକ୍ତରଙ୍କଠାରୁ ମାଗଣା ଚିକିତ୍ସା ଓ ପରାମର୍ଶ ସହିତ ଔଷଧ ନେଇଥିଲେ ।

## ନିୟମରାଜା ପରବ ଉଦ୍‌ଯାପିତ

# ପ୍ରକୃତିର ସୁରକ୍ଷା ପାଇଁ ଲଢ଼େଇ ଜାରି ରହିବ

ଲାଞ୍ଜିଗଡ଼,୨୪।୨(ଡି.ଏନ.ଏ.)

ଜାନ୍ ଯାଉ ଜୀବନ ଯାଉ, ନିୟମଗିରି ବଞ୍ଚିଥାଉ ଏହି ନାରାରେ ୩ ଦିନ ବ୍ୟାପି ପ୍ରକମ୍ପିତ ହୋଇଥିଲା ନିୟମଗିରି ଶିଖର । ପ୍ରକୃତିର ଆଦିମ ସନ୍ତାନମାନେ ମା' ମାଟିର ସୁରକ୍ଷା ପାଇଁ ଜାଗି ଉଠିଥିଲେ । ଆରାଧ୍ୟ ଦେବତା ନିୟମରାଜାଙ୍କୁ ସାକ୍ଷୀ ରଖି ରକ୍ତ ଚାଉଳ ଧରି ଶପଥ ନେଇଥିଲେ । ଜୀବନ ଥିବା ପର୍ଯ୍ୟନ୍ତ ନିୟମଗିରିର ସୁରକ୍ଷା ହିଁ ସେମାନଙ୍କ ଏକମାତ୍ର ନିଷ୍ପତ୍ତି । ସରକାର ଆଉ ପ୍ରଶାସନ ଯେତେ ଭୁତେଇଲେ ବି ନିୟମଗିରି ଛାଡିବୁ ନାହିଁ ବୋଲି ସେମାନେ ମିଳିତ ଭାବେ ଆହ୍ୱାନ ଦେଇଥିଲେ । ପ୍ରକୃତିର ଉପାସନା ନିୟମରାଜା ପରବ ସହିତ ବହୁ ରାଷ୍ଟ୍ରୀୟ କମ୍ପାନୀର ଖଣିଖନନ ବିରୋଧରେ ହଜାର ହଜାର ଆଦିବାସୀଙ୍କ ମେଳି ଭଳି ଏକ ସମ୍ମନ୍ୱୟ ରବିବାର ଉଦ୍‌ଯାପିତ ହୋଇଯାଇଛି । ବହୁ ଚର୍ଚ୍ଚିତ ନିୟମଗିରି ଶିଖରରେ ୩ ଦିନ ବ୍ୟାପି ଚାଲିଥିବା ନିୟମରାଜା ପରବ ବଳିପୂଜା ପରେ ରବିବାର ଶେଷ ହୋଇଛି । ନିୟମଗିରି ସଂଲଗ୍ନ କଳାହାଣ୍ଡି ଓ ରାୟଗଡ଼ା ଜିଲାର ହଜାର ହଜାର ଆଦିବାସୀ, ଝରଣିଆ ଓ କୁଟିଆ କନ୍ଧଙ୍କ ଆସ୍ଥାର ସୂଚକ ତଥା ପରମ ଆରାଧ୍ୟ ନିୟମରାଜାଙ୍କ ବାର୍ଷିକ ଉତ୍ସବ ନିୟମରାଜା ପରବ ସମାପନ ଅବସରରେ ଏଠାରେ ଖଣିଖନନକୁ ନେଇ ତୀବ୍ର ବିରୋଧର ନମୁନା ଦେଖିବାକୁ ମିଳିଛି । ତେବେ ଆଦିବାସୀ ସଂସ୍କୃତି ଓ ପରମ୍ପରାର ଅନନ୍ୟ ନିଦର୍ଶନ ନିୟମରାଜା ପରବ ପ୍ରଥମ ଦିନରେ ଶୁଭଖମ୍ବ ସ୍ଥାପନ ସହିତ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା । ପନ୍ଦରରୁ ଅଧିକ ଆଦିବାସୀ ମହିଳାଙ୍କ ଦେହରେ କାଳିସୀ ସବାର ହେବା ପୂଜାର୍ଚ୍ଚନା ଜମିବାକୁ ଲାଗିଥିଲା । ଆଦିବାସୀ ସମ୍ପ୍ରଦାୟ ବ୍ୟତୀତ ଜିଲା ତଥା ଜିଲା ବାହାର ଏପରିକି ଦେଶବିଦେଶର ଶହଶହ ସାଧାରଣ ଲୋକେ, ପରିବେଶବିତ୍ ସାମିଲ ହୋଇଥିଲେ । ନିଜର ମା' ମାଟିର ସୁରକ୍ଷା ପାଇଁ ଅଞ୍ଚଳର ହଜାର ହଜାର ଆଦିବାସୀ ପୁରୁଷ, ମହିଳା ଏଥିରେ ସ୍ୱତଃସ୍ଫୂର୍ତ୍ତ ଭାବେ ସାମିଲ ହୋଇଥିଲେ । ନିୟମଗିରି ସୁରକ୍ଷା ସମିତି ଆହ୍ୱାନରେ ଆୟୋଜିତ ଏହି ପରବରେ ଲଦ ସିକୋକା, ଦଧି ପୁସିକା, କୁମୁଟି ମାଝି, ସମାଜବାଦି ଜନପରିଷଦର ରାଜ୍ୟ ଆବାହକ ଲିଙ୍ଗରାଜ ଆଜାଦ, ସତ୍ୟ ମାହାର ପ୍ରମୁଖ ଆଦିବାସୀ ନେତା ଓ ସାମାଜିକ କର୍ମୀ ନେତୃତ୍ୱ ନେଇଥିବାବେଳେ ନିୟମଗିରି ସଂଲଗ୍ନ ଅଞ୍ଚଳର ୧୧୨ଟି ଗାଁର ହଜାର ହଜାର ଆଦିବାସୀ ମହିଳାପୁରୁଷ ଏଥିରେ ସାମିଲ ହୋଇଥିଲେ ।

ନିୟମରାଜା ପରବ ଉଦ୍‌ଯାପନୀର ଏକ ଦୃଶ୍ୟ ।

### ମାଣିକେଶ୍ୱରୀ ମନ୍ଦିରର ଦର୍ଶନ ସମୟ ବୃଦ୍ଧି

ଭବାନୀପାଟଣା,୨୪।୨(ଡି.ଏନ.ଏ.)

ସ୍ଥାନୀୟ ରାଜଉଆସ ପରିସରରେ ଥିବା କଳାହାଣ୍ଡିର ଇଷ୍ଟଦେବୀ ମାଣିକେଶ୍ୱରୀଙ୍କ ମନ୍ଦିରରେ ଶ୍ରଦ୍ଧାଳୁମାନଙ୍କ ପାଇଁ ଦର୍ଶନ ସମୟକୁ ବୃଦ୍ଧି କରାଯାଇଛି । ପୂର୍ବରୁ ସକାଳ ୮ ଟାରୁ ୧୦ ଟା ଓ ସନ୍ଧ୍ୟା ୫ ଟା ରୁ ୮ ଟା ପର୍ଯ୍ୟନ୍ତ ମନ୍ଦିରରେ ଶ୍ରଦ୍ଧାଳୁମାନଙ୍କ ଦର୍ଶନ ସମୟ ଥିଲା । କେବଳ ମଙ୍ଗଳବାର ସକାଳ ୮ଟା ରୁ ୧୨ଟା ପର୍ଯ୍ୟନ୍ତ ମନ୍ଦିର ଶ୍ରଦ୍ଧାଳୁଙ୍କ ପାଇଁ ଖୋଲା ରହୁଥିଲା । ତେବେ ଦୂରଦୁରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁମାନେ ମନ୍ଦିରର ସମୟ ନିର୍ଘଣ୍ଟ ପରେ ସିଂହଦ୍ୱାର ବନ୍ଦ ରହୁଥିବାରୁ ଦର୍ଶନରୁ ବଞ୍ଚିତ ହେଉଥିଲେ । ଶ୍ରଦ୍ଧାଳୁମାନଙ୍କ ଅନୁରୋଧକ୍ରମେ କଳାହାଣ୍ଡି ମହାରାଜା ଉଦିତ୍ ପ୍ରତାପ ଦେଓ ମାଣିକେଶ୍ୱରୀଙ୍କ ଦର୍ଶନ ସମୟ ସାରଣୀକୁ ବୃଦ୍ଧି କରିଛନ୍ତି । ଏଥର ଶ୍ରଦ୍ଧାଳୁମାନଙ୍କ ଦର୍ଶନ ନିମନ୍ତେ ପ୍ରତିଦିନ ସକାଳ ୮ ଟା ରୁ ୧୨ ଟା ଓ ସନ୍ଧ୍ୟା ୫ ଟାରୁ ୮ ଟା ପର୍ଯ୍ୟନ୍ତ ମନ୍ଦିର ଖୋଲା ରହିବ । ମନ୍ଦିର ଦର୍ଶନ ସମୟ ବୃଦ୍ଧି କରାଯାଇଥିବାରୁ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି ।

## ଭବାନୀପାଟଣା ଟାଉନ ଥାନାର ନିଜସ୍ୱ କୋଠା ନାହିଁ

ଭବାନୀପାଟଣା,୨୪।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ଥାନାର ଏ ପର୍ଯ୍ୟନ୍ତ ନିଜସ୍ୱ କୋଠା ନାହିଁ । ରାଜବାଟିର କଦମ୍ବ ନିବାସରୁ ଗାନ୍ଧୀଛକ ପର୍ଯ୍ୟନ୍ତ ବାରମ୍ବାର ଥାନାର ଠିକଣା ବଦଳୁଛି। ସହରର କ୍ରମବର୍ଦ୍ଧିଷ୍ଣୁ ଲୋକ ସଂଖ୍ୟ ଓ ଅପରାଧ ହାର ଦୃଷ୍ଟିରୁ ସୀମିତ କର୍ମଚାରୀ ନେଇ ଭବାନୀପାଟଣା ଟାଉନ ଥାନା କେବେ ସମର୍ଥ ହେବ ବୋଲି ଏବେ ସାଧାରଣରେ ପ୍ରଶ୍ନ ଉଠୁଛି। ଭବାନୀପାଟଣା ସହରସ୍ଥିତ ଗାନ୍ଧୀଛକଠାରେ ଟାଉନ ଥାନା ଅବସ୍ଥିତ। ସ୍ୱାଧୀନତା ପୂର୍ବରୁ ପ୍ରାୟ ଷାଠିଏ ଦଶକ ପର୍ଯ୍ୟନ୍ତ ରାଜ ପ୍ରସାଦ ନିକଟ କଦମ୍ବ ନିବାସ ଠାରେ ପ୍ରଥମେ ଥାନା କାର୍ଯ୍ୟ କରୁଥିଲା। ପ୍ରାୟ ୭୦ ଦଶକରେ ଗାନ୍ଧୀଛକ ଠାରେ ଥିବା ହେଡମାଷ୍ଟର ବାସଭବନ ଖପର ଘରକୁ ଟାଉନ ଥାନା ସ୍ଥାନାନ୍ତରିତ ହୋଇଥିଲା। ୨୦୦୦ରେ ଏହି ଖପର ଘର ବଦଳରେ ଛାତ ଘର ନିର୍ମାଣ ହୋଇଥିଲା। ପ୍ରାୟ ୧୯୯୦୦ାରୁ ଏ ପର୍ଯ୍ୟନ୍ତ ଥାନାର ୨୭ ଜଣ ଇନ୍ସପେକ୍ଟର ବଦଳି ସାରିଲେଣି। ଅଥଚ ଏ ପର୍ଯ୍ୟନ୍ତ ଥାନାର ନିଜସ୍ୱ କୋଠା ନିର୍ମାଣ ହୋଇ ପାରି ନ ଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହା ମାଓବାଦୀ ପ୍ରବଣ ଅଞ୍ଚଳ ହୋଇଥିବାରୁ ଟାଉନ ଥାନାରେ ଜଣେ ଇନ୍ସପେକ୍ଟର, ୫ଜଣ ସବଇନ୍ସପେକ୍ଟର, ୧୦ଜଣ ଏଏସ୍‌ଆଇ, ୨୦ ଜଣ କନଷ୍ଟେବଳ, ୨ଜଣ ହାବିଲଦାର, ୭ଜଣ ମହିଳା କନଷ୍ଟେବଳର ଆବଶ୍ୟକତା ରହିଛି । କିନ୍ତୁ ବର୍ତ୍ତମାନ ଏହି ଥାନାରେ ଜଣେ ଇନ୍ସପେକ୍ଟର, ୩ଜଣ ଏଏସ୍‌ଆଇ, ଜଣେ ହାବିଲଦାର ଓ ୧୩ଜଣ କନଷ୍ଟେବଳ ଅଛନ୍ତି। ଅନ୍ୟପକ୍ଷରେ ମହିଳା ଓ ଶିଶୁ ଡେସ୍କ ପାଇଁ କୌଣସି ମହିଳା ପୋଲିସ ଅଧିକାରୀ ଓ ଟ୍ରାଫିକ ଷ୍ଟାଫ ନ ଥିବାବେଳେ ସହରର ବସଷ୍ଟାଣ୍ଡ ପୋଲିସ ସହାୟତା କେନ୍ଦ୍ରରେ ୩୦ ଜଣ କନଷ୍ଟେବଳ ପରିବର୍ତ୍ତେ ମାତ୍ର ୮ ଜଣ ଅଛନ୍ତି । ସହରର ନକଟିଗୁଡା, କଲେଜ ଛକ, ଭଙ୍ଗାବାରି ପୋଲିସ ସହାୟତା କେନ୍ଦ୍ରରେ ୩୦ ଜଣ କର୍ମଚାରୀ ବଦଳରେ ମାତ୍ର ୧୦ ଜଣରେ ସୁରକ୍ଷା ବ୍ୟବସ୍ଥା ଚାଲିଛି। ଜିଲା ସଦର ମହକୁମା ହୋଇଥିବା ଯୋଗୁ ବିଭିନ୍ନ ସମୟରେ ଧାରଣା, ଆନ୍ଦୋଳନ, ବନ୍ଦପାଳନ ଭଳି ଆଇନ ଶୃଙ୍ଖଳା ପରିସ୍ଥିତି ଦେଖିବାକୁ ଦେଖିବାକୁ ମିଳୁଛି। କିନ୍ତୁ ଥାନା ପିସିଆର ଭ୍ୟାନ ଅବସ୍ଥା ଥାଇ ବି ନ ଥିବା ଭଳି। ଏହାର ମରାମତି ବି ହୋଇ ପାରୁନାହିଁ। ସହରର ମାଉସୀ ମା' ମନ୍ଦିର ନିକଟରେ ପୋଲିସର ଜାଗା ଅଛି। ହେଲେ ନିଜସ୍ୱ କୋଠା ନିର୍ମାଣ ପାଇଁ ଆନ୍ତରିକତା ନ ଥିବା ଭଳି ମନେ ହେଉଛି। ତେଣୁ ଥାନାର ଠିକଣା ଖାଲି ବଦଳୁଛି। ଅତଚ ନିଜସ୍ୱ କୋଠା ହେଉ ନି କି ଆବଶ୍ୟକ ମୁତାବକ କର୍ମଚାରୀ ବି ନିଯୁକ୍ତ ହେଉନାହାନ୍ତି। ସରକାର ତୁରନ୍ତ ହସ୍ତକ୍ଷେପ କରିବାକୁ ସହରବାସୀ ଦାବି କରିଛନ୍ତି।

ଭବାନୀପାଟଣାରେ ବର୍ତ୍ତାମାନ ଚାଲିଥିବା ଟାଉନ ଥାନା ।

### ବିଭିନ୍ନ ସଙ୍ଗଠନ ପକ୍ଷରୁ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ଭବାନୀପାଟଣା,୨୪।୨(ଡି.ଏନ.ଏ.)

ସ୍ଥାନୀୟ ପରଦେଶୀପଡାସ୍ଥିତ ଜଙ୍ଗଲ ଓ ପରିବେଶ ବିଭାଗ କର୍ମଚାରୀ ସଂଘ ସଭାଗୃହରେ ପୁଲୱାମା ଶହୀଦଙ୍କୁ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜଣାଯାଇଛି। ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ଜିଲାର ଅବସରପ୍ରାପ୍ତ ଜଙ୍ଗଲ ଓ ପରିବେଷ ବିଭାଗ କର୍ମଚାରୀମାନେ ଶତାଧିକ ସଂଖ୍ୟାରେ ଯୋଗଦେଇ ଶହୀଦମାନଙ୍କ ଫଟୋଚିତ୍ରରେ ପୁଷ୍ପଗୁଚ୍ଛ ପ୍ରଦାନ କରି ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅବସରପ୍ରାପ୍ତ କର୍ମଚାରୀମାନେ ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟକ୍ରମକୁ ତୀବ୍ର ନିନ୍ଦା କରିଥିଲେ। ଏଥିରେ ଅବସରପ୍ରାପ୍ତ କର୍ମଚାରୀ ସଂଘ ବରିଷ୍ଠ ସଦସ୍ୟ ଶରତଚନ୍ଦ୍ର ନାୟକ, ସନ୍ତୋଷ କୁମାର ପାତ୍ର, ରବିନାରାୟଣ ପରିଡା, ରାସବିହାରୀ ପଣ୍ଡା, ଗଙ୍ଗାଧର ଭେଖ୍ରା, ଅବଦୁଲ ଅଜିତ୍ ଖାଁ, ସୟଦ ଖାଁ, ତ୍ରୀନାଥ ସାହୁ, ମଦନ ବରାଡ, ନଦିଆବନ ପଟ୍ଟନାୟକ ସମେତ ବରିଷ୍ଠ ଶିକ୍ଷାବିତ୍ ବଳମାଳି ନାଏକ, ବ୍ରହ୍ମାନନ୍ଦ ସାମଲ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଭବାନୀପାଟଣାସ୍ଥିତ ସ୍ୱାଗତ ଆଇଟିସି ପକ୍ଷରୁ ପୁଲୱାମା ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ସନ୍ଧ୍ୟାରେ ଆଇଟିସିଠାରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ଗାନ୍ଧୀ ଛକରେ ପହଞ୍ଚିବା ପରେ ନିରବ ପ୍ରାର୍ଥନା କରାଯାଇଥିଲା। ସିଆରପିଏଫମାନେ ମଧ୍ୟ ସାମିଲ ହୋଇଥିଲେ। ଶୋଭାଯାତ୍ରାରେ ସିଆରପିଏଫ ସେକେଣ୍ଡଇନ କମାଣ୍ଡାଣ୍ଟ ସୁରେଶ କୁମାର, ସ୍ୱାଗତ ଆଇଟିସି ନିର୍ଦ୍ଦେଶିକା ପ୍ରୀତି ପଟ୍ଟନାୟକ, ମାନସ ଦାସ, ଜ୍ୟୋତିରାଣୀ ଦାସ, ସବିତା ପ୍ରଧାନ ଆଇଟିସିର ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ ଦାସ, ସମିତା ନାଏ. ଶଙ୍କର ପ୍ରସାଦ ସେଠୀ, ଦୁର୍ଯୋଧନ ସାହୁ, ମନୋଜ ଦାସ, ଭି. ସନ୍ତୋଷ ଆଚାରୀ, ଗଣେଶ ଚନ୍ଦ୍ର ଶଗଡିଆ, କନିଷ୍ଠ ଭୋଇ, ଭାଗୀରଥି ମାଝି, ଅମରେଶ ବନଛୋର, ପୂର୍ବ ପୌରାଧ୍ୟକ୍ଷ ଲଳିତା ନାଏକ, ଭବାନୀଶଙ୍କର ନିଆଲ ପ୍ରମୁଖ ଉପସ୍ଥିତ ଥିଲେ।

## ଦେଢବର୍ଷ ଶିଶୁ କନ୍ୟା ହୃଦ୍‌ରୋଗର ଶିକାର ଘଟଣା

# ସୁସ୍ଥ ହୋଇ ଘରକୁ ଫେରିଲେ ରୁପାଲି

ଜୁନାଗଡ,୨୪।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ପିଳିକିଆ ଗ୍ରାମର ହରେକୃଷ୍ଣ ଘିଙ୍କ ଦେଢ ବର୍ଷର ଶିଶୁ କନ୍ୟା ରୁପାଲି ଜନ୍ମର କିଛିମାସ ପରେ ହୃଦ୍‌ରୋଗର ଶିକାର ହୋଇଥିଲେ। ଅର୍ଥ ଭାବରୁ ଭୁବନେଶ୍ୱରସ୍ଥିତ ଏମ୍ସ ଡାକ୍ତରଖାନାରେ ରୁପାଲିଙ୍କ ଅସ୍ତ୍ରୋପଚାର କରାଇ ନ ପାରି ପରିବାରବର୍ଗ ଘରକୁ ନେଇଆସିଥିଲେ। ଏପଟେ ରୁପାଲିଙ୍କୁ ଶୀଘ୍ର ଚିକିତ୍ସା କରା ନ ଗଲେ ତାଙ୍କ ଜୀବନ ପ୍ରତି ବିପଦ ରହିଥିବା ଡାକ୍ତର କହିଥିଲେ। ଅର୍ଥଭାବରୁ ରୁପାଲିଙ୍କ ଚିକିତ୍ସା କରି ନ ପାରି ତାଙ୍କ ବାପା ଓ ମା ଦୁଃଖରେ ଭାଙ୍ଗିପଡିଥିଲେ। ଏହି ଘଟଣାକୁ ନେଇ ଧରିତ୍ରୀରେ ଏକ ରିପୋର୍ଟ ପ୍ରକାଶ ପାଇବା ପରେ ତାହା ଲୋକ ଲୋଚନକୁ ଆସିଥିଲା। ପରେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ସମ୍ପୃକ୍ତା ଶିଶୁ କନ୍ୟାର ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ଜିଲା ସ୍ୱାସ୍ଥ୍ୟ ବିଭାଗ ଆଗେଇ ଆସିଥିଲା। ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆରବିଏସ୍‌କେ) ଜରିଆରେ ରୁପାଲିଙ୍କ ମାଗଣା ଅସ୍ତ୍ରୋପଚାର କରାଯିବ ବୋଲି ବିଭାଗ ପକ୍ଷରୁ ଜଣାପଡିଥିଲା। ଗତ ଫେବୃୟାରୀ ୬ ତାରିଖ ପଶ୍ଚିମବଙ୍ଗସ୍ଥିତ ହାୱଡା ଏନ୍‌ଏଚ୍ ମ୍ୟୁନିସିପାଲଟି ଡାକ୍ତରଖାନାରେ ରୁପାଲିଙ୍କୁ ଭର୍ତ୍ତି କରାଯାଇଥିଲା। ଏହାର ଦିନେ, ଦୁଇ ଦିନ ପରେ ରୁପାଲିଙ୍କ ହୃଦ୍‌ର ଅସ୍ତ୍ରୋପଚାର କରାଯାଇଥିଲା। ବର୍ତ୍ତମାନ ରୁପାଲି ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆରବିଏସ୍‌କେ)ଜରିଆରେ ମାଗଣାରେ ରୁପାଲିଙ୍କ ଅସ୍ତ୍ରୋପଚାର କରାଯାଇଥିବାରୁ ରୁପାଲଙ୍କ ପରିବାରବର୍ଗ ସ୍ୱାସ୍ଥ୍ୟ ବିଭାଗ ସମେତ ଧରିତ୍ରୀକୁ ଧନ୍ୟବାଦ ଜଣାଇଛନ୍ତି।

**ଧରିତ୍ରୀ ପ୍ରଭାବ**

■ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ମାଗଣାରେ ଚିକିତ୍ସା

ରୁପାଲି ଓ ତାଙ୍କ ପରିବାର ।

## ଜଙ୍ଗଲ ପୋଡି ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ଭବାନୀପାଟଣା,୨୪।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଜଙ୍ଗଲ ପୋଡି ସମ୍ପର୍କିତ ଏକ ଜନ ସଚେତନତା କାର୍ଯ୍ୟକ୍ରମ ବନାଞ୍ଚଳ ଅଧିକାରୀ ପ୍ରଶାନ୍ତ କୁମାର ପାଲ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚଳିତମାସଠାରୁ ଗ୍ରୀଷ୍ମର ପ୍ରବାହ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ପାହାଡିଆ ଅଞ୍ଚଳରେ ରହୁଥିବା ଲୋକେ ପୋଡୁ ଚାଷ ପାଇଁ ଜଙ୍ଗଲରୁ ଅନାବନା ଗଛ କାଟି ପୋଡି ଦେଉଛନ୍ତି। ଫଳରେ ସେହି ଇଲାକାର ଜଙ୍ଗଲଗୁଡିକରେ ଝଡି ପଡିଥିବା ଗଛପତ୍ର ଓ ଶୁଖିଲା ଡାଳଗୁଡିକରେ ନିଆଁ ଲାଗି ଜଙ୍ଗଲ ନଷ୍ଟ ହେବାରେ ଲାଗିଛି। ଏହା ଦ୍ୱାରା କେବଳ କିଛି ଗଛ ନୁହେଁ ଅନେକ ମୂଲ୍ୟବାନ ଔଷଧିୟ ଗଛ ସମେତ ବିଭିନ୍ନ ସରିଶୃପ ଜାତୀୟ ପ୍ରାଣୀ, ଜଙ୍ଗଲ ଯନ୍ତୁ, ଜଙ୍ଗଲ ସବୁ ପ୍ରବାବିତ ହେଉଛି । ଏହାର ପ୍ରଭାବ ବାୟୁମଣ୍ଡଳ ଉପରେ ମଧ୍ୟ ପଡୁଛି। କେବଳ ପୋଡୁ ଚାଷର ଚାଷୀ ନୁହେଁ ଜଙ୍ଗଲକୁ ଜାଳେଣୀ ସଂଗ୍ରହ ପାଇଁ ଯାଉଥିବା ବ୍ୟକ୍ତି ବିଡି ଜଳାଇବା ପାଇଁ ମାଟିସ ବ୍ୟବହାର କରିବା ସହ ଅଧା ପୋଡା ବିଡିକୁ ନ ଲିଭାଇ ଫିଙ୍ଗି ଦେଉଥିବାରୁ ଜଙ୍ଗଲ ପୋଡିଯାଉଛି। ଜଙ୍ଗଲ ପୋଡି ବାୟୁମଣ୍ଡଳର ଉତାପ ବୃଦ୍ଧିର ଅନ୍ୟ ପ୍ରମୁଖ କାରଣ ପାଲଟିଛି ବୋଲି ବନାଞ୍ଚଳ ଅଧିକାରୀ ପାଲ ମତବ୍ୟକ୍ତ କରିଥିଲେ। ଦକ୍ଷିଣ ବନଖଣ୍ଡ ଏ.ସି.ଏଫ ମନୋରଞ୍ଜନ କାଲୋ, ଥୁ. ରାମପୁର ଉପ ବନାଞ୍ଚଳ ଅଧିକାରୀ ଆତ୍ମାରାମ ମହାନନ୍ଦ, ଥୁ. ରାମପୁର ବନପାଳ ସୈରେନ

ଲକ୍ଷ୍ମୀ ଚଞ୍ଚଳା। ପ୍ରାଣ, ଜୀବନ, ଶରୀର ସବୁକିଛି ଚଞ୍ଚଳ ଓ ବିନାଶଶୀଳ। ସଂସାର ରେ କେବଳ ଧର୍ମ ହିଁ ନିଶ୍ଚଳ ଓ ସ୍ଥିର।
- ଚାଣକ୍ୟ



## ସଂକ୍ଷେପରେ

### ଜୀବିକା ନିର୍ବାହ ତାଲିମ କେନ୍ଦ୍ରର ଶିଳାନ୍ୟାସ ଆଜି

**ରାଉରକେଲା ଅଫିସ,୨୪।୨**
କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ଦ୍ୱାରା ସୋମବାର ବନ୍ଦ ପଡ଼ିଥିବା ସେକ୍ଟର-୧୫ ଇସ୍ପାତ ସ୍କୁଲଠାରେ କେନ୍ଦ୍ର ଅନୁସୂଚିତ ଜନଜାତି ଆର୍ଥିକ ବିକାଶ ନିଗମ ପାଣ୍ଠି ସହାୟତାରେ ରାଉରକେଲା ଇସ୍ପାତ କାରଖାନା ଓ ଜାତୀୟ କ୍ଷୁଦ୍ରଶିଳ୍ପ ନିଗମ ମିଳିତ ସହଯୋଗରେ ଜୀବିକା ନିର୍ବାହ ତାଲିମ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ସେକ୍ଟର-୧୫ ଇସ୍ପାତ ସ୍କୁଲଠାରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଏହାକୁ କାର୍ଯ୍ୟକାରୀ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି କେନ୍ଦ୍ର ସ୍ଥାପନ ହେବା ଦ୍ୱାରା ସ୍ଥାନୀୟ ଆଦିବାସୀ ଓ ଅନଗ୍ରସର ଯୁବଗୋଷ୍ଠୀ ଉପକୃତ ହେବେ। ଏମାନଙ୍କୁ ତାଲିମ ପ୍ରଦାନ କରାଯାଇ ଦକ୍ଷତାର ବିକାଶ ଦିଗରେ ପଦକ୍ଷେପ ନିଆଯିବ। ଏହା ରୋଜଗାର ମାର୍ଗକୁ ସୁଗମ କରିବ। ତାଲିମପ୍ରାପ୍ତ ଯୁବଗୋଷ୍ଠୀ ଚାକିରି, ବ୍ୟବସାୟ କିମ୍ବା ଉଦ୍ୟୋଗ ପ୍ରତିଷ୍ଠା କରି ନିଜକୁ ସ୍ୱାବଲମ୍ବୀ କରିପାରିବେ ବୋଲି ଭାଜପା ପକ୍ଷରୁ ଏକ ବିବୃତିରେ ଆଶା ବ୍ୟକ୍ତ କରାଯାଇଛି। ସବୁ ବର୍ଗର ଲୋକଙ୍କୁ ରାଷ୍ଟ୍ରୀୟ ବିକାଶ ମାର୍ଗରେ ସାମିଲ କରିବା କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ ବୋଲି ଦଳ ମୁଖପାତ୍ର ଭଗବାନ ରାଉତ ପ୍ରକାଶ କରିଛନ୍ତି।

### ଓଡ଼ିଶା ବ୍ରିଗେଡ୍ ସ୍କୁଲର ବାର୍ଷିକ କ୍ରୀଡ଼ା

କିର୍ମିରା,୨୪।୨(ଡି.ଏନ୍.ଏ.)
ଝାରସୁଗୁଡ଼ା ଅର୍ଡା ଗ୍ରାମସ୍ଥିତ ଆବାସିକ ବିଦ୍ୟାଳୟ ଓଡ଼ିଶା ଷ୍ଟେଟ ବ୍ରିଗେଡ୍ ସ୍କୁଲର ପ୍ରଥମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର ମହାନ୍ତି ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡ଼ା କ୍ଷେତ୍ରରେ ଏହି ସ୍କୁଲ ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ ମେଡାଲ ଜିତି ଝାରସୁଗୁଡ଼ାକୁ ଗୌରବାନ୍ୱିତ କରିଥିବା ଏହି ଅବସରରେ ସେ କହିଥିଲେ। ସ୍କୁଲ ପ୍ରବନ୍ଧକ ଅର୍ଜୁନ ରୋହିଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ଜେନା, ବିଜେଡିର ତାପସରାୟ ଚୌଧୁରୀ, ଜିଲା କ୍ରୀଡ଼ା ସମ୍ପାଦକ ଜୀବନ ମହାନ୍ତି, ବିରଞ୍ଚିନାରାୟଣ ଜେନା, ଗୋପାଳ କଲାର, ବୃତ୍ତାମଣି ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଫୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଡମ୍ବରୁଧର ପୂଜାରୀ ମଞ୍ଚ ପରିଚାଳନା କରିଥିବାବେଳେ ସ୍କୁଲ କର୍ମଚାରୀ ଓ ଶିକ୍ଷକ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ଦୁର୍ଘଟଣାରେ ଜଣେ ମୃତ

ଝାରସୁଗୁଡ଼ା ଅଫିସ,୨୪।୨
ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ୍‌ୱେ ଝାରସୁଗୁଡ଼ା ବାଇପାସ୍‌ର ଝରିଆନାଲ ଛକ ନିକଟରେ ରବିବାର ରାତି ସାଢ଼େ ୧୦ଟାରେ ଦୁର୍ଘଟଣା ଘଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଚାଲି ଚାଲି ଯାଉଥିବା ଜଣେ ବ୍ୟକ୍ତିଙ୍କୁ କୌଣସି ଭାରିଯାନ ଚାପିଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ତେବେ ମୃତକଙ୍କ ପରିଚୟ ମିଳିନାହିଁ। ବିଟିଏମ୍ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି।

## ହଳଦୀକୁଦରରେ ଭିଏଚ୍‌ପିର ବିଶାଳ ଧର୍ମରକ୍ଷା ଯଜ୍ଞ

# ଭାରତକୁ ତୁରନ୍ତ ହିନ୍ଦୁ ରାଷ୍ଟ୍ର ଘୋଷଣା କର

**ରାଉରକେଲା ଅଫିସ,୨୪।୨**

ଧର୍ମ ଆଧାରରେ ଦେଶ ବିଭାଜନ ହେଲା। ଏହାର ୭୨ ବର୍ଷ ପରେ ଭାରତକୁ ହିନ୍ଦୁ ରାଷ୍ଟ୍ର ଭାବେ ଘୋଷଣା କରାଯାଇ ପାରିଲାନି। ଏହା ଦୁର୍ଭାଗ୍ୟଜନକ ଓ ବିଡ଼ମ୍ବନା ବୋଲି କହିଛି ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି)। ଲହୁଣୀପଡ଼ା ବ୍ଲକ ହଳଦୀକୁଦର ଶିଶୁମନ୍ଦିର ପ୍ରାଙ୍ଗଣରେ ଭିଏଚ୍‌ପି ପକ୍ଷରୁ ରବିବାର ଅନୁଷ୍ଠିତ ବିଶାଳ ଧର୍ମରକ୍ଷା ଯଜ୍ଞ କାର୍ଯ୍ୟକ୍ରମରେ ଯୋଗଦେଇ ସଂଗଠନର ବରିଷ୍ଠ କାର୍ଯ୍ୟକର୍ତ୍ତା ତଥା ପଶ୍ଚିମ ଓଡ଼ିଶା ଧର୍ମପ୍ରଚାର ସମ୍ପାଦକ ଶାନ୍ତନୁ କୁସୁମ ଏହା କହିଥିଲେ। ସେ କହିଲେ, ହିନ୍ଦୁ ହେଉଛି ସହିଷ୍ଣୁତାର ପ୍ରତୀକ। ଶୃଙ୍ଖଳା ଓ ଭ୍ରାତୃଭାବକୁ ସର୍ବଦା ଅଗ୍ରାଧିକାର ଦେଇ ଆସୁଥିବା ଏ ଜାତି ସର୍ବେ ଭବନ୍ତୁ ସୁଖୀନଃରେ ଆସ୍ଥା ରଖି ଆସିଛି। ତେବେ ଏହାର ଅର୍ଥ ନୁହେଁ ଯେ ଆମେ ନିଜ ସୁରକ୍ଷା ପ୍ରତି ଅଣଦେଖା କରିବୁ, ଉତ୍ଥାନ ଓ ପ୍ରଗତି ପ୍ରତି ଆଖି ବୁଜିଦେବୁ, ଧର୍ମାନ୍ତରୀକରଣକୁ ପ୍ରଶ୍ରୟ ଦେବୁ। ଭାରତୀୟ ଧର୍ମ ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଦେବା ଓ ଏହାର ସୁରକ୍ଷା କରିବା ଦୋଷାବହ ନୁହେଁ ବୋଲି କୁସୁମ ମତବ୍ୟକ୍ତ କରିଥିଲେ। ସମୟ ଏବେ ଉପନୀତ, ନିଜ ହକ୍‌ର ଲଢ଼େଇ ଲଢ଼ିବାକୁ ହେବ। ଏକ ସମୃଦ୍ଧିଶାଳୀ ରାଜ୍ୟ ଓ ଦେଶ ଗଠନରେ ସମସ୍ତଙ୍କ ଅବଦାନ ରହିବା ଆବଶ୍ୟକ। ଆଜିର ଯୁବପିଢ଼ି ଏ ଦିଗରେ ସଚେତନ ହେବା ଆବଶ୍ୟକ ବୋଲି କୁସୁମ କହିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ଧର୍ମପ୍ରସାର ପ୍ରମୁଖ ଅଚ୍ୟୁତାନନ୍ଦ କର, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପ୍ରଚାରକ ମକରଧ୍ୱଜ ମହାନ୍ତ ପ୍ରମୁଖ ବକ୍ତବ୍ୟ ରଖି ଏକ ବୈଭବଶାଳୀ ଭାରତ ନିର୍ମାଣ କରିବାକୁ ଆହ୍ୱାନ ଦେଇଥିଲେ। ନିଜ ଅସ୍ତିତ୍ୱ ଓ ସମୃଦ୍ଧି ନେଇ ସମସ୍ତେ ଗୋଟିଏ ମଞ୍ଚରେ ଏକତ୍ରିତ ହୁଅନ୍ତୁ ବୋଲି ଆହ୍ୱାନ ଦିଆଯାଇଥିଲା। ଅବଲୁପ୍ତ ପ୍ରାୟ ଗ୍ରାମ୍ୟ ସଂସ୍କୃତିର ପୁନରୁତ୍ଥାନ ପାଇଁ ବରିଷ୍ଠ ନାଗରିକଙ୍କ ମାର୍ଗଦର୍ଶନ ଏ କ୍ଷେତ୍ରରେ କର୍ମ ପ୍ରେରଣା ଯୋଗାଇବ ବୋଲି ଅତିଥି ଆଶାବ୍ୟକ୍ତ କରିଥିଲେ। ଗୋହତ୍ୟା ବନ୍ଦ କରାଯିବା ସହ ତୁରନ୍ତ ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ପ୍ରାରମ୍ଭରେ ଏକ ବିଶାଳ କଳସ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏଥିରେ ସହସ୍ରାଧିକ ମହିଳା ଶ୍ରଦ୍ଧାଳୁ ଭାଗ ନେଇଥିଲେ। କଳସ ସ୍ଥାପନ ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି ଧର୍ମରକ୍ଷା ଯଜ୍ଞୋତ୍ସବରେ ଯୁଗଳ ମହାନ୍ତଙ୍କ ସମେତ ବିଶ୍ୱମ୍ଭରନାଥ ମିଶ୍ର, ଚୂଡ଼ାମଣି ମହାନ୍ତ, ଦିଲୀପ ମେହେର, ରାମଚନ୍ଦ୍ର ନାୟକ, ତପନ କିଷାନ, ସାଗର ନାୟକ, ଅରକ୍ଷିତ ନାୟକ, ଖଗେଶ୍ୱର ନାୟକ, ଆରତି ନାୟକ, ସମ୍ବାରୁ ନାୟକ, ଉଷା ନାୟକ ଓ ରୀତାଞ୍ଜଳି ପାଉଲ ପ୍ରମୁଖ ସଂଗଠନ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଲହୁଣୀପଡ଼ା ବ୍ଲକ ହଳଦୀକୁଦରଠାରେ ଆୟୋଜିତ ଧର୍ମରକ୍ଷା ଯଜ୍ଞ ଅବସରରେ କଳସ ଶୋଭାଯାତ୍ରା।

## ଆର୍‌ଏସ୍‌ପି ପକ୍ଷରୁ ମାଗଣା ଶଲ୍ୟ ଚିକିତ୍ସା

**ରାଉରକେଲା ଅଫିସ,୨୪।୨**

ଶଲ୍ୟ ଚିକିତ୍ସା ଆବଶ୍ୟକ କରୁଥିବା ସମାଜର ବହୁ ଦୁର୍ବଳ ଶ୍ରେଣୀ ଅର୍ଥାବଭାରୁ ଏହାକୁ ଅଣଦେଖା କରିଥାନ୍ତି। ଏପରି ଅବସ୍ଥାରେ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ସିଏସ୍‌ଆର୍ ଦ୍ୱାରା ପ୍ରୟାସ ପ୍ରକଳ୍ପ ଚରକ ଦ୍ୱାରା ପାର୍ଶ୍ୱାଞ୍ଚଳ ବାସିନ୍ଦା ଉପକୃତ ହେଉଛନ୍ତି। ବିଭିନ୍ନ ସ୍ଥାନରେ ବହୁମୁଖୀ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ଚିହ୍ନଟ କରାଯାଉଛି। ପରବର୍ତ୍ତୀ ସମୟରେ ଏମାନଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦିଆଯାଉଛି। ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ରେ ଏଭଳି ରୋଗୀଙ୍କ ଶଲ୍ୟ ଚିକିତ୍ସା ସମ୍ପୂର୍ଣ୍ଣ ମାଗଣାରେ କରାଯାଉଛି। ଇତିମଧ୍ୟରେ ଆର୍‌ଏସ୍‌ପି ପକ୍ଷରୁ କୁଆଁରମୁଣ୍ଡା ଓ ଲାଠିକଟା ବ୍ଲକରେ ଏଭଳି ଶିବିର ଆୟୋଜନ କରାଯାଇଛି। ଏଥିରେ ୫ ବର୍ଷର ଶିଶୁ ଶୁଭ ମଲ୍ଲିକ, କୁଳମଣି ତନ୍ତୀ, ମଙ୍ଗରାଜ ଗଉଡ, ଫଗନୁ ଗନ୍ଧା, ନିରଞ୍ଜନ କୁମ୍ଭାର ଓ ଫୁତରଲୁ ବଡ଼ାଇକ ପ୍ରମୁଖଙ୍କୁ ଆଇଜିଏଚ୍‌ରେ ରଖାଯାଇ ଚିକିତ୍ସା ସେବା ଯୋଗାଇ ଦିଆଯାଇଛି। ବିଭାଗୀୟ ନିର୍ଦ୍ଦେଶକ ଡାକ୍ତର ଆର୍.କେ. ବେହେରା, ବରିଷ୍ଠ ଉପନିର୍ଦ୍ଦେଶକ ଡ. ଏମ୍.କେ. ପାଣିଗ୍ରାହୀଙ୍କ ନେତୃତ୍ୱରେ ଗଠିତ ଡାକ୍ତରୀ ଦଳ ଏହି ରୋଗୀଙ୍କ ସଫଳ ଶଲ୍ୟ ଚିକିତ୍ସା କରିଥିଲେ। ଆରୋଗ୍ୟ ପରେ ସମସ୍ତଙ୍କୁ ଗତ ୨୦ରେ ଛାଡ଼ି ଦିଆଯାଇଥିବା କାରଖାନା ସୂଚନା ବିଭାଗ ପକ୍ଷରୁ କୁହାଯାଇଛି।

ଆରୋଗ୍ୟ ଲାଭ କରିଥିବା ଶଲ୍ୟ ରୋଗୀ ଓ ଆର୍‌ଏସ୍‌ପି ଆଇଜିଏଚ୍ ଡାକ୍ତରମାନେ।

## ବୈକୁଣ୍ଠ ଘାଟରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ବୈକୁଣ୍ଠ ଘାଟରେ ବ୍ରାହ୍ମଣ ସମାଜ ପକ୍ଷରୁ ପୁଲୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି।

**ରାଉରକେଲା ଅଫିସ,୨୪।୨**

ବ୍ରାହ୍ମଣ ମହାସଭା ରାଉରକେଲା ଶାଖା ପକ୍ଷରୁ ରବିବାର ସେକ୍ଟର-୨୦ ବୈକୁଣ୍ଠ ଘାଟରେ ପୁଲୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଅନୁଷ୍ଠାନ କାର୍ଯ୍ୟକର୍ତ୍ତା ଶ୍ରଦ୍ଧା ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରାଯିବା ସହ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏଥିରେ ହାଡ଼ିବନ୍ଧୁ ମହାପାତ୍ର, ଜ୍ୟୋତିର୍ମୟ ଆଚାର୍ଯ୍ୟ, ସୁଶାନ୍ତ ନାୟକ ଓ ବିକ୍ରମ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ଶବରୀନାରାୟଣଙ୍କ ବାର୍ଷିକୋତ୍ସବ ପ୍ରସ୍ତୁତି

**ବେଲପାହାଡ଼,୨୪।୨(ଡି.ଏନ୍.ଏ.)**
ଆସନ୍ତା ୩ ତାରିଖରେ ବେଲପାହାଡ଼ ସହରାଞ୍ଚଳ ବଜାରପଡ଼ାରେ ଖଇରକୁନି ଗୁଡ଼ି ଅଶୀଘର ସହଁରା ସମାଜ ପକ୍ଷରୁ ଇଷ୍ଟଦେବ ଶବରୀନାରାୟଣଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ଶୁକ୍ରବାର କ୍ଲବ ଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସମାଜ ସଭାପତି ନୃପଲାଲ ରାଉତ, ସମ୍ପାଦକ ଚିତ୍ରସେନ ଭୋଇ, ସଦସ୍ୟ ରାଜେଶ ଭୋଇ, କାର୍ତ୍ତିକ ଭୋଇ, ଲିଙ୍ଗ ବେହେରା, ଗରିଧାରୀ ଭୋଇ ଓ ବିରଞ୍ଚି ଭୋଇ ପ୍ରମୁଖ ଯୋଗଦେଇଥିଲେ। ସକାଳେ ଶବରୀନାରାୟଣଙ୍କ ପୂଜା ପରେ ଭଜନ ପୂର୍ବାହ୍ନରେ ସାଙ୍ଗଠନିକ ସଭା କରିବାକୁ ନିଷ୍ପତ୍ତି ନିଆଯାଇଛି।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୧ତମ ଜନ୍ମୋତ୍ସବ

**ବେଲପାହାଡ଼,୨୪।୨(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳସ୍ଥିତ ସତ୍‌ସଙ୍ଗ ବିହାରଠାରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୧ତମ ଜନ୍ମ ଉତ୍ସବ ପାଳିତ ହୋଇଛି। ପ୍ରତ୍ୟୁଷରେ ସତ୍‌ସଙ୍ଗ ବିହାରଠାରେ ଉଷା କୀର୍ତ୍ତନ, ସମବେତ କୀର୍ତ୍ତନ, ପବିତ୍ର ଗ୍ରନ୍ଥପାଠ ଓ ସ୍ୱସ୍ତି ପତାକା ଉତ୍ତୋଳନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ନଗରକୀର୍ତ୍ତନ କରାଯାଇଥିଲା। ଏଥିରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ନଗର ପରିକ୍ରମା କରିଥିଲେ। ଅପରାହ୍ନରେ ଉତ୍ସବ ମଣ୍ଡପରେ ମହିଳା ଶ୍ରଦ୍ଧାଳୁଙ୍କୁ ନେଇ ମାତୃ ସମ୍ମିଳନୀ, ସଙ୍ଗୀତାଞ୍ଜଳି ଓ ଧର୍ମସଭା ଅନୁଷ୍ଠିତ ହୋଇଥିଲା। ଅନୁକୂଳଚନ୍ଦ୍ରଙ୍କ ଜନ୍ମୋତ୍ସବ ଅବସରରେ ଶ୍ରଦ୍ଧାଳୁମାନେ ନଗରକୀର୍ତ୍ତନରେ ବାହାରିଛନ୍ତି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉତ୍ସବରେ ବ୍ରଜରାଜନଗର, ଝାରସୁଗୁଡ଼ା, ରାଜଗାଙ୍ଗପୁର, ସମ୍ବଲପୁର ଓ ଦେବଗଡ଼ ଜିଲା ସମେତ ଆଖପାଖ ଗ୍ରାମରୁ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

## ବିଦ୍ୟାଳୟରୁ ଚୋରି ଉଦ୍ୟମ

**କୋଲାବିରା,୨୪।୨(ଡି.ଏନ୍.ଏ.)**

ସ୍ଥାନୀୟ ନୃପଲାଲ ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟରୁ ରବିବାର ଦିନବେଳା ଚୋରି ଉଦ୍ୟମ ହୋଇଛି। ତେବେ ନିକଟସ୍ଥ ଘସିଆପଡ଼ାର ଛୋଟ ପିଲାଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଚୋର ବିଫଳ ହୋଇ ଫେରାର ହୋଇଯାଇଛନ୍ତି। ଏ ସଂକ୍ରାନ୍ତରେ ପ୍ରଧାନ ଶିକ୍ଷକ କୌଶଳ ଜୟପୁରିଆ ଏବଂ ପରିଚାଳନା କମିଟି ସଭାପତି କାର୍ତ୍ତିକ ନାଏକ କୋଲାବିରା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଅପରାହ୍ନ ୩ଟାରେ ଜଣେ ବ୍ୟକ୍ତି ବିଦ୍ୟାଳୟ ଝରକା ତାଡ଼ି ଭିତରେ ପଶିଥିଲେ। ଚୋରି ଉଦ୍ଦେଶ୍ୟରେ ବିଭିନ୍ନ ସାମଗ୍ରୀ ଆଣି ବାହାରେ ଗଚ୍ଛିତ କରୁଥିବା ସମୟରେ ନିକଟରେ ଖେଳୁଥିବା ଘସିଆପଡ଼ାର ଛୋଟ ପିଲାମାନେ ସମ୍ପୃକ୍ତ ବ୍ୟକ୍ତିଙ୍କ ହାତ ଦେଖିଥିଲେ। ତେବେ ପ୍ରଥମେ ଭୂତ ଭାବି ପିଲାମାନେ ଡରିଯାଇଥିଲେ। ପରେ ପଡ଼ାର ଲୋକମାନଙ୍କୁ ଘଟଣାସ୍ଥଳକୁ ଡାକି ଆଣିଥିଲେ। ଲୋକଙ୍କ ପାଟିଦୁଣ୍ଡ ଶୁଣି ଚୋର ଜଣକ ଫେରାର ହୋଇଯାଇଥିଲେ। ସୂଚନାଯୋଗ୍ୟ ଚୋର ଜଣକ ବିଦ୍ୟାଳୟର ବିଭିନ୍ନ ସାମଗ୍ରୀ ସହ ଷ୍ଟିଲ ରେଲିଂକୁ ମଧ୍ୟ ତାଡ଼ି ନେବାକୁ ଉଦ୍ୟମ କରିଥିଲେ।

## ବାଲି ଚୋରାଚାଲାଣ, ଅଟକ ହାଇୱା ଚମ୍ପଟ

**କୋଲାବିରା,୨୪।୨(ଡି.ଏନ୍.ଏ.)**

କୋଲାବିରା ଅଞ୍ଚଳରୁ ବାଲି ଚୋରାଚାଲାଣ ଏକ ନିତିଦିନିଆ ଘଟଣାରେ ପରିଣତ ହେଲାଣି। ବାଲି ଚୋରାଚାଲାଣ ସମୟରେ ଗାଡ଼ିଗୁଡ଼ିକ ନିୟମିତ ରାଜସ୍ୱ ବିଭାଗ ହାବୁଡ଼ରେ ପଡ଼ି ଅର୍ଥଦଣ୍ଡରେ ଦଣ୍ଡିତ ହେଉଥିଲେ ମଧ୍ୟ ନିର୍ଦ୍ଦିଷ୍ଟ କେତେକ ଗାଡ଼ି ଚୋରାଚାଲାଣ କରିବାକୁ ପଛାଉନାହାନ୍ତି। ରବିବାର କୋଲାବିରା ତହସିଲ ଅନ୍ତର୍ଗତ ସମାସିଂହା ରାଜସ୍ୱ ନିରୀକ୍ଷକଙ୍କ ହାତରେ ଧରାପଡ଼ିଥିବା ଏକ ବାଲି ବୋଝେଇ ହାଇୱା ଚମ୍ପଟ ମାରିବାରେ ସକ୍ଷମ ହୋଇଛି। ସୂଚନା ମୁତାବକ ଭେଡେନ ନଦୀପଠାରୁ ଓଡିଏ୫-ସିଏ୨୩୬ନଂ ହାଇୱା ସମ୍ବଲପୁର ଆଡ଼କୁ ଯାଉଥିବା ବେଳେ ସୋଢ଼ାମାଲ ନିକଟରେ ସମାସିଂହା ରାଜସ୍ୱ ନିରୀକ୍ଷକ ଜଗଦୀଶ ସାହୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। ତେବେ ବୈଧ କାଗଜପତ୍ର ନ ଥିବାରୁ ଆର୍‌ଆଇ ସାହୁ ତହସିଲଦାର ଓ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଡ୍ରାଇଭର ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ। କିଛି ସମୟ ପରେ ଡ୍ରାଇଭର ଗାଡ଼ି ନିକଟକୁ ଫେରିଥିଲେ। ଗାଡ଼ି ଥାନାକୁ ନେବା ପାଇଁ ଆର୍‌ଆଇ ଡ୍ରାଇଭରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଗାଡ଼ି ଏଠାରେ ବୁଲାଇ ହେବନାହିଁ, ଆଗରୁ ବୁଲାଇ ଆଣୁଛି ବୋଲି କହି ଡ୍ରାଇଭର ଗାଡ଼ି ସହ ଚମ୍ପଟ ମାରିଥିଲେ। ଏ ସମ୍ପର୍କରେ ରାଜସ୍ୱ ବିଭାଗ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ଅନ୍ୟ ଏକ ଘଟଣାକ୍ରମରେ ଭେଡେନ ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ କରି ସମାସିଂହା ପଞ୍ଚାୟତ ବେଲମୁଣ୍ଡା ଗ୍ରାମ ଦେଇ ଯାଉଥିବା ୪ ହାଇୱା ଅଟକ ରଖି ଗ୍ରାମବାସୀ କୋଲାବିରା ପୋଲିସ ଜିମା ଦେଇଛନ୍ତି। ତେବେ ପୋଲିସ ଗାଡ଼ି କାଗଜପତ୍ର ଯାଞ୍ଚ କରି ସେଗୁଡ଼ିକୁ ଛାଡ଼ି ଦେଇଛି। ଗାଡ଼ି ସହ ବାଲି ଉଠାଣର ସମସ୍ତ କାଗଜପତ୍ର ବୈଧ ଥିବାରୁ ସେଗୁଡ଼ିକୁ ଛାଡ଼ି ଦିଆଯାଇଥିବା ଥାନା ଅଧିକାରୀ ସୁକୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।



ଆର୍‌ଆଇଙ୍କ ଦ୍ୱାରା ଅଟକ ପରେ ଚମ୍ପଟ ମାରିଥିବା ହାଇୱା।

## କାଳିଆ ଛାତ୍ରବୃତ୍ତି ଯୋଜନା କେବଳ ବାହାନା: ଧର୍ମେନ୍ଦ୍ର ପ୍ରଧାନ

**ଭୁବନେଶ୍ୱର, ୨୪।୨(ବ୍ୟୁରୋ)**

ସରକାରଙ୍କ କାଳିଆ ଛାତ୍ରବୃତ୍ତି ଯୋଜନା ଏକ ବାହାନା। ଚାଷୀ ତଥା ଓବିସି ପରିବାରକୁ ଧୋକା ଦେବା ପାଇଁ କାଳିଆ ଛାତ୍ରବୃତ୍ତି କେବଳ ନିର୍ବାଚନୀ ଧୂଆଁବାଣ। ସାଧାରଣ ବର୍ଗର ଆର୍ଥିକ ପଛୁଆ ପରିବାର ପାଇଁ ଉଦ୍ଦିଷ୍ଟ ସଂରକ୍ଷଣ ବ୍ୟବସ୍ଥା ରାଜ୍ୟରେ ଲାଗୁ କରିବାକୁ ପଦକ୍ଷେପ ନ ନେବା ଦୁଃଖ ଓ ପରିତାପର ବିଷୟ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାଳିଆ ଛାତ୍ରବୃତ୍ତିର ଶୁଭାରମ୍ଭ କରି ଚାଷୀ ତଥା ଓବିସି ପରିବାରର ପିଲାଙ୍କୁ ଭଣ୍ଡାଇବାକୁ ବଡ଼ ସ୍ୱପ୍ନ ଦେଖାଉଛନ୍ତି। କାଳିଆ ଛାତ୍ର ବୃତ୍ତି ଅର୍ଥରେ

ରୋଗ, ଶତ୍ରୁ ଓ ଋଣ ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବ।
ପାପୀ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବ।
- ତୁଳସୀ ଦାସ



## ସଂକ୍ଷେପରେ

### ଅଟୋ ଓଲଟି ଜଣେ ମୃତ, ୫ ଆହତ

**ଲହୁଣୀପଡା, ୨୪।୨ (ଡି.ଏନ.ଏ):** ସୁନ୍ଦରଗଡ ଜିଲା ତାଲବାହାଲି ପଞ୍ଚାୟତର ରଙ୍ଗମାଟିଆ ଗ୍ରାମ ନିକଟରେ ଏକ ଅଟୋ ଓଲଟି ପଡିବାରୁ ଜଣଙ୍କର ମୃତ୍ୟୁ ଘଟିଛି। ଏହା ସହିତ ୭ ଜଣ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତାଲବାହାଲି ପଞ୍ଚାୟତର କରଡାକୁଦର ଗ୍ରାମରେ ମୁଣ୍ଡା ସମ୍ପ୍ରଦାୟର ମାଘ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ପର୍ବ ପାଇଁ ଗ୍ରାମର ବୁଧୁ ମୁଣ୍ଡା (୩୫)ଙ୍କ ଘରକୁ କୁଣିଆ ଆସିଥିଲେ। ରବିବାର ନିଜ ଘରକୁ ଏକ ଅଟୋ ଓଡି ୧୪ ଏନ- ୨୨୦୩ ଯୋଗେ ଲଲେଇ ପଟେ ଯାଉଥିବାବେଳେ ରଙ୍ଗମାଟିଆ ଗ୍ରାମର ଘୁଙ୍ଗୁରୁବୁଡି ନିକଟରେ ଅଟୋ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଅଟୋ ତଳେ ଚାପି ହୋଇ ବୁଧୁ ମୁଣ୍ଡା ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ଚାଳକ ଶକ୍ତିଏଲ ମୁଣ୍ଡା ଗୁରୁତର ଥିବାରୁ ତାଙ୍କୁ ବଣେଇ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଛି। ଖବରପାଇ ଲହୁଣୀପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଟୋକୁ ଜବତ କରିବା ସହିତ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

### ବିସ୍କୁଟ କମ୍ପାନୀ ଟ୍ରକ ଚାଳକଙ୍କ ସନ୍ଦେହଜନକ ମୃତ୍ୟୁ

# କାରଖାନା ସମ୍ମୁଖରେ ଶ୍ରମିକଙ୍କ ଧାରଣା

**ବେଦବ୍ୟାସ, ୨୪।୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଲଡିହି ସ୍ଥିତ ଏକ ବିସ୍କୁଟ କାରଖାନାର ଟ୍ରକ ଚାଳକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ପରିବାର ବର୍ଗଙ୍କୁ କ୍ଷତିପୂରଣ ଦାବିରେ କାରଖାନାର ଶ୍ରମିକମାନେ ମୃତ ଶରୀରକୁ କାରଖାନା ଫାଟକ ନିକଟରେ ରଖି ଧାରଣାରେ ବସିଥିଲେ। ମୃତ ବ୍ୟକ୍ତିଙ୍କ ନାମ ବାବୁଲାଲ ପ୍ରଧାନ (୪୮) ବୋଲି ଜଣାପଡିଛି। ତାଙ୍କ ଘର ଝାଡ଼ଖଣ୍ଡର ଖେରସୁଆଁ ଥାନା ବୁଢ଼ିରପା ଗ୍ରାମରେ। ମୃତ ବାବୁଲାଲ ବେଲଡିହିସ୍ଥିତ ବିସ୍କୁଟ କମ୍ପାନୀରେ ଦୀର୍ଘ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଟ୍ରକ ଚାଳକ ଭାବେ କାର୍ଯ୍ୟକରି ଆସୁଥିଲେ। ଶୁକ୍ରବାର ବାବୁଲାଲ କାରଖାନାର ବିସ୍କୁଟ ସାମଗ୍ରୀ ବୋଝେଇ ଟ୍ରକ ନଂ. ଓଡି ୧୪ ଏ– ୨୫୭୭ ଯୋଗେ ବେଲଡିହି କାରଖାନାଠାରୁ ସମ୍ବଲପୁର ବୁର୍ଲା ଥାନା ଅନ୍ତର୍ଗତ ଗୋଶାଳା ଫାଣ୍ଡିର ବୈଜାମୁଣ୍ଡା ସ୍ଥିତ ବିସ୍କୁଟ ଗୋଦାମକୁ ଯାଇଥିଲେ। ସେଠାରେ ରାତି ପ୍ରାୟ ୩ଟା ବେଳେ ଗାଡି ଠିଆ କରି ଶୌଚ ନିମନ୍ତେ ଯାଇ ଗାଡି ନିକଟକୁ ଫେରୁଥିବାବେଳେ ପଡିଯାଇଥିଲେ। ଗୁରୁତର ହେବା ସହ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ମୃତ୍ୟୁ ସମୟରେ ତାଙ୍କର ମୁହଁରୁ ଫେଣ ଓ ରକ୍ତସ୍ରାବ ହୋଇଥିବା ପୋଲିସ କହିଛି। ବୁର୍ଲା ଥାନାର ୫୩ ନଂ. ଜାତୀୟ ରାଜପଥ ଅନ୍ତର୍ଗତ ବୈଜାମୁଣ୍ଡା ଛକ ନିକଟରୁ ଗୋଶାଳା ଫାଣ୍ଡି ଅଧିକାରୀ ଅଜିତ ଧଳସାମନ୍ତ ବିଶେଷସୂତ୍ରରୁ ଖବରପାଇ ମୃତଦେହ ଉଦ୍ଧାର କରିଥିବା କହିଛନ୍ତି। ଉଦ୍ଧାର କରି ଘର ଲୋକଙ୍କୁ ଖବର କରିଥିଲେ। ଘର ଲୋକେ ପହଞ୍ଚିଲା ପରେ ଶନିବାର ମୃତଦେହ ବ୍ୟବଚ୍ଛେଦ କଲାପରେ ଘର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ବୁର୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୫୫/୧୯) ରୁଜୁ ହୋଇଛି। ଅଧିକ ତଦନ୍ତ ଚାଲୁଥିବା ଗୋଶାଳା ଫାଣ୍ଡି ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ । ମୃତ ବ୍ୟକ୍ତିଙ୍କ ପ୍ୟାଣ୍ଟ ପକେଟରୁ ୪ହଜାର ଟଙ୍କା ସମେତ ଡ୍ରାଇଭିଂ ଲାଇସେନ୍ସ ପୋଲିସ ଜବତ କରିଛି। ଘର ଲୋକେ ମୃତଦେହକୁ ନେଇ ବେଲଡିହି କାରଖାନାରେ ରବିବାର ପହଞ୍ଚିଥିଲେ। ପରେ ଶ୍ରମିକମାନେ ଜାଣି କାରଖାନାର ଫାଟକ ନିକଟରେ ମୃତଦେହକୁ ରଖି ପରିବାର ବର୍ଗଙ୍କୁ କ୍ଷତିପୂରଣ ଦାବିରେ ଧାରଣାରେ ବସିଥିଲେ। କାରଖାନା କର୍ତ୍ତୃପକ୍ଷ ଶୁଦ୍ଧିକ୍ରିୟା ନିମନ୍ତେ ନଗଦ ୫୦ ହଜାର ଟଙ୍କା ଓ ପରେ ସାଢ଼େ ୪ଲକ୍ଷ ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦେଲା ପରେ ମୃତଦେହକୁ ପରିବାର ଲୋକେ ନିଜ ଗ୍ରାମ ବୁଢ଼ିରପାକୁ ନେଇ ଯାଇଥିଲେ ଏବଂ ଧାରଣାରୁ ଉଠିଥିଲେ। ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଖବର ପାଇ ଘଟଣାସ୍ଥଳକୁ ଯାଇ ଶ୍ରମିକଙ୍କୁ ବୁଝାସୁଝା କରିବା ପରେ ଶାନ୍ତି ବାତାବରଣ ଫେରିଥିଲା। ବାବୁଲାଲଙ୍କ ମୃତ୍ୟୁକୁ ଘର ଲୋକେ ସହଜରେ ଅପମୃତ୍ୟୁ ଭାବେ ଗ୍ରହଣ କରିପାରୁନାହାନ୍ତି। ଯୋଜନାବଦ୍ଧ ଭାବେ ତାଙ୍କୁ ମାରି ଦିଆଯାଇଛି ବୋଲି ଅଭିଯୋଗ କରୁଛନ୍ତି। ଏ ସଂକ୍ରାନ୍ତରେ କାରଖାନା କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବପର ହୋଇନାହିଁ। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

ଶ୍ରମିକମାନେ କାରଖାନା ସମ୍ମୁଖରେ ଧାରଣା ଦେଇଛନ୍ତି।

- ମୃତଦେହ ରଖି କ୍ଷତିପୂରଣ ଦାବି କଲେ
- ସହାୟତା ପ୍ରତିଶ୍ରୁତି ପରେ ଧାରଣା ହଟିଲା

## ପ୍ରଧାନମନ୍ତ୍ରୀଙ୍କ କୃଷକ ସମ୍ମାନନିଧି ଯୋଜନା

**ନୂଆଗାଁ, ୨୪।୨ (ଡି.ଏନ.ଏ)**

ନୂଆଗାଁ ବ୍ଲକ ସଦର ମହକୁମା ହାଇସ୍କୁଲ ପଡିଆରେ ରବିବାର ପ୍ରଧାନମନ୍ତ୍ରୀଙ୍କ କୃଷକ ସମ୍ମାନନିଧି ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମନକିବାତ କାର୍ଯ୍ୟକ୍ରମ ଜରିଆରେ ଏଲଇଡି ମାଧ୍ୟମରେ ଏହି ଯୋଜନାର ସିଧାପ୍ରସାରଣ କରାଯାଇଥିଲା। ଏଥିରେ ଶତାଧିକ କୃଷକ ଓ ସାଧାରଣ ଜନତା ପ୍ରଧାନମନ୍ତ୍ରୀଙ୍କ ଉକ୍ତ ଯୋଜନା ସମ୍ପର୍କରେ ସିଧାସଳଖ ଦେଖି ପାରିଥିଲେ। ବିଶେଷକରି କୃଷକମାନଙ୍କ ପାଇଁ ବିଭିନ୍ନ ଯୋଜନା ତଥା କେନ୍ଦ୍ରୀୟ ଯୋଜନା ବିଷୟରେ ଅବଗତ କରିଥିଲେ। କୃଷକମାନଙ୍କୁ ବାର୍ଷିକ ୬ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ମଧ୍ୟ ଏହି କାର୍ଯ୍ୟରେ ଘୋଷଣା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପୂର୍ବତନ ବିଧାୟକ ତଥା ଭାଜପାର ଯୁବ ନେତା ଶଙ୍କର ଓରାମଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଜିଲାପରିଷଦ ସଭ୍ୟ ଇନ୍ଦ୍ରିଶ କୁଲା, ଯୁବନେତା ଅରୁଣ ପାଣିଗ୍ରାହୀ, ଜଗତପାଲ ଅହିର, ପରିକ୍ଷୀତ ସାହୁ, ରମେଶ ସାହୁ, କମଳ ସିଂ, ବସନ୍ତ ସାହୁ, ଧନେଶ୍ୱର ମିର୍ଦ୍ଧା, ସାଗର ଗଞ୍ଜୁ ପ୍ରମୁଖ ଉପସ୍ଥିତ ରହିଥିଲେ।

### ବିଜୁ ଯୁବ ବାହିନୀ ପକ୍ଷରୁ ଫୁଟବଲ ଟୁର୍ନାମେଣ୍ଟ

# ଜୟହିନ୍ଦ କ୍ଲବ ଚାମ୍ପିୟନ

ଚାମ୍ପିୟନ ଓ ରନର୍ସ ଅପ୍ ଟିମ୍ ।

**ବଡଗାଁ, ୨୪।୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁ ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ଆସ ଖେଳିବା ଓଡିଶା ଫୁଟବଲ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଛି। ପଞ୍ଚାୟତସ୍ତରୀୟ ଏହି ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ ଲଟାପଡା ଏସ.ଜେ କ୍ଲବ ଓ ଜୟହିନ୍ଦ କ୍ଲବ ବଡଗାଁ ଲିଟିପଡା ମଧ୍ୟରେ ହୋଇଥିଲା। ସଂଘର୍ଷପୂର୍ଣ୍ଣ ଉକ୍ତ ମ୍ୟାଚ ଡ୍ର ହେବାରୁ ପ୍ୟାନେଟି କିକ୍ କରାଯାଇଥିଲା। ଏଥିରେ ୨–୧ ଗୋଲରେ ଜୟହିନ୍ଦ କ୍ଲବ ଚାମ୍ପିୟନ ହୋଇଛି। ଜୟ ହିନ୍ଦ କ୍ଲବର ଖେଳାଳି ଅଶୋକ ଷଡଙ୍ଗୀଙ୍କୁ ମ୍ୟାନ ଅଫ୍ ଦି ସିରିଜ ଘୋଷଣା କରି ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଓ ରନର୍ସ ଅପ ଦଳକୁ ସିଲ୍ଡ ଏବଂ ଫୁଟବଲ ପୁରସ୍କୃତ କରାଯାଇଥିଲା। ମୋହିନ ନାଏକ ଖେଳ ପରିଚାଳନା କରିଥିଲା ବେଳେ ବଡଗାଁ ପଞ୍ଚାୟତ ବିଜୁ ଯୁବ ବାହିନୀର ସଭାପତି ସୁଶାନ୍ତ ସା (ବୁଲୁ), ସମ୍ପାଦକ ବିଜୟ ଗୌଡ, କର୍ମକର୍ତ୍ତା ଶୁଭମ ପାଣିଗ୍ରାହୀ (ନିଣ୍ଟୁ), ରଞ୍ଜନ ପାଣିଗ୍ରାହୀ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ ।

## ସ୍ୱତନ୍ତ୍ରତା ପାଇଁ ସୁପୁତ୍ର ଦେଲେ ବଳିଦାନ ପୁସ୍ତକ ଉନ୍ମୋଚିତ

**ବେଦବ୍ୟାସ, ୨୪।୨ (ଡି.ଏନ.ଏ)**

ବେଦବ୍ୟାସ ଅଞ୍ଚଳର ବିଶିଷ୍ଟ ସମାଜସେବୀ ତଥା ଶହୀଦ ସ୍ମୃତି କମିଟିର ଅଧ୍ୟକ୍ଷ ରମେଶ ଚନ୍ଦ୍ର ଜେନାଙ୍କ ଲିଖିତ ସ୍ୱତନ୍ତ୍ରତା ପାଇଁ ସୁପୁତ୍ର ଦେଲେ ବଳିଦାନ ନାମକ ପୁସ୍ତକ ଶନିବାର ମଧ୍ୟାହ୍ନ ୧୨ଟା ବେଳେ ରାଉରକେଲା ଭାରପ୍ରାପ୍ତ ଅତିରିକ୍ତ ଜିଲାପାଳ ଏନ ନାରାୟଣୀ ଭଟ୍ଟାଚାର୍ଯ୍ୟଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ଏନେଇ ସର୍ବଭାରତୀୟ ଓକିଲ ସଂଘର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଆୟୋଜିତ ଉନ୍ମୋଚନ ଉତ୍ସବରେ ପୁସ୍ତକର ଲେଖକ ରମେଶ ଜେନା ତାଙ୍କ ବକ୍ତବ୍ୟ ମାଧ୍ୟମରେ ଦେଶ ପାଇଁ ଯେଉଁ ଜୁଗ ଜନ୍ମା ବ୍ୟକ୍ତିତ୍ୱମାନେ ଶହୀଦ ହୋଇଯାଇଛନ୍ତି ସେମାନେ ଭାରତ ଭୂମିରେ ଚିରସ୍ମରଣୀୟ ହାଇ ରହିବେ। ତାଙ୍କର ସ୍ମୃତିଚାରଣ ନିମନ୍ତେ ମୁଁ ପୁସ୍ତକ ଲେଖିଛି। ଉକ୍ତ ପୁସ୍ତକରେ ଖୋର୍ଦ୍ଧା ପାଇକ ବିଦ୍ରୋହର ଯୋଦ୍ଧା ବକ୍ସି ଜଗବନ୍ଧୁ ଜୟ ରାଜଗୁରୁ, ବୀରସୁରେନ୍ଦ୍ର ସାଏ, ବିର୍ସା ମୁଣ୍ଡା, ଭଗତ ସିଂ, ରାଣୀ ଲକ୍ଷ୍ମୀବାଇ ପ୍ରମୁଖଙ୍କ ସଂକ୍ଷିପ୍ତ ଜୀବନୀ ଓ ଦେଶ ପାଇଁ ବଳିଦାନ ବିଷୟରେ ଉଲ୍ଲେଖ କରାଯାଇଛି।

### ସରପଗଡ ଡ୍ୟାମ୍‌ଠାରେ ବିଜେଡି କର୍ମୀ ସମାବେଶ

# ଶତାଧିକ କଂଗ୍ରେସ, ଭାଜପା କର୍ମୀଙ୍କ ବିଜେଡିରେ ଯୋଗଦାନ

**ଲେଫ୍ରିପଡା, ୨୪।୨(ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ସରଗଡ ଡ୍ୟାମ୍‌ଠାରେ ବିଜେଡି କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବୈଠକରେ ସୁନ୍ଦରଗଡ ଜିଲା କୃଷକ ମୋର୍ଚ୍ଚା ସଭାପତି ଗୋପାଳ ପ୍ରଧାନ ସଭାପତିତ୍ୱ କରିଥିଲେ। ସୁନ୍ଦରଗଡ ବିଜେଡି ଯୁବନେତା ବିନୟ ପଣ୍ଡା, ପଶ୍ଚିମ ଓଡିଶା ବିକାଶ ପରିଷଦ ସକ୍ରିୟ ସଦସ୍ୟ ବିନୟ ଟପୋ, ପୂର୍ବତନ ତଲସରା ବିଧାୟକ ରଣଜିତ୍ ଭିତ୍ରିଆ, ଦାମୋଦର ମାଝି, ଜିଲା ବିଜେଡି ଯୁବ ସଭାପତି ଦେବେନ୍ଦ୍ର ମାଝି, ଜିଲା ସ୍ୱତନ୍ତ୍ର ବିକାଶ ପରିଷଦର ସଦସ୍ୟା କୁଞ୍ଜଲତା ଭିତ୍ରିଆ, ହେମଗିର ବ୍ଲକ୍ ପର୍ଯ୍ୟବେକ୍ଷକ ଗୋପ ମହାନ୍ତି, ଯୁବନେତା ଷ୍ଟିଫେନ୍ ସୋରେଙ୍ଗ, ସବ୍‌ଡେଗା ବିଜେଡି ବ୍ଲକ୍ ସଭାପତି ମନୋଜ ପଟେଲ, ଲେଫ୍ରିପଡା ପୂର୍ବତନ ବ୍ଲକ୍ ବିଜେଡି ସଭାପତି ପ୍ରେମାନନ୍ଦ ବେହେରା, ବ୍ରଜରାମ ଡନ୍‌ସନା, ସରପଞ୍ଚ ମଦନ ଛତ୍ରିଆ, ଜୟନ୍ତୀ ଗର୍ଡିଆ, ବୁଲୁ ପଣ୍ଡା ପ୍ରମୁଖ ଯୋଗଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଗୁଣ୍ଡିଆଡିହି ସମିତି ସଭ୍ୟା, ଲେଫ୍ରିପଡା ନାଏବ ସରପଞ୍ଚ, ଏବଂ ରାଜାବାହାଲ, ଗିରିଙ୍ଗକେଲା, ମଶାବିରା ପଞ୍ଚାୟତରୁ ଶତାଧିକ କଂଗ୍ରେସ ଏବଂ ଭାଜପା କର୍ମୀ ବିଜେଡିରେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଲେଫ୍ରିପଡା ବ୍ଲକ୍ ବିଜେଡି ଯୁବ ସଭାପତି ସୁମନ୍ତ ପୂଜାରୀ ମଞ୍ଚ ପରିଚାଳନା କରିଥିଲେ। ଲେଫ୍ରିପଡା ବ୍ଲକ୍ ବିଜେଡି ସଭାପତି ରବିରତ୍ନ ପଟେଲ, ଟଙ୍କଧର ବେହେରା, ଯୁବନେତା ଭବାନୀ ବିରଗଣ୍ଟିଆ, ପ୍ରଶାନ୍ତ ପୃଷ୍ଟେ, ମହେନ୍ଦ୍ର ଚୌଧୁରୀ, ଯୋଗେନ୍ଦ୍ର ଗୁର୍ଲିହା, ନିରଞ୍ଜନ ବେହେରା, ଧନୁର୍ଦ୍ଧର ପ୍ରଧାନ, ରବି ବାରିକ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଆୟୋଜନ କରାଯାଇଥିଲା।

ସମାବେଶରେ ବିଜେଡି ନେତା ଓ କର୍ମୀ ଉପସ୍ଥିତ।

## ପିଏମ୍ କିଷାନ ଲୋକାର୍ପଣ କାର୍ଯ୍ୟକ୍ରମର ସିଧା ପ୍ରସାରଣ

**ସୁନ୍ଦରଗଡ, ୨୪।୨ (ଡି.ଏନ୍.ଏ.)**

ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କୃଷକଙ୍କ ଉନ୍ନତି ନିମିତ୍ତ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନା ରବିବାର ଲୋକାର୍ପିତ ହୋଇଛି। କିରେଇସ୍ଥିତ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଶାଖା କାର୍ଯ୍ୟାଳୟରେ କାର୍ଯ୍ୟକ୍ରମର ସିଧାପ୍ରସାରଣ ହୋଇଥିଲା। ଏଥିରେ ପ୍ରାୟ ୧୦୦ଜଣ ଚାଷୀ ଯୋଗଦେଇ କାର୍ଯ୍ୟକ୍ରମର ସିଧାପ୍ରସାରଣ ସ୍ୱତନ୍ତ୍ର ଟିଭି ମାଧ୍ୟମରେ ଦେଖିବା ସହିତ ଏହି ଯୋଜନା ସମ୍ପର୍କରେ ଶୁଣିଥିଲେ। କାର୍ଯ୍ୟକ୍ରମରେ ସଦର ବ୍ଲକ ଜିଲାପରିଷଦ ସଭ୍ୟ ସୁଖଲାଲ ମୁଣ୍ଡା ଉପସ୍ଥିତ ରହି ଚାଷୀଙ୍କୁ ଉତ୍ସାହିତ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା କିରେଇ ଆଞ୍ଚଳିକ ଗବେଷଣା କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡ. ସଞ୍ଜିବ କୁମାର ବିଶ୍ୱାସୀ ଏହି ସିଧା ପ୍ରସାରଣ କାର୍ଯ୍ୟକ୍ରମର ପରିଚାଳନା ସହ ଯୋଜନା ବିଷୟରେ ଅବଗତ ହେବା ନିମନ୍ତେ ଚଷୀମାନଙ୍କୁ ପରାମର୍ଶ ଦେଇଥିଲେ।

# ଶିକ୍ଷକ ପ୍ରଶିକ୍ଷଣ ତାଲିମ ଶିବିର ଉଦ୍‌ଯାପିତ: ଶିକ୍ଷକଙ୍କ ସମସ୍ୟା ନେଇ ଆଲୋଚନା

**ନୂଆଗାଁ, ୨୪।୨ (ଡି.ଏନ.ଏ)**

ନୂଆଗାଁ ବ୍ଲକ ଭଳି ଆଦିବାସୀ ବହୁଳ ବ୍ଲକରେ ଶିକ୍ଷାର ଉନ୍ନତି ଅଞ୍ଚଳର ବିକାଶ ଦିଗରେ ନିଶ୍ଚିତ ସହାୟକ ହେବ। ଏଣୁ ସମସ୍ତ ଶିକ୍ଷକ ସରକାରଙ୍କ ଦ୍ୱାରା ଦିଆଯାଇଥିବା ତାଲିମକୁ ଠିକ ରୂପେ ନିଜ ନିଜ ସ୍କୁଲରେ କାର୍ଯ୍ୟକାରୀ କରିପାରିଲେ ସରକାରଙ୍କ ଉଜ୍ଜଳ ଓ ଉତଥାନ୍ ଭଳି ଯୋଜନା ନିଶ୍ଚିତ ରୂପେ ସଫଳ ହେବବୋଲି ଶନିବାର ନୂଆଗାଁ ବ୍ଲକ ପରିସରରେ ଚତୁର୍ଦ୍ଦିବସୀୟ ବ୍ଲକସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ତାଲିମ ଶିବିରର ଉଦଯାପନୀ ଦିବସରେ ନୂଆଗାଁ ବ୍ଲକ ଅଧ୍ୟକ୍ଷ ମଖଲୁ ଏକ୍କା ଯୋଗଦେଇ ମତବ୍ୟକ୍ତ କରିଥିଲେ। ଗତ ୬ ତାରିଖ ଠାରୁ ଆରମ୍ଭ ହୋଇଥିବା ଉଜ୍ଜଳ ଓ ଉତଥାନ ତାଲିମ ଶିବିରରେ ନୂଆଗାଁ ବ୍ଲକର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ୪ଟି ପର୍ଯ୍ୟାୟରେ ସାଧନ କର୍ମୀମାନେ ତାଲିମ ପ୍ରଦାନ କରିଥିଲେ । ବ୍ଲକ ଶିକ୍ଷା ଅଧିକାରୀ ସସ୍ମିତା ବେହେରା, ସହକାରୀ ଶିକ୍ଷା ଅଧିକାରୀ ବନମାଳି ମଲ୍ଲିକ, ବାନେ କେଛୁଆ ପ୍ରମୁଖଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ତାଲିମ ଶିବିର ପରିଚାଳିତ ହୋଇଥିଲା। ନୂଆଗାଁ ପଞ୍ଚାୟତ ସମିତି ସଭ୍ୟ ତଥା ସମାଜସେବୀ ଗଜେନ୍ଦ୍ର ସାହୁ ବ୍ଲକ ଅଧ୍ୟକ୍ଷଙ୍କ ସହ ଉଭୟ ତାଲିମ କେନ୍ଦ୍ରକୁ ଯାଇ ତାଲିମ ନେଇଥିବା ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ପଚାରିବୁଝିଥିଲେ। ବ୍ଲକ ଅଧ୍ୟକ୍ଷଙ୍କ ଏଭଳି ଅଚାନକ ଗସ୍ତକୁ ଶିକ୍ଷକମାନେ ସ୍ୱାଗତ କରିବା ସହ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ତାଙ୍କୁ ଅବଗତ କରିଥିଲେ । ବିଶେଷକରି ସାମାନ୍ୟ ଘଟଣାକୁ କେନ୍ଦ୍ରକରି ବ୍ଲକର ବିଭିନ୍ନ ସ୍କୁଲର ୫୭ଜଣ ଶିକ୍ଷକଙ୍କ ଗୋଟିଏ ଦିନର ଦରମା ଓ ୧୮ ଜଣ ଶିକ୍ଷକଙ୍କ ଗୋଟିଏ ମାସର ଦରମାକୁ ବ୍ଲକ ଶିକ୍ଷା ଅଧିକାରୀ ବନ୍ଦ କରି ରଖିଥିବା ବେଳେ ବିଗତ ପ୍ରାୟ ୧ବର୍ଷ ହେବ ଏହାକୁ ପ୍ରଦାନ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଶିକ୍ଷକମାନେ ଅଭିଯୋଗ କରିଥିଲେ। ଏନେଇ ଶିକ୍ଷକମାନେ ବାରମ୍ବାର ବିଇଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଶିକ୍ଷକମାନଙ୍କ ଉକ୍ତ ଦରମା ପ୍ରଦାନ କରାଯାଇ ନଥିବାରୁ ଏନେଇ ଶିକ୍ଷକମାନେ ଉଦବେଗ ମଧ୍ୟ ପ୍ରକାଶ କରିଥିଲେ। ବରିଷ୍ଠ ଶିକ୍ଷକ ଅନଦାଶଙ୍କର ପାଢ଼ୀ ତାଲିମ ସଂକ୍ରାନ୍ତିୟ ନିଜର ଅନୁଭୁତିକୁ ପ୍ରକାଶ କରିଥିଲେ। ସାଧନକର୍ମୀ ମଧୁସୂଦନ କରିଆଲି, ଭୁବନ ମାହାତ, ଦୁଫାନ ନାଏକ, ବସନ୍ତ ତ୍ରିପାଠୀ, ଖଗେଶ୍ୱର ମଲ୍ଲିକ, ମାଳତୀ ବଢ଼ାଇକ ପ୍ରମୁଖ ଉପସ୍ଥିତ ରହି ତାଲିମ ଶିବିରରେ ସକ୍ରିୟାତ୍ମକ ଭୂମିକା ଗ୍ରହଣ କରିଥିଲେ ।

# ମିଶନ ଶକ୍ତି କାରାଭ୍ୟାନ ପ୍ରଚାର ଅଭିଯାନ

ଲୁଆବାହାଲ ଠାରେ ଏକ ସଚେତନତା ବୈଠକ।

**ହେମଗିର, ୨୪।୨ (ଡି.ଏନ.ଏ)**

ମିଶନ ଶକ୍ତି କାରଭ୍ୟାନ ପ୍ରଚାର ଅଭିଯାନ ପକ୍ଷରୁ ଲୁଆବାହାଲ ଠାରେ ଏକ ସଚେତନତା ବୈଠକର ଆୟୋଜନ କରାଯାଇଥିଲା । ଏଥିରେ ସମନ୍ୱିତ ଶିଶୁ ବିକାଶ ବିଭାଗର ସୁପରଭାଇଜର ନିଲିମା ଟପ୍ପୋ, ସ୍ୱେଚ୍ଛାଗ୍ରାହୀ କବିତା ସା, ପ୍ରଚାର ଅଭିଯାନର ସୁପରଭାଇଜର ମହୋନଲାଲ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ । ସେଠାରେ ମିଶନ ଶକ୍ତି କାର୍ଯ୍ୟକ୍ରମ ଉପରେ ସୁପରଭାଇଜର ଟପ୍ପୋ, ସା ଓ ପଟେଲ ଉପସ୍ଥିତ ମହିଳାଙ୍କୁ ବୁଝାଇଥିଲେ । ମିଶନ ଶକ୍ତି ଜରିଆରେ ମହିଳାମାନଙ୍କୁ ସଶକ୍ତି କରିବା ସଙ୍ଗେ ଦଳ ଗଠନ, ଦଳକୁ ମୋବାଇଲ ପ୍ରଦାନ, ମୂଳପାଣ୍ଠି ସହଯୋଗ, ବ୍ଲକ ଫେ